

ଅଲ୍ଲୁଙ୍କ ଫିଲ୍ମରେ କାଜଲଙ୍କ ଏଣ୍ଟ୍ରି

▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-201 ◆FRIDAY ◆16 JANUARY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୦୧ ◆ଶୁକ୍ରବାର ◆୧୬ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

# ଇରାନ ମୁହାଁ ଆମେରିକା ଯୁଦ୍ଧ ଜାହାଜ

## ମଧ୍ୟପ୍ରାଚ୍ୟ ଦେଶରୁ ସେନା ହଟାଇଲେ ଟ୍ରମ୍ପ୍

■ ୱାଶିଂଟନ, ୧୫।୧ (ଏଜେନ୍ସି): ଇରାନରେ ସୁପ୍ରିମ ନେତା ଅଲ୍ଲୀ ଖାମନେଇଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ ଜାରି ରହିଥିବା ବେଳେ ସରକାର ମଧ୍ୟ ଦମନଲୀଳା ଜାରି ରଖିଛନ୍ତି। ଏଥିରେ କ୍ଷୁବ୍ଧ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ଉପରେ ଆକ୍ରମଣ କରିବାକୁ ସ୍ଥିର କରିଥିବା ଜଣାପଡ଼ିଛି। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ବିଭିନ୍ନ ସ୍ଥାନରେ ଥିବା ଆମରିକାର ଯୁଦ୍ଧ ଜାହାଜ ଏବେ ଇରାନ ଆଡ଼କୁ ମାଡ଼ିଯାଉଥିବା ଖବର ମିଳିଛି। ଇରାନକୁ ଚାରିପଟୁ ଘେରାଉ କରିବା ପରେ ଇରାନର ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିପାରନ୍ତି ଆମେରିକା ସେନା। ଆକ୍ରମଣ ପୂର୍ବରୁ ଇରାନ ପଡ଼ୋଶୀ ଦେଶରେ ମୁତୟନ ଏହାର ସେନାକୁ ଆମେରିକା ପ୍ରତ୍ୟାହାର କରୁଥିବା ଜଣାପଡ଼ିଛି। କାରଣ ଏହି ସେନା ଉପରେ ଆକ୍ରମଣ କରିବାକୁ ଇରାନ ଧମକ ଦେଇଥିଲା।

**ଭେନେଜୁଏଲା ଆକ୍ରମଣ ପୂର୍ବରୁ ସମାନ ଢଙ୍ଗରେ ଅବରୋଧ କରାଯାଇଥିଲା**

**ଆକାଶ ସୀମା ବନ୍ଦ କଲା ଇରାନ**



ଆମେରିକା ଓ ଇରାନ ଯୁଦ୍ଧ ଆଡ଼କୁ ଅଗ୍ରସର ହେଉଥିବାରୁ ସଂପୃକ୍ତ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଇରାନ ବର୍ତ୍ତମାନ ପାଇଁ ଏହାର ଆକାଶ ସୀମାକୁ ସମସ୍ତ ବିମାନ ସେବା ପାଇଁ ବନ୍ଦ କରିଦେଇଛି। ଏହାସହିତ ଏହା ଉପରେ ଆକ୍ରମଣ ପାଇଁ ସାହାସ ନକରିବା ଲାଗି ଆମେରିକାକୁ ଚେତାବନୀ ମଧ୍ୟ ଦେଇଛି ଇରାନ। ଆକ୍ରମଣ ହେଲେ ଇରାନ ଏହାର କଡ଼ା ଜବାବ ଦେବ ବୋଲି କହିଛି। ଯାହା ଲାଗୁଛି ଆମେରିକା-ଇରାନ ଯୁଦ୍ଧ ନିଶ୍ଚିତ। ଏହାକୁ ଦୃଷ୍ଟିରେ ରଖି ଭାରତ ସମେତ ଅନେକ ଦେଶ ସେମାନଙ୍କ ନାଗରିକମାନଙ୍କୁ ଇରାନରୁ ଫେରାଇ ଆଣିବାରେ ଲାଗିଛନ୍ତି।

ଅନ୍ୟପକ୍ଷରେ ଇରାନ ଚେତାବନୀକୁ ଖାତିର ନକରି ଇରାନର ଆଖପାଖ ଅଞ୍ଚଳରେ ନିଜର ସାମରିକ ଉପସ୍ଥିତିକୁ ବୃଦ୍ଧି କରିବାକୁ ପ୍ରସ୍ତୁତି ଆରମ୍ଭ କରିଛି ଆମେରିକା। ନୌସେନାର ୟୁଏସ୍ଏସ୍ ଆବ୍ରାହମ ଲିଙ୍କନ କ୍ୟାରିୟର ଷ୍ଟ୍ରାଇକ୍ ଗ୍ରୁପ୍ ଦକ୍ଷିଣ ଚୀନ୍ ସାଗରରୁ ମଧ୍ୟପ୍ରାଚ୍ୟକୁ ଯାତ୍ରା କରିବା ଆରମ୍ଭ କରିଛି। ୟୁଏସ୍ଏସ୍ ଆବ୍ରାହାମ ଲିଙ୍କନ ହେଉଛି ଆମେରିକା ନୌସେନାର ଏକ ପରମାଣୁ ଶକ୍ତିସମ୍ପନ୍ନ ଯୁଦ୍ଧ ବିମାନ ବାହକ। ଏହାକୁ ବିଶ୍ୱର ସବୁଠାରୁ ବଡ଼ ଓ ସବୁଠାରୁ ଶକ୍ତିଶାଳୀ ଯୁଦ୍ଧଜାହଜଗୁଡ଼ିକ ମଧ୍ୟରେ ଗୋଟିଏ ବୋଲି ବିବେଚନା କରାଯାଏ। ଆମେରିକା ସମାଚାର ୱେବ୍ସାଇଟ୍ ନ୍ୟୁଜ ନେସନର ଏକ ରିପୋର୍ଟ ଅନୁଯାୟୀ, ଇରାନ ଆକାଶ ସୀମା ବନ୍ଦ ହେବାର ମାତ୍ର ଗୋଟିଏ ଘଣ୍ଟା ପରେ ଏହି ନିଷ୍ପତ୍ତି ନିଆଯାଇଛି। ରିପୋର୍ଟ ଅନୁସାରେ ଚୀନ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ଏହି ଷ୍ଟ୍ରାଇକ ଗ୍ରୁପ୍ ଦକ୍ଷିଣ ଚୀନ ସାଗରରେ ମୁତୟନ କରାଯାଇଥିଲା। କିନ୍ତୁ ଏବେ ଏହା ଇରାନ ଆଡକୁ ଯିବା ଲକ୍ଷ୍ୟ କରାଯାଇଛି। କିନ୍ତୁ ମଧ୍ୟପ୍ରାଚ୍ୟରେ ଏହା ପହଞ୍ଚିବାକୁ ଅତିକମ୍‌ରେ ଗୋଟିଏ ସପ୍ତାହ ସମୟ ଲାଗିବ। ଏପର୍ଯ୍ୟନ୍ତ ଆମେରିକା ଅଧିକାରୀମାନେ ଏ ସଂକ୍ରାନ୍ତରେ କୌଣସି ସୂଚନା ଦେଇନାହାନ୍ତି ବା କିଛି ସ୍ପଷ୍ଟ କରିନାହାନ୍ତି। ଆକ୍ରମଣ କରିବା ପୂର୍ବରୁ ଆମେରିକା ସମାନ ଢଙ୍ଗରେ ଭେନେଜୁଏଲା ଉପକୂଳରେ ଏହାକୁ ମୁତୟନ କରିଥିଲା। ଏହି ଷ୍ଟ୍ରାଇକ ଗ୍ରୁପ୍ ଏବେ ଦକ୍ଷିଣ ଚୀନ ▶ପୃଷ୍ଠା-୭

### ଆଇ-ପ୍ୟାକ୍ କାର୍ଯ୍ୟାଳୟରେ ଇଡି ଚଢ଼ଉ ମାମଲା

# ସୁପ୍ରିମକୋର୍ଟରେ ମମତାଙ୍କୁ ଝଟ୍‌କା



■ ନୂଆଦିଲ୍ଲୀ, ୧୫।୧ (ଏଜେନ୍ସି): କୋଇଲା ଦୁର୍ନୀତି ମାମଲାରେ ଆଇ-ପାକ୍ ଅଫିସରେ ଚଢ଼ଉକୁ ନେଇ ପଶ୍ଚିମ ବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଲାଗି ରହିଥିବା ବେଳେ ଏହି ମାମଲାରେ ସୁପ୍ରିମ କୋର୍ଟରେ ମମତା ବାନାର୍ଜୀଙ୍କୁ ଝଟକା ଲାଗିଛି। ଇଡି ଚଢ଼ଉ ଚଳାଇଥିବା ବେଳେ ମମତା ଏବଂ ତାଙ୍କର ଅଧିକାରୀ ଏଥିରେ ଯେଉଁପ୍ରକାର ବାଧା ସୃଷ୍ଟି କଲେ, ତାହାକୁ ନେଇ କୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହା ଏକ ଗମ୍ଭୀର ମାମଲା ହୋଇଥିବାରୁ ସର୍ବୋଚ୍ଚ ଅଦାଲତ ମମତା ବାନାର୍ଜୀ ଏବଂ ତାଙ୍କ ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଏହାସହିତ ଇଡି ଅଧିକାରୀଙ୍କ ବିରୋଧରେ ରାଜ୍ୟ ପୁଲିସରଏଫଆଇଆର ଉପରେ ରୋକ୍ ଲଗାଇଛନ୍ତି।

**ଏଜେନ୍ସିର କାର୍ଯ୍ୟରେ ବାଧା ଏକ ଗୁରୁତର ପ୍ରସଙ୍ଗ: ସୁପ୍ରିମ୍‌କୋର୍ଟ**

**କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନୋଟିସ**

**ଇଡି ଅଧିକାରୀଙ୍କ ବିରୋଧରେ ଏଫ୍ଆଇଆର୍ ଉପରେ ରୋକ୍**

ଜଷ୍ଟିସ ପ୍ରଶାନ୍ତ କୁମାର ମିଶ୍ର ଓ ଜଷ୍ଟିସ ବିପୁଲ ପାଞ୍ଚୋଲିଙ୍କ ଖଣ୍ଡପୀଠ ଆଜି ଶୁଣାଣି ବେଳେ ଇଡି ବନାମ୍ ମମତା ଘଟଣାକୁ ନେଇ ଚିନ୍ତା ପ୍ରକଟ କରିଥିଲେ। ଖଣ୍ଡପୀଠ କହିଥିଲେ ଯେ କେନ୍ଦ୍ରୀୟ ଏଜେନ୍ସିର ତଦନ୍ତ ଏବଂ ଏଥିରେ ରାଜ୍ୟ ଏଜେନ୍ସି ଦ୍ୱାରା ହସ୍ତକ୍ଷେପ ସଂପର୍କରେ ଇଡି ଏହାର ପିଟିସନରେ ଯେଉଁ ପ୍ରସଙ୍ଗ ଉଠାଉଛି, ତାହା ଅତି ଗୁରୁତର ଥିବା ଜଣାପଡୁଛି। ଏଥିରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ରହିଛି, ଯାହାର ଉତ୍ତର ଦିଆଯିବା ଦରକାର। ଏହାର ଉତ୍ତର ନମିଳିଲେ ବିଶୃଙ୍ଖଳା ସୃଷ୍ଟି ହେବ। ଯଦି ଏକ କେନ୍ଦ୍ରୀୟ ତଦନ୍ତ ଏଜେନ୍ସି ଗୁରୁତର ମାମଲାର ତଦନ୍ତ କରୁଛି, ସେଥିରେ ଦଳୀୟ କର୍ମକର୍ତ୍ତା ବାଧା ଦେବା ଉଚିତ କି? ସରକାର ଇଡିର କାର୍ଯ୍ୟରେ ହସ୍ତକ୍ଷେପ କରିବା ଉଚିତ ନୁହେଁ ଓ ଏଜେନ୍ସିଗୁଡିକୁ ସେମାନଙ୍କ କାର୍ଯ୍ୟ କରିବାକୁ ଦିଆଯିବା ▶ପୃଷ୍ଠା-୭

# ବିଧାୟକ ସନା ମହାକୁଡ଼, ଅରବିନ୍ଦ ମହାପାତ୍ର ବିଜେଡିରୁ ନିଲମ୍ବିତ

■ ଭୁବନେଶ୍ୱର, ୧୫।୧ (ସମିସ): ଦଳରେ ବିଶୃଙ୍ଖଳା ସର୍ବୋପରି। ଯିଏ ଯେତେ ଶକ୍ତିଶାଳୀ ହୁଅନ୍ତୁ ପଛେ, ବିଜେଡିରେ ବିଶୃଙ୍ଖଳିତ ନେତା ଓ କର୍ମୀଙ୍କର ସ୍ଥାନ ନାହିଁ। ଦଳୀୟ ଅନୁଶାସନ ଭଙ୍ଗ ଓ ଦଳ ବିରୋଧୀ କାର୍ଯ୍ୟକୁ କେବେ ବି ପ୍ରଶ୍ରୟ ଦିଆଯିବ ନାହିଁ। ବିଜେଡି ସୁପ୍ରିମୋ ବିଭିନ୍ନ ସମୟରେ ଦଳର ନେତା ଓ କର୍ମୀମାନଙ୍କୁ ଏ ସମ୍ପର୍କରେ ସଙ୍କେତ ଦେଇଛନ୍ତି। ସରକାର ଥିବା ସମୟରେ ଦଳ ବିରୋଧୀ କାର୍ଯ୍ୟ ଯୋଗୁଁ ବହୁ ଟାଣୁଆ ନେତାଙ୍କୁ ନବୀନ ଦଳରୁ ନିଲମ୍ବିତ ଓ ବହିଷ୍କାର କରିଛନ୍ତି। ସେହିକ୍ରମରେ ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ ଆଜି ନବୀନ ଚମ୍ପୂଆ ବିଧାୟକ ସନାତନ ମହାକୁଡ଼ ଓ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ଦଳରୁ ନିଲମ୍ବନ କରିଛନ୍ତି। ଏନେଇ ଗୁରବାର ଦଳ ପକ୍ଷରୁ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଦଳ ପକ୍ଷରୁ ଉଭୟ ବିଧାୟକଙ୍କ ନିଲମ୍ବନ ସମ୍ପର୍କରେ ବିଧାନସଭାର ବାଚସ୍ପତିଙ୍କୁ ଅବଗତ କରାଯାଇଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥବା ସୂଚନା ଅନୁଯାୟୀ ବିଗତ କିଛି ମାସ ଧରି ଉଭୟଙ୍କ ବିରୋଧରେ ଦଳ ବିରୋଧୀ କାର୍ଯ୍ୟକଳାପ ଅଭିଯୋଗ ଆସିବା ପରେ ନବୀନ ସେମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିଲେ। ଚମ୍ପୂଆ ବିଧାୟକ ସନାତନ ମହାକୁଡ଼ ସର୍ବସାଧାରଣରେ ବିଜେଡି ସରକାରଙ୍କୁ ସମାଲୋଚନା କରି ଆସୁଥିଲେ। ଏପରିକି ଚମ୍ପୁଆ ତଥା କେନ୍ଦୁଝର ଜିଲ୍ଲାରେ ସେ ଦଳର ସଂଗଠନକୁ ଦୁର୍ବଳ କରୁଥିବା ନେଇ ନବୀନଙ୍କ ▶ପୃଷ୍ଠା-୭



**ଦଳୀୟ ଶୃଙ୍ଖଳାଠାରୁ କେହି ଉର୍ଦ୍ଧ୍ୱରେ ନୁହନ୍ତି ବୋଲି ନବୀନଙ୍କ ବାର୍ତ୍ତା**

**କିଛି ମାସ ଧରି ଉଭୟଙ୍କ ଆଚରଣକୁ ନିରୀକ୍ଷଣ କରୁଥିଲେ ନବୀନ**

**ସଭାପତି ସବୁବେଳେ ଭାବିଚିନ୍ତି ନିଷ୍ପତ୍ତି ନେଇଥାନ୍ତି: ଦିବ୍ୟଶଙ୍କର**

**ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ କାର୍ଯ୍ୟାନୁଷ୍ଠାନ ହୋଇଛି: ଗଣେଶ୍ୱର**

### ପରିବହନ ପ୍ରାଧିକରଣକୁ ଜୋରିମାନା ଆଦାୟ ନିଶା

# ମନ୍ତ୍ରୀଙ୍କ ନିର୍ଦ୍ଦେଶ ମାନୁନାହାନ୍ତି ଅଧିକାରୀ

■ ଭୁବନେଶ୍ୱର, ୧୫।୧ (ସମିସ): ଜରିମାନା ଆଦାୟ ମୋହରୁ ଉଠି ପାରୁନି ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ)। ଖୋଦ୍ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶ ପରେ ମଧ୍ୟ ଏସ୍‌ଟିକୁ ଘାରିଥିବା ଟଙ୍କା ନିଶା ଉତୁରୁ ନାହିଁ। ତେଣୁ ପୂର୍ବବତ୍ ଏବେ ବି ରାଜ୍ୟର ବିଭିନ୍ନ ଟୋଲଗେଟ୍‌ରେ ଲଗାଯାଇଥିବା ଇ-ଡିଟେକ୍ସନ ବ୍ୟବସ୍ଥା ଚାଲୁ ରଖି ଏସ୍‌ଟିଏ ଲୋକଙ୍କ ଉପରେ ଜୋରିମାନା କଷୁଛି। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ଯେ ଏହି ଡିଟେକ୍ସନ ବ୍ୟବସ୍ଥାରେ ବୈଧ ଇନ୍‌ସ୍ୟୁରାନ୍ସଧାରୀଙ୍କୁ ମଧ୍ୟ ଚାଲାଣ ପଠାଯାଉଛି। ଏମିତି କି କେତେକ ଗାଡ଼ିମାଲିକଙ୍କୁ ୨-୩ ଦିନ ମଧ୍ୟରେ ଏକାଧିକ ଚାଲାଣ ଆସୁଛି। ଏଭଳି ଚାଲାଣ ଦେଖିବା ପରେ ଏସ୍‌ଟିଏର ଜରିମାନାଖୋର୍ ମନୋଭାବ ପଦାକୁ ଆସିଛି।

ରାଜ୍ୟରେ ପିୟୁସିସି ସହିତ ପୁରୁଣା ଜରିମାନାକୁ ଯୋଡ଼ି ପରିବହନ ବିଭାଗ ମୋଟା ଅଙ୍କର ଟଙ୍କା ରୋଜଗାର ପାଇଁ ଯେଉଁ ଉଦ୍ୟମ କରିଥିଲା, ତାକୁ ନେଇ ସାରା ରାଜ୍ୟରେ ବିବାଦ ତେଜିଛି। ଏହାସହିତ ଯେଉଁ ଗାଡ଼ିଗୁଡ଼ିକର ପିୟୁସିସି କିମ୍ବା କୌଣସି ଇନ୍‌ସ୍ୟୁରାନ୍ସର ବୈଧତା ଶେଷ ହୋଇଛି, ସେମାନଙ୍କଠାରୁ ମୋଟା ଅଙ୍କର ଜରିମାନା କରିବା ପାଇଁ ରାଜ୍ୟର ଟୋଲ୍‌ଗେଟ୍ ଗୁଡ଼ିକରେ ଏସ୍‌ଟିଏ ପକ୍ଷରୁ ଇ-ଡିଟେକ୍ସନ ବ୍ୟବସ୍ଥା ଲଗାଯାଇଛି। ଏହି ବ୍ୟବସ୍ଥାରେ ଲୋକଙ୍କ ଫାସଟ୍ୟାଗକୁ ରିଡିଂ କରି ଯାହାର କୌଣସି ବୈଧ କାଗଜପତ୍ର ନ ଥିବ ସେମାନଙ୍କୁ ଚାଲାଣ କରାଯାଉଛି। ତେବେ ଏହି ବ୍ୟବସ୍ଥାକୁ ନେଇ ତୀବ୍ର ଜନ ଅସନ୍ତୋଷ ଦେଖାଯିବା ପରେ ଇ-ଡିଟେକ୍ସନ ବ୍ୟବସ୍ଥାକୁ ଆସନ୍ତା ଏପ୍ରିଲ୍ ମାସ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ବିଭାଗୀୟ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଗତ ୮ ତାରିଖରେ ମନ୍ତ୍ରୀଙ୍କ ଏହି ନିର୍ଦ୍ଦେଶ ସତ୍ତ୍ୱେ ଏବେ ବି ରାଜ୍ୟରେ ଇ-ଡିଟେକ୍ସନ ବ୍ୟବସ୍ଥାରେ ଟୋଲ୍‌ଗେଟ୍‌ଠାରେ ଲୋକଙ୍କୁ ମୋଟା ଅଙ୍କର ଜରିମାନା କରାଯାଉଛି। ଅନ୍ୟପଟେ ନିୟମ ଉଲ୍ଲଂଘନକାରୀଙ୍କ ସହ ଏଠାରେ ଗାଡ଼ିର ସମସ୍ତ କାଗଜ ପତ୍ର ବୈଧ ଥିବା ସତ୍ତ୍ୱେ ମଧ୍ୟ ଜରିମାନା କରାଯାଉଛି।

ସତ୍ୟଜିତ ମଲ୍ଲିକ ନାମକ ଜଣେ ବ୍ୟକ୍ତି ତାଙ୍କ କାର ନଂ ଓଡି୩୩ଏଏଲ୍‌୬୧୫୩ର ଇନ୍‌ସ୍ୟୁରାନ୍ସ ଅବଧି ଗତ ୧୦ ତାରିଖରେ ଶେଷ ହେବାର ଥିଲା। ଏହା ପୂର୍ବରୁ ସେ ଗତ ୮ ତାରିଖରେ ନିଜ ଗାଡ଼ି ଇନ୍‌ସ୍ୟୁରାନ୍ସ ନବୀକରଣ କରାଇଥିଲେ। ଏହାସତ୍ତ୍ୱେ ଗତ ୧୦ ତାରିଖରେ ଗୁରାପଲ୍ଲୀ ଟୋଲଗେଟ୍, ୧୧ ଓ ୧୨ ତାରିଖରେ ଗୁଡ଼ିପଡ଼ା ଟୋଲ୍‌ଗେଟରୁ ମୋଟ୍ ୩ ଟା ଚାଲାଣ କରାଯାଇଛି। ଇନ୍‌ସ୍ୟୁରାନ୍ସ ନ ଥିବା ▶ପୃଷ୍ଠା-୭




**ଟୋଲଗେଟ୍‌ରେ ବନ୍ଦ ହେଲାନି ଇ-ଡିଟେକ୍ସନ ବ୍ୟବସ୍ଥା**

**ବୈଧ ଇନସ୍ୟୁରାନ୍ସ ସତ୍ତ୍ୱେ ଆସୁଛି ଏକାଧିକ ଚାଲାଣ**

**ଗାଡ଼ି ମାଲିକଙ୍କୁ ଏସ୍‌ଟିଏର ବେଡ଼ି ଉପରେ କୋରାଡ଼ା**

# ଦିନକ ପରେ କମିବ ଶୀତ

■ ଭୁବନେଶ୍ୱର, ୧୫।୧ (ସମିସ): ରାଜ୍ୟରୁ ଧୀରେ ଧୀରେ ଶୀତ କମିବ। ଏବେ ଗୋଟିଏ ପଶ୍ଚିମା ଝଡ଼ ସକ୍ରିୟ ହେଉଛି। ତେଣୁ ଏହା ପ୍ରଭାବରେ ୧୭ ତାରିଖରୁ ରାଜ୍ୟରେ ରାତିର ତାପମାତ୍ରା ୨-୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ୧୯ ତାରିଖରେ ପୁଣି ଏକ ପଶ୍ଚିମା ଝଡ଼ ସକ୍ରିୟ ହେବା ସହ ଏହା ରାଜ୍ୟରେ ତାପମାତ୍ରାକୁ ଆହୁରି ବଢ଼ାଇବ ବୋଲି କୁହାଯାଉଛି।

ଅନ୍ୟପଟେ ଗତ ୨୪ ଘଣ୍ଟା ରାଜ୍ୟର କିଛି ସ୍ଥାନରେ ପ୍ରବଳ ଶୀତ ଅନୁଭୂତ ହୋଇଛି। ୫.୨ ଡିଗ୍ରୀ ସହ ଜି ଉଦୟଗିରିରେ ସବୁଠୁ ଅଧିକ ଥଣ୍ଡା ଅଞ୍ଚଳର ମାନ୍ୟତା ପାଇଛି। ସେହିପରି ରାଉରକେଲା ୬.୬, ସେମିଲିଗୁଡ଼ା ୭.୭, ଫୁଲବାଣୀ ୭.୩, ଝାରସୁଗୁଡା ୭.୮, କେନ୍ଦୁଝର ୯.୪, ସମ୍ବଲପୁର ୧୧.୬, ଭୁବନେଶ୍ୱର ୧୧.୮ ଓ ହୀରାକୁଦରେ ତାପମାତ୍ରା ୧୨.୮ ଡିଗ୍ରୀ ରେକର୍ଡ ହୋଇଛି। ଏହି ସ୍ଥିତି ଆହୁରି ଗୋଟିଏ ଦିନ ଜାରି ରହିବ। ଶୁକ୍ରବାର ରାତିରୁ ଶନିବାର ସକାଳ ମଧ୍ୟରେ ଅନୁଗୁଳ, ଝାରସୁଗୁଡ଼ା, ଢେଙ୍କାନାଳ, ସୁନ୍ଦରଗଡ଼, ଖୋର୍ଦ୍ଧା, କଟକ, ଜଗତସିଂହପୁର ଓ କେନ୍ଦ୍ରାପଡ଼ାରେ ପ୍ରବଳ ଶୀତ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକୁ ୟେଲୋ ଆଲର୍ଟ ଜାରି କରିଛି।

# ଅସଂରକ୍ଷିତ ବର୍ଗରେ ନିଯୁକ୍ତି ପାଇଁ ସଂରକ୍ଷିତ ବର୍ଗଙ୍କୁ ମିଳିବନି ବୟସ କୋହଳ ସୁବିଧା: ହାଇକୋର୍ଟ

■ କଟକ, ୧୫।୧ (ସମିସ): ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ଓ ବୟସ କୋହଳ ନୀତିକୁ ନେଇ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ଯଦି କୌଣସି ନିର୍ଦ୍ଦିଷ୍ଟ ବର୍ଗ ପାଇଁ ପଦ ସଂରକ୍ଷିତ ନାହିଁ, ତେବେ ସେହି ବର୍ଗର ପ୍ରାର୍ଥୀମାନେ ଅଣସଂରକ୍ଷିତ ବର୍ଗରେ ଆବେଦନ କରିବା ସମୟରେ ବୟସ କୋହଳ ସୁବିଧା ଦାବି କରିପାରିବେ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ନିତୋଷ କୁମାର ଦାସଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ରାୟ ପ୍ରଦାନ କରିଛନ୍ତି। ଏହାସହ ପୂର୍ବରୁ ଯଦି କୌଣସି ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଦିଆଯାଇଥାଏ, ତାହା ମଧ୍ୟ ରଦ୍ଦ ହୋଇଛି। ସଂରକ୍ଷିତ ବର୍ଗର ଜଣେ ପ୍ରାର୍ଥୀ ସେତେବେଳେ ଅଣସଂରକ୍ଷିତ ବର୍ଗକୁ ସ୍ଥାନାନ୍ତର କରିପାରିବେ, ଯଦି ସେହି ନିଯୁକ୍ତି ନିୟମ ବା ବିଜ୍ଞାପନରେ ଏହାର ସ୍ପଷ୍ଟ ବ୍ୟବସ୍ଥା ରହିଥିବ। ଯଦି ସଂରକ୍ଷିତ ପଦବୀ ନଥାଇ ମଧ୍ୟ ସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କୁ ବୟସ କୋହଳ ସୁବିଧା ଦିଆଯାଏ, ତେବେ ତାହା ଅନ୍ୟ ସାଧାରଣ ବର୍ଗର ପ୍ରାର୍ଥୀଙ୍କ ପ୍ରତି ବୈଷମ୍ୟ ସୃଷ୍ଟି କରିବ ଏବଂ ସମ୍ବିଧାନର ଧାରା ୧୪ ଓ ୧୬ ର ଉଲ୍ଲଂଘନ ହେବ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଓଡ଼ିଶା ହାଇଡ୍ରୋପାୱାର କର୍ପୋରେସନ ଲିମିଟେଡ (ଓଏଚପିସିଏଲ)ରେ ମ୍ୟାନେଜମେଣ୍ଟ ଟ୍ରେନି-ହ୍ୟୁମାନ ରିସୋର୍ସ ପଦ ପାଇଁ ଆବେଦନ କରିବାକୁ ଚାହୁଁଥିଲେ। ସେ ଏସଇବିସି ବର୍ଗର ହୋଇଥିବା ବେଳେ ତାଙ୍କ ବୟସ ଅଣସଂରକ୍ଷିତ ବର୍ଗର ସର୍ବୋଚ୍ଚ ସୀମା (୩୨ ବର୍ଷ) ଅତିକ୍ରମ କରିସାରିଥିଲା। ଯଦିଓ ବିଜ୍ଞାପନରେ ଏସଇବିସି ପାଇଁ ବୟସ କୋହଳ ବ୍ୟବସ୍ଥା ଥିଲା, ମାତ୍ର ସେହି ନିର୍ଦ୍ଦିଷ୍ଟ ପଦରେ ଏସଇବିସି ବର୍ଗ ପାଇଁ କୌଣସି ପଦ ସଂରକ୍ଷିତ ନଥିଲା।




# ଦୁର୍ଘଟଣାରେ ଗଲା ୪ ଜୀବନ

## ବାଇକ୍-ସ୍କୁଟି ମୁହାଁମୁହିଁ; ୨ ମୃତ, ଦୁଇ ଗୁରୁତର

■ ତୁରୁମୁଙ୍ଗା, ୧୫।୧ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ତଥା ତୁରୁମୁଙ୍ଗା ଥାନା କେନ୍ଦେଇପଶି ରାସ୍ତାର କେନ୍ଦୁଆପଡ଼ା ହନୁମାନ ଛକ ନିକଟରେ ଗୁରୁବାର ଅପରାହ୍ନରେ ବାଇକ ଓ ସ୍କୁଟି ମଧ୍ୟରେ ଦୁର୍ଘଟଣା ଘଟିଛି। ଏଥିରେ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ହୋଇଛନ୍ତି। ମୃତ ବାଇକ ଚାଳକ ଜଣକ ହେଉଛନ୍ତି ତୁରୁମୁଙ୍ଗା ଥାନା ଡଲଙ୍ଗ ଗ୍ରାମର ବିଦ୍ୟାଧର ମହାନ୍ତଙ୍କ ପୁଅ ସରୋଜ (୧୯)। ସେହିପରି ମୃତ ସ୍କୁଟି ଚାଳକ ହେଉଛନ୍ତି ରାଇସୁଆଁ ଥାନା ଡିମ୍ବ ଗ୍ରାମର ବିଶ୍ୱନାଥ ମୁଣ୍ଡାଙ୍କ ପୁଅ ଦୀପକ (୨୫)। ଗୁରୁତର ପଟୁଲିଆ ଗ୍ରାମର ସରୋଜ ମୁଣ୍ଡା (୧୮) ଓ ମଙ୍ଗଳପୁର ଗ୍ରାମର ଲିଟୁନ ମହାନ୍ତ (୨୧)ଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଛି। ବାଇକ୍‌ରେ ସରୋଜ ମହାନ୍ତ ଓ ଲିଟୁନ ଡଲଙ୍ଗରୁ ମାମୁଘର ମଙ୍ଗଳପୁରକୁ ଆସୁଥିବା ବେଳେ ପାଟଣା (ପୁଟୁଲିଆ)ରୁ ସରୋଜ ଓ ଦୀପକ ମୁଣ୍ଡା ସ୍କୁଟିରେ ଡିମ୍ବକୁ ଯାଉଥିଲେ। ତୁରୁମୁଙ୍ଗା ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିଦ୍ୱୟକୁ ଜବତ କରି ଘଟଣାର ତଦନ୍ତ କରୁଛି।

### ବାଇକକୁ ଧକ୍କାଦେଲା ଦ୍ରୁତଗାମୀ ଟ୍ରକ୍

## ଶାଶୂ, ଜ୍ୱାଇଁଙ୍କ ମୃତ୍ୟୁ

■ ବିଶୋଇ, ୧୫।୧ (ସମିସ): ମୟୂରଭଞ୍ଜ ଜିଲ୍ଲା ବିଶୋଇ ଥାନା ଅନ୍ତର୍ଗତ ୪୯ ନଂ ଜାତୀୟ ରାଜପଥସ୍ଥିତ ବନେଇକଲା ଛକ ନିକଟରେ ଗୁରୁବାର ଏକ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ କରଞ୍ଜିଆ ଥାନା ଅନ୍ତର୍ଗତ ସର୍ଡ଼ିଧି ଗ୍ରାମର ଗୁରୁଚରଣ ଲୋହାର (୫୦) ଓ ବିଶୋଇ ଥାନା ଅନ୍ତର୍ଗତ ନୂଆଗାଁ ଗ୍ରାମର ତ୍ରିଲୋଚନ ବିନ୍ଧାଣିଙ୍କ ସ୍ତ୍ରୀ ପାର୍ବତୀ ବିନ୍ଧାଣି(୬୫)। ଦୁଇ ମୃତକ ସମ୍ପର୍କରେ ଶାଶୂ ଜ୍ୱାଇଁ ଅଟନ୍ତି। ଅପରାହ୍ନ ପ୍ରାୟ ୫ଟା ସମୟରେ ଗୁରୁଚରଣ ନିଜ ଶାଶୂ ସହିତ ଏକ ବାଇକ (ଓଡି୦୯ବି ୭୮୮୭) ଯୋଗେ ନିଜ ସମ୍ପର୍କୀୟ ଘର ବରାଜିଆଣି ଗ୍ରାମରୁ ୪୯ ନଂ ଜାତୀୟ ରାଜପଥ ଦେଇ ନୂଆଗାଁକୁ ଫେରୁଥିଲେ। ଏହି ସମୟରେ ଯଶିପୁର ଆଡ଼କୁ ଖୁବ ଦ୍ରୁତ ଗତିରେ ଯାଉଥିବା ଏକ ଟ୍ରକ (ଓଡି ୩୫ଡି ୩୦୭୭) ଉକ୍ତ ବାଇକକୁ ପଛପଟୁ ଧକ୍କା ଦେଇଥିଲା। ଘଟଣାଟି ଏତେ ଭୟଙ୍କର ଥିଲା ଯେ ଟ୍ରକଟି ବାଇକକୁ ଧକ୍କା ▶ପୃଷ୍ଠା-୭

## ୭୭ତମ ଗଣତନ୍ତ୍ର ଦିବସ: ମୁଖ୍ୟ ଅତିଥି ହେବେ ୟୁରୋପୀୟ ସଂଘ ଅଧ୍ୟକ୍ଷ



ନୂଆଦିଲ୍ଲୀ, ୧୫ ।୧(ଏଜେନ୍ସି): ଜାନୁଆରୀ ୨୬ରେ ଭାରତ ତାର ୭୭ତମ ଗଣତନ୍ତ୍ର ଦିବସ ପାଳନ କରିବ ଓ ଏଥିରେ ଯୋଗ ଦେବାକୁ ଥିବା ମୁଖ୍ୟ ଅତିଥିଙ୍କ ନାମ ଘୋଷଣା କରାଯାଇଛି । ୟୁରୋପୀୟ ସଙ୍ଘ (ଇୟୁ) ଅଧ୍ୟକ୍ଷ ଆଣ୍ଟୋନିଓ ଲୁଇସ୍ ସାଣ୍ଟୋସ୍ ଓ ୟୁରୋପୀୟ କମିଶନ ଅଧ୍ୟକ୍ଷ ଉର୍ସୁଲା ଭାନ ଡେର ଲେଏନ୍ ଏଥର ମୁଖ୍ୟ ଅତିଥିଭାବେ ଗଣତନ୍ତ୍ର ଦିବସ ପାଳନରେ ଯୋଗ ଦେବେ ବୋଲି ବୈଦେଶିକ ମନ୍ତ୍ରଣାଳୟ ଘୋଷଣା କରିଛି । ମନ୍ତ୍ରଣାଳୟ ତରଫରୁ କୁହାଯାଇଛି ଯେ, ଭାରତ ଓ ୟୁରୋପୀୟ ସଙ୍ଘ ୨୦୦୪ରୁ ରଣନୈତିକ ଅଂଶୀଦାର ରହିଆସିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଭୟ ନେତାଙ୍କୁ ଏହି ଉତ୍ସବରେ ଯୋଗ ଦେବାକୁ ନିମନ୍ତ୍ରଣ କରିଛନ୍ତି । ଏହି ନେତାମାନେ ଜାନୁଆରୀ ୨୭ରେ ୧୬ତମ ଭାରତ- ୟୁରୋପୀଆନ ୟୁନିୟନ ଶିଖର ସମ୍ମିଳନୀରେ ସହ-ଅଧ୍ୟକ୍ଷତା କରିବେ ।

## ଖାମେନେଇଙ୍କ ସମର୍ଥନରେ କାର୍ଗିଲ, ଲାଲ ଚୌକରେ ସିଆ ସମ୍ପ୍ରଦାୟର ଶୋଭାଯାତ୍ରା

କାର୍ଗିଲ, ୧୫ ।୧(ଏଜେନ୍ସି): ଜମ୍ମୁ-କଶ୍ମୀର ତଥା ଲଦାଖର କାର୍ଗିଲରେ ଇରାନ ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଖାମେନେଇଙ୍କ ସିମର୍ଥନରେ ଏକ ବିଶାଳ ଶୋଭାଯାତ୍ରାର ଆୟୋଜନ କରାଯାଇଛି । ବୁଧବାର ଆୟୋଜିତ ଏହି ରାଲିରେ ସିଆ ସମ୍ପ୍ରଦାୟର ହଜାର ହଜାର ଲୋକ ଏକାଠି ହୋଇଥିଲେ । ଇମାମ ଖୋମେନି ମେମୋରିଆ ଟ୍ରଷ୍ଟ (ଆଇକେଏମ୍ଟି) ଦ୍ୱାରା ଆୟୋଜିତ ଏହି ରାଲି ପ୍ରଦର୍ଶନକାରୀମାନେ ଭାରତ ଓ ଇରାନ ପତାକା ଧରି ଖାମେନେଇ ସମର୍ଥନ ଓ ସପକ୍ଷରେ ସ୍ଲୋଗାନମାନ ଦେଇଥିଲେ । ଆମେରିକା ଓ ଇସ୍ରାଏଲର ବୈଦେଶିକ ନୀତିକୁ ବିରୋଧ କରାଯିବା ସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ବିରୋଧରେ ସ୍ଲୋଗାନ ଦିଆଯାଇଥିଲା । ରାସ୍ତାରେ ଟ୍ରମ୍ପ ଓ ନେତାନ୍ୟାହୁଙ୍କ ପ୍ରତୀକାତ୍ମକ ଶବଧାରା ମଧ୍ୟ ରଖାଯାଇଥିଲା । ଏହି ରାଲି ଜାମିଆ ମସଜିଦ, ଜୈନାବିୟା ଚୌକ ଓ ଲାଲ ଚୌକ ଦେଇ ଅତିକ୍ରମ କରି ପୁରୁଣା ଟ୍ୟାକ୍ସି ଷ୍ଟାଣ୍ଡରେ ପହଞ୍ଚିଥିଲା । ଏହି ପ୍ରଦର୍ଶନ ମାଧ୍ୟମରେ କାର୍ଗିଲବାସୀ ଇରାନର ସାର୍ବଭୌମତ୍ୱ ଓ ଏହାର ନେତୃତ୍ୱ ପ୍ରତି ଆନୁଗତ୍ୟ ପ୍ରକାଶ କରିଥିଲେ ।

## ଦୁଇ ପୁଅଙ୍କ ହତ୍ୟା ଅଭିଯୋଗରେ ଆମେରିକାରେ ଭାରତୀୟ ମହିଳା ଗିରଫ

ନ୍ୟୁୟର୍କ, ୧୫ ।୧(ଏଜେନ୍ସି): ଆମେରିକାର ନ୍ୟୁଜର୍ସିରେ ଜଣେ ଭାରତୀୟବଂଶୋଦ୍ଭବ ମହିଳା ନିଜ ଦୁଇ ନାବଳକ ପୁଅଙ୍କ ହତ୍ୟା ଅଭିଯୋଗରେ ଗିରଫ ହୋଇଛନ୍ତି । ଏହି ମହିଳା ହେଉଛନ୍ତି ୩୫ ବର୍ଷୀୟା ପ୍ରିୟଦର୍ଶନୀ ନଟରାଜନ । ସେ ନ୍ୟୁଜର୍ସିର ହିଲ୍ସବରୋ ଟାଉନସିପ୍ର ବାସିନ୍ଦା । ତାଙ୍କ ଦୁଇ ପୁଅଙ୍କ ବୟସ ଯଥାକ୍ରମେ ୫ ଓ ୭ ବର୍ଷ । ଗତ ଜାନୁଆରୀ ୧୩ରେ ପିଲାମାନଙ୍କ ବାପା ଅର୍ଥାତ ପ୍ରିୟଦର୍ଶନୀଙ୍କ ସ୍ୱାମୀ ଅଫିସରୁ ଫେରିବା ପରେ ଦୁଇ ପୁଅଙ୍କୁ ଶୋଇବା ଘରେ ଅଚେତ ଅବସ୍ଥାରେ ପାଇଥିଲେ । ସେ ତୁରନ୍ତ ଜରୁରୀକାଳୀନ ସେବା ପାଇଁ ଫୋନ୍ କରି କହିଥିଲେ ଯେ, ପ୍ରିୟଦର୍ଶନୀ ତାଙ୍କ ପିଲାଙ୍କ ପ୍ରତି କିଛି ଭୁଲ କାର୍ଯ୍ୟ କରିଛନ୍ତି ବୋଲି କହିଥିଲେ । ପୁଲିସ ଓ ମେଡିକାଲ ଟିମ ଘଟଣାସ୍ଥଳରେ ପହଞ୍ଚି ପିଲାମାନଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଶେଷରେ ସେମାନଙ୍କ ମୃତ ବୋଲି ଘୋଷଣା କରିଥିଲେ । ପ୍ରିୟଦର୍ଶନୀଙ୍କ ବିରୋଧରେ ଦୁଇଟି ପାର୍ଷ୍ଟ ଡିଗ୍ରୀ ମର୍ଡର ଓ ବେଆଇନ୍ ଭାବେ ଅସ୍ତ୍ରଶସ୍ତ୍ର ରଖିବା ଅଭିଯୋଗ ଦାଏର କରାଯାଇଛି । ଏବେ ତାଙ୍କୁ ଗିରଫ କରାଯାଇ ସୋମରସେଟ କାଉଣ୍ଟି ଜେଲ୍ରେ ରଖାଯାଇଛି । ଦୁଇ ପିଲାଙ୍କ ମୃତ୍ୟୁର ସଠିକ୍ କାରଣ ଜାଣିବା ପାଇଁ ଶବ ବ୍ୟବଚ୍ଛେଦ କରାଯାଉଛି । ଅଧିକ ତଦନ୍ତ ପରେ ସ୍ଥିତି ସ୍ପଷ୍ଟ ହେବ ବୋଲି ପୁଲିସ କହିଛି ।

## କେରଳ ସାଇ ହଷ୍ଟେଲରେ ୨ ନାବାଳିକା କ୍ରୀଡ଼ାବିତ୍ଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କୋଲାମ, ୧୫ ।୧(ଏଜେନ୍ସି): କେରଳ କୋଲାମସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ହଷ୍ଟେଲ୍ରେ ଦୁଇଜଣ ତାମିଲପ୍ରାପ୍ତ ନାବାଳିକା କ୍ରୀଡ଼ାବିତ୍ଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି । ପୁଲିସ ଏହାକୁ ଅସ୍ୱାଭାବିକ୍ ମୃତ୍ୟୁ ମାମଲା ଭାବେ ପଞ୍ଜିକରଣ କରି ତଦନ୍ତ ଆରମ୍ଭ କରିଛି । ଏହି ଦୁଇ ମୃତକ ମହିଳା କ୍ରୀଡ଼ାବିତ୍ ହେଲେ କୋଝିକୋଡ଼ ଜିଲ୍ଲାର ୧୭ ବର୍ଷୀୟା ସାନ୍ଦ୍ରା ଓ ତିରୁଅନନ୍ତପୁରମ ଜିଲ୍ଲାର ୧୫ ବର୍ଷୀୟା ବୈଷ୍ଣବୀ । ସାନ୍ଦ୍ରା ଜଣେ ତାଲିମପ୍ରାପ୍ତ ଆଥଲେଟିକ୍ସ ଥିବା ବେଳେ ବୈଷ୍ଣବୀ କବାଡ଼ି ଖେଳାଳି ଥିଲେ । ଗୁରୁବାର ସକାଳ ୫ଟାରେ ଏହି ଘଟଣା ସାମ୍ନାକୁ ଆସିଥିଲା । ଏହି ଦୁଇଜଣ ତାଲିମ ପାଇଁ ଉପସ୍ଥିତ ହୋଇ ନଥିଲେ । ହଷ୍ଟେଲ କର୍ତ୍ତୃପକ୍ଷ ବାରମ୍ବାର କବାଟ ବାଡ଼େଇବା ପରେ ଉତ୍ତର ନ ମିଳିନଥିଲା । ଫଳରେ କବାଟ ଭାଙ୍ଗି ଭିତରକୁ ଯିବା ପରେ ଦୁଇଜଣଙ୍କ ଝୁଲନ୍ତା ମୃତହେଦ ଉଦ୍ଧାର କରାଯାଇଥିଲା । ଘଟଣାସ୍ଥଳରୁ କୌଣସି ସୁସାଇଡ ନୋଟ୍ ମିଳିନାହିଁ ବୋଲି ପୁଲିସ କହିଛି । ଶବ ବ୍ୟବଚ୍ଛେଦ ଓ ତଦନ୍ତ ପରେ ସ୍ଥିତି ସ୍ପଷ୍ଟ ହେବ ବୋଲି କୁହାଯାଇଛି ।

## ଇରାନ ଆକାଶରେ ଇଣ୍ଡିଗୋ

ନୂଆଦିଲ୍ଲୀ, ୧୫ ।୧(ଏଜେନ୍ସି): ଇରାନରେ ସରକାର ବିରୋଧୀ ଆନ୍ଦୋଳନ ଦିନକୁ ଦିନ ଉଗ୍ରରୂପ ଧାରଣ କରୁଥିବା ବେଳେ ତେହେରାନ କର୍ତ୍ତୃପକ୍ଷ ଜାନୁଆରୀ ୧୫ରେ ନିଜର ଆକାଶମାର୍ଗକୁ ବନ୍ଦ କରିଦେଇଥିଲା । ଏଭଳି ସ୍ଥିତିରେ ଇରାନ ଆକଶମାର୍ଗ ବନ୍ଦ ହେବାର ମାତ୍ର କିଛି ମିନିଟ ପୂର୍ବରୁ ଇଣ୍ଡିଗୋ ବିମାନ ୬ଇ ୧୮୦୮ ଜର୍ଜିଆର ତିବିଲିସ୍ରୁ ଦିଲ୍ଲୀ ଆସୁଥିଲା । ଗୁରୁବାର ପ୍ରାୟ ଭୋର ୨.୩୫ ମିନିଟରେ ଏହି ବିମାନ ଇରାନର ଆକାଶମାର୍ଗ ଅତିକ୍ରମ କରିଥିଲା । ଏହାର ମାତ୍ର କିଛି ମିନିଟ୍ ପରେ ଅର୍ଥାତ ଭୋର ୩ଟାରେ ଇରାନ ତା'ର ଆକାଶମାର୍ଗ ବନ୍ଦ କରିଥିଲା । ଇରାନ ଏହି ପଦକ୍ଷେପ ଯୋଗୁଁ ଅନେକ ଅନ୍ତର୍ଜାତୀୟ ବିମାନ ଉଡାଣ ପ୍ରଭାବିତ ହୋଇଛି । ଇଣ୍ଡିଗୋର ବାକୁ- ଦିଲ୍ଲୀ ବିମାନକୁ ଅଧାବାଟରୁ ଫେରିବାକୁ ପଡ଼ିଥିଲା । ବିମାନଗୁଡିକ ବିକଳ୍ପ ରୁଟ୍ରେ ଯାଉଥିବାରୁ ଉଡ଼ାଣ ବିଳମ୍ବ କିମ୍ବା ବାତିଲ ହେବାର ସମ୍ଭାବନା ରହିଛି ।

## ଶ୍ରୀନଗରରେ ବିଯୁକ୍ତ ୫.୨ ଡିଗ୍ରୀ, 'ଡାଲ୍'ରେ ଜମିଲା ବରଫ



ନୂଆଦିଲ୍ଲୀ, ୧୫ ।୧(ଏଜେନ୍ସି): ସମଗ୍ର ଉତ୍ତର ଭାରତରେ ପ୍ରବଳ ଥଣ୍ଡା ଓ ଶୀତ ଲହର ଜାରି ରହିଛି । କଶ୍ମୀରରେ ଗତ କିଛିଦିନ ଧରି ସର୍ବନିମ୍ନ ତାପମାତ୍ରା ଶୂନ ଡିଗ୍ରୀ ତଳେ ରହିଛି । ଏହି କାରଣରୁ ଡାଲ ହ୍ରଦ ସମେତ କଶ୍ମୀରର ଅନ୍ୟାନ୍ୟ ଜଳ ଉତ୍ସଗୁଡିକ ବରଫରେ ପରିଣତ ହୋଇଛି । ଗୁରୁବାର ରାଜଧାନୀ ଶ୍ରୀନଗରର ତାପମାତ୍ରା ବିଯୁକ୍ତ ୫.୨ ଡିଗ୍ରୀ ରେକର୍ଡ କରାଯାଇଛି । ସେପଟେ ରାଜସ୍ଥାନର ତାପମାତ୍ରା ମଧ୍ୟ ଶୂନ ତଳକୁ ଖସିଛି । ପ୍ରସିଦ୍ଧ ଶୈଳନିବସ ମାଉଣ୍ଟ ଆବୁରେ ସର୍ବନିମ୍ନ ତାପମାତ୍ରା ବିଯୁକ୍ତ ୩ ଡିଗ୍ରୀ ରେକର୍ଡ କରାଯାଇଛି । ସିକରର ଫତେପୁରରେ ସର୍ବନିମ୍ନ ତାପମାତ୍ରା ୦.୨ ଡିଗ୍ରୀ ରେକର୍ଡ କରାଯାଇଛି । ଜାନୁଆରୀ ୧୯ ରେ ରାଜ୍ୟରେ ହାଲକା ବର୍ଷା ହେବାର ସମ୍ଭାବନା ରହିଛି । ପର୍ବତ୍ୟାଞ୍ଚଳରୁ ପ୍ରବାହିତ ଥଣ୍ଡା ପବନ ଯୋଗୁଁ ହରିୟାଣାରେ ଶୀତ ବୃଦ୍ଧି ପାଇଛି । ଏହି ରାଜ୍ୟରେ ୮ଟି ଜିଲ୍ଲାରେ ପାରଦ ୮ ଡିଗ୍ରୀକୁ ଖସିଛି । ହିସାରର ପୂର୍ବ ଦୁଇବର୍ଷର ଥଣ୍ଡା ରେକର୍ଡ ଭାଙ୍ଗିଛି ଓ ସର୍ବନିମ୍ନ ତାପମାତ୍ରା ୦.୫ ଡିଗ୍ରୀ ରେକର୍ଡ କରାଯାଇଛି । ପୂର୍ବରୁ ହିସାରରେ ସର୍ବନିମ୍ନ ତାପମାତ୍ରା ୨୦୨୫ ଜାନୁଆରୀ ୧୫ରେ ୩.୫ ଓ ୨୦୨୪ ଡିସେମ୍ବର ୧୬ରେ ୧.୧ ଡିଗ୍ରୀ ରେକର୍ଡ କରାଯାଇଥିଲା । ସେହିପରି ଉତ୍ତରାଖଣ୍ଡର ହରିଦ୍ୱାର ଓ ଉର୍ଦ୍ଧ୍ୱମ ସିଂହ ନଗରରେ ପ୍ରବଳ ଥଣ୍ଡା ଯୋଗୁଁ ଗୁରୁବାର ଦିନ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ବନ୍ଦ କରାଯାଇଛି । ଉତ୍ତରକାଶୀ, ରୁଦ୍ରପ୍ରୟାଗ, ଚାମୋଲୀ ଓ ପିଥୋରାଗଡ଼ରେ ବର୍ଷା ଓ ତୁଷାରପାତ ସତର୍କତା ଜାରି କରାଯାଇଛି । ନଦୀ ଓ ଜଳପ୍ରପାତଗୁଡିକ ଜମାଟ ବାନ୍ଧିଛି । ଆଗାମୀ ଦୁଇଦିନରେ ହିମାଚଳରେ ବର୍ଷା ଓ ତୁଷାର ପାତ ହେବା ନେଇ ସତର୍କତା ଜାରି କରାଯାଇଛି ।

## ମକର ସଂକ୍ରାନ୍ତି: ପ୍ରୟାଗରାଜରେ ୯୧ଲକ୍ଷ ଶ୍ରଦ୍ଧାଳୁ



ନୂଆଦିଲ୍ଲୀ, ୧୫ ।୧(ଏଜେନ୍ସି): ଦେଶବ୍ୟାପୀ ପ୍ରବଳ ଉତ୍ସାହରେ ପବିତ୍ର ମକର ସଂକ୍ରାନ୍ତି ପାଳନ କରାଯାଇଛି । ସକାଳୁ ଲକ୍ଷ ଲକ୍ଷ ଲୋକ ଗଙ୍ଗା, ଯମୁନା, ନର୍ମଦା ଭଳି ପ୍ରମୁଖ ନଦୀକୂଳରେ ପବିତ୍ର ବୁଡ଼ ପକାଇଛନ୍ତି । ପ୍ରୟାଗରାଜରେ ମାଘମେଳାର ମକର ସଂକ୍ରାନ୍ତି ସ୍ନାନ ଉତ୍ସବ ଥିଲା । ତ୍ରିବେଣୀ ସଙ୍ଗମରେ ସନ୍ଧ୍ୟା ସୁଦ୍ଧା ୯୧ ଲକ୍ଷ ଶ୍ରଦ୍ଧାଳୁ ସ୍ନାନ କରିଛନ୍ତି । ଆଜି ପାଖାପାଖି ଦେଢ଼ କୋଟି ଶ୍ରଦ୍ଧାଳୁ ସଙ୍ଗମରେ ପହଞ୍ଚିବା ଆଶା କରାଯାଉଛି । ଏହି ସଂକ୍ରାନ୍ତିରେ ଗୁଡ଼ି ଉଡାର ପରମ୍ପରା ରହିଛି । ଗୁଡ଼ି ଉଡାଇବା ଘଟଣାରେ ଦୁଇ ଦିନ ମଧ୍ୟରେ ଏପର୍ଯ୍ୟନ୍ତ ୧୭ ଜଣ ମୃତ୍ୟୁବରଣ କରିଛନ୍ତି । ଗୁଜରାଟରେ ୯, ରାଜସ୍ଥାନରେ ୬, ଉତ୍ତରପ୍ରଦେଶ ଓ କର୍ଣ୍ଣାଟକରେ ଜଣେ ଲେଖାଏ ଲୋକ ମୃତ୍ୟୁବରଣ କରିଛନ୍ତି । ଉତ୍ତରପ୍ରଦେଶର ବାରାଣାସୀ ଘାଟ ଓ ପଶ୍ଚିମବଙ୍ଗର ଗଙ୍ଗାସାଗରରେ ସ୍ନାନ ପାଇଁ ଲୋକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ସେହିପରି ପଞ୍ଜାବରେ ଅମୃତସରରେ ବହୁ ସଂଖ୍ୟାରେ ଲୋକ ସଚଖଣ୍ଡ ଶ୍ରୀ ଦରବାର ସାହିବରେ ବହୁ ସଂଖ୍ୟକ ଭକ୍ତ ବୁଡ଼ ପକାଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମକର ସଂକ୍ରାନ୍ତ ଅବସରରେ ତାଙ୍କ ବାସଭବନରେ ଗାଇମାନଙ୍କୁ ଖାଦ୍ୟ ଖୁଆଇ ଥିଲେ । ଉଜ୍ଜୟିନୀର ବିଶ୍ୱ ପ୍ରସିଦ୍ଧ ଶ୍ରୀ ମହାକାଳେଶ୍ୱର ମନ୍ଦିରରେ ମହାକାଳଙ୍କୁ ତିଳ ତେଲରେ ଅଭିଷେକ କରାଯାଇଥିଲା । ଭସ୍ମ ଆରତୀରେ ତିଳ ଅର୍ପଣ କରାଯାଇଥିଲା ଓ ତିଳ ଲଡୁ ପ୍ରସାଦ ଭାବେ ଅର୍ପଣ କରାଯାଇଥିଲା ।

# ପାକିସ୍ତାନ, ବାଂଲାଦେଶ ସମେତ ୭୫ଟି ଦେଶର ଭିସା ବନ୍ଦ କଲେ ଟ୍ରମ୍ପ



ୱାସିଂଟନ, ୧୫ ।୧(ଏଜେନ୍ସି): ଆମେରିକା ଜାନୁଆରୀ ୨୧ରୁ ପାକିସ୍ତାନ ଓ ବାଂଲାଦେଶ ସମେତ ୭୫ଟି ଦେଶର ଭିସା ସେବା ପ୍ରକ୍ରିୟା ସ୍ଥଗିତ କରିବାକୁ ନିଷ୍ପତ୍ତି ନେଇଛି । ଫକ୍ସ ନ୍ୟୁଜ୍ ଅନୁଯାୟୀ, ଆମେରିକା ବୈଦେଶିକ ବିଭାଗର ଏକ ମେମୋ ଆଧାରରେ ଏହି ନିଷ୍ପତ୍ତି ନିଆଯାଇଛି । ଆମେରିକାକୁ ଆସୁଥିବା ବିଦେଶୀଙ୍କ ସଂଖ୍ୟା ହ୍ରାସ କରିବା ହେଉଛି ଏହା ମୂଳ ଲକ୍ଷ୍ୟ । ଆମେରିକା ବୈଦେଶିକ ବିଭାଗ କହିଛି ଯେ, ଏହା ଏବେ ଆମେରିକାକୁ ଆସିବା ପରେ ସରକାରୀ ସହାୟତା କିମ୍ବା କଲ୍ୟାଣ କାର୍ଯ୍ୟକ୍ରମ ଉପରେ ନିର୍ଭରଶୀଳ ହେବାର ସନ୍ଦେହ କରୁଥିବା ବ୍ୟକ୍ତିମାନଙ୍କୁ ଭିସା ସେବା ସ୍ଥଗିତ ରଖିବା ପାଇଁ ଏହାର ଆଇଗତ କ୍ଷମତା ବ୍ୟବହାର କରିବ । ସ୍କ୍ରିନିଂ ଓ ଯାଞ୍ଚ ପ୍ରକ୍ରିୟାର ପୁନଃ ମୂଲ୍ୟାୟନ ନହେବା ପର୍ଯ୍ୟନ୍ତ ଆମେରିକୀୟ ଦୂତାବାସ ଓ କନୁସାଲାର ଅଧିକାରୀମାନଙ୍କୁ ଭିସା ଆବେଦନଗୁଡିକୁ ପ୍ରତ୍ୟାଖାନ କରିବାକୁ କୁହାଯାଇଛି । ତେବେ ଏହି ସ୍ଥଗିତାଦେଶ କେତେ ସମୟ ପାଇଁ ରହିବ ସେ ବିଷୟରେ କୌଣସି ସୂଚନା ଦିଆଯାଇନାହିଁ । ୭୫ଟି ଦେଶର ତାଲିକା ଘୋଷଣା କରାଯାଇଛି । ଏହି ତାଲିକାରେ ଭାରତର ୬ଟି ପଡୋଶୀ ଦେଶ ସାମିଲ ରହିଛି । ଏହି ଦେଶଗୁଡିକ ହେଲା ଆଫଗାନିସ୍ତାନ, ବାଂଲାଦେଶ, ଭୁଟାନ, ମ୍ୟାଁମାର, ନେପାଳ ଓ

- ତାଲିକାରେ ଭାରତର ୬ଟି ପଡୋଶୀ ଦେଶ
- ବିଦେଶୀଙ୍କ ସଂଖ୍ୟା ହ୍ରାସ କରିବାକୁ ଲକ୍ଷ୍ୟ

ପାକିସ୍ତାନ । ଏହି ତାଲିକାରେ ଏସିଆ, ଆଫ୍ରିକା, ୟୁରୋପ, କ୍ୟାରିବିୟାନ, ଉତ୍ତର ଓ ଦକ୍ଷିଣ ଆମେରିକାର ଏକାଧିକ ଦେଶ ଅନ୍ତର୍ଭୁକ୍ତ ।

ଟ୍ରମ୍ପ ପ୍ରଶାସନ ଆମେରିକୀୟ ପ୍ରବାସ ବ୍ୟବସ୍ଥାର ଅପବ୍ୟବହାର ବନ୍ଦ କରିବାକୁ ଓ ଆମେରିକୀୟ ଜନସାଧାରଣଙ୍କ ପାଣ୍ଠିର ଶୋଷଣକୁ ରୋକିବା ପାଇଁ ଏହି ନିଷ୍ପତ୍ତି ନେଇଛି । ତେବେ ଏହି ନୂଆ ନିଷ୍ପତ୍ତି ପର୍ଯ୍ୟଟକ, ବ୍ୟବସାୟ କିମ୍ବା ଅନ୍ୟ ଅସ୍ଥାୟୀ ଭିସାକୁ ପ୍ରଭାବିତ କରିବ ନାହିଁ ବୋଲି କୁହାଯାଇଛି । ଏଥିରେ ଚଳିତ ବର୍ଷ ଫୁଟବଲ ବିଶ୍ୱକପ୍ ଦେଖିବାକୁ ଯାତ୍ରା କରିବାକୁ ଥିବା ବ୍ୟକ୍ତିମାନେ ମାନେ ମଧ୍ୟ ଅନ୍ତର୍ଭୁକ୍ତ । ତଥାପି, ସମସ୍ତ ଭିସା ଆବେଦନକାରୀଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ସମୀକ୍ଷା କରାଯିବ ବୋଲି ଟ୍ରମ୍ପ ପ୍ରଶାସନ ସ୍ପଷ୍ଟ କରିଛି । ଟ୍ରମ୍ପ ଅଣ-ୟୁରୋପୀୟ ଦେଶଗୁଡିକର ପ୍ରବାସ ହ୍ରାସ କରିବାକୁ ଚାହୁଁଛନ୍ତି । ଆମେରିକା ପ୍ରବାସ ଉପରେ କ୍ରମାଗତ କଠୋର ନିଷ୍ପତ୍ତି ନେବାରୁ ଏହା ସ୍ପଷ୍ଟ ହେଉଛି ।

## ଗୋଲଡେନ୍ ଡୋମ୍ ପ୍ରକଳ୍ପ ପାଇଁ ଗ୍ରୀନ୍‌ଲାଣ୍ଡ ଆବଶ୍ୟକ: ଆମେରିକା

ୱାଶିଂଟନ, ୧୫ ।୧(ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ଗ୍ରୀନ୍‌ଲାଣ୍ଡକୁ ଆମେରିକାରେ ମିଶାଇବା ନେଇ ତାଙ୍କ ଇଚ୍ଛାକୁ ଦୋହରାଇଛନ୍ତି । ଏ ନେଇ କିଛି ନା କିଛି ସମାଧାନ ମିଳିଯିବ ବୋଲି ସେ କହିଛନ୍ତି । ଟ୍ରମ୍ପ ଗ୍ରୀନଲାଣ୍ଡକୁ ଗୋଲଡେନ୍ ଡୋମ ନାମକ ଏକ ପ୍ରମୁଖ ପ୍ରତିରକ୍ଷା ପ୍ରକଳ୍ପ ପାଇଁ ନିହାତି ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରିଛନ୍ତି । ଗୋଲଡେନ ଡୋମ ହେଉଛି ଇସ୍ରାଏଲର ଲୁହା ଡୋମ୍ ଦ୍ୱାରା ଅନୁପ୍ରାଣିତ ଏକ ଆମେରିକୀୟ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରକଳ୍ପ । ଚୀନ ଓ ରୁଷ ଭଳି ଦେଶଗୁଡିକରୁ ଆମେରିକାକୁ ରକ୍ଷା କରିବା ପାଇଁ ଗୋଲଡେନ ଡୋମ୍ର ଲକ୍ଷ୍ୟ ରହିଛି । ଆମେରିକା, ଡେନମାର୍କ ଓ ଗ୍ରୀନ୍‌ଲାଣ୍ଡର ଅଧିକାରୀମାନଙ୍କ ମଧ୍ୟରେ ହ୍ୱାଇଟ୍ ହାଉସ୍ରେ ଏକ ଉଚ୍ଚସ୍ତରୀୟ କମିଟି ବୈଠକ ପରେ ଟ୍ରମ୍ପଙ୍କ ଏହି ବିବୃତ୍ତି ଦେଇଛନ୍ତି । ତେବେ ବୈଠକରେ କୌଣସି ପ୍ରମୁଖ ଚୁକ୍ତି ହୋଇନାହିଁ ।



ବୈଠକରେ ପରେ ଗ୍ରୀନ୍‌ଲାଣ୍ଡ ବୈଦେଶିକ ମନ୍ତ୍ରୀ ଭିଭିଆନ ମୋଟୋଜଫେଲ୍ଡ କହିଛନ୍ତି ଯେ, ସେ ଆମେରିକା ସହିତ ସମ୍ପର୍କ ଦୃଢ଼ କରିବାକୁ ଆଶା କରୁଛନ୍ତି । କିନ୍ତୁ ଗ୍ରୀନଲାଣ୍ଡ ଉପରେ ଆମେରିକାର କୌଣସି ନିୟନ୍ତ୍ରଣକୁ ଗ୍ରହଣ କରାଯାଇପାରିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ଆମେରିକା ସହିତ ସହଯୋଗ ସୁଦୃଢ କରିବାକୁ ଆମେ ପ୍ରସ୍ତୁତ । କିନ୍ତୁ ଏହାର ଅର୍ଥ ନୁହଁ ଯେ, ଆମେ ଆମେରିକାର ଦାସ ହେବାକୁ ଚାହୁଁ ବୋଲି ସେ କହିଛନ୍ତି । ସେପଟେ ଏହି ମାମଲା ଟ୍ରମ୍ପ କହିଛନ୍ତି ଯେ, ଆମେରିକାକୁ ଗ୍ରୀନଲାଣ୍ଡ ଦେବା ପାଇଁ ନାଟୋ ସାହାଯ୍ୟ କରିବା ଉଚିତ । ତେବେ ଗ୍ରୀନ୍‌ଲାଣ୍ଡକୁ ନେଇ ଚର୍ଚ୍ଚା କରିବାକୁ ଏକ ୱାର୍କିଂ ଗ୍ରୁପ୍ ଗଠନ କରିବାକୁ ସମ୍ମତି ପ୍ରକାଶ ପାଇଛି ।

## ଆଜି ପ୍ରଥମ ପର୍ଯ୍ୟାୟର ଭାରତୀୟ ଛାତ୍ର ଇରାନରୁ ଫେରିବେ

ନୂଆଦିଲ୍ଲୀ, ୧୫ ।୧(ଏଜେନ୍ସି): ଇରାନରେ ସରକାର ବିରୋଧୀ ଆନ୍ଦୋଳନ, ହିଂସାତ୍ମକ ପ୍ରଦର୍ଶନ, ସୁରକ୍ଷା ତଥା ଅରାଜକତା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ସେଠାରେ ରହୁଥିବା ଭାରତୀୟ ଛାତ୍ରମାନଙ୍କ ସୁରକ୍ଷା ଓ ପ୍ରତ୍ୟାବର୍ତ୍ତନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଭଳି ସ୍ଥିତିରେ ଭାରତ ସରକାର ଛାତ୍ରମାନଙ୍କୁ ଫେରାଇ ଆଣିବାକୁ ପ୍ରସ୍ତୁତି ଆରମ୍ଭ କରିଛି । ଏହିକ୍ରମରେ ଇରାନରୁ ପ୍ରଥମ ବ୍ୟାଚ୍ରେ ଭାରତୀୟ ଛାତ୍ରମାନେ ଶୁକ୍ରବାର ଦେଶକୁ ଫେରିବେ ବୋଲି ଜମ୍ମୁ-କଶ୍ମୀର ଛାତ୍ର ସଂଘ (ଜେକେଏସ୍ଏ) ତରଫରୁ କୁହାଯାଇଛି । ତେବେ ଏ ନେଇ ଆନୁଷ୍ଠାନିକ ଭାବେ ସରକାରଙ୍କ ତରଫରୁ କୌଣସି ସୂଚନା ଦିଆଯାଇନାହିଁ । ଇରାନରେ ପାଖାପାଖି ୧୦, ୦୦୦ ଭାରତୀୟ ଛାତ୍ର ଫସି ରହିଛନ୍ତି । ଇରାନର ପରିସ୍ଥିତି ଓ ଛାତ୍ରମାନଙ୍କୁ ଆଣିବା ପାଇଁ ଜାମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଉମର ଅବଦୁଲ୍ଲା ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କ ସହ କଥା ହୋଇଛନ୍ତି । ଫସି ରହିଥିବା ଛାତ୍ରଙ୍କୁ ଭାରତ ଆଣିବା ପାଇଁ ଆଶ୍ୱାସନା ଦିଆଯାଇଛି । ଇରାନରେ ବର୍ତ୍ତମାନ ଥିବା ଭାରତୀୟ ଛାତ୍ର, ତୀର୍ଥଯାତ୍ରୀ, ବ୍ୟବସାୟୀ କିମ୍ବା ପର୍ଯ୍ୟଟକମାନଙ୍କୁ ବାଣିଜ୍ୟିକ ବିମାନ ସମେତ ଉପଲବ୍ଧ ଯାତାୟତା ମାଧ୍ୟମରେ ଇରାନ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି । ସମସ୍ତଙ୍କୁ ବିକ୍ଷୋଭ ସ୍ଥାନରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି । ଇରାନରେ ରହୁଥିବା ସବୁ ଭାରତୀୟଙ୍କୁ ଯଦି କରି ନଥିଲେ, ତେବେ ଭାରତୀୟ ଦୂତାବାସରେ ନିଜର ପଞ୍ଜୀକରଣ କରାଇବାକୁ କୁହାଯାଇଛି । ଅଧିକାଂଶ ଭାରତୀୟ ଛାତ୍ର ଇରାନ୍ର ଗୋଲଷ୍ଟାନ ବିଶ୍ୱବିଦ୍ୟାଳୟ, ସହିଦ ବେହେସ୍ତି ୟୁନିଭର୍ସିଟି ଅଫ୍ ମେଡିକାଲ ସାଇନ୍ସ, ତେହେରାନ ୟୁନିଭର୍ସିଟି ଅଫ୍ ମେଡିକାଲ ସାଇନ୍ସରେ ପଢୁଛନ୍ତି ।

## ଆମେରିକାର ଧମକ ପରେ ନରମିଲା ଇରାନ

ୱାଶିଂଟନ/ ତେହେରାନ, ୧୫ ।୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକ ପରେ ଇରାନ ଆନ୍ଦୋଳନକାରୀଙ୍କୁ ମୃତ୍ୟୁଦଣ୍ଡ ତଥା ଫାଶୀ ଦେବାର ନିଷ୍ପତ୍ତିରୁ ଓହରିଛି । ରଏଟର୍ସର ଏକ ରିପୋର୍ଟ ଅନୁଯାୟୀ, ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାକଚି ବୁଧବାର କହିଛନ୍ତି ଯେ, ଇରାନରେ କୌଣସି ଲୋକଙ୍କୁ ମୃତ୍ୟୁଦଣ୍ଡ ଦେବାର ଯୋଜନା ନାହିଁ । ସେପଟେ ଟ୍ରମ୍ପ କହିଛନ୍ତି ଯେ, ଇରାନରେ ପ୍ରଦର୍ଶନକାରୀଙ୍କ ହତ୍ୟା ବନ୍ଦ ହୋଇଛି । ପୂର୍ବରୁ ଇରାନ ସରକାର ଆନ୍ଦୋଳନକାରୀଙ୍କ ଦ୍ରୁତ ବିଚାର ଓ ଶୀଘ୍ର ମୃତ୍ୟୁଦଣ୍ଡ ଦେବାକୁ ଘୋଷଣା କରିଥିଲା । ବୁଧବାର ଇରାନ ୨୬ ବର୍ଷୀୟ ବିକ୍ଷୋଭକାରୀ ଏରଫାନ ସୋଲତାନିଙ୍କୁ ମୃତ୍ୟୁଦଣ୍ଡ ଦେବାକୁ ସ୍ଥିର କରିଥିଲା । ଏହାପରେ ଟ୍ରମ୍ପ ଇରାନକୁ କଡ଼ା ଜବାବ ଦେବାକୁ ଧମକ ଦେଇଥିଲେ । ଯଦି ସେମାନେ ମୃତ୍ୟୁଦଣ୍ଡ କାର୍ଯ୍ୟକାରୀ କରନ୍ତି, ତେବେ ସ୍ଥିତି ଭୟଙ୍କର ହେବ ବୋଲି ଟ୍ରମ୍ପ ଧମକ ଦେଇ କହିଥିଲେ । ପୂର୍ବରୁ ମଧ୍ୟ ଇରାନ ସରକାର ଟ୍ରମ୍ପଙ୍କ ବିରୋଧରେ ସିଧାସଳଖ ମୃତ୍ୟୁ ଧମକ ଦେଇଥିଲେ ।

## ମହାରାଷ୍ଟ୍ର ପୌର ନିର୍ବାଚନ ଫଳାଫଳ ଆଜି

ମୁମ୍ବଇ, ୧୫ ।୧(ଏଜେନ୍ସି): ମହାରାଷ୍ଟ୍ରର ପୌର ନିର୍ବାଚନ ଗୁରୁବାର ଅନୁଷ୍ଠିତ ହୋଇଛି । ୨୯ଟି ପୌର ପରିଷଦ ପାଇଁ ସକାଳ ୭.୩୦ରୁ ସନ୍ଧ୍ୟା ୫.୩୦ ମଧ୍ୟରେ ମତଦାନ ହୋଇଥିଲା । ମୋଟ୍ ୮୯୩ ୱାର୍ଡର ୨, ୮୬୯ ଆସନ ପାଇଁ ୧୫, ୯୩୧ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ । ପ୍ରାଥମିକ ରିପୋର୍ଟ ଅନୁସାରେ, ମତଦାନ ଶେଷ ହେବା ବେଳକୁ ଭୋଟ ହାର ପାଖାପାଖି ୫୦ ପ୍ରତିଶତ ରହିବା ନେଇ ଅନୁମାନ କରାଯାଉଛି । ମହାରାଷ୍ଟ୍ରର ପ୍ରମୁଖ ସହର ମୁମ୍ବଇ (ବିଏମ୍ସି), ପୁଣେ, ନାଶିକ ଓ କୋହ୍ଲାପୁର ଭଳି ପ୍ରମୁଖ ସହର ସମେତ ଛୋଟଛୋଟ ସହରଗୁଡିକରେ ମଧ୍ୟ ମତଦାନ ହୋଇଥିଲା । ୧୬ ତାରିଖ ଅର୍ଥାତ ଶୁକ୍ରବାର ନିର୍ବାଚନ ଫଳାଫଳ ପ୍ରକାଶିତ ହେବ । ଏକ୍ଜିଟ ପୁଲ୍ ଅନୁସାରେ ବିଜେପି ନେତୃତ୍ୱାଧୀନ ମହାୟୁତି (ବିଜେପି- ସିଣ୍ଡେ ଶିବସେନା- ଅଜିତ ପାୱାର ଏନ୍ସିପି) ମେଣ୍ଟ ଆଗରେ ରହିଥିବା ଆକଳନ କରାଯାଇଛି । ପ୍ରାୟ ସବୁ ପ୍ରମୁଖ ପୌର ପରିଷଦରେ ମହାୟୁତି ଓ ମହା ବିକାଶ ଅଘାଡି (ଏମ୍ଭିଏ) ମଧ୍ୟରେ ସିଧାସଳଖ ମୁକାବିଲା ହୋଇଛି । ଏମ୍ଭିଏରେ ଉଦ୍ଧବ ବାଲାସାହେବ ଠାକରେ (ୟୁବିଟି) ଶିବସେନା, ଏମ୍ଏନ୍ଏସ୍, ଏନ୍ସିପି (ଶରତ ପାୱାର) ସାମିଲ ରହିଛନ୍ତି । କଂଗ୍ରେସ ମଧ୍ୟ ତା'ର ପ୍ରାର୍ଥୀ ଛିଡ଼ା କରିଛି । ଶିବସେନାର ବହୁ ଚର୍ଚ୍ଚିତ ନିର୍ବାଚନରେ ମୁମ୍ବାଇ ମ୍ୟୁନିସପାଲ କର୍ପୋରେସନ ପାଇଁ ଏହ ହେଉଛି ପ୍ରଥମ ବଡ଼ ନିର୍ବାଚନ । ଫଳରେ ଏହି ନିର୍ବାଚନର ଗୁରୁତ୍ୱ ବୃଦ୍ଧି ପାଇଛି । ପୁଣି ଏହି ନିର୍ବାଚନରେ ମହାୟୁତି ମେଣ୍ଟ ସମେତ ବିଭିନ୍ନ ରାଜନୈତିକ ଦଳର ଲୋକପ୍ରିୟତାର ପରୀକ୍ଷା ମଧ୍ୟ ହେବ ।

# ନାସା ଇତିହାସରେ ପ୍ରଥମ: ସମୟ ପୂର୍ବରୁ ୪ ମହାକାଶଚାରୀଙ୍କୁ ଫେରାଇଲା

କେପ କାନାଭେରାଲ, ୧୫ ।୧(ଏଜେନ୍ସି): ପ୍ରଥମଥର ପାଇଁ ୨୫ ବର୍ଷର ଇତିହାସରେ ନାସା ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସ୍ଏସ୍)ରୁ ୪ ଜଣ ମହାକାଶଚାରୀଙ୍କୁ ସମୟ ପୂର୍ବରୁ ଫେରାଇ ଆଣିବା ସହ ତା'ର ମିସନକୁ ସ୍ଥଗିତ ରଖିଛି । ଜଣେ ମହାକାଶଚାରୀଙ୍କୁ ଚିକିତ୍ସା ଆବଶ୍ୟକତା ଥିଲା । ବୁଧବାର ଦିନ, ୪ ଜଣ ମହାକାଶଚାରୀ ଏକ ସ୍ପେସ୍ଏକ୍ସ କ୍ୟାପସୁଲ୍ରେ ଆଇଏସ୍ଏସ୍ ଛାଡ଼ିଛନ୍ତି । ଏମାନଙ୍କ ମଧ୍ୟରେ ଆମେରିକା, ରୁଷିଆ ଓ ଜାପାନର ମହାକାଶଚାରୀ ଅନ୍ତର୍ଭୁକ୍ତ । ଏମାନେ ଗୁରୁବାର କାଲିଫର୍ନିଆ ନିକଟସ୍ଥ ପ୍ରଶାନ୍ତ ମହାସାଗରରେ ଅବତରଣ କରିବେ । ମିଶନରେ ନାସାର ଜେନା କାର୍ଡମ୍ୟାନ, ମାଇକ ଫିଙ୍କେ, ଜାପାନର କିମିଆ ୟୁଇ ଓ ରୁଷର ଓଲେଗ ପ୍ଲାଟୋନୋଭ ଥିଲେ । ଏହି ୪ ମହାକାଶଚାରୀଙ୍କୁ ୨୦୨୫ ଅଗଷ୍ଟରେ ଆଇଏସ୍ଏସ୍କୁ ପଠାଯାଇଥିଲା ଓ ଫେବୃଆରୀ ଶେଷ ସୁଦ୍ଧା ଫେରିବାକୁ ସ୍ଥିର କରାଯାଇଥିଲା । କିନ୍ତୁ ଜାନୁଆରୀ ୭ରେ ନାସା ହଠାତ କାର୍ଡମ୍ୟାନ ଓ ଫିଙ୍କେଙ୍କ ସ୍ପେଶୱାର୍କ ବାତିଲ କରିଥିଲା ।



ମେଡିକାଲ ଏମର୍ଜେନ୍ସି

ଅର୍ଥାତ ଏମାନେ ଏହି ମହକାଶଚାରୀ ଦଳ ଆଇଏସ୍ଏସ୍ରେ ୧୬୭ ଦିନ ଅବସ୍ଥାନ କରିବା ସହ ମାଇକ୍ରୋଗ୍ରାଭିଟିରେ ଷ୍ଟେମ୍ ସେଲ୍ଫ ଗବେଷଣା ସମେତ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷଣ କରିଥିଲେ । ପରେ କ୍ରୁ ମେମ୍ବରଙ୍କ ଶୀଘ୍ର ଫେରିବା ସମ୍ପର୍କରେ ଘୋଷଣା କରିଥିଲା । ତେବେ ଚିକିତ୍ସା ସ୍ପେଶୱାକ ସହିତ ସମ୍ପର୍କିତ ନୁହେଁ ବୋଲି ନାସା ତରଫରୁ କୁହାଯାଇଛି । ଗୋପନୀୟତା ରକ୍ଷା କରି ଏ ନେଇ ଅଧିକ କୌଣସି ବିବରଣୀ ପ୍ରଦାନ କରାଯାଇନାହିଁ । ଉଲ୍ଲେଖଥାଉ କି, ପୂର୍ବରୁ ମଧ୍ୟ ନାସା ମହାକାଶଚାରୀଙ୍କ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥିଲା । କିନ୍ତୁ ଏହା କାରଣରୁ ନାସାର ସମଗ୍ର ମିଶନ ପ୍ରଭାବିତ ହୋଇ ନଥିଲା । ୨୦୧୮, ୨୦୨୦ ଓ ୨୦୦୮ ରେ ନାସା ମିଶନର ମହାକାଶଚାରୀମାନେ ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହୋଇଥିଲେ ।

# ଜିଆର୍‌ଏସ୍‌ଙ୍କୁ ମିଳିପାରିବନି ପିଇଓ ପଦୋନ୍ନତି: ହାଇକୋର୍ଟ

କଟକ,୧୫ ।୧(ସମିସ): ଗ୍ରାମ ରୋଜଗାର ସେବକ (ଜିଆରଏସ)ଙ୍କ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ପଦକୁ ପଦୋନ୍ନତି ପ୍ରସଙ୍ଗରେ ରୁଜୁ ମାମଲାକୁ ହାଇକୋର୍ଟ ଆଜି ଖାରଜ କରିଦେଇଛନ୍ତି। ଚୁକ୍ତିଭିତ୍ତିକ କର୍ମଚାରୀ ଭାବେ କାର୍ଯ୍ୟରତ ଜିଆରଏସଙ୍କ ପଦୋନ୍ନତି ବା ନିୟମିତ ପାଇଁ କୌଣସି ସ୍ଥାୟୀ ବା ନ୍ୟସ୍ତ ଅଧିକାର ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ନିଯୁକ୍ତି ନିୟମାବଳୀ-୨୦୨୧କୁ ଚ୍ୟାଲେଞ୍ଜ କରି ପ୍ରକାଶ କୁମାର ଛାଟୋଇ ଓ ଅନ୍ୟମାନଙ୍କ ପକ୍ଷରୁ ଦାୟର ହୋଇଥିବା ରିଟ୍ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ରାୟ ଶୁଣାଇଛନ୍ତି।

୨୦୨୧ ନିୟମାବଳୀରେ କୌଣସି ଅସାମ୍ବିଧାନିକ ବା ମନମୁଖୀ ପଦକ୍ଷେପ ରହିନାହିଁ। ଏଥିରେ ଜିଆରଏସ୍‌ଙ୍କୁ ବୟସ କୋହଳ (୪୫ ବର୍ଷ ପର୍ଯ୍ୟନ୍ତ) ଏବଂ ପ୍ରତି ବର୍ଷର ଅଭିଜ୍ଞତା ପାଇଁ ଅତିରିକ୍ତ ମାର୍କ (ସର୍ବାଧିକ ୧୫%) ର ସୁବିଧା ପ୍ରଦାନ କରାଯାଇଛି, ଯାହା ସେମାନଙ୍କ ସ୍ୱାର୍ଥର ସୁରକ୍ଷା କରୁଛି। ସେହିଭଳି ଓଡ଼ିଶା ଆକାଉଣ୍ଟାଣ୍ଟ-କମ୍-ଡାଟା ଏଣ୍ଟ୍ରି ଅପରେଟର୍ ନିୟମାବଳୀ-୨୦୨୪ ମାଧ୍ୟମରେ ଜିଆରଏସ୍‌ଙ୍କ ସ୍ୱାର୍ଥରକ୍ଷା ପାଇଁ ସରକାର ଅନ୍ୟ ସୁଯୋଗ ସୃଷ୍ଟି କରିଛନ୍ତି ବୋଲି ମାମଲା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ମାମଲାରୁ ପ୍ରକାଶ ଯେ ଆବେଦନକାରୀ କେତେକ ଗ୍ରାମ ରୋଜଗାର ସେବକ ୨୦୨୧ ମସିହାରେ ପ୍ରଣୟନ ହୋଇଥିବା ନୂତନ ନିଯୁକ୍ତି ନିୟମାବଳୀକୁ ବିରୋଧ କରିଥିଲେ। ସେମାନଙ୍କ ଯୁକ୍ତିଥିଲା ଯେ ୨୦୦୮ ନିୟମାବଳୀ (୨୦୧୨ ଓ ୨୦୧୩ରେ ସଂଶୋଧିତ) ଅନୁଯାୟୀ ସେମାନଙ୍କ ପଦୋନ୍ନତି ପାଇଁ ନ୍ୟାୟ ସଙ୍ଗତ ଆଶା ରହିଥିଲା, ଯାହାକୁ ୨୦୨୧ ନିୟମାବଳୀ ସଙ୍କୁଚିତ କରିଦେଇଛି। ୨୦୨୧ ନିୟମାବଳୀ ଅନୁଯାୟୀ, ପିଇଓ ପଦ ପାଇଁ ବୟସ ସୀମା ଏବଂ ଲିଖିତ ପରୀକ୍ଷା ଭଳି କଠୋର ଯୋଗ୍ୟତା ମାନଦଣ୍ଡ ଲାଗୁ କରାଯାଇଥିଲା। ତେବେ ଆବେଦନକାରୀମାନେ ୨୦୧୩ ମସିହାର ଏକ ଗ୍ରେଡେସନ ତାଲିକା ଆଧାରରେ ପଦୋନ୍ନତି ପାଇଁ ଦାବି କରିଆସୁଥିଲେ। ସରକାର ନିଜର ନୀତିଗତ ନିଷ୍ପତ୍ତି ଅନୁଯାୟୀ ନିଯୁକ୍ତି ନିୟମାବଳୀରେ ପରିବର୍ତ୍ତନ କରିପାରିବେ ଏବଂ ଶୂନ୍ୟପଦ ପୂରଣ ପାଇଁ ନୂତନ ମାନଦଣ୍ଡ ସ୍ଥିର କରିପାରିବେ ବୋଲି ହାଇକୋର୍ଟ କହିବା ସହ ମାମଲାକୁ ଖାରଜ କରିଛନ୍ତି। ଏହି ରାୟ ପରେ ପିଇଓ ପଦ ପାଇଁ ନୂତନ ନିଯୁକ୍ତି ପ୍ରକ୍ରିୟା ଜାରି ରହିବାରେ ଥିବା ଆଇନଗତ ବାଧା ଦୂର ହୋଇଛି।

# ମଉଳି ଯାଉଛି ସମ୍ବଲପୁରରେ ଦ୍ୱିତୀୟ ଏମ୍ସ ଆଶା

ସମ୍ବଲପୁର, ୧୫।୧(ସମିସ) : ସମ୍ବଲପୁରଠାରେ ରାଜ୍ୟର ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା କେବଳ ଘୋଷଣାରେ ସୀମିତ ରହିଛି। ସରକାର ଗତ ନିର୍ବାଚନ ସମୟରେ ଏବଂ ପରେ ସମ୍ବଲପୁରଠାରେ ଏହାକୁ ନେଇ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ନୂତନ ସରକାର ଆସିବାର ପ୍ରାୟ ୧୮ ମାସ ପରେ ବି ଏମ୍ସକୁ ନେଇ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ନିରାଶାଭାବ ଦେଖାଦେଇଛି। ଧିରେ ଧିରେ ମଉଳି ଯାଉଛି ଅଞ୍ଚଳବାସୀଙ୍କ ଏମ୍ସ ଆଶା।

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମସାର) ଉପରେ ପଶ୍ଚିମ ଓଡ଼ିଶାର ୧୦ଟି ଜିଲ୍ଲା ସମେତ ପଡ଼ୋଶୀ ଛତିଶଗଡ଼ ଓ ଝାଡ଼ଖଣ୍ଡ ରାଜ୍ୟର ଉପାନ୍ତ ଅଞ୍ଚଳର ରୋଗୀ ନିର୍ଭର କରିଥାନ୍ତି। ତେବେ, ତାହା ସ୍ୱୟଂସମ୍ପୂର୍ଣ୍ଣ ହୋଇପାରୁନାହିଁ। ଜନସାଧାରଣଙ୍କୁ ଭୁବନେଶ୍ୱର, କଟକ ସମେତ ରାୟପୁର, ବିଶାଖାପାଟଣା ଉପରେ ନିର୍ଭର କରିବାକୁ ପଡୁଛି। ପଶ୍ଚିମ ଓଡ଼ିଶା ସକାଶେ ଏକ ସୁପର୍ ସ୍ପେଶାଲିଟି ଏବଂ ଜାତୀୟସ୍ତରର ହସପିଟାଲ୍‌ର ଆବଶ୍ୟକତା ରହିଛି। ଗତ ୨୦୨୪ ନିର୍ବାଚନ ସମୟରେ ବିଜେପି ଦଳ ସମ୍ବଲପୁରରେ ରାଜ୍ୟର ଦ୍ୱିତୀୟ ଏମ୍ସ ସ୍ଥାପନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପୁଣି କେନ୍ଦ୍ର ଓ ରାଜ୍ୟରେ ସମାନ ଦଳର ସରକାର ରହିଛି। ଏହି ପରିପ୍ରେକ୍ଷୀରେ ଅଞ୍ଚଳବାସୀ ଶୀଘ୍ର ଏମ୍ସ ସ୍ଥାପନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଆଶାପ୍ରକାଶ କରିଥିଲେ। ଏଭଳି ଅନୁଷ୍ଠାନ ସ୍ଥାପନ ହେବାର ପ୍ରାୟ ଦୁଇବର୍ଷ ପର୍ଯ୍ୟନ୍ତ ବ୍ୟବସ୍ଥିତ ହେବାକୁ ସମୟ ଲୋଡ଼ା ହୋଇଥାଏ।

ପଶ୍ଚିମ ଓଡ଼ିଶାରେ ସ୍ୱାସ୍ଥ୍ୟ ସମସ୍ୟା ଦୀର୍ଘଦିନ ହେଲା ଲାଗିରହିଛି। ଏକମାତ୍ର ଭରସା ବୁର୍ଲାସ୍ଥିତ ଭିମସାର୍‌ରେ ରୋଗୀମାନେ ନିର୍ଭର କରୁଥିବାବେଳେ ସଙ୍କଟାପନ୍ନ ରୋଗୀ, ଦୁର୍ଘଟଣା ଗ୍ରସ୍ତଙ୍କ ପାଇଁ ଭିମ୍‌ସାର କେବଳ ଏକ ରେଫରାଲ ଡାକ୍ତରଖାନା ପାଲଟିଛି। ଏପରିସ୍ଥଳେ ରାଜ୍ୟ ସରକାର ସମ୍ବଲପୁରରେ ଏମ୍ସ ପ୍ରତିଷ୍ଠା ପାଇଁ ଘୋଷଣା କରିଛନ୍ତି। ଗତବର୍ଷ ସେପ୍ଟେମ୍ବର ୮ ତାରିଖ ନୂଆଁଖାଇ ଅବସରରେ ସମ୍ବଲପୁର ଗସ୍ତ ସମୟରେ ରାଜ୍ୟର ଦ୍ୱିତୀୟ ଏମ୍ସ ସମ୍ବଲପୁରଠାରେ ପ୍ରତିଷ୍ଠା ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଥିଲେ। ଏହାପରେ ଗତବର୍ଷ ନଭେମ୍ବର ୨୪ ତାରିଖ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ସମ୍ବଲପୁର ଜିଲ୍ଲା ରେଙ୍ଗାଲିଠାରେ ଆୟୋଜିତ ପଶ୍ଚିମ ଓଡ଼ିଶା ୨୦ଘର କେଉଁଟ କୁଟୁମ୍ବ ବନ୍ଧୁମିଳନ ସମାରୋହରେ ଯୋଗଦେବା ଅବସରରେ କହିଥିଲେ, ସମ୍ବଲପୁରେ ରାଜ୍ୟର ଦ୍ୱିତୀୟ ଏମ୍ସ ହେବାକୁ ଯାଉଛି। ସରକାରୀ ରୀସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଭୂମି ଚିହ୍ନଟ, ମାପଚୁପ ଆଦି ଆନୁସଙ୍ଗିକ କାର୍ଯ୍ୟ ଚାଲିଛି, ଆପଣଙ୍କୁ ଶୀଘ୍ର ସୁଖବର ମିଳିବ ବୋଲି କହିଥିଲେ। କିନ୍ତୁ ତାହାର ୧୪ ମାସ ପରେ ବି ଏଥିପାଇଁ ପ୍ରକ୍ରିୟା ଆଗକୁ ବଢ଼ିପାରି ନାହିଁ। ଏମ୍ସ ସକାଶେ ସମ୍ବଲପୁର ଉପକଣ୍ଠସ୍ଥ ଅଞ୍ଚଳରେ ଜମି ଅଧିଗ୍ରହଣ କରାଯିବ ବୋଲି କୁହାଯାଇଥିବାବେଳେ ଏପର୍ଯ୍ୟନ୍ତ ସେଭଳି କୌଣସି ନିର୍ଦ୍ଦେଶ ଆସିନଥିବା ଜଣାପଡ଼ିଛି। ଏହାକୁ ନେଇ ସବୁ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ୧୦ ତାରିଖ ସମ୍ବଲପୁର ଗସ୍ତରେ ଆସିଥିବାବେଳେ ଏମ୍ସ ଘୋଷଣା ବାବଦରେ ଗଣମାଧ୍ୟମର ଏକ ପ୍ରଶ୍ନର ଉତ୍ତର ଦେଇ କହିଲେ ଯେ, ଦ୍ୱିତୀୟ ଏମ୍ସ ପାଇଁ ସରକାର ରେକମେଣ୍ଡ କରିଛନ୍ତି, ମୁଁ ନିଜେ ଚିଠି ଲେଖେଇଛି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନିଜେ ମୁଁ ଦେଖାକରିକି କହିଛି, କେନ୍ଦ୍ର ସରକାର ତାକୁ ବିଚାରକୁ ନେଇଛନ୍ତି, ନିଶ୍ଚିତ ଭାବରେ ଯଥାସମୟରେ କେନ୍ଦ୍ର ସରକାର ତାହାରି ଉପରେ ବିଚାର କରିକି ନିଷ୍ପତ୍ତି ନେବେ।

ସମ୍ବଲପୁରରେ ଏମ୍ସ ବିଷୟରେ ସମାଜସେବୀ ସୁଧୀର ପୂଜାରୀ କହିଛନ୍ତି, ସମ୍ବଲପୁର ଲୋକଙ୍କ ପାଇଁ କାଳ୍ପନିକ ଏମ୍ସ ଘୋଷଣା କରିଛନ୍ତି ସରକାର। ଏହା ପଛରେ ନଲାଗିଲେ ସମ୍ବଲପୁରରେ ହେବ ନାହିଁ, କିଛି ଦିନପରେ ଅନ୍ୟ ରାଜ୍ୟରେ ହେଲା ବୋଲି ଜାଣିବେ। ସେଥିପାଇଁ କେବଳ ଲୋକପ୍ରତିନିଧି ନୁହେଁ ସମସ୍ତଙ୍କ ଦାୟିତ୍ୱ ରହିଛି। ଲୋକ ପ୍ରତିନିଧିଙ୍କ ଉପରେ ଚାପ ପକାଇବା ପାଇଁ ଘରେ ବସି ଗୋଟିଏ ପୋଷ୍ଟକାର୍ଡ ତ ପ୍ରେରଣ କରିପାରିବେ ବୋଲି ଶ୍ରୀ ପୂଜାରୀ ମତ ରଖିଛନ୍ତି।

ସମ୍ବଲପୁର ସିଭିଲ ସୋସାଇଟି ସଦସ୍ୟ ପ୍ରଫେସର ଶଙ୍କର ପ୍ରସାଦ ପତି କହିଛନ୍ତି, ଗତ ଦଶ ବର୍ଷରୁ ଉର୍ଦ୍ଧ୍ୱର ସମୟ ଧରି ପଶ୍ଚିମ ଓଡ଼ିଶା ସକାଶେ ସମ୍ବଲପୁରରେ ଏକ ସୁପର୍ ସ୍ପେଶାଲିଟି ହସପିଟାଲ ପାଇଁ ଆମେ ଉଦ୍ୟମ ଜାରି ରଖିଛୁ। ଭିମସାର ସ୍ୱୟଂସମ୍ପୂର୍ଣ୍ଣ ହେବାସହ ବିଶେଷଜ୍ଞ ଡାକ୍ତର ଓ ଅନ୍ୟ ଅଭାବ ଯୋଗୁଁ ସେହି ଦାୟିତ୍ୱ ତୁଲାଇ ପାରୁନାହିଁ। ସମ୍ବଲପୁରରେ ଏମ୍ସ ସ୍ଥାପନ ଘୋଷଣା ହେବାପରେ ପଶ୍ଚିମାଞ୍ଚଳବାସୀ ଉନ୍ନତ ଚିକିତ୍ସା ସେବା ପାଇବେ ବୋଲି ସମସ୍ତେ ଆଶା କରିଛନ୍ତି। ତେବେ, ବର୍ତ୍ତମାନ ତାହା ସ୍ଥାଣୁ ରହିଛି। ସରକାର ଏଦିଗରେ ତୁରନ୍ତ ପଦକ୍ଷେପ ନେଇ ଏମ୍ସ ସ୍ଥାପନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କଲେ ଅଞ୍ଚଳବାସୀ ଉପକୃତ ହେବେ ବୋଲି ପ୍ରଫେସର ପତି ମତ ରଖିଛନ୍ତି।

# ଇଚ୍ଛାମୃତ୍ୟୁ ସମ୍ପର୍କିତ ଚୂଡ଼ାନ୍ତ ନିଷ୍ପତ୍ତି ଜଣାଇବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୧୫।୧(ସମିସ): ଇଚ୍ଛାମୃତ୍ୟୁ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ଦିଗରେ ରାଜ୍ୟ ସରକାର ଚୂଡ଼ାନ୍ତ ନିଷ୍ପତ୍ତି ନେଇଛନ୍ତି କି ନାହିଁ ତାହା ଜଣାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆଇନଜୀବୀ ଡକ୍ଟର କହ୍ନେୟାଲାଲ୍ ଶର୍ମାଙ୍କ ଜନସ୍ୱାର୍ଥ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଫେବୃଆରୀ ୩କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି ଅଦାଲତ।

ମାମଲା ଶୁଣାଣି ବେଳେ ରାଜ୍ୟ ସରକାରଙ୍କ ତରଫରୁ ହାଇକୋର୍ଟରେ ଜବାବ ଦାଖଲ କରାଯାଇ କୁହାଯାଇଥିଲା ଯେ ସୁପ୍ରିମକୋର୍ଟଙ୍କ ୨୦୨୩, ଜାନୁଆରୀ ୨୪ର ନିର୍ଦ୍ଦେଶ ଅନୁସାରେ ଏକ କମିଟି ୨୦୨୩, ସେପ୍ଟେମ୍ବର ୭ରେ ଗଠନ କରାଯାଇଥିଲା। ଏହି କମିଟିର ପୁନର୍ଗଠନ କରାଯିବା ନେଇ ଗତ୨୦୨୫, ଏପ୍ରିଲ ୨୨ରେ ବିଜ୍ଞପ୍ତି ପ୍ରକାଶ ପାଇବା ସହ କମିଟିର ବୈଠକ ଇତିମଧ୍ୟରେ ଅନୁଷ୍ଠିତ ହୋଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ କମିଟିର ଚିଠା ପ୍ରସ୍ତାବ ଉପରେ ଆଇନ ବିଭାଗ, ସାଧାରଣ ପ୍ରଶାସନ ବିଭାଗ ସମେତ ବିଭିନ୍ନ ବିଭାଗରୁ ମତାମତ ମିଳିସାରିଛି। ଏହା ଉପରୋକ୍ତ ଉଚ୍ଚ କ୍ଷମତା ସମ୍ପନ୍ନ କମିଟିର ବିଚାରାଧିନ ଅଛି ବୋଲି ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଛି। ମାମଲାରୁ ପ୍ରକାଶ ଯେ ଯଦି କୌଣସି ରୋଗରୁ ବ୍ୟକ୍ତି ଆରୋଗ୍ୟ ହେବାର ସମ୍ଭାବନା ନଥାଏ ତେବେ ସେ ନିଜ ଇଚ୍ଛା ଅନୁସାରେ ଜୀବନ ଯେପରି ତ୍ୟାଗ କରିପାରିବେ ସେଥି ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆଇନଗତ ବ୍ୟବସ୍ଥା ହେବା ଉଚିତ। କୌଣସି ଦୁରାରୋଗ୍ୟରେ ପୀଡିତଙ୍କ ଇଚ୍ଛାକୁ ସମ୍ମାନ ଦେଇ ତାଙ୍କୁ ପ୍ରଦାନ କରାଯାଉଥିବା ଚିକିତ୍ସା ବନ୍ଦ ପୂର୍ବକ ମୃତ୍ୟୁ ପାଇଁ ପଥ ପରିଷ୍କାର କରାଯାଇପାରିବ। ସୁପ୍ରିମକୋର୍ଟଙ୍କ ଏ ସମ୍ପର୍କିତ ଏକ ଆଦେଶନାମା ରହିଥିବା ବେଳେ ରାଜ୍ୟରେ ଏହା କାର୍ଯ୍ୟକାରୀ କରାଯାଉନାହିଁ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ପାର୍ଥ ମୁଖାର୍ଜୀ ଓ ସରକାରଙ୍କ ପକ୍ଷରୁ ଏଜିଏ ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି।

## ନବୀନ ନିବାସରେ ସୁପ୍ରିମୋଙ୍କୁ ଭେଟିଲେ ୧୦ ବିଜେଡି ବିଧାୟକ

# ସରକାରଙ୍କ ଜନବିରୋଧୀ କାର୍ଯ୍ୟ ଲୋକଙ୍କୁ ଜଣାଅ: ନବୀନ

ଭୁବନେଶ୍ୱର,୧୫।୧(ସମିସ): ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନିୟମିତ ଭାବେ ଦଳର ବିଧାୟକଙ୍କୁ ଭେଟି ସେମାନଙ୍କ ସହ ସଂଗଠନ ସୁଦୃଢ଼ୀକରଣ ସମ୍ପର୍କରେ ଆଲୋଚନା

**ପଚାରି ବୁଝିଲେ ରାଜ୍ୟରେ ଧାନ କିଣା ସ୍ଥିତି, ଚାଷୀଙ୍କ ସମସ୍ୟା**

କରୁଛନ୍ତି। ଏହାସହ ରାଜ୍ୟସ୍ୱାର୍ଥ ସହ ଜଡ଼ିତ ପ୍ରତିଟି ପ୍ରସଙ୍ଗକୁ ଦୃଢ଼ ଭାବରେ ଉପସ୍ଥାପନ ପାଇଁ ମଧ୍ୟ ପରାମର୍ଶ ଦେଉଛନ୍ତି। ଏହିକ୍ରମରେ ଗୁରବାର ସନ୍ଧ୍ୟାରେ ନବୀନ ନିବାସରେ ୧୦ ଜଣ ବିଧାୟକ ନବୀନଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ନବୀନ ସେମାନଙ୍କ ନିର୍ବାଚନ ମଣ୍ଡଳୀର ସମସ୍ୟା ଓ ଦଳୀୟ ସଂଗଠନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହ ରାଜ୍ୟ ସରକାରଙ୍କ ଜନ ବିରୋଧୀ କାର୍ଯ୍ୟଗୁଡ଼ିକ ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ଜାଗ୍ରତ ପାଇଁ ପରାମର୍ଶ ଦେଇଛନ୍ତି ।

ଦଳୀୟ କାର୍ଯ୍ୟକ୍ରମକୁ ଗାଁ ଗାଁରେ ବ୍ୟାପକ କରିବା ସହ ଲୋକମାନେ ସମ୍ମୁଖୀନ ହେଉଥିବା



ସମସ୍ୟାର ସମାଧାନ କରିବା ଓ ସରକାରଙ୍କ ଲୋକ ବିରୋଧୀ କାର୍ଯ୍ୟକୁ ତୃଣମୂଳସ୍ତରରେ ପହଞ୍ଚାଇବାକୁ ନବୀନ ଏହି ଅବସରରେ ପରାମର୍ଶ ଦେଇଛନ୍ତି। ଅନୁରୂପ ଭାବରେ ସେମାନଙ୍କ ନିର୍ବାଚନ ମଣ୍ଡଳୀର ବିକାଶ କାମ ବିଷୟରେ ବିଶେଷକରି ଚାଷୀଙ୍କ ସମସ୍ୟା, ଧାନ କିଣା ସ୍ଥିତି ସମ୍ପର୍କରେ ମଧ ପଚାରି ବୁଝିଛନ୍ତି। ବିଜୁ ଜନତା ଦଳର ଆଦର୍ଶରେ ଲୋକଙ୍କ ସେବା ଜାରି ରଖିବା ପାଇଁ ଶ୍ରୀ ପଟ୍ଟନାୟକ ଏହି ଅବସରରେ ବିଧାୟକମାନଙ୍କୁ ପରାମର୍ଶ ଦେଇଥିବା ସୂଚନା ମିଳିଛି। ବୈଠକରେ ବିଧାୟିକା ବର୍ଷା ସିଂହ ବରିହା,ବିଧାୟକ ମନୋହର ରନ୍ଧାରୀ, ଧ୍ରୁବଚରଣ ସାହୁ, ରମେଶ ଚନ୍ଦ୍ର ବେହେରା, ଗଣେଶ୍ୱର ବେହେରା, ପ୍ରଶାନ୍ତ କୁମାର ବେହେରା, ନଳିନୀକାନ୍ତ ପ୍ରଧାନ, ଦିବ୍ୟଶଙ୍କର ମିଶ୍ର, ପ୍ରଦୀପ କୁମାର ଦିଶାରୀ ଓ ଅଭିମନ୍ୟୁ ସେଠୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ।

# କଣ୍ଠଶିଳ୍ପୀ କୁନି ଛତ୍ରିଆଙ୍କ ପରଲୋକ

ବଲାଙ୍ଗିର,୧୫।୧(ସମିସ): ବଲାଙ୍ଗିର ଜିଲ୍ଲା ତୁଷୁରାର ଯୁବ କଣ୍ଠଶିଳ୍ପୀ କୁନି ଛତ୍ରିଆ ଆଉ ନାହାନ୍ତି। ମଞ୍ଚରେ ଘୁଡକା ଗୀତ ଗାଇ ଦର୍ଶକଙ୍କୁ ବାନ୍ଧି ରଖିପାରୁଥିବା କୁନିଙ୍କ ମାତ୍ର ୩୫ ବର୍ଷ ବୟସରେ ଦେହାନ୍ତ ହୋଇଛି।



ଫୁସଫୁସ ଜନିତ ସମସ୍ୟା ଯୋଗୁ କିଛି ଦିନ ହେଲା ସେ ଚିକିତ୍ସାଧୀନ ଥିଲେ।

"ଏ ମୋର ଘୁଡକାବାଲା... ହାଏରେ ଘୁଡକାବାଲା...ହାଏରେ ଘୁଡକାବାଲା...ମୋତେ ରସେଇଦେଲା.. ମୋତେ ଫସେଇଦେଲା...ହାଏରେ ରସେଇଦେଲା....' ଗୀତ ଯେତେବେଳେ ବିଭିନ୍ନ ସାଂସ୍କୃତିକ ମଞ୍ଚରେ ଶୁଭୁଥିଲା ଦର୍ଶକଙ୍କ ତାଳିରେ ଅଞ୍ଚଳ କମ୍ପି ଉଠୁଥିଲା।

କୁନି ହେଉଛନ୍ତି ତୁଷୁରା ଘୁଡୁକା ସାଂସ୍କୃତିକ ଦଳର ବଡ ଛତ୍ରିଆଙ୍କ ସ୍ତ୍ରୀ। କୁନିଙ୍କ ଘୁଡକା ଗୀତ ଓ ବଡସାନଙ୍କ ଘୁଡକା ନାଚ ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାରେ ମଧ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲା। ଘୁଡକାବାଲା ଗୀତ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କୁନି ଆହୁରି ଅନେକ ସମ୍ବଲପୁରୀ ଓ ଭଜନ ମଧ ଗୀତ ଗାଇଛନ୍ତି। କିଛି ଦିନ ପୂର୍ବରୁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ସାରି ଫେରିବା ପରେ କୁନି ହଠାତ ଅସୁସ୍ଥ ହୋଇ ପଡିଥିଲେ। ତାଙ୍କୁ ପ୍ରଥମେ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନା ଓ ପରେ ବୁର୍ଲା ମେଡିକାଲ କଲେଜ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ତୁଷୁରାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ମୃତ୍ୟୁରେ ସାରା ପଶ୍ଚିମ ଓଡ଼ିଶାର କଳାକାରଙ୍କ ମଧ୍ୟରେ ଶୋକ ପ୍ରକାଶ ପାଇଛି।

# ୫୨ ମାଓବାଦୀଙ୍କ ଆତ୍ମସମର୍ପଣ



ମାଲକାନଗିରି, ୧୫ ।୧(ସମିସ): ମାଓ ସଙ୍ଗଠନ ଦିନକୁ ଦିନ ଭାଙ୍ଗିବା ସହ ଦୁର୍ବଳ ହେବାକୁ ଲାଗିଥିବା ବେଳେ ଆଜି ପୁଣି ଶକ୍ତ ଧକ୍କା ଲାଗିଛି। ୧କୋଟି ୪୧ ଲକ୍ଷ ଇନାମି ୫୨ ଜଣ ମାଓବାଦୀ ମାଓ ସଙ୍ଗଠନ ଛାଡି ପୁଲିସ ନିକଟରେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ବିଜାପୁରରେ ଆତ୍ମସମର୍ପଣ କରିଥିବା ଏହି ସମସ୍ତ ମାଓବାଦୀଙ୍କ ନାମରେ ମୋଟ ୧କୋଟି ୪୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ଆତ୍ମ ସମର୍ପଣକାରୀଙ୍କ ମଧ୍ୟରେ ଅନେକ କୁଖ୍ୟାତ ମାଓବାଦୀ, ଦକ୍ଷିଣ ଉପ-ଜୋନାଲ ବ୍ୟୁରୋ ଏବଂ ମାଓ ସଂଗଠନର ଡିଭିସିଏମ୍, ପିପିସିଏମ, ଏସିଏମ୍ ଭଳି କ୍ୟାଡର ଓ ମାଓ ସଦସ୍ୟ ରହିଛନ୍ତି। ଆଜି ଆତ୍ମସମର୍ପଣ କରିଥିବା ଏହି ସମସ୍ତ ମାଓବାଦୀଙ୍କୁ ସରକାରୀ ନୀତି ନିୟମ ଅନୁଯାୟୀ ସହାୟତା ରାଶି ପ୍ରଦାନ ସହ ଥଇଥାନ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

# ରବିବାରଠୁ ମୟୂରଭଞ୍ଜ ଜିଲ୍ଲାରେ ପକ୍ଷୀ ଗଣନା

ବାରିପଦା, ୧୫ ।୧(ସମିସ): ମୟୂରଭଞ୍ଜ ଜିଲ୍ଲାରେ ପକ୍ଷୀ ଗଣନା ୧୮ ତାରିଖ ରବିବାରଠାରୁ ଆରମ୍ଭ ହେବ। ଜିଲ୍ଲାର ଶିମିଳିପାଳ ଓ ସମସ୍ତ ବନଖଣ୍ଡରେ ଏହି ଗଣନା କାର୍ଯ୍ୟ ଆରମ୍ଭ ହେବ। ଆର୍ଦ୍ରଭୂମିରେ ପ୍ରତିବର୍ଷ ଶୀତଋତୁ ପ୍ରାରମ୍ଭରେ ଜଳାଶୟମାନଙ୍କୁ ଆସୁଥିବା ପକ୍ଷୀ ଗଣନା କାର୍ଯ୍ୟ ଆରମ୍ଭ ହୋଇଥାଏ। ଜିଲ୍ଲାରେ ଥିବା ଶିମିଳିପାଳ ଅଭୟାରଣ୍ୟ ତଥା ବାରିପଦା, କରଞ୍ଜିଆ ଓ

- ତାଲିମ ଶିବିର ଓ ମକଡ୍ରିଲ ସମ୍ପନ୍ନ
- ବିଦେଶୀ ପକ୍ଷୀଙ୍କ ଗତିବିଧି ଓ ସଂଖ୍ୟା କରାଯିବ ରେକର୍ଡ

ରାଇରଙ୍ଗପୁର ବନଖଣ୍ଡ ଅଧୀନରେ ଥିବା ବିଭିନ୍ନ ଜଳଭଣ୍ଡାର, ଆର୍ଦ୍ରଭୂମିରେ ପାଖାପାଖି ୧୦୦ରୁ ଅଧିକ ସ୍ଥାନରେ ଏହି ପକ୍ଷୀ ଗଣନା କାର୍ଯ୍ୟ ହେବ। ପ୍ରତିବର୍ଷ ଭଳି ଚଳିତ ବର୍ଷ ବାରିପଦା ବନଖଣ୍ଡ ଅନ୍ତର୍ଗତ ୭ଟି ବନାଞ୍ଚଳର ୪୪ଟି ଆର୍ଦ୍ରଭୂମିରେ ଏହି ଗଣନା କରାଯିବାକୁ ନେଇ ସ୍ଥିର ହୋଇଛି। ୨୦୦ରୁ ଅଧିକ ବନ କର୍ମଚାରୀ ବେତନଟୀ, ଉଦଳା, ଦେଉଳି, ବାଙ୍ଗିରିପୋଷି ଆଦି ଅଞ୍ଚଳର ଜଳାଶୟରେ ଗଣନା କରିବେ। ବନ କର୍ମଚାରୀଙ୍କ ସମେତ ଓୟୁଏଟି, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ବନ୍ୟପ୍ରାଣୀ ବିଭାଗ ଛାତ୍ରଛାତ୍ରୀ ଓ ଏନଜିଓ ସଦସ୍ୟ ସଦସ୍ୟା ଗଣନା ପ୍ରକ୍ରିୟାରେ ସାମିଲ ହେବେ। ସକାଳ ୭ଟାରୁ ଦିନ



୧୧ଟା ପର୍ଯ୍ୟନ୍ତ ଗଣନା କାର୍ଯ୍ୟ ଚାଲିଛି। ଶୀତଋତୁରେ ବିଦେଶୀ ପକ୍ଷୀଙ୍କ ଗତିବିଧିକୁ ଲକ୍ଷ୍ୟ ରଖାଯାଇଛି। ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ଅଧିକ ବିଦେଶୀ ପକ୍ଷୀ ଆସିବାର ସମ୍ଭାବନା ରହିଛି ବୋଲି ବାରିପଦା ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି।

## ଯାତ୍ରା ପେଣ୍ଡାଲରେ ଅଶ୍ଳୀଳତା

# ନାଚିଲେ ନିଶା; ବନ୍ଧାହେଲେ ୨ ଆୟୋଜକ

ବଲାଙ୍ଗିର,୧୫ ।୧(ସମିସ): ଛତିଶଗଡ଼ରେ ଯାତ୍ରା ପେଣ୍ଡାରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନକୁ ନେଇ ସାହୁ ଭାଉଜ ଓ ଆୟୋଜକଙ୍କ ନାମରେ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ଏକାଧିକ ଆୟୋଜକ ଗିରଫ ହୋଇଛନ୍ତି। ଏବେ ବଲାଙ୍ଗିରରେ ମଧ୍ୟ ଏହିଭଳି ଏକ ଘଟଣା ଘଟିଛି। ବଲାଙ୍ଗିର ସଦର ଥାନା ଚନ୍ଦନଭାଟି ଗାଁରେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରିବା ନେଇ ଅଭିଯୋଗ ହେବା ପରେ ୨ ଜଣ ଆୟୋଜକଙ୍କୁ ପୁଲିସ ଗିରଫ କରିଛି। ଏହି ୨ ଜଣ ହେଲେ ସୁରେନ୍ଦ୍ର ନାଗ ଓ ରାଧେଶ୍ୟାମ ମେହେର। ଚନ୍ଦନଭାଟିରେ ଗତ ୮ ତାରିଖରୁ ଅପେରା ଦୁର୍ଗା ମନ୍ଦିର ଯାତ୍ରା ପ୍ରଦର୍ଶନ କରିଥିଲା। ୧୨ ତାରିଖ ଶେଷ ଦିନରେ ଏହି ଯାତ୍ରା ପେଣ୍ଡାଲରେ ବିବାଦୀୟ ନିଶା ମହାରଣା ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହାର ଭିଡିଓ ଦେଖିବା ପରେ ଚନ୍ଦନଭାଟି ଫାଣ୍ଡି ଅଧିକାରୀ ରଞ୍ଜିତ ପଧାନ ସଦର ଥାନାରେ ରିପୋର୍ଟ ପ୍ରଦାନ କରିଥିଲେ। ଏନେଇ ସଦର ଥାନାରେ ୨୯/୨୦୨୬ରେ ଆୟୋଜକ ଓ ନିଶା ମହାରଣାଙ୍କ ନାମରେ ମାମଲା ରୁଜୁ କରି ପୁଲିସ ତଦନ୍ତ କରିଥିଲା। ଏହି ମାମଲାରେ ପୁଲିସ ଗୁରୁବାର ସୁରେନ୍ଦ୍ର ଓ ରାଧେଶ୍ୟାମଙ୍କୁ ଗିରଫ କରିଛି। ତେବେ ନିଶା ମହାରଣା, ଶଙ୍କର ସେନାପତି ଓ ଅନ୍ୟମାନେ ଫେରାର ଥିବା ପୁଲିସ ସୂଚନା ଦେଇଛି। ତେବେ ଆଗକୁ ଏହି ଅଭିଯୁକ୍ତମାନଙ୍କୁ ପୁଲିସ ଗିରଫ କରିବ ନା ଦୁଇ ଜଣଙ୍କୁ ଗିରଫ କରି ମାମଲା ଚାପିଦେବ ତାକୁ ନେଇ ପ୍ରଶ୍ନ ଉଠିଛି।

## ନୂତନ ବିଧାନସଭା ଓ ଲୋକସେବା ଭବନ ନିର୍ମାଣର ଯୌକ୍ତିକତାକୁ ନେଇ ପ୍ରଶ୍ନ ଉଠାଇଲା ବିଜେଡି

# ଚାଷୀଙ୍କୁ ୮୦୦ ଟଙ୍କା ବୋନସ୍ ମନା; ୩,୬୨୩ କୋଟି ବ୍ୟୟରେ ନିର୍ମାଣ କାହିଁକି?

ଭୁବନେଶ୍ୱର,୧୫।୧(ସମିସ): ରାଜ୍ୟ ବିଜେପି ସରକାରଙ୍କ ଦ୍ୱାରା ନୂତନ ବିଧାନସଭା ଓ ଲୋକସେବା ଭବନ ନିର୍ମାଣ ପାଇଁ ନିକଟରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହାର ଆବଶ୍ୟକତାକୁ ନେଇ ପ୍ରଶ୍ନ ଉଠାଇଛି ବିଜେଡି। ରାଜ୍ୟରେ ବିଭିନ୍ନ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ବିଫଳତା କାରଣରୁ ରାଜ୍ୟବାସୀ ସରକାରଙ୍କ ବିରୋଧରେ ଆକ୍ରୋଶ ଶିଖର ଛୁଇଁଥିବାରୁ ଏଥିରୁ ନଜର ହଟାଇବା ପାଇଁ ସରକାର ଏଭଳି ଭେଳିକି ପ୍ରକଳ୍ପ ସାମ୍ନାକୁ ଆଣିଛନ୍ତି ବୋଲି ବିଜେଡି କହିଛି।

ଗୁରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ବିଧାୟକ ଗୌତମବୁଦ୍ଧ ଦାସ ଓ ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି ରାଜ୍ୟ ବିଜେପି ସରକାର ନିଜର ବିଫଳତାକୁ ଲୁଚାଇବା ଉଦ୍ଦେଶ୍ୟରେ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିବା ଅଭିଯୋଗ କରିଛନ୍ତି। ଶ୍ରୀ ଦାସ କହିଛନ୍ତି ଯେ କୃଷକମାନଙ୍କୁ ୮୦୦ ଟଙ୍କା ବୋନସ୍ ଦେବାକୁ ସରକାର କରୁଛନ୍ତି, ଅନ୍ୟପକ୍ଷରେ ୩,୬୨୩ କୋଟିରେ ନିର୍ମିତ ହେବାକୁ ଥିବା ଏହି ପ୍ରକଳ୍ପ ପାଇଁ ରାଜ୍ୟ ବଜେଟରେ ପ୍ରାବଧାନ ହୋଇଛି କି ନାହିଁ, ସେନେଇ କୌଣସି ସ୍ୱଷ୍ଟତା ନାହିଁ। ବିଭିନ୍ନ କ୍ଷେତ୍ରରେ ବିଫଳତା ଯୋଗୁଁ ରାଜ୍ୟ ସରକାରଙ୍କ ବିରୋଧରେ ଜନ ଆକ୍ରୋଶ ବୃଦ୍ଧି ପାଉଥିବାରୁ ଏଥିରୁ ବର୍ତ୍ତିବା ପାଇଁ ରାଜ୍ୟ ସରକାର ଏଭଳି ଭେଳିକି ସୃଷ୍ଟି କରିଛନ୍ତି। ରାଜ୍ୟ ସରକାର ଯେଉଁ ଡିଲିମିଟେସନ



କଥା ଉଲ୍ଲେଖ କରି ବିଧାନସଭା ସିଟ୍ ସଂଖ୍ୟା ୨୦୦କୁ ବୃଦ୍ଧି ପାଇପାରେ ବୋଲି କହୁଛନ୍ତି, ସେନେଇ କୌଣସି ସ୍ୱଷ୍ଟତା ଆସିନାହିଁ। ଗତ ୧୮ ମାସର ବିଜେପି ଶାସନରେ ଓଡ଼ିଶା ଗୋଟିଏ ଋଣଗ୍ରସ୍ତ ରାଜ୍ୟରେ ପରିଣତ ହେବାକୁ ଯାଉଛି। ୨୦୨୪ ମସିହାରେ ନବୀନ ସରକାର କ୍ଷମତାରୁ ଯିବା ସମୟରେ ରାଜ୍ୟର ଋଣ ଭାର ୭୮,୦୦୦ କୋଟି ଟଙ୍କା ଥିଲାବେଳେ ବିଜେପି ସରକାର ମାତ୍ର ଗତ ଦେଢ଼ ବର୍ଷରେ ୯୧,୦୦୦ କୋଟି ଟଙ୍କା ଋଣ କରି ସାରିଲେଣି। କେନ୍ଦ୍ରରୁ ଅନୁଦାନ ୧୮.୧୯ ପ୍ରତିଶତ କମିଛି । ନବୀନ ସରକାରଙ୍କ ସମୟରେ ୪,୪୭୪ କୋଟି ଟଙ୍କାରେ ଏମ୍ସ ପ୍ଲସ

- ବିଫଳତାରୁ ନଜର ହଟାଇବା ପାଇଁ ଡିଲିମିଟେସନ ନାଁରେ ସରକାରଙ୍କ ଭେଳିକି
- ଡିଲିମିଟେସନ ପରେ ସିଟ୍ ବଢିବା ନେଇ ଏଯାଏ ଆସିନାହିଁ କୌଣସି ସ୍ୱଷ୍ଟ ଚିତ୍ର

ପ୍ରକଳ୍ପର ପ୍ରାୟ ୩୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇ ସାରିଥିଲା। ବିଜେପି କ୍ଷମତାକୁ ଆସିବା ପରେ ଏ ପ୍ରକଳ୍ପ କାମ ଆଗେଇ ପାରୁନାହିଁ। ଏହି ପ୍ରକଳ୍ପକୁ ଆଗେଇବା ପରିବର୍ତ୍ତେ ନୂତନ ବିଧାନସଭା ଓ ଲୋକସେବା ଭବନ ନିର୍ମାଣ ପାଇଁ ଶିଳାନ୍ୟାସ କରୁଛନ୍ତି। କେଉଁଟା ପ୍ରାଥମିକତା ହେବା କଥା, ତାହା ଓଡ଼ିଶାବାସୀ ବିଚାର କରିବେ । ପଲ୍ୟୁସନ ସାର୍ଟିଫିକେଟକୁ ନେଇ ଆଜି ସମଗ୍ର ରାଜ୍ୟବାସୀ ହନ୍ତସନ୍ତ ହେଉଛନ୍ତି । ରାଜ୍ୟ ସରକାର ଏହି ସବୁ ବିଫଳତା ଉପରୁ ନଜର ହଟାଇବା ପାଇଁ ଡିଲିମିଟେସନ ନାଁରେ ପ୍ରହସନ କରୁଛନ୍ତି ।

ଡ. ଲେନିନ ମହାନ୍ତି କହିଛନ୍ତି ଯେ ୮ ଲକ୍ଷ ନୂଆ ହିତାଧିକାରୀ ମଧୁବାବୁ ପେନସନ ଅପେକ୍ଷାରେ, ୧୨ ଲକ୍ଷ ନୂଆ ହିତାଧିକାରୀ ନୂଆ ରାସନ କାର୍ଡ ଅପେକ୍ଷାରେ, ୬ ଲକ୍ଷ ହିତାଧିକାରୀ ସୁଭଦ୍ରା ଯୋଜନାରୁ ବାଦ ପଡିଛନ୍ତି। ରାଜ୍ୟ ବ୍ୟାପୀ ଶିକ୍ଷକ, ଡାକ୍ତର ଓ ଅଙ୍ଗନବାଡି କର୍ମୀ ନିଜ ଦରମା ବଢାଇବା ପାଇଁ ବହୁ ଦିନରୁ ଆନ୍ଦୋଳନ କରୁଛନ୍ତି। ରାଜ୍ୟରେ ଠିକ୍ ସମୟରେ ହିତାଧିକାରୀଙ୍କୁ ରାସନ ଏବଂ ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ ୟୁନିଫର୍ମ ପ୍ରଦାନ କରାଯାଉନାହିଁ । ଅନ୍ୱେଷା ଯୋଜନାରେ ଆଦିବାସୀ ଛାତ୍ରଛାତ୍ରୀମାନଙ୍କୁ ଗତ ୫ ମାସ ହେଲା କୌଣସି ଆର୍ଥିକ ସହାୟତା ଦିଆଯାଉନାହିଁ। ମାତ୍ର ଏହାର ସମାଧାନ ପରିବର୍ତ୍ତେ ରାଜ୍ୟ ସରକାର ନୂଆ ବିଧାନସଭା ଓ ଲୋକସେବା ଭବନ ନିର୍ମାଣର ଭେଳିକି ଦେଖାଉଛନ୍ତି। ବିଲ୍ଡିଂ ନିର୍ମାଣ କରି କେବଳ ପିସି ହାତେଇବା ପାଇଁ ରାଜ୍ୟ ସରକାରଙ୍କ ଲକ୍ଷ୍ୟ। ଏହି ପ୍ରକଳ୍ପର ଆବଶ୍ୟକତା ବର୍ତ୍ତମାନ ସମୟରେ ଆଦୌ ନାହିଁ ବୋଲି ସେ କହିଛନ୍ତି।

■ ମିଶନ ଶକ୍ତି ଏବଂ ପର୍ଯ୍ୟଟନ ଓ ଆତିଥ୍ୟେୟତା ଦକ୍ଷତା ପରିଷଦ ମଧ୍ୟରେ ବୁଝାମଣା

# ଟେଣ୍ଟ ଓ କ୍ୟାଟରିଂ ସେବା ଯୋଗାଇବେ ମହିଳା

ଭୁବନେଶ୍ୱର,୧୫ ।୧(ସମିସ): ଏଣିକି ମହିଳାମାନେ ଯୋଗାଇବେ ଟେଣ୍ଟ ଓ କ୍ୟାଟରିଂ ସେବା। ବିବାହ, ବ୍ରତଘର, ଜନ୍ମଦିନ ହେଉ ଅବା କୌଣସି କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରିବେ ଏସ୍‌ଏଚ୍‌ଜି ସଦସ୍ୟା।

**୪ ହଜାର ମହିଳା ଏସ୍‌ଏଚ୍‌ଜି ସଦସ୍ୟା ନେବେ ପ୍ରଶିକ୍ଷଣ: ଖର୍ଚ୍ଚ ହେବ ୯.୩ କୋଟି**

ଆଗକୁ ରାଜ୍ୟରେ ଟେଣ୍ଟ ଓ କ୍ୟାଣ୍ଟରିଂ ଭଡ଼ା ଓ କ୍ୟାଟରିଂ ପରିଚାଳନା ସେବା କ୍ଷେତ୍ରରେ ଉଦ୍ୟୋଗିତା ପାଇଁ ମହିଳା ଏସଏଚଜି ସଦସ୍ୟମାନଙ୍କୁ ଦିଆଯିବ ପ୍ରଶିକ୍ଷଣ। ଏହି ଲକ୍ଷ୍ୟରେ ସ୍ଥାନୀୟ ମିଶନ ଶକ୍ତି ଭବନଠାରେ ଗୁରୁବାର ମିଶନ ଶକ୍ତି ବିଭାଗ ଏବଂ ପର୍ଯ୍ୟଟନ ଓ ଆତିଥ୍ୟେୟତା ଦକ୍ଷତା ପରିଷଦ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ ଉପସ୍ଥିତିରେ ମିଶନ ଶକ୍ତି ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ ଏବଂ ପର୍ଯ୍ୟଟନ ଓ ଆତିଥ୍ୟେୟତା ଦକ୍ଷତା ପରିଷଦର ସିଇଓ ରାଜନ ବାହାଦୁର ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ବୁଝାମଣା ଅନୁସାରେ, ବ୍ୟବସାୟ ୟୁନିଟ୍‌ର ସ୍ଥାୟୀ ପରିଚାଳନା, ବୃତ୍ତିଗତ ଦକ୍ଷତା ବୃଦ୍ଧି, ଏଫ୍‌ଏସ୍‌ଏସ୍‌ଏଆଇ ପ୍ରମାଣପତ୍ର ପ୍ରଦାନ, ଡିପିଆର୍ ପ୍ରସ୍ତୁତି, ଉପକରଣ କ୍ରୟ, ବ୍ୟବସାୟରେ ଅଭିବୃଦ୍ଧି ଆଦି ବିଭିନ୍ନ ପ୍ରସଙ୍ଗରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏକ ହଜାର ସ୍ୱୟଂସହାୟକ ଗୋଷ୍ଠୀର ୪,୦୦୦ ମହିଳା ସଦସ୍ୟା ଖାଦ୍ୟ ଯୋଗାଣ, ଇଭେଣ୍ଟ ପରିଚାଳନା, ଟେଣ୍ଟ ଓ କ୍ୟାଟରିଂ ସେବା ଉପରେ ପ୍ରଶିକ୍ଷିତ ହେବେ। ଏହି ଯୋଜନା ପାଇଁ ୯.୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବା ବିଭାଗୀୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।

ଦକ୍ଷତା ବିକାଶ ଏବଂ ଉଦ୍ୟୋଗୀତା ମାଧ୍ୟମରେ ମହିଳାଙ୍କ ଆର୍ଥିକ ସଶକ୍ତୀକରଣ କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଆଶା ବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ମିଶନ ଶକ୍ତି ଆୟୁକ୍ତ ତଥା ସଚିବ ଗିରିଶ ଏସ୍‌ଏନ୍ ସ୍ୱାଗତ ଭାଷଣ ଦେବା ସହ ବୁଝାମଣାପତ୍ରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ବିବରଣୀ ପ୍ରଦାନ କରିଥିଲେ।

## ଦ୍ୱିତୀୟ ଦିନରେ ଓଲାଶୁଣୀ ମେଳା

# ଶ୍ରଦ୍ଧାଳୁଙ୍କ ଗହଳିରେ ଉଚ୍ଛୁଳୁଛି ପଡ଼ିଆ

ବାଲିଚନ୍ଦ୍ରପୁର, ୧୫ ।୧(ସମିସ)



ଓଲାଶୁଣୀ ମେଳା ଅବସରରେ ସମଗ୍ର ପାହାଡ ଓ ପାହାଡର ପାଦ ଦେଶ ଉତ୍ସବମୁଖରିତ ହୋଇଉଠିଛି । ଓଲାଶୁଣୀ ଗୁମ୍ଫା ମେଳା ନାମରେ ପରିଚିତ ଉତ୍ସବର ଦ୍ୱିତୀୟ ଦିବସରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି । ଦୂରଦୂରାନ୍ତରୁ ଆସିଥିବା ସାଧୁସନ୍ଥ ଶ୍ରଦ୍ଧାଳୁମାନଙ୍କ ଭଜନ, ଜଣାଣ ଆଧ୍ୟାତ୍ମିକ ଆଲୋଚନା ଚକ୍ର ଓ ଗୀତ ନୃତ୍ୟରେ ଓଲାଶୁଣୀ ଗୁମ୍ଫା ମେଳା ପ୍ରକମ୍ପିତ ହେଉଛି । ମେଳା ପରିସରକୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଧର୍ମାବଲମ୍ବୀ ଆସୁଥିବା ଦେଖିବାକୁ ମିଳିଛି । ଦିନ ୧୧ଟା ପରେ ମେଳା ପଡ଼ିଆରେ ନାହିଁ ନଥିବା ଗହଳି ଦେଖିବାକୁ ମିଳିଛି । ମହାପୁରୁଷ ଅରକ୍ଷିତ ଦାସଙ୍କ ପ୍ରିୟ ଭୋଗ ପୋଡପିଠା ସମାଧି ପୀଠ ପରିସର ଓ ମେଳା ପଡ଼ିଆରେ ପୋଡ଼ପିଠା ବିକ୍ରି କରାଯାଉଥିବାରୁ ଏହାର ବାସ୍ନାରେ ମେଳା ପଡ଼ିଆ ମହକି ଉଠୁଛି ।

### ● ବାଉଁଶ ରାଣୀ ଖେଳ ଦେଖିବାକୁ ଭିଡ଼

ଦୂର ଛତିଶଗଡ଼ ରାଜ୍ୟରୁ ଓଲାଶୁଣୀ ମେଳାକୁ ଶ୍ରଦ୍ଧାଳୁ ମାନଙ୍କୁ ନିଜର ବାଉଁଶ ରାଣୀ ଖେଳ ଦେଖିବା ପାଇଁ ବହୁ ଲୋକଙ୍କ ଗହଳି ଦେଖିବାକୁ ମିଳୁଛି । ଛୋଟଛୋଟ ପିଲାମାନେ ରଶି ସାହାଯ୍ୟରେ ଚାଲିଚାଲି ଖେଳ ପ୍ରଦର୍ଶନ କରୁଛନ୍ତି ।

ସେହିପରି ଯୁବପିଢ଼ି ନିଜ ଦେହରେ ଟାଟୁ କରିବା ପାଇଁ ଟାଟୁ ଦୋକାନରେ ପ୍ରବଳ ଭିଡ଼ କରୁଥିବା ଦେଖିବାକୁ ମିଳିଛି । ଶ୍ରଦ୍ଧାଳୁମାନେ ସନ୍ଥ ଅରକ୍ଷିତ ଦାସଙ୍କ ଦର୍ଶନ ସାରି ମେଳାରେ ବିକ୍ରି ହେଉଥିବା ପ୍ରସ୍ତର ନିର୍ମିତ ଶିଳ, ଚକି, ଚଉଁରା ନେବା ପାଇଁ ମଧ୍ୟ ଭିଡ଼ ଜମାଉଥିବା ଦେଖିବାକୁ ମିଳିଛି ।

### ● ମେଳାରେ ଅବ୍ୟବସ୍ଥା

ପାଦ ଦେଶରୁ ସନ୍ଥ ଅରକ୍ଷିତ ଦାସଙ୍କ ମନ୍ଦିର ପର୍ଯ୍ୟନ୍ତ ବହୁ ପୂର୍ବରୁ ଥିବା ପାହାଚ ଏବଂ ନୂତନ କରି ହୋଇଥିବା ପିଚୁ ରାସ୍ତାରେ ଆଲୋକୀକରଣର ବ୍ୟବସ୍ଥା ନଥିବାରୁ ଶ୍ରଦ୍ଧାଳୁମାନେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଯିବା ରାସ୍ତାରେ ଆଲୋକୀକରଣ ନଥିବାରୁ ମହିଳା ଶ୍ରଦ୍ଧାଳୁମାନେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି । ଏ ବିଷୟରେ ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀଙ୍କୁ ଫୋନ ଯୋଗେ ଆମ ପ୍ରତିନିଧି ଯୋଗାଯୋଗ କରିଥିଲେ । ବହୁତ ଶୀଘ୍ର ଆଲୋକୀକରଣ କରାଯିବ ବୋଲି କହିଥିଲେ । ଅଗ୍ନିଶମ ବିଭାଗ ପକ୍ଷରୁ ମଧ୍ୟ ମେଳାରେ ଶିବିର ପକାଯାଇଛି । ତେବେ ଚଳିତବର୍ଷ ଏହି ଦଶଦିନିଆ ମେଳାକୁ ଶାନ୍ତି ଶୃଙ୍ଖଳାର ସହିତ ସମାପନ କରିବାକୁ ଓଲାଶୁଣୀ ମଠ ମହନ୍ତ ଡ.ନାମାନନ୍ଦ ଦାସ ନିବେଦନ କରିଛନ୍ତି ।

# ବରୁଣେଶ୍ୱର ମେଳାରେ ଜମୁଛି ଭିଡ଼

**ବିଞ୍ଝାରପୁର, ୧୫।୧(ସମିସ):** ବରୁଣେଶ୍ୱର ମେଳାର ଦ୍ୱିତୀୟ ଦିନରେ ବିଭିନ୍ନ ଅଞ୍ଚଳରୁ ଲୋକସମାଗମ ମେଳା ପଡ଼ିଆରେ ଦେଖାଯାଇଛି । ସକାଳୁ ଠାରୁ ମେଳା ପ୍ରାଙ୍ଗଣରେ ଭିଡ଼ ଜମିବାରେ ଲାଗିଛି । ବିଭିନ୍ନ ଦୋକାନ, ହସ୍ତଶିଳ୍ପ ଓ ଖାଦ୍ୟ ଷ୍ଟଲଗୁଡ଼ିକୁ ଦେଖିବା ପାଇଁ ଦର୍ଶକମାନେ ଉତ୍ସାହର ସହିତ ଆସୁଛନ୍ତି । ଦୋଳି, ଟାଟୁ ଓ ମେହେନ୍ଦି, ଚୁଡ଼ି ଆଦି ଷ୍ଟଲଗୁଡ଼ିକରେ ବିଶେଷ ଭିଡ଼ ଦେଖିବାକୁ ମିଳୁଛି । ମେଳା ପରିସରରେ ଆୟୋଜିତ ହେବାକୁ ଥିବା ବରୁଣେଶ୍ୱର ମହୋତ୍ସବ ବନ୍ଦ ପଡ଼ିବା ଫଳରେ ସ୍ଥାନୀୟ କଳାକାରଙ୍କ ନୃତ୍ୟ ଓ ସଙ୍ଗୀତ ପ୍ରଦର୍ଶନକୁ ଦର୍ଶକମାନେ ଉପଭୋଗ କରିବାରୁ ବଞ୍ଚିତ ହୋଇଛନ୍ତି । ପ୍ରଶାସନ ପକ୍ଷରୁ ମେଳାର ସୁରକ୍ଷା ନିମନ୍ତେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି । ମେଳା ଆଗାମୀ ଦିନଗୁଡ଼ିକରେ ଆଉ ଅଧିକ ଆକର୍ଷଣୀୟ ହେବ ବୋଲି ବ୍ଲକ ଓ ଜିଲ୍ଲା ପ୍ରଶାସନ ଆଶା ପ୍ରକାଶ କରିଛନ୍ତି ।



ବରୁଣେଶ୍ୱର ମେଳା ପଡ଼ିଆରେ ଆଜି ପଲ୍ଲିଶ୍ରୀ ମେଳାର ଉଦ୍‌ଘାଟିତ ହୋଇଛି । ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକ ମେଳା ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଅଧ୍ୟକ୍ଷା ରଞ୍ଜିତା ଦାସ, ବିଡିଓ ଆକାଶ ପଟ୍ଟନାୟକ, ଉପାଧ୍ୟକ୍ଷ ସେକ ଇର୍ଶାଦ ସହ ଅନ୍ୟାନ୍ୟ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ ଓ ବହୁ ସଂଖ୍ୟକ ଅଞ୍ଚଳବାସୀ ଉପସ୍ଥିତ ଥିଲେ । ଏହି ମେଳା ବୁଲି ଦେଖିବା ସହ ବିଧାୟିକା ପ୍ରମିଳା ମଲ୍ଲିକ କହିଥିଲେ ଯେ, ପଲିଶ୍ରୀ ମେଳା ମାଧ୍ୟମରେ ସ୍ଥାନୀୟ ଉତ୍ପାଦ ଓ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ନୂଆ ପରିଚୟ ମିଳିବ । ଏପରି ମେଳା ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବାରେ ସହାୟକ ହେବ ବୋଲି ସେ କହିଥିଲେ । ଏହି ମେଳାରେ ଜିଲ୍ଲା ଓ ଜିଲ୍ଲା ବାହାରର ୩୦ଟି ସ୍ୱୟଂସହାୟକ ଗୋଷ୍ଠୀ ଅଂଶଗ୍ରହଣ କରି ବିଭିନ୍ନ ସ୍ୱଦେଶୀ ଉତ୍ପାଦ, ହସ୍ତଶିଳ୍ପ ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରୟ କରୁଛନ୍ତି ।

### ● ଫ୍ରିଡମ୍ ଷ୍ଟଲ ଉଦ୍‌ଘାଟିତ

ବରୁଣେଶ୍ୱର ମେଳାରେ ଫ୍ରିଡମ୍ ତେଲ ପକ୍ଷରୁ ଷ୍ଟଲ୍ ଖୋଲାଯାଇଛି । ଏହାକୁ ଯାଜପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡିଏସ୍‌ପି ବାମଦେବ ନନ୍ଦ, ବରିଷ୍ଠ ସାମାଜିକ କର୍ମୀ ଚନ୍ଦ୍ରଶେଖର ଧଳ, ସ୍ମୃତିରଞ୍ଜନ ସାହୁ, ବଟକୃଷ୍ଣ ନାୟକ, ଫ୍ରିଡମ୍ ପକ୍ଷରୁ ଅମୀୟ କୁମାର ଧଳ ପ୍ରମୁଖ ଉପସ୍ଥିତ ଥିଲେ ।

# ସମାଜସେବୀଙ୍କ ପରଲୋକ

**ଯାଜପୁର, ୧୫।୧(ସମିସ):** ଯାଜପୁର ସହରର ପ୍ରତିଷ୍ଠିତ ସମାଜସେବୀ ତଥା ସାମ୍ବାଦିକ ତପନ ମହାରଣ୍ୟ ଶର୍ମାଙ୍କ ପିତା ଅର୍ଦ୍ଧେନ୍ଦୁ ଶେଖର ମହାରଣ୍ୟଙ୍କ ୮୦ ବର୍ଷ ବୟସରେ ପରଲୋକ ଘଟିଛି । ସେ କିଛିଦିନ ଧରି ଅସୁସ୍ଥ ରହି ଘରେ ଚିକିତ୍ସିତ ହେଉଥିଲେ । ସେ ବିଭିନ୍ନ ସମାଜ ସେବା କରିବା ସହ ସ୍ଥାନୀୟ ଲକ୍ଷ୍ମୀ ପୂଜା କମିଟିର ସଭାପତି ରୂପେ ଦୀର୍ଘଦିନ କାର୍ଯ୍ୟ କରିଥିଲେ । ଏଥିସହ ୮୦ ଦଶକରେ ବିଭିନ୍ନ ଗଣମାଧ୍ୟମରେ ମଧ୍ୟ ସାମ୍ବାଦିକତା କରିଥିଲେ । ତାଙ୍କର ମୃତ୍ୟୁ ଖବର ପ୍ରଚାର ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ବଡ଼ପୁଅ ତପନ ମହାରଣ୍ୟ ଶର୍ମା, ପୁତ୍ର ଡିଗ୍ମାଂଶୁ ମହାରଣ୍ୟ ଶର୍ମା, ତ୍ରିମୂର୍ତ୍ତୀ ଶର୍ମା, ତମଘ୍ନ ଶର୍ମା, ତରଣୀ ଶର୍ମା, ଓ ପୁତ୍ରବଧୂ, ନାତି ନାତୁଣୀମାନେ ଉପସ୍ଥିତ ଥିଲେ । ତାଙ୍କ ମୃତ୍ୟୁରେ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା, ଯାଜପୁରର ପୂର୍ବତନ ନଗର ପାଳ ଭବପ୍ରକାଶ ଦାସ, ପୂର୍ବତନ ସାଂସଦ ଅଞ୍ଚଳ ଦାସ, ଯୁବନେତା ବଳଭଦ୍ର ଦାସ, ବିଜେପି ଯୁବନେତା କଳିଙ୍ଗ କେଶରୀ ମହାନ୍ତି, ସୁଧାନନ୍ଦ ଦାସ, ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ, ରାଜୀବ ମହାନ୍ତି, ବିରଜା ପାଣି, ଅଜୟ ରାଉଳ, ତରୁଣ ନନ୍ଦ, ମହେଶ୍ୱର ସାହୁ, ଦିଲ୍ଲୀପ ଦାଶଙ୍କ ସମେତ ବହୁ ସାମ୍ବାଦିକ ଓ ବରିଷ୍ଠ ନାଗରିକ ଶୋକ ପ୍ରକାଶ କରିଛନ୍ତି ।



# ଯୁବ ସମାଜସେବୀଙ୍କ ବିୟୋଗରେ ଶୋକ

**କବାଟବନ୍ଧ, ୧୫ ।୧(ସମିସ):** ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଧୀନ ମଧୁସୂଦନପୁର ପଞ୍ଚାୟତ ଅଧୀନ ବଳଭଦ୍ରପୁର ଗ୍ରାମର ଯୁବ ସମାଜସେବୀ ଚିନ୍ମୟ ରାଉତ, ଚିନୁ(୩୮)ଙ୍କ ଅକାଳ ବିୟୋଗ ହୋଇଛି । ଚିନ୍ମୟଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକକୁଳ ପରିବେଶ ସୃଷ୍ଟି ହୋଇଛି । ଚିନ୍ମୟ ଜଣେ ଉଦୀୟମାନ ଯୁବକ ଭାବେ ସ୍ଥାନୀୟ ଅଞ୍ଚଳରେ ବେଶ ଲୋକପ୍ରିୟତା ଅର୍ଜନ କରିଥିଲେ । ଜିଲ୍ଲାର ବିଭିନ୍ନ ସାମାଜିକ ସଂଗଠନରେ ସାମିଲ ହୋଇ ସେ ସମାଜ ପାଇଁ କାମ କରୁଥିଲେ । କିଛି ବର୍ଷ ହେଲା ସେ ହୃଦ୍‌ରୋଗରେ ଆକ୍ରାନ୍ତ ଥିଲେ । ବୁଧବାର ବିଳମ୍ବିତ ରାତିରେ ତାଙ୍କର କଟକ ବଡ଼ ମେଡିକାଲରେ ତାଙ୍କର ମୃତ୍ୟୁ ହୋଇଥିଲା । ମୃତ୍ୟୁ ଖବର ଜଣାପଡ଼ିବା ପରେ ତାଙ୍କ ନିଜ ଗ୍ରାମ ବଳଭଦ୍ରପୁର ସମେତ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଚିନ୍ମୟଙ୍କ ହାଇସ୍କୁଲ ସହପାଠୀ ମାନେ ତାଙ୍କ ମରଶରୀରକୁ ୫୩ ନମ୍ବର ଜାତୀୟ ରାଜପଥ ବାଘୁଆ ଛକ ଠାରୁ ଗାଁ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଇଥିଲେ । ନିଜ ଗ୍ରାମରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ ।



# ନାଳ ଭିତରୁ ନବଜାତ ମୃତ ଶିଶୁକନ୍ୟା ଉଦ୍ଧାର

**କୟାଁଗୋଲା/ମଙ୍ଗଳପୁର, ୧୫।୧(ସମିସ):** ଅଲୋଡ଼ା ହେଲା ଶିଶୁକନ୍ୟା । ନିଜର କର୍ତ୍ତବ୍ୟ ଭୁଲି ନବଜାତ ଶିଶୁକନ୍ୟାର ଯତ୍ନ ନେବା ପରିବର୍ତ୍ତେ ନିଜେ ହିଁ ନିଜ ଶିଶୁକନ୍ୟାର ହତ୍ୟାକାରୀ ସାଜିଛନ୍ତି । ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଦଶରଥପୁର ବ୍ଲକ ମଲ୍ଲିକାପୁର ଅଞ୍ଚଳରେ । ବୈଷପାନ ଗ୍ରାମ ରାସ୍ତା ପାର୍ଶ୍ୱରେ କେହି ଦମ୍ପତି ମୃତ ଶିଶୁକନ୍ୟାକୁ ନାଳରେ ଫିଙ୍ଗି ଦେଇଥିବା ବେଳେ ଆଜି ଅପରାହ୍ନରେ ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ଜଣେ ସ୍ଥାନୀୟ ବାସିନ୍ଦା ଦେଖି ମଙ୍ଗଳପୁର ଥାନାକୁ ଜଣାଇଥିଲେ ।

ସୂଚନା ପାଇ ମଙ୍ଗଳପୁର ଥାନା ଏସଆଇ ଜଟାଧାରୀ ଦାସ ଏବଂ ସଂଯୁକ୍ତା ପଣ୍ଡା ଘଟଣା ସ୍ଥଳରେ ପହଞ୍ଚି ମୃତ ଶିଶୁକନ୍ୟାକୁ ଉଦ୍ଧାର କରି ମଙ୍ଗଳପୁର ମେଡିକାଲରେ ଭର୍ତ୍ତି କରିଥିଲେ । ଡାକ୍ତର ମୃତ ଶିଶୁକନ୍ୟାର ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ୨୪ଘଣ୍ଟା ପୂର୍ବରୁ ଜନ୍ମ ନେଇଥିବା କହିଛନ୍ତି । ତେବେ ମୃତ ଶିଶୁକନ୍ୟା କାହାର ତାହା ଜଣାପଡ଼ିନଥିବା ବେଳେ ମଙ୍ଗଳପୁର ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି ।

# ଶିକ୍ଷକ ଅଶୋକ ଦାସଙ୍କୁ ସମ୍ବର୍ଦ୍ଧନା

**ବରୀ, ୧୫ ।୧(ସମିସ) :** ବରୀ ବ୍ଲକ ରତ୍ନଗିରି ପଞ୍ଚାୟତ ଅନ୍ତର୍ଗତ ରାଉତସାହି ଗ୍ରାମର ବରିଷ୍ଠ ଶିକ୍ଷକ ତଥା ଆଧ୍ୟାତ୍ମିକ ସଂଗଠକ ଅଶୋକ କୁମାର ଦାସଙ୍କୁ ସନ୍ଥ ଅରକ୍ଷିତ ଦାସ ଗବେଷଣା ପରିଷଦ, କଟକ ପକ୍ଷରୁ ବିଭିନ୍ନ ଆଧ୍ୟାତ୍ମିକ ସଂଗଠନଗୁଡିକର ସର୍ବାଙ୍ଗୀନ ବିକାଶ ନିମିତ୍ତ ଥିବା ଉଲ୍ଲେଖନୀୟ ଅବଦାନ ପାଇଁ ଚଳିତ ବର୍ଷର ମର୍ଯ୍ୟାଦାଜନକ ସନ୍ଥ ଅରକ୍ଷିତ ଆଧ୍ୟାତ୍ମିକ ସଂଗଠକ ଗୌରବ ସମ୍ମାନ ପ୍ରଦାନ କରାଯାଇଛି । କଟକର ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନ ଠାରେ ସଭାପତି ଚିତ୍ତରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଭୁବନେଶ୍ୱର ନିଗମ କଳ୍ପତରୁ ଆଶ୍ରମର ମୁଖ୍ୟ ପରମହଂସ ଶ୍ରୀମଦ୍ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏଥିରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଉଦ୍‌ଘାଟକ ଭାବେ ଉପସ୍ଥିତ ଥିବାବେଳେ ମାନବାଧିକାର କମିସନର ସଦସ୍ୟ ଅସୀମ ଅମିତାଭ ଦାଶ ଅତିଥି ଓ ଉତ୍କଳ ସାହିତ୍ୟ ସମାଜର ପ୍ରାକ୍ତନ ସଭାପତି ପ୍ରଫେସର ଡକ୍ଟର ବିଜୟାନନ୍ଦ ସିଂହ ମୁଖ୍ୟ ବକ୍ତା ଏବଂ ଇଞ୍ଜିନିୟର ରଶ୍ମିରଞ୍ଜନ ରାୟ ଓ ଅଧ୍ୟାପକ କିଶୋର ଚନ୍ଦ୍ର ଦାସ ମଞ୍ଚାସୀନ ଥିଲେ । ସମ୍ପାଦକ ସୁଧାଂଶୁ ଶେଖର ସାମଲ ସମସ୍ତଙ୍କୁ ସାଧୁବାଦ ଜଣାଇ ଥିଲେ । ସମ୍ମାନିତ ହେବା ପରେ ରାଷ୍ଟ୍ରୀୟ ପୂଜ୍ୟପୂଜା ପରିଷଦର ସାଧାରଣ ସମ୍ପାଦକ ତତ୍ତ୍ୱଭୂଷଣ ପ୍ରଭାତ କୁମାର ଦାସ, ଓଡ଼ିଶା ରାଜ୍ୟ ଦନ୍ତ ପରିଷଦର ଅଧ୍ୟକ୍ଷ ଡାକ୍ତର ଆଶିଷ କୁମାର ବାରିକ, ଉତ୍କଳ ଯାଦବ ମହାସଭାର ଉପ ସଭାପତି ମନୋଜ କୁମାର ପରିଡ଼ା, ରାଜକନିକାର ବରିଷ୍ଠ ସମାଜସେବୀ ଶ୍ରୀନିବାସ ପ୍ରଧାନ, ଆଳି ମଧୁବନର ସମବାୟବିତ୍ ବାଙ୍କବିହାରୀ ଦାସ ଓ ଆଳି ସାନମଙ୍ଗ ଗ୍ରାମ ପଞ୍ଚାୟତର ନାଏବ ସରପଞ୍ଚ ସୁମନ୍ତ କୁମାର ମହାନ୍ତିଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ଟାଟା ଷ୍ଟିଲ୍ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ଅଭିଯାନ

ଦାନଗଦି, ୧୫।୧(ସମିସ)




୩୭ତମ ଜାତୀୟ ସଡ଼କ ସୁରକ୍ଷା ମାସ ଅବସରରେ ଟାଟା ଷ୍ଟିଲ୍ କଳିଙ୍ଗନଗରର (ଟିଏସକେ) ସୁରକ୍ଷା ବିଭାଗ ଓ କଳିଙ୍ଗନଗର ପୁଲିସ ସହଯୋଗରେ କଳିଙ୍ଗନଗରଠାରେ ଏକ ଦୁଇ ଦିନିଆ ସଡ଼କ ସୁରକ୍ଷା ସଚେତନତା ଅଭିଯାନ ଆରମ୍ଭ ହୋଇଛି । ଗୁରୁବାର ଡୁବୁରିସ୍ଥିତ ଟାଟା ଷ୍ଟିଲ୍ କଳିଙ୍ଗନଗରର ମୁଖ୍ୟ ଗେଟ୍ ନଂ-୧ ନିକଟରେ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁପ୍ରସନ୍ନ ମଲ୍ଲିକ ଏବଂ କଳିଙ୍ଗନଗର ଥାନା ଆଇଆଇସି ପ୍ରକାଶ କୁମାର ସାହୁଙ୍କ ଉପସ୍ଥିତିରେ ଏହି ଅଭିଯାନ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି । ଏହି ଅବସରରେ ଟାଟା ଷ୍ଟିଲ୍ କଳିଙ୍ଗନଗର ଏବଂ ଟାଟା ଷ୍ଟିଲ୍ ମେରାମଣ୍ଡଳୀର ମୁଖ୍ୟ ସୁରକ୍ଷା ଅଧିକାରୀ ପ୍ରକାଶ ସଞ୍ଜୟ ଏବଂ ଟାଟା ଷ୍ଟିଲ୍ କଳିଙ୍ଗନଗରର ମୁଖ୍ୟ ସୁରକ୍ଷା (ଅପରେସନ୍ସ) ରବି ଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ଚଳିତ ବର୍ଷର ବିଷୟବସ୍ତୁ 'ଏକ ରାସ୍ତା, ଏକ ପରିବାର ସମସ୍ତଙ୍କ ପ୍ରତି ସମ୍ମାନ' ଉପରେ ଆଧାରିତ ଏହି ଅଭିଯାନର ଲକ୍ଷ୍ୟ ହେଉଛି ସମସ୍ତ ସଡ଼କ ବ୍ୟବହାରକାରୀଙ୍କ ସୁରକ୍ଷା ନିଶ୍ଚିତ କରିବା ଓ ବ୍ୟକ୍ତିଗତ ଉତ୍ତରଦାୟିତ୍ୱ ଏବଂ ଅଂଶୀଦାର ଦାୟିତ୍ୱକୁ ଗୁରୁତ୍ୱ ଦେବା । ଏହି ଅଭିଯାନ ସମୟରେ ଚାଳକମାନଙ୍କୁ ସିଟ୍ ବେଲ୍ଟ ପିନ୍ଧିବାର ଗୁରୁତ୍ୱ ବିଷୟରେ ଅବଗତ କରାଯାଇଥିବାବେଳେ ଦୁଇଚକିଆ ଯାନ ଚାଳକ ଏବଂ ପଛରେ ବସୁଥିବା ବ୍ୟକ୍ତିଙ୍କୁ ସୁରକ୍ଷା ପାଇଁ ସବୁବେଳେ ହେଲମେଟ ପିନ୍ଧିବାକୁ ଉତ୍ସାହିତ କରାଯାଇଥିଲା ।

ଏହି ଅବସରରେ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ସତର୍କତା ସୂଚନା ଥିବା ଲିଫଲେଟ୍ ମଧ୍ୟ ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମର ଅଂଶବିଶେଷ ଭାବେ, ସଡ଼କ ସୁରକ୍ଷା ନିୟମ ପାଳନ କରିବାର ଗୁରୁତ୍ୱ ବିଷୟରେ ଶିକ୍ଷା ଦେବା ଉଦ୍ଦେଶ୍ୟରେ ସୁରକ୍ଷା ଏବଂ ଲଜିଷ୍ଟିକ୍ ବିଭାଗ ପକ୍ଷରୁ ଦୁଇଟି ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା । ମାସବ୍ୟାପୀ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ୍ କଳିଙ୍ଗନଗର ବିଶେଷ କରି ଗତି ସୀମା ମାନିବା, ସିଟ୍ ବେଲ୍ଟ (ଆଗ ଏବଂ ପଛ) ବ୍ୟବହାର, ଗାଡ଼ି ଚଲାଇବା ସମୟରେ ମୋବାଇଲ୍ ବ୍ୟବହାର ନକରିବା, ଗାଡ଼ି ମଧ୍ୟରେ ସୁରକ୍ଷିତ ଦୂରତା ବଜାୟ ରଖିବା, ଲେନ୍ ଶୃଙ୍ଖଳା ଅନୁସରଣ କରିବା, ଗାଡ଼ିର ସଠିକ୍ ରକ୍ଷଣାବେକ୍ଷଣ ଏବଂ ଜରୁରିକାଳୀନ ଯାନକୁ ବାଟ ଛାଡ଼ିବା ଭଳି ପ୍ରମୁଖ ଦିଗଗୁଡ଼ିକ ଉପରେ ସଚେତନତା ବୃଦ୍ଧି ଉପରେ ଧ୍ୟାନ ଦିଆଯିବ ।

# ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**କୟାଁଗୋଲା, ୧୫ ।୧(ସମିସ):** ଦଶରଥପୁର ବ୍ଲକ ମଙ୍ଗଳପୁରସ୍ଥିତ ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ ହୋଇଯାଇଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦଶରଥ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ଅନ୍ନଦାପ୍ରସାଦ ରଣା, ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ଗୌତମ ବେହେରା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । କ୍ରୀଡ଼ା ଶିକ୍ଷକ ଖଗେଶ୍ୱର ରାଉତଙ୍କ ତତ୍ତ୍ୱାବଧାନରେ ଗତ ୩ ଦିନ ହେବ ଆୟୋଜିତ ବିଭିନ୍ନ କ୍ରୀଡ଼ା ବିଭାଗରେ ବିଦ୍ୟାଳୟର ଛାତ୍ରଛାତ୍ରୀ ସେମାନଙ୍କ ପ୍ରଦର୍ଶନ କରିଥିଲେ । କୃତୀ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ, ସିଲ ଓ ପ୍ରମାଣପତ୍ର ଆଦି ଦ୍ୱାରା ପୁରସ୍କୃତ କରାଯାଇଛି । ଏହି ବିଦ୍ୟାଳୟରୁ ଜାତୀୟସ୍ତରରେ ୨ ଜଣ ଏବଂ ରାଜ୍ୟ ସ୍ତରରେ ୯ ଜଣ ଛାତ୍ରଙ୍କୁ ମଧ୍ୟ ପୁରସ୍କୃତ କରାଯାଇଛି । କାର୍ଯ୍ୟକ୍ରମ ପରିଚାଳନାରେ ପୀତବାସ ବେହେରା, ପୀତବାସ ସାମଲ, ଖଗେଶ୍ୱର ମଲିକ, ସୁଦୀପ୍ତ କୁମାର ନାୟକ, ସୁବ୍ରତ ମଲିକ, ସୁଦୀପ୍ତ ଶୁଭ୍ରପ୍ରକାଶ ସାମଲ, ଯୁଧିଷ୍ଠିର ବାରିକ, ସୁରଜ କୁମାର ସାମଲ, ସଂଘମିତ୍ରା ସାହୁ, ସୁଶ୍ରୀ ଶ୍ୱେତା ସତପଥୀ, ବୀଣାପାଣି ସାମନ୍ତ, ନିରୁପମା ଷଡ଼ଙ୍ଗୀ, ମଞ୍ଜୁଲତା ନାୟକ, ରେହେନୁମା ପରବିନ, ଝୁନୁଲତା ମଲିକ, ପ୍ରତ୍ୟାଶା ମହାନ୍ତି, ଅଶ୍ରୁମୋଚନ ବିଶ୍ୱାଳ, ସୁରେଶ ଦାସ ସନ୍ତୋଷ କୁମାର ବିଶ୍ୱାଳ, ଜ୍ୟୋତିରଞ୍ଜନ ଦାସ, ନରେନ୍ଦ୍ର କୁମାର ଚାନ୍ଦ, ସଞ୍ଜୀବ ଦାସ, ଶ୍ରଦ୍ଧାଞ୍ଜଳି ପରିଡ଼ା, ସୁଜାତା ରାଣୀ ବେହେରାଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ ।




# ମା' ଖଣ୍ଟୁରାଇ ପୀଠରେ ମକର ମେଳା



**ଯଖପୁରା ୧୫ ।୧(ସମିସ):** ଦାନଗଦି ବ୍ଲକ ମାନତୀରା ପଞ୍ଚାୟତର ରାବଣା କେନ୍ଦୁଡିପ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଖଣ୍ଟୁରାଇଙ୍କ ୨୧ ତମ ମକର ମେଳା ଅନୁଷ୍ଠିତ ହୋଇଯାଇଛି । ଠାକୁରାଣୀଙ୍କ ମେଳା ତିନି ଦିନ ଧରି ଚାଲୁ ରହିବ । ପ୍ରଥମ ଦିନରୁ ମା'ଙ୍କ ପୂଜାର୍ଚ୍ଚନା କରାଯାଇ ଉଭୟ ଗ୍ରାମର ମହିଳା ପୁରୁଷ କଳସ ଧରି ଗ୍ରାମ ପରିଭ୍ରମଣ କରିଥିଲେ । ପ୍ରଥମେ ଅଙ୍କୁରାରୋପଣ, କଳସ ପୂଜା, ଗୋ ମାତା ପୂଜା, ସୂର୍ଯ୍ୟ ପୂଜା ପରେ ମା'ଙ୍କ ଯଜ୍ଞ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ସ୍ଥାନୀୟ ଅଞ୍ଚଳର ଅନେକ ଭକ୍ତଙ୍କ ସମାବେଶ ମା'ଙ୍କ ପୀଠରେ ଦେଖିବାକୁ ମିଳୁଛି । ଭକ୍ତଙ୍କ ଗହଳିରେ ମା'ଙ୍କ ପୀଠରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି । ଶଙ୍ଖ ହୁଳହୁଳିରେ ମା'ଙ୍କ ପୀଠ ପ୍ରକମ୍ପିତ ହେଉଛି । ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି ।












## ଧାମରା ୨ ୟୁନିଅନରେ ଟ୍ରକ୍ ପଞ୍ଜୀକରଣ ବନ୍ଦ ନିଷ୍ପତ୍ତିକୁ ନେଇ ବୈଠକ



**ଭଦ୍ରକ, ୧୫।୧(ସମିସ):** ଧାମରା ଅଞ୍ଚଳରେ ଥିବା ୨ଟି ଟ୍ରକ୍ ୟୁନିଅନ୍‌ରେ ଆଉ ନୂତନ ଭାବେ ଟ୍ରକ୍ ପଞ୍ଜୀକରଣ ହେବ ନାହିଁ ବୋଲି ଗୁରୁବାର ଏ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ୨ଟି ୟୁନିୟନ ଯଥା- ଧାମରା ଟ୍ରକ୍ ଟିପ୍ପର ଆସୋସିଏସନ ଏବଂ କଳିଙ୍ଗ ଟ୍ରାନ୍ସପୋର୍ଟ୍ସ ଆସୋସିଏସନର ସମସ୍ତ କର୍ମକର୍ତ୍ତା ଏହି ସାମ୍ବାଦିକ ସମ୍ମିଳନୀରେ ଏକତ୍ରିତ ହୋଇଥିଲେ। ସେମାନଙ୍କ ଦାବି ଅନୁଯାୟୀ ୨୦୨୨ ନଭେମ୍ବର ମାସରେ ଧାମରା ବନ୍ଦରରୁ କୋଇଲା ପରିବହନ ଆରମ୍ଭ ହୋଇଥିବାବେଳେ ସ୍ୱାବଲମ୍ବୀ ହେବା ଆଶାରେ ବହୁ ବେକାର ଯୁବକଯୁବତୀ ପରିବହନ ପାଇଁ ଟ୍ରକ୍ ଏବଂ ଟିପ୍ପର କିଣି ଏହି ପରିବହନ କାର୍ଯ୍ୟ କରି ଆସୁଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ଏହି ୨ଟି ସଂଘରେ ୮୦୦ରୁ ଊର୍ଦ୍ଧ୍ୱ ଗାଡ଼ି ପରିବହନ କରି ଆସୁଥିବାବେଳେ ଜିଲ୍ଲାପାଳ ଏବଂ ପରିବହନ ଅଧିକାରୀଙ୍କ ମଧ୍ୟରେ ବହୁବାର ସମନ୍ୱୟ ବୈଠକ ବସିବା ପରେ ମଧ୍ୟ ଗାଡ଼ି ସଂଖ୍ୟା ଅନୁଯାୟୀ ପରିବହନ କ୍ଷମତା ବୃଦ୍ଧି ପାଉନାହିଁ। ଫଳରେ ଗାଡ଼ି ମାଲିକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ସେମାନଙ୍କ ଋଣ ବୃଦ୍ଧି ହେବା ସହ ମାସିକିଆ କିସ୍ତି ଖିଲାପ ସଂଖ୍ୟା ବଢ଼ିଚାଲିଛି। ଏହି ସମସ୍ତ କଥାକୁ ଦୃଷ୍ଟିରେ ରଖି ଆସନ୍ତା ଫେବୃଆରୀ ୧ ତାରିଖଠାରୁ ଧାମରା ଅଞ୍ଚଳରେ ଥିବା ୨ଟି ଆସୋସିଏସନ ଆଉ ନୂତନ ଭାବେ ଟ୍ରକ୍ ଏବଂ ଟିପ୍ପର ପଞ୍ଜୀକରଣ କରିବେ ନାହିଁ। ଏହି ନିଷ୍ପତ୍ତି ଅନୁଯାୟୀ ୨ଟି ସଂଘର ସମସ୍ତ କର୍ମକର୍ତ୍ତା ଏହି ସିଦ୍ଧାନ୍ତରେ ଉପନୀତ ହେବା ସହ ଧାମରା ବନ୍ଦରରୁ ପରିବହନ କରିବା ପାଇଁ ଆଉ ନୂତନ ପଞ୍ଜୀକରଣକୁ ବନ୍ଦ କରିବା ପାଇଁ ନିଷ୍ପତ୍ତି ନିଆଯିବା ସହ ଏ ବିଷୟରେ ଏକ ଲିଖିତ ଦାବିପତ୍ର ଭଦ୍ରକ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦିଆଯିବାକୁ ସ୍ଥିରୀକୃତ କରାଗଲା। ଏହି ସାମ୍ବାଦିକ ସମ୍ମିଳନୀରେ ଅଶୋକ ଜାନା, ଦିଗମ୍ବର ଦାସ, ବୈରୀଗଞ୍ଜନ ସାମଲ, ବନବିହାରୀ ମାଇତି, ପାପା ଜେନା, ବାବୁନି ଲେଙ୍କା, ମଦନ ଦିନ୍ଦା, ସୁବ୍ରତ ଦାସ, ନରେନ୍ଦ୍ର ମାଇତିଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଧାମରାଶ୍ରୀ ପତ୍ରିକା ଉନ୍ମୋଚିତ



**ଭଦ୍ରକ, ୧୫।୧(ସମିସ):** ପବିତ୍ର ମକର ସଂକ୍ରାନ୍ତି ଅବସରରେ ଧାମରା ତଥା ଚାନ୍ଦବାଲି ଅଞ୍ଚଳର ମୁଖପତ୍ର ଧାମରାଶ୍ରୀ ଉନ୍ମୋଚନ ହୋଇଯାଇଛି। ଧାମରା ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଜନ୍ମେଜୟ ବେହେରା ଧାମରାଶ୍ରୀକୁ ଧାମରାଇ ମନ୍ଦିର ପ୍ରାଙ୍ଗଣରେ ଶୁଭ ଉନ୍ମୋଚନ କରିଥିବା ଅବସରରେ ଏହି ପତ୍ରିକାର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହ ଧାମରା ଅଞ୍ଚଳବାସୀଙ୍କୁ ସାଧୁବାଦ ଜଣାଇଥିଲେ। ଏହି ପତ୍ରିକା ଉନ୍ମୋଚନ ସମୟରେ ଧାମରା ମତ୍ସ୍ୟଜୀବୀ କମିଟିର ପୂର୍ବତନ ସମ୍ପାଦକ ପ୍ରଫୁଲ୍ଲ ଜେନା, ମା’ ଧାମରାଇ ମନ୍ଦିର ପରିଚାଳନା କମିଟିର ସୁରେଶ ମାହୁନ୍ତ, ପାପା ଜେନା, ପ୍ରମୋଦ ନାୟକ, ସୋନୁ ଲେଙ୍କା, ଅଭିମନ୍ୟୁ ରାଉତ, ସୁଦର୍ଶନ ଲେଙ୍କା, ପ୍ରଫୁଲ୍ଲ ମଣ୍ଡଳ, ଶୁକଦେବ ପରିଡ଼ା, ଶରତ ଦଳେଇ, ସୁବାସ ପଣ୍ଡାଙ୍କ ସମେତ ବହୁ ଭକ୍ତ ଉପସ୍ଥିତ ଥିଲେ।

## ଚୋରି ସାମଗ୍ରୀ ଜବତ; ୪ ଗିରଫ

**ତିହିଡ଼ି, ୧୫।୧(ସମିସ):** ତିହିଡ଼ି ପୁଲିସ ନିଜ ଥାନା ଅଞ୍ଚଳର ୪ ଜଣ ଯୁବକଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଗୋଟିଏ ବାଇକ୍ ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଗିରଫ ଯୁବକମାନେ ହେଉଛନ୍ତି ଛନ୍ଦାସାହି ଗାଁର କୀର୍ତ୍ତନ ମଳିକ, ତରାଶୁଣି ଗ୍ରାମର ଜୟନ୍ତ ମଳିକ, ଚନ୍ଦ୍ରକାନ୍ତ ମଳିକ ଓ ଅଚକର ରାମନାରାୟଣ ମହାପାତ୍ର। ସେମାନଙ୍କ ନିକଟରୁ ଏକ ନମ୍ବରବିହୀନ ବାଇକ୍, ଦୁଇଟି ପାଣି ମୋଟର ଓ ଗୋଟିଏ ଡ୍ରିଲ୍ ମେସିନ୍ ଜବତ କରାଯାଇଛି। ଗତ କିଛି ଦିନ ଭିତରେ ତିହିଡ଼ି ପୁଲିସ ବ୍ରାଉନ୍‌ସୁଗର ଓ ଛିନ୍‌ତାଇ ଆଦି ଘଟଣାରେ ୧୦ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିସାରିଲାଣି। ଚୋରି ଓ ବ୍ରାଉନ୍‌ସୁଗର ବିକ୍ରି ଆଦି ଘଟଣାରେ ସମ୍ପୃକ୍ତ ଥିବା କିଛି ଯୁବକଙ୍କ ଚିଠା ପ୍ରସ୍ତୁତ କରିସାରିଛୁ ଓ ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ତିହିଡ଼ି ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ସୂଚନା ଦେଇଛନ୍ତି।



### ବାବା ଆଖଣ୍ଡଳମଣିଙ୍କ ମହାଶିବରାତ୍ରି ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

# ରାତି ୧ଟାରେ ସୁନାବେଶ, ଭୋର୍ ୪ଟା ୩୦ରେ ଉଠିବ ମହାଦୀପ

ଭଦ୍ରକ/ଆରଡ଼ି, ୧୫।୧(ସମିସ)

ଆସନ୍ତା ଫେବୃଆରୀ ୧୫ରେ ବାବା ଆଖଣ୍ଡଳମଣିଙ୍କ ମହାଶିବରାତ୍ରି(ଜାଗରଯାତ୍ରା)। ଚଳିତ ବର୍ଷ ୩ ଦିନ ଧରି ପାଳନ ହେବ ଯାତ୍ରା। ଏହି ଅବସରରେ ମଣିବାବାଙ୍କ ପୀଠରେ ଲକ୍ଷାଧିକ ଶ୍ରଦ୍ଧାଳୁଭକ୍ତଙ୍କ ସମାଗମ ହେବ। ଏଥିପାଇଁ ଭଦ୍ରକ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଗୁରୁବାର ଅପରାହ୍ଣରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଏସ୍‌ପି ମନୋଜ ରାଉତ, ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ଚାନ୍ଦବାଲି ବିଧାୟକଙ୍କ ପ୍ରତିନିଧି ପ୍ରିନ୍ସ ରାକେଶ ନାୟକ, ଚାନ୍ଦବାଲି ତହସିଲ୍‌ଦାର ଭବତୋଷ ମଲ୍ଲିକ, କନିକାରାଜାଙ୍କ ପ୍ରତିନିଧି ମାୟାଧର ବାରିକ, ମନ୍ଦିର ଟ୍ରଷ୍ଟି ତଥା ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ, ଟ୍ରଷ୍ଟବୋର୍ଡ ସଭ୍ୟ ସନ୍ତୋଷ ପାଢ଼ୀ, ସରୋଜ ଦାସ, ଜିଲ୍ଲା ଲୋକସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର, କନିକାରାଜାଙ୍କ ପ୍ରତିନିଧି ମାୟାଧର ବାରିକଙ୍କ ସହ ବିଭିନ୍ନ ବିଭାଗର ଉଚ୍ଚ ପ୍ରଦାଧିକାରୀ ଯୋଗଦେଇଥିଲେ। ମହାଶିବରାତ୍ରି ଦିନ ହେବାକୁ ଥିବା ସମସ୍ତ ନୀତିକାନ୍ତି ସମ୍ବନ୍ଧରେ ବରିଷ୍ଠ



ସେବାୟତ ବିଜୟ କୁମାର ଦାଶ ସୂଚନା ଦେଇଥିଲେ। ଚଳିତ ବର୍ଷ ଜାଗରଯାତ୍ରା ଦିନ ଭୋର୍ ୪ଟାରେ ମନ୍ଦିର ଦ୍ୱାର ଫିଟାଯିବା ପରେ ମଙ୍ଗଳ ଆଳତି, କନିକା ରାଜାଙ୍କ ତରଫରୁ ପହିଲି ଘର୍ଷଣ ଲାଗି, ଜଳାଭିଷେକ ସରିବା ପରେ ସକାଳ ୫/୧୫ରୁ ରାତ୍ର ୧୧ଟା ୩୦ ଯାଏ ଭକ୍ତଙ୍କ ସାହାଣମେଳା ଦର୍ଶନ ରହିବା ସହ ପୁନର୍ବାର ରାତ୍ର ୧ଟା ୩୦ରେ ସୁନାବେଶ ସମ୍ପନ୍ନ ହେବା ପରେ ସାହାଣମେଳା ଦର୍ଶନ କରାଯିବ। ଭୋର୍ ୪ଟା ସୁଦ୍ଧା ମହାଦୀପ ପ୍ରସ୍ତୁତି ସହ ପୂଜାର୍ଚ୍ଚନା ସରିବା ପରେ ୪ଟା ୩୦ରୁ ୫ଟା ମଧ୍ୟରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିବ।

- ଜଳପଥକୁ ଜଗିବେ ଓଡ୍ରାଫ ଓ ଅଗ୍ନିଶମ ବାହିନୀ
- ୩ଟି ନଦୀଘାଟରେ ନିୟୋଜିତ ରହିବ ଅତ୍ୟାଧୁନିକ ପାୱାର ବୋଟ୍
- ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ସେହିପରି ମହାଶିବରାତ୍ରି ଦିନ ଲକ୍ଷାଧିକ ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଜଳପଥ ଓ ସ୍ଥଳପଥରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହିତ ଜଳପଥର ନଦୀଘାଟକୁ ଜଗି ରହିବେ ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀ। ଚଳିତ ବର୍ଷ ଜଳପଥରେ ଅତ୍ୟାଧୁନିକ ସ୍ପିଡ୍‌ବୋଟ୍ ପଇଁତରା ମାରିବ କହିଛନ୍ତି ଅଗ୍ନିଶମ ବିଭାଗର ଅଧିକାରୀ। ସେହିପରି ପୀଠରେ ଯାତ୍ରା ପୂର୍ବଦିନଠାରୁ ଯାତ୍ରା ଶେଷ ପର୍ଯ୍ୟନ୍ତ ୩ଦିନ ଧରି ପୀଠରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା, ପାନୀୟ ଜଳ ଯୋଗାଣ ପାଇଁ ଆଲୋଚନା କରାଯାଇଥିଲା। ଏହାସହ ସ୍ୱାସ୍ଥ୍ୟକେନ୍ଦ୍ରକୁ ୨୪ ଘଣ୍ଟା ଖୋଲା ରଖାଯିବା ସହ ମନ୍ଦିର ପରିସରରେ ଅତିରିକ୍ତ କ୍ୟାମ୍ପ୍ କରାଯିବ। ପୀଠରେ ପରିମଳ ବ୍ୟବସ୍ଥା ସହ ଅତିରିକ୍ତ ଶୌଚାଳୟ ନିର୍ମାଣ କରାଯିବ ବୋଲି ଜିଲ୍ଲା ଜଳ ଓ ପରିମଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ପୂଜାର୍ଚ୍ଚନା ନିମନ୍ତେ ମନ୍ଦିର ଭିତରେ ଓ ବାହାରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ବିଶେଷକରି ଭକ୍ତମାନଙ୍କର ଗହଳି ସମୟରେ ଅସାମାଜିକ ବ୍ୟକ୍ତିଙ୍କୁ ଧରିବା ପାଇଁ ସାଦା ପୋଷାକଧାରୀ ପୁଲିସ ନିୟୋଜିତ ରହିବା ସହ ଆକାଶମାର୍ଗରୁ ଡ୍ରୋନ୍ କ୍ୟାମେରା ଓ ସିସି କ୍ୟାମେରା ଚାଳନା କରାଯିବ, ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ପୀଠରେ ସନ୍ଧ୍ୟାରୁ ମଧ୍ୟରାତ୍ର ଯାଏଁ ଭଜନ ପରିବେଷଣ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ପୀଠରେ ଗାଡ଼ି ପାର୍କିଂ ଓ ଟ୍ରାଫିକ୍ ବ୍ୟବସ୍ଥା ପାଇଁ ପ୍ରଶାସନିକ ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ ପରେ ନିଷ୍ପତ୍ତି ନିଆଯିବ ବୋଲି ଉପଜିଲ୍ଲାପାଳ କହିଥିଲେ। ଉକ୍ତ ବୈଠକରେ ସେବାୟତ ଅରବିନ୍ଦ ପାଢ଼ୀ, ଜୀବନାନନ୍ଦ ପାଢ଼ୀ, ଦେବଦତ୍ତ ପାଢ଼ୀ, ଲଲାଟକିଶୋର ପାଢ଼ୀ, ଆଶିଷ ପାଢ଼ୀ, ଶିବାନନ୍ଦ ପାଢ଼ୀ, ସରୋଜ ପାଢ଼ୀ, ସଞ୍ଜୟ ପାଢ଼ୀ, ମନୋରଞ୍ଜନ ପାଢ଼ୀ, ସବ୍ୟସାଚୀ ହୋତା, ବିବେକାନନ୍ଦ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ।

### ଆମ ମାତୃଭାଷା ପରିଷଦର ସଂକ୍ରାନ୍ତି ଆସର

## ‘ବୁଦ୍ଧିମତ୍ତାଯୁକ୍ତ ସାମାଜିକ ଗାଳ୍ପିକ ଥିଲେ ବ୍ୟାସକବି’

**ଭଦ୍ରକ, ୧୫।୧(ସମିସ):** ଆମ ମାତୃଭାଷା ପରିଷଦର ‘ମକର ସଂକ୍ରାନ୍ତି ଆସର’ ସାମରାଇପୁରସ୍ଥିତ ଗୁରୁକୃପା ଭବନରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଶିକ୍ଷାବିତ୍ ଡ. ରାମଚନ୍ଦ୍ର ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆସରକୁ ସମାଜସେବୀ ଶୁଭ୍ରକାନ୍ତି ଦାଶ ଉଦ୍‌ଘାଟନ କରିଥିଲେ। ‘ଓଡ଼ିଆ କ୍ଷୁଦ୍ରଶିଳ୍ପରେ ବ୍ୟାସକବି ଫକୀରମୋହନ’ ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ବିଶିଷ୍ଟ ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ମୁଖ୍ୟବକ୍ତା ଶିକ୍ଷାବିତ୍ ଗୟାଧର ପଣ୍ଡା, ସମ୍ମାନିତ ଅତିଥି ଶାନ୍ତନୁ କୁମାର ରାଉତ, ବିଶିଷ୍ଟ ଅତିଥି ଅଧ୍ୟକ୍ଷ ନିହାର ରଞ୍ଜନ କର, ଅତିଥି ପର୍ଶୁରାମ ଦ୍ୱିବେଦୀ, ଅଧ୍ୟାପିକା ଭାନୁମତୀ ମାଟିଆ, ବିପ୍ଳବୀ କବି ମୁକୁନ୍ଦଦେବ ନାୟକ, ରମେଶ ଚନ୍ଦ୍ର ଦାସ, ବାବୁଲାଲ ଦାସ, ପୂର୍ଣ୍ଣଚନ୍ଦ୍ର ବହଳୀ, ନାଟ୍ୟକାର ଗୌରାଙ୍ଗ ଚନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇ କହିଥିଲେ ଯେ ବ୍ୟାସକବି ଫକୀରମୋହନ ଜଣେ ଦକ୍ଷ ବୁଦ୍ଧିମତ୍ତାଯୁକ୍ତ ସାମାଜିକ କ୍ଷୁଦ୍ରଗାଳ୍ପିକ ଥିଲେ। ତାଙ୍କର ଶେଷ ଜୀବନ ଦାରିଦ୍ର୍ୟତା ମଧ୍ୟରେ କଟିଥିଲେ ମଧ୍ୟ ଜୀବନର ଶେଷ ପର୍ଯ୍ୟନ୍ତ ମାତୃଭାଷା ଓ ମାତୃଭୂମିର ଉତ୍‌ଥାନ ପାଇଁ ତାଙ୍କର ଅଧ୍ୟବସାୟ ଜାରି ରଖିଥିଲେ ବୋଲି ମତବ୍ୟକ୍ତ କରିଥିଲେ। କବୟିତ୍ରୀ ଜାନକୀ ପାଢ଼ୀ ଓ ମନୋରମା ରାୟଙ୍କ ସଂଯୋଜନାରେ ଅନୁଷ୍ଠିତ ମକର ସଂକ୍ରାନ୍ତି କବିତା ଆସରରେ ଉମେଶ ଚନ୍ଦ୍ର ମହାପାତ୍ର, ଜଗନ୍ନାଥ ନାୟକ, ମାନସ ରଞ୍ଜନ ପଣ୍ଡା, ଉପେନ୍ଦ୍ର ବାରିକ, ଡା. ଚିତ୍ତରଞ୍ଜନ ମହାପାତ୍ର, ମହେନ୍ଦ୍ର ଓଝା, ମାନସୀବାଳା ସୂତାର, ମୀନତି ବାରିକ, ମୋନାଲିସା ସାହୁ, ବିଜୟ କୁମାର ବହଳୀ, ଅମର ପାଣିଗ୍ରାହୀ, ଧିରେନ୍ଦ୍ର ନାୟକ, ମନୋରଞ୍ଜନ ଦାସ, ସେକ୍ ଅବ୍‌ଦୁଲ୍ ଦୟାନ, ମୁସ୍ତାକ୍ ଗୌହର, କୈଳାସ ଦାସ, ନିରଞ୍ଜନ ନାୟକ, ସୁରେଶ ସାହୁଙ୍କ ସମେତ ବହୁ କବି ସ୍ୱରଚିତ କବିତାପାଠ କରିଥିଲେ। ସମାଜସେବୀ ନାରାୟଣ ଚନ୍ଦ୍ର ପାଢ଼ୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ କରିଥିବାବେଳେ ସମ୍ପାଦକ ଡା. ଅନିଲ କୁମାର ଦାଶ ସମ୍ପାଦକୀୟ ପାଠ, ସହସମ୍ପାଦିକା ମମତାରାଣୀ ଦାଶମିଶ୍ର ଓ ବ୍ୟଙ୍ଗକବି ଗୋକୁଳାନନ୍ଦ ରାଉତ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ପାର୍ଥସାରଥୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।




## ନାବାଳିକାକୁ ଦୁଷ୍କର୍ମ କରି ବୃଦ୍ଧ ଗିରଫ

**ଭଦ୍ରକ/ଆରଡ଼ି, ୧୫।୧(ସମିସ):** ଭଦ୍ରକ ଜିଲ୍ଲା ଧୂଷୁରୀ ଥାନା ଅଧୀନସ୍ଥ ଓଳଗ ପଞ୍ଚାୟତ ବୋଡ଼କ ଗାଁରେ ଜଣେ ୧୩ ବର୍ଷୀୟା ନାବାଳିକାକୁ ଦୁଷ୍କର୍ମ କରି ୫୫ ବର୍ଷୀୟ ବୃଦ୍ଧକୁ କୋର୍ଟ ଚାଲାଣ କରାଯାଇଛି। ପରେ ପୁଲିସ ନାବାଳିକାର ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ମେଡିକାଲ ପଠାଯାଇଛି। ସୂଚନାଯାୟୀ, ବୁଧବାର ଉକ୍ତ ଗାଁର ନାବାଳିକା ଜଣକ ସ୍କୁଲରୁ ଘରକୁ ଯାଉଥିବା ସମୟରେ ସେହି ଗାଁର ବିଘିନା ଜେନା(୫୫) କିଛି ଟଙ୍କା ପ୍ରଲୋଭନ ଦେଖାଇ ଏକ ନିଛାଟିଆ ଜାଗାକୁ ନେଇ ଦୁଷ୍କର୍ମ କରିବା ସହ ଚେତାଶୂନ୍ୟ କରି ପଳାଇ ଯାଇଥିଲା। ନାବାଳିକାର ଚେତା ଫେରିବା ପରେ ପ୍ରଥମେ ବିଦ୍ୟାଳୟର ସହପାଠୀ ଓ ପରେ ଘର ଲୋକଙ୍କୁ ଜଣାଇବା ପରେ ପରିବାର ଲୋକଙ୍କ ପକ୍ଷରୁ ଆରଡ଼ି ଫାଣ୍ଡିରେ ଅଭିଯୋଗ କରାଯାଇଥିଲା।

## ଟ୍ରେନ୍ ଧକ୍କାରେ ମହିଳା ମୃତ

**ଭଦ୍ରକ, ୧୫।୧(ସମିସ):** ଭଦ୍ରକ-ଧାମରା ରେଳପଥର ପୀରହାଟ ଥାନା ଅଧୀନ ବିନ୍ଧାବଜାର ନିକଟରେ ଗୁରୁବାର ପୂର୍ବାହ୍ଣରେ ଟ୍ରେନ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ଜଣକ କେନ୍ଦ୍ରାପଡ଼ା ଜିଲ୍ଲା ପୀରହାଟ ଥାନା ଅଧୀନ ଦୌଲତପୁର ଗାଁର ନିରଞ୍ଜନ ସାହୁଙ୍କ ଝିଅ ଝୁନି ସାହୁ (୪୨) ବୋଲି ଜଣାପଡ଼ିଛି। ଝୁନି ତାଙ୍କ ବାପଘର ଦୌଲତପୁର ଗାଁକୁ ବୁଲିବାକୁ ଆସିଥିଲେ। ପୂର୍ବାହ୍ଣରେ ସେ ରେଳପଥ ଅତିକ୍ରମ ହେଉଥିବାବେଳେ ଧାମରାରୁ ଭଦ୍ରକ ଅଭିମୁଖେ ଯାଉଥିବା ଏକ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି। ଖବରପାଇ ଆଇଆଇସି ରୋଜାଲିନ୍ ବେହେରା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିବା ଜଣାଯାଇଛି।

## ଲୁଟ୍ ଅଭିଯୋଗରେ ୩ ଗିରଫ



**ତିହିଡ଼ି, ୧୫।୧(ସମିସ):** ଭଦ୍ରକ-ଚାନ୍ଦବାଲି ରାସ୍ତାରେ ମଧ୍ୟରାତ୍ରରେ ଏକ ଟ୍ରକ୍‌କୁ ଅଟକାଇ ଟଙ୍କା ଲୁଟି ନେବା ଘଟଣାରେ ତିହିଡ଼ି ପୁଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମଙ୍ଗଳବାର ରାତିରେ ନୟାପାଟଣା ଗ୍ରାମର ବବୁଆ ଓରଫ ପ୍ରଶାନ୍ତ ପରିଡ଼ା ଓ ବିଜୟ ପରିଡ଼ାଙ୍କ ପୁଅ ସତ୍ୟକାନ୍ତ ପରିଡ଼ା ଏବଂ ମିର୍ଜାପୁର ଗ୍ରାମର ରାଜାରାମ ଦାସଙ୍କ ପୁଅ ଶଶିକାନ୍ତ ଦାସ ତିନି ଜଣ ମିଶି ଧାମରାରୁ କଟକ ଯାଉଥିବା ଏକ ଟ୍ରକ୍‌କୁ ଦୋଲସାହି ଗୋରୁହାଟ ନିକଟରେ ଅଟକାଇଥିଲେ। ଧମକଚମକ ଦେଇ ଡ୍ରାଇଭରଙ୍କଠାରୁ ୮୦୦ ଟଙ୍କା ଛଡ଼ାଇ ନେଇଥିଲେ। ତେବେ ଅଧିକ ଟଙ୍କା ଦାବି କରିବା ପରେ ଡ୍ରାଇଭର ନିଜ ଆକାଉଣ୍ଟରେ ଥିବା ଅବଶିଷ୍ଟ ୭୫୦ ଟଙ୍କା ଫୋନ୍ ପେ’ରେ ଦେଇ ଜୀବନ ବିକଳରେ ପଳାଇ ଆସି ତିହିଡ଼ି ଥାନରେ ଅଭିଯୋଗ କରିଥିଲେ। ୨ବର୍ଷ ତଳେ ଏକ ଲୁଟ୍ ଘଟଣାରେ ବବୁଆକୁ ପୁଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଥିବାବେଳେ ଟ୍ରକ୍ ଡ୍ରାଇଭରଠାରୁ ଟଙ୍କା ନେବା ଘଟଣାରେ ଅନ୍ୟ ୨ ଜଣ ସତ୍ୟକାନ୍ତ ଓ ଶଶିକାନ୍ତକୁ ଗିରଫ କରାଯାଇ ବିଭିନ୍ନ ଦଫାରେ ଗିରଫ କରାଯାଇଛି।




# କଇଥଖୋଲା ପଞ୍ଚାୟତରେ ଉନ୍ନତିମୂଳକ କାର୍ଯ୍ୟ ଠପ୍

ଭଦ୍ରକ, ୧୫।୧(ସମିସ)

ଭଦ୍ରକ ଜିଲ୍ଲା ଚାନ୍ଦବାଲି ନିର୍ବାଚନମଣ୍ଡଳୀ ଅଧୀନ ଧାମରା ନିକଟସ୍ଥ କଇଥଖୋଲା ପଞ୍ଚାୟତରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ହେଉ ନ ଥିବା ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ପୂର୍ବତନ ସରପଞ୍ଚ ବନ ବିହାରୀ ମାଇତିଙ୍କ ଆବାହକତ୍ୱରେ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ କଇଥଖୋଲାଠାରୁ କନକପଲ୍ଲୀ ହେଲିପ୍ୟାଡ୍ ରାସ୍ତାର ଦୈର୍ଘ୍ୟ ୨ କି.ମି ହୋଇଥିବାବେଳେ ଏହି ରାସ୍ତା କାର୍ଯ୍ୟ ପାଇଁ ଧାମରା ବନ୍ଦର କର୍ତ୍ତୃପକ୍ଷ ପ୍ରଥମ ପର୍ଯ୍ୟାୟରେ ୩୫ ଲକ୍ଷ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ପୁନଶ୍ଚ ୭ଲକ୍ଷ ଏହିଭଳି ୪୨ଲକ୍ଷ ଟଙ୍କା ଦେବା ପାଇଁ ସ୍ଥିରୀକୃତ ହୋଇଥିଲା। ଏହି ରାସ୍ତା କାର୍ଯ୍ୟ ଆରମ୍ଭବେଳେ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଏହାକୁ ବାଧା ଦେବା ସହ କଇଥଖୋଲା ପଞ୍ଚାୟତର ସେହି ରାଜନୈତିକ ଦଳର ଠିକାଦାରଙ୍କୁ ଏହି କାର୍ଯ୍ୟ ଦେବାକୁ ବନ୍ଦର କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ରଖିଥିଲେ। ଫଳରେ ଧାମରା ବନ୍ଦର କର୍ତ୍ତୃପକ୍ଷ ଏହି ରାସ୍ତା କାର୍ଯ୍ୟ ପାଇଁ ଦେଇଥିବା ଅନୁଦାନ ଫେରସ୍ତ ନେଇଯିବା ସହ ଏହି ରାସ୍ତା କାର୍ଯ୍ୟ ବନ୍ଦ ମଧ୍ୟ କରିଦେଇଥିଲେ।




ସେହିପରି କଇଥଖୋଲା ପଞ୍ଚାୟତର ସରପଞ୍ଚ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରୁଥିବାବେଳେ ସେହି ସ୍ଥାନରେ କୌଣସି ସୂଚନାଫଳକ ମଧ୍ୟ ଲଗାଉ ନାହାନ୍ତି। ଫଳରେ ବିଭିନ୍ନ କାର୍ଯ୍ୟର ଅନୁଦାନ ରାଶି ଏବଂ କାର୍ଯ୍ୟ ବିଷୟରେ ପଞ୍ଚାୟତର ଲୋକମାନଙ୍କୁ ଅବଗତି କରାଉନାହାନ୍ତି। ହେଉଥିବା କାର୍ଯ୍ୟର ମାନ ମଧ୍ୟ ଠିକ୍ ହେଉ ନାହିଁ ବୋଲି ଅଭିଯୋଗ ଆସିଥିଲା।

**ବାଧକ ସାଜିଛନ୍ତି ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନେତା: ବିଜେଡି**

ଏଥିସହ କଇଥଖୋଲା ପଞ୍ଚାୟତରେ ଥିବା ମଦ ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତରିତ କରିବାକୁ ବହୁବାର ପଞ୍ଚାୟତବାସୀ ଦାବି କରି ଆସୁଥିବାବେଳେ ଭଦ୍ରକ ଅବକାରୀ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ଜାଣିଶୁଣି ଏହାକୁ ସ୍ଥାନାନ୍ତରିତ କରୁନାହାନ୍ତି। ବିଦ୍ୟାଳୟ ଆଗରେ ଥିବା ଏହି ମଦ ଦୋକାନକୁ ତୁରନ୍ତ ସ୍ଥାନାନ୍ତରିତ କରିବାକୁ ମଧ୍ୟ ଦାବି ଉପସ୍ଥାପିତ ହୋଇଥିଲା।

ଏହି ସାମ୍ବାଦିକ ସମ୍ମିଳନୀରେ ଆବାହକ ବନବିହାରୀ ମାଇତି, ବାକର ଅଲ୍ଲି ଖାଁ, ଅମୂଲ୍ୟ ବେହେରା, ମୂରଲୀଧର ବେହେରା, ନନ୍ଦକିଶୋର ପାତ୍ର, ମିଥୁନ ଖଟୁଆ, ରାମେଶ୍ୱର ଦାସ, ରମେଶ ଚନ୍ଦ୍ର ସାହୁ, ଗୌତମ ବର, ଶ୍ୟାମସୁନ୍ଦର ବାଗ, ରେଜାକ୍ ଅଲ୍ଲି ଖାଁ, ଅଭୟ ମାନ୍ନା, ସତ୍ୟପ୍ରକାଶ ସେଠୀ, ସେକ୍ ମୁସ୍ତାଫା ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ପଞ୍ଚାୟତର ସରପଞ୍ଚ ନିଜ ପ୍ରତିକ୍ରିୟାରେ କହିଛନ୍ତି, କଇଥଖୋଲାଠାରୁ କନକପଲ୍ଲୀ ହେଲିପ୍ୟାଡ୍ ପର୍ଯ୍ୟନ୍ତ ଥିବା ରାସ୍ତାଟି ଭଦ୍ରକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ-୨ ଅଧୀନରେ ଆସୁଥିବାବେଳେ ଏହି ରାସ୍ତା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ୍ ହୋଇଛି। ୨ କୋଟି ଟଙ୍କା ଏହି ରାସ୍ତା ପାଇଁ ଆକଳନ କରାଯାଇଛି, ଖୁବ୍‌ଶୀଘ୍ର ଏହି ରାସ୍ତା କାର୍ଯ୍ୟ ଆରମ୍ଭ ହେବ। ଏଥିସହ କଇଥଖୋଲା ପଞ୍ଚାୟତରେ ସମସ୍ତ କାର୍ଯ୍ୟ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ମାନଦଣ୍ଡ ଆଧାରରେ ହେଉଥିବାବେଳେ ସମସ୍ତ କାର୍ଯ୍ୟର ମାନ ଠିକ୍ ଅଛି ବୋଲି ନିଜର ପ୍ରତିକ୍ରିୟା ରଖିଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ସରପଞ୍ଚ ବନବିହାରୀ ମାଇତି କହିଛନ୍ତି, ଜିଲ୍ଲାପାଳଙ୍କ ଦ୍ୱାରା ଏହି ସମସ୍ତ କାର୍ଯ୍ୟର ସମୀକ୍ଷା ହେଲେ ପ୍ରକୃତ ସତ୍ୟ ଲୋକଲୋଚନକୁ ଆସିବ।

ସକାଳ
THE SAKALA


# ତୈଳକୂଟ

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରୁ ସଦ୍ୟତମ ଭେନେଜୁଏଲା ଉପରେ ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ ପର୍ଯ୍ୟନ୍ତ ଯେତେ ଯୁଦ୍ଧ ଓ ସାମରିକ ଅଭିଯାନ ହୋଇଛି ସେ ସବୁର ମୂଳରେ ରହିଛି ଜୀବାଶ୍ମ ଇନ୍ଧନ ବା ତୈଳ କୂଟନୀତି। ବିଶେଷକରି ବିଶ୍ୱର ସମୃଦ୍ଧ ତୈଳ ଭଣ୍ଡାର ଉପରେ ଆଧିପତ୍ୟ ବିସ୍ତାର କରିବା ପାଇଁ ଆମେରିକାର ଦୁର୍ବାର ଲୋଭ ହିଁ ଅଧିକାଂଶ ଯୁଦ୍ଧକୁ ଜନ୍ମ ଦେଇଛି ଏବଂ ସ୍ୱାଭାବିକ ଭାବରେ ଯୁଦ୍ଧର କେନ୍ଦ୍ରରେ ବିଶ୍ୱର ସେହି ସର୍ବଶକ୍ତିମାନ ରାଷ୍ଟ୍ର ହିଁ ରହିଛି। ତେଣୁ ଆମେରିକାର ସମ୍ଭାବ୍ୟ ଇରାନ୍ ଆକ୍ରମଣର ଲକ୍ଷ୍ୟ ଓ ଫଳାଫଳ ମଧ୍ୟ ସେହି ତୈଳକୂଟରୁ ଆରମ୍ଭ ହୋଇ ତୈଳକୂପ ଅକ୍ତିଆରରେ ଶେଷ ହେବ ବୋଲି ଅନୁମାନ କରିବାରେ କିଛି ଭୁଲ୍ ହେବ ନାହିଁ। ଅଧୁନା ଜଗତିକରଣକୁ ଜୀବାଶ୍ମ ଇନ୍ଧନ ଗତିଶୀଳ କରୁଥିବାରୁ ବିଶ୍ୱ ଭୂରାଜନୀତିରେ ତୈଳକୂଟନୀତି ସ୍ୱତନ୍ତ୍ରତା ହାସଲ କରିଛି ଏବଂ ସ୍ୱାଭାବିକ ଭାବେ ବିଶ୍ୱର ସର୍ବବୃହତ୍ ତୈଳଭଣ୍ଡାର ମଧ୍ୟପ୍ରାଚ୍ୟ ହିଁ ଏହାର ପ୍ରମୁଖ ପ୍ରୟୋଗଶାଳା ହୋଇଛି। ଏହାଛଡ଼ା ଭାରତ ଉପରେ ଆମେରିକାର ଆକ୍ରୋଶ, ଚୀନ୍ ସହିତ ବାଣିଜ୍ୟ ଯୁଦ୍ଧ, ରୁଷ ଓ ଇରାନ୍ ଉପରେ କଟକଣା ଆଦି ପଛରେ ମଧ୍ୟ ଏହି ତୈଳକୂଟ ହିଁ ନିର୍ଣ୍ଣାୟକ ହୋଇଛି।

ଭେନେଜୁଏଲା ସହିତ ଆମେରିକାର ତିକ୍ତ ସମ୍ପର୍କ ଆଜିର ନୁହେଁ। କିନ୍ତୁ ସମସ୍ତ ଅନ୍ତଃରାଷ୍ଟ୍ରୀୟ ନୀତିନିୟମକୁ ଉଲ୍ଲଙ୍ଘନ କରି ଏବେ ହଠାତ୍ ସାମରିକ କାର୍ଯ୍ୟାନୁଷ୍ଠାନ ଜରିଆରେ ସେହି ସାର୍ବଭୌମ ରାଷ୍ଟ୍ରର ରାଷ୍ଟ୍ରପତିଙ୍କୁ ହରଣଚାଳ କରି ନିଆଯିବା ପଛରେ ସାମ୍ନାକୁ ଆସିଥିବା ପ୍ରଥମ କାରଣଟି ଭେନେଜୁଏଲା-ଚୀନ୍ ତୈଳବାଣିଜ୍ୟ ଚୁକ୍ତି ପ୍ରତି ଇଙ୍ଗିତ କରୁଛି। ଆଗାମୀ ଦଶନ୍ଧି କିମ୍ବା ଦୁଇଦଶନ୍ଧି ପର୍ଯ୍ୟନ୍ତ ତୈଳ-ଇନ୍ଧନ ଚାହିଦା ପୂରଣ ପାଇଁ ଚୀନ୍ ବିଶାଳ ତୈଳଭଣ୍ଡାରମାନ ନିର୍ମାଣ କରୁଛି ଏବଂ ବିପୁଳ ପରିମାଣର ଜୀବାଶ୍ମ ଇନ୍ଧନ ଆମଦାନୀ କରୁଛି। ଚୀନ୍‌ର ଏହି ଯୋଜନାରେ ମୁଖ୍ୟ ସହାୟକ ହୋଇଛି ଭେନେଜୁଏଲା। ଭେନେଜୁଏଲାରେ ବିଶ୍ୱର ସର୍ବାଧିକ ୧୭% ଜୀବାଶ୍ମ ଇନ୍ଧନ ଗଚ୍ଛିତ ରହିଛି ଏବଂ ସେହି ଦେଶ ଉତ୍ପାଦନ କରୁଥିବା ଦୈନିକ ୧୦ ଲକ୍ଷ ବ୍ୟାରେଲ୍ ପଟ୍ରୋଲିୟମ୍‌ର ୯୦ ପ୍ରତିଶତ ଚୀନ୍ ଆମଦାନୀ କରୁଛି। ତେଣୁ ଚୀନ୍‌ର ସ୍ୱତନ୍ତ୍ର ପ୍ରତିନିଧି ଭେନେଜୁଏଲା ରାଷ୍ଟ୍ରପତିଙ୍କୁ ଭେଟିବାର ୨୪ ଘଣ୍ଟା ନ ପୁରୁଣୁ ଆମେରିକାର ଅତିକ୍ରିୟା ଦେଖିବାକୁ ମିଳିଛି।

ଭେନେଜୁଏଲାର ଶାସନ କ୍ଷମତା ନିଜ ଅକ୍ତିଆରକୁ ଆଣିବା ପରେ ସେଠାକାର ତୈଳକୂପମାନଙ୍କରୁ ପର୍ଯ୍ୟାପ୍ତ ତୈଳ ଉତ୍ତୋଳନ କରିବାକୁ ଟ୍ରମ୍ପ ତାଙ୍କ ଦେଶର ଶିଳ୍ପସଂସ୍ଥାମାନଙ୍କୁ ଆହ୍ୱାନ ଦେଇଛନ୍ତି। ଏଥିସହିତ ଭାରତକୁ ମଧ୍ୟ ଭେନେଜୁଏଲାରୁ ପେଟ୍ରୋଲିୟମ୍ କିଣିବା ପାଇଁ ପ୍ରସ୍ତାବ ଦେଇଛନ୍ତି, ଯାହା ଭାରତକୁ ଏକପ୍ରକାର ଦୋଛକିରେ ଛାଡ଼ିଦେଇଛି। ଭାରତ ଯଦି ଟ୍ରମ୍ପଙ୍କ ପ୍ରସ୍ତାବରେ ରାଜି ନ ହୁଏ ତେବେ ଆଗାମୀ ଦିନରେ ଭାରତୀୟ ଉତ୍ପାଦ ଉପରେ ଆମେରିକାରେ ଆମଦାନୀ ଶୁଳ୍କ ୫୦୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ହୋଇପାରେ। ଯଦି ଟ୍ରମ୍ପଙ୍କ ପ୍ରସ୍ତାବକୁ ଭାରତ ଗ୍ରହଣ କରେ ତେବେ ଭାରତକୁ ଚାରିପଟୁ ଘେରିବାକୁ ଯୋଜନା କରୁଥିବା ଚୀନ୍ ଆହୁରି ଆକ୍ରମଣାତ୍ମକ ହେବ। ସେହିପରି ଆମେରିକା କଥାରେ ଭାରତ ଭେନେଜୁଏଲାମୁଖୀ ହେଲେ ପୁରୁଣା ଓ ବିଶ୍ୱସ୍ତ ବନ୍ଧୁ ରୁଷ୍ ଅସୁଖୀ ହୋଇପାରେ। ତେଣୁ ଆଗାମୀ ଦିନରେ ତୈଳ କୂଟନୀତିର ଆହ୍ୱାନକୁ ଭାରତ କିଭଳି ମୁକାବିଲା କରୁଛି ତା'ଉପରେ ବିଶ୍ୱର ଦୃଷ୍ଟି ରହିବ।


ଅପରପକ୍ଷରେ ଭେନେଜୁଏଲାର ଶାସନ କ୍ଷମତାକୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ନିଜ ଅକ୍ତିଆରରେ ରଖିବା ଏବଂ ତୈଳଭଣ୍ଡାର ଉପରେ ଆଧିପତ୍ୟ ଘୋଷଣା ପଛରେ ଆମେରିକାର ଏକମାତ୍ର ଲକ୍ଷ୍ୟ ହେଉଛି ବିଶ୍ୱର ସର୍ବବୃହତ୍ ଇନ୍ଧନଭଣ୍ଡାରଣର ମାନ୍ୟତା। ଏହାଦ୍ୱାରା ଆମେରିକା ଏକପକ୍ଷରେ ଚୀନ୍ ଓ ରୁଷ୍‌କୁ ଟକ୍କର ଦେଇପାରିବ ଏବଂ ଅପରପକ୍ଷରେ ସାମାନ୍ୟ ଦୁର୍ବଳ ହୋଇପଡ଼ିଥିବା 'ପେଟ୍ରୋଡଲାର'ର ଭବିଷ୍ୟତକୁ ଆହୁରି ସୁଦୃଢ଼ କରିପାରିବ। ୧୯୭୦ ମସିହାରେ ସାଉଦୀ ଆରବ ନେତୃତ୍ୱରେ ଗଠିତ ତୈଳ ରପ୍ତାନୀକାରୀ ରାଷ୍ଟ୍ର ସଂଘ(ଓପେକ୍) ଓ ଆମେରିକା ମଧ୍ୟରେ ହୋଇଥିବା ଚୁକ୍ତି ଅନୁଯାୟୀ ଓପେକ୍ ତୈଳ ବାଣିଜ୍ୟରେ ବିନିମୟର ଏକମାତ୍ର ମାଧ୍ୟମ ରୂପେ ଆମେରିକୀୟ ଡଲାରକୁ ଗ୍ରହଣ କରିବ ଏବଂ ପ୍ରତିବଦଳରେ ଆମେରିକା ଓପେକ୍ ସଦସ୍ୟ ରାଷ୍ଟ୍ରଙ୍କୁ ସାମରିକ ସୁରକ୍ଷା ଓ ପ୍ରତିରକ୍ଷା ସହାୟତା ଯୋଗାଇଦେବ। ଏହି ଚୁକ୍ତି ଫଳରେ ବିଶ୍ୱସ୍ତରରେ ତୈଳ କାରବାର କେବଳ ଆମେରିକୀୟ ଡଲାରରେ ହୋଇଆସୁଛି ଏବଂ ପେଟ୍ରୋଡଲାରର ସ୍ଥିତି ଅଧିକରୁ ଅଧିକ ସୁଦୃଢ଼ ହୋଇଛି। ବିଶ୍ୱର ସର୍ବଶକ୍ତିମାନ ଅର୍ଥନୀତିର ମାନ୍ୟତା ଆମେରିକା ପାଇଛି। ଅପରପକ୍ଷରେ ଚୁକ୍ତିର ସର୍ତ୍ତ ଅନୁଯାୟୀ ଇରାକ୍ ଉପରେ ଆମେରିକା ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଏବଂ ଏବେ ଇରାନ୍ ଉପରେ ସମାନ କାର୍ଯ୍ୟାନୁଷ୍ଠାନ ନେବାକୁ ମସୁଧା କରୁଛି।

ପ୍ରାୟ ତିନି ଦଶନ୍ଧି ଧରି ବିଶ୍ୱ ବାଣିଜ୍ୟରେ ପେଟ୍ରୋଡଲାର ଜରିଆରେ ଆଧିପତ୍ୟ ଜାରି ରଖିଥିବା ଆମେରିକୀୟ ଡଲାରର ସ୍ଥିତିରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେଇଛି। ଆମେରିକା ବିଶ୍ୱର ସବୁଠାରୁ ଅଧିକ ତୈଳ ଆମଦାନୀ କରୁଥିବାରୁ ଡଲାରର ବହିଃଗମନ ବଢ଼ିବାରେ ଲାଗିଛି। ଏହାଦ୍ୱାରା ଓପେକ୍ ସହିତ ଆମେରିକାର ବାଣିଜ୍ୟ ନିଅଣ୍ଟ ବଢ଼ିଛି ଏବଂ ଆମେରିକାର ଟ୍ରେଜେରି ବଣ୍ଡର ମୂଲ୍ୟ ବିଶ୍ୱବଜାରରେ ହ୍ରାସ ପାଇବାରେ ଲାଗିଛି। ଅପରପକ୍ଷରେ ଓପେକ୍ ରାଷ୍ଟ୍ରଗୁଡ଼ିକ ଆମେରିକାର ପ୍ରତିଭୂତି ବଜାରରୁ ବିପୁଳ ଲାଭାଂଶ ସଂଗ୍ରହ କରିଆସୁଛନ୍ତି। ଏହି ସ୍ଥିତିର ମୁକାବିଲା ପାଇଁ ଆମେରିକା ଘରୋଇ ସେଲ୍‌ଫ କମ୍ପାନୀମାନ ପ୍ରତିଷ୍ଠା କରି ଜୀବାଶ୍ମ ଇନ୍ଧନ ଉତ୍ତୋଳନକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିପାରିଥିଲେ ମଧ୍ୟ ଡଲାରର ଅନ୍ତଃଆଗମନ ସେଭଳି ଆଶାନୁରୂପ ହୋଇପାରିନାହିଁ। ସେହିପରି ଚୀନ୍‌ର ଆବିର୍ଭାବ ପରେ ଆମେରିକାକୁ ବଡ଼ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିଛି। ବିଗତ ଦଶନ୍ଧିରେ ଦକ୍ଷିଣ-ବିଶ୍ୱ ସହିତ ଆମେରିକାର ସମ୍ପର୍କରେ ଅବନତି ଏବଂ ରୁଷ୍, ଇରାନ୍ ପରି କେତେକ ତୈଳ ଉତ୍ପାଦନକାରୀ ରାଷ୍ଟ୍ରମାନଙ୍କ ଉପରେ କଟକଣା ପରେ ଡଲାରକୁ ବାଦ୍ ଦେଇ ସ୍ୱଦେଶୀ ମୁଦ୍ରାକୁ ତୈଳ କାରବାରର ବିନିମୟ ମାଧ୍ୟମ କରିବାର ଉଦ୍ୟମ ଆରମ୍ଭ ହୋଇଛି। ବିଶେଷକରି 'ବ୍ରିକ୍‌ସ' ଦେଶମାନେ ନିଜସ୍ୱ ମୁଦ୍ରାରେ ଅଧିକରୁ ଅଧିକ ବାଣିଜ୍ୟ କାରବାରକୁ ଅଗ୍ରାଧିକାର ଦେବା ପରେ ପେଟ୍ରୋଡଲାରର ଆଧିପତ୍ୟ ହ୍ରାସ ପାଇଛି। ଏଥିରେ ବିଚଳିତ ଟ୍ରମ୍ପ ଏବେ ଭେନେଜୁଏଲାର ତୈଳକୂପଗୁଡ଼ିକୁ ନିଜ ଅକ୍ତିଆରକୁ ନେଇ ସେଠାରୁ ତୈଳ ରପ୍ତାନି କରି ଡଲାର ସଂଗ୍ରହ କରିବାର ଯୋଜନା କରିଛନ୍ତି।

ଇତିମଧ୍ୟରେ ଇରାନ୍ ଉପରେ ଆକ୍ରମଣ ପାଇଁ ଆମେରିକା ଚୂଡ଼ାନ୍ତ ପ୍ରସ୍ତୁତି ଆରମ୍ଭ କରିଛି ଏବଂ ମୁକାବିଲା ପାଇଁ ଯେକୌଣସି ପଦକ୍ଷେପ ନେବାକୁ ପ୍ରସ୍ତୁତ ବୋଲି ଇରାନ୍ ଧମକ ଦେଇଛି। ତେଣୁ ନିକଟ ଭବିଷ୍ୟତରେ ଏହି ତୈଳକୂଟ ବିଶ୍ୱକୁ ଅଧିକ ଅଶାନ୍ତ କରିବାକୁ ଯାଉଛି। ଯୁଦ୍ଧରେ କିଏ ଜିତିବ ବା ହାରିବ - ତା'ଠାରୁ ବଡ଼ ପ୍ରଶ୍ନ ହେଉଛି ତୈଳକୂଟର ପ୍ରକୋପରୁ ତୈଳକୂପଗୁଡ଼ିକ କେତେ ସୁରକ୍ଷିତ ରହିପାରିବ? ଏବଂ ଗୋଷ୍ଠୀନିରପେକ୍ଷ ନୀତିରେ ବିଶ୍ୱାସ ରଖୁଥିବା ଭାରତ ଏହି ତୈଳକୂଟରୁ କିଭଳି ନିଜକୁ ସୁରକ୍ଷା ଦେଇ ସମଦୂରତ୍ୱ ବଜାୟ ରଖିବ। ●



## ସମ୍ପାଦକୀୟ



ଆଣବିକ ଶକ୍ତିର ପରିପ୍ରକାଶ କେବଳ ଆମ ଚିନ୍ତାଧାରାକୁ ଛାଡ଼ି ଆଉ ସବୁକିଛି ପରିବର୍ତ୍ତନ କରିଦେଇଛି।

- ଆଲବର୍ଟ ଆଇନଷ୍ଟାଇନ୍

# ଶିକ୍ଷିତ ବନାମ ଅଶିକ୍ଷିତ

ବୈକୁଣ୍ଠନାଥ ମିଶ୍ର



ନିକଟରେ ଏକ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳନ ଅବସରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜନୈକ କେନ୍ଦ୍ର ମନ୍ତ୍ରୀ କହିଥିଲେ ଯେ ଶିକ୍ଷିତ ଲୋକେ ବହୁସଂଖ୍ୟାରେ ସମାଜ ବିରୋଧୀ କାର୍ଯ୍ୟରେ ଲିପ୍ତ ରହି ଦେଶର ସାର୍ବଭୌମତ୍ୱ ଓ ଅଖଣ୍ଡତା ପ୍ରତି ଘୋର ବିପତ୍ତିର କାରଣ ସାଜୁଛନ୍ତି। ସେ ଏକଥା ମଧ୍ୟ କହିଥିଲେ ଯେ ଶିକ୍ଷିତ ଲୋକଙ୍କ ଯୋଗୁଁ ଦେଶରେ ଆତଙ୍କବାଦ ମୁଣ୍ଡଟେକିଛି।

ମନ୍ତ୍ରୀ ମହୋଦୟଙ୍କ କଥା କେତେକାଂଶରେ ଠିକ୍ ମନେହୁଏ। କାରଣ ଆଜିର ଡିଜିଟାଲ ଯୁଗରେ ଅପରାଧ କୌଶଳ (କ୍ରାଇମ୍ ଟେକ୍‌ନିକ୍) ଏତେ ବୃଦ୍ଧି ପାଇଛି ଯେ ପୁଲିସ୍ ସାଇବର ଏକ୍ସପର୍ଟ ବା ଅପରାଧ ନିୟନ୍ତ୍ରଣର ସମସ୍ତ କୌଶଳ ବେଳେବେଳେ ଅସଫଳ ହେଉଛି। କିଛିଲୋକଙ୍କର ଅବିଚାରିତ କର୍ମ ଦେଶଦ୍ରୋହ ପାଇଁ ଉଦ୍ଦିଷ୍ଟ। ଦେଶଦ୍ରୋହ ଭଳି ଷଡ଼ଯନ୍ତ୍ରରେ ଲିପ୍ତ ସମସ୍ତ ତତ୍ତ୍ୱମାନଙ୍କୁ ଅବିଳମ୍ବେ ଧରି କଠୋରରୁ ଅତି କଠୋର ଶାସ୍ତି ବିଧାନ କରିବାର ଆବଶ୍ୟକତା ଅଛି। କିନ୍ତୁ କେବଳ ଶିକ୍ଷିତ ସମାଜକୁ ସାମଗ୍ରିକ ଭାବେ ଦେଶବିରୋଧୀ ଆଖ୍ୟା ଦେବା ଠିକ୍ ନୁହେଁ। କିଛିଦିନ ତଳେ ଶିକ୍ଷିତ ସହରବାସୀଙ୍କ ପ୍ରତି 'ଅର୍ବାନ ନକ୍ସଲ' ଭଳି ଅଭିଯୋଗ ମଧ୍ୟ ଉଠିଛି। ଏଭଳି ଅଭିଯୋଗ ପଛରେ ଯେଉଁ ବିଷମ କଥାଟି ଲୁକ୍କାୟିତ ଅଛି, ତାହା ହେଲା ସରକାରଙ୍କର ଦୋଷତ୍ରୁଟିକୁ ଶିକ୍ଷିତ ଲୋକମାନେ ବରଦାସ୍ତ ନ କରି ପଦାରେ ପକାଇବାର ଯେଉଁ ପ୍ରୟାସ କରନ୍ତି ତଦ୍ଦ୍ୱାରା ସରକାର ଅନେକ କ୍ଷେତ୍ରରେ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି।

କୁହାଯାଏ, ସମାଲୋଚନା ହିଁ ଉଚିତ ସିଦ୍ଧାନ୍ତ ନେବାର ପଥ ସୁଗମ କରେ। ସମାଲୋଚନାକୁ ଭୟକରି ଶିକ୍ଷିତମାନଙ୍କୁ ଦୋଷାରୋପ କରିବା କେତେଦୂର ଠିକ୍ ତାହା ଚିନ୍ତା କରିବା ଆବଶ୍ୟକ। ତେବେ କ'ଣ ଦେଶବାସୀ ଅଶିକ୍ଷିତ ରହିବା ଏବଂ ସମାଲୋଚନାରୁ କ୍ଷାନ୍ତ ରହିବା ବର୍ତ୍ତମାନର ଆବଶ୍ୟକତା? ବ୍ୟବସ୍ଥାର ଦୋଷତ୍ରୁଟିକୁ ସାର୍ବଜନୀନ କରିବା ଜଣେ ସଚେତନ ନାଗରିକର କର୍ତ୍ତବ୍ୟ। ଏଥିରେ ବ୍ୟଥିତ ନହୋଇ ବରଂ ନିଜ ତ୍ରୁଟି ସୁଧାରିବାର ପ୍ରୟାସ କରିବା ଉଚିତ।

ଗୋଟିଏ ଦେଶର ବିକାଶ ମୂଳରେ ଶିକ୍ଷିତ-ଅଶିକ୍ଷିତ ସମସ୍ତଙ୍କର ସମପରିମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଗ୍ରାମୀଣ ଅନ୍ନଦାତାଙ୍କର ଅକ୍ଳାନ୍ତ ପରିଶ୍ରମରେ ଦେଶର ଖାଦ୍ୟ ସମସ୍ୟା ଦୂର ହୋଇପାରୁଛି। କଳକାରଖାନାରେ କାର୍ଯ୍ୟରତ ଅସଂଖ୍ୟ ଅପାଠୁଆ ଶ୍ରମିକମାନଙ୍କର ଅବଦାନକୁ ଅସ୍ୱୀକାର କରାଯାଇ ନ ପାରେ। ସେହିମାନଙ୍କର ପରିଶ୍ରମର ଫଳ ଦେଶର ଆର୍ଥିକ ବିକାଶର ମୂଳପିଣ୍ଡ। ଶିକ୍ଷିତମାନେ ଯୋଜନା କରନ୍ତି। କିନ୍ତୁ ଅପାଠୁଆମାନେ ତା'ର ରୂପାୟନରେ ସହାୟତା କରନ୍ତି। ଏଠାରେ ଏକ ଗଳ୍ପର ପ୍ରାସଙ୍ଗିକତା ପ୍ରଣିଧାନଯୋଗ୍ୟ।

ଗୋଟିଏ ଗାଁରେ ଚାରିଜଣ ବାଳକଙ୍କ ମଧ୍ୟରେ ଥିଲା ନିବିଡ଼ ବନ୍ଧୁତା। ସେମାନଙ୍କ ଭିତରୁ ତିନିଜଣ ମେଧାବୀ ଓ ଜଣେ ଥିଲା ଅପାଠୁଆ। ସମୟକ୍ରମେ ତିନି ମେଧାବୀ ବନ୍ଧୁ ବିଦେଶ ଯାଇ ଉଚ୍ଚଶିକ୍ଷା ଲାଭ କଲେ। କିନ୍ତୁ ଅପାଠୁଆ କୃଷିକର୍ମରେ ଲିପ୍ତ ରହିଲା। କିଛିବର୍ଷ ପରେ ଉଚ୍ଚଶିକ୍ଷିତ ତିନିବନ୍ଧୁ ଗ୍ରାମକୁ ଫେରିଲେ ଏବଂ ଅପାଠୁଆ ସହ ଚାରି ବନ୍ଧୁ ହସଖୁସିରେ କିଛିଦିନ ମାତିଗଲେ। ଥରେ ଚାରି ସାଙ୍ଗ ଭୋଜି କରିବାକୁ ଜଙ୍ଗଲକୁ ଗଲେ। ଜଙ୍ଗଲରେ ଏକ ସିଂହର ବିକ୍ଷିପ୍ତ କଙ୍କାଳ ପଡ଼ିଥିବାର ଦେଖିଲେ। ଆୟତ୍ତ କରିଥିବା ବିଦ୍ୟା ପ୍ରୟୋଗର ଏହାଏକ ପ୍ରକୃଷ୍ଟ କ୍ଷେତ୍ର ଭାବି ପରୀକ୍ଷାରେ ଲାଗିପଡ଼ିଲେ। ପ୍ରଥମ ବନ୍ଧୁ ନିଜ ବିଦ୍ୟାବଳରେ ହାଡ଼ଗୁଡ଼ିକୁ ଏକାଠିକରି ସଜେଇ ଦେଲା, ଦ୍ୱିତୀୟ ବନ୍ଧୁଟି ନିଜ ବିଦ୍ୟାବଳରେ ସେଥିରେ ରକ୍ତମାଂସ ଭରିଦେଲା ଏବଂ ତୃତୀୟ ବନ୍ଧୁଟି ତାକୁ ଜୀବନ୍ୟାସ ଦେବାକୁ ଉଦ୍ୟତ ହେବା ବେଳେ ଅପାଠୁଆ ବନ୍ଧୁଟି ତା'କୁ ସେଥିରୁ ବିରତ ହେବାକୁ ଅନୁରୋଧ କଲା। ଅପାଠୁଆ ବନ୍ଧୁର କହିବା କଥା ସିଂହଟି ଜୀବନ୍ୟାସ ପାଇଲେ ପ୍ରଥମେ ଆମକୁ ହିଁ ଭକ୍ଷଣ କରିବ। କାରଣ ସେ ଅନେକ ଦିନ ହେଲା ଭୋକିଲା ଅଛି। ତା' କଥାକୁ ଅନ୍ୟ ତିନିବନ୍ଧୁ ଉପହାସ କରି ନିଜ କାମରେ ଲାଗିଗଲେ। ବିଚରା ଅପାଠୁଆ ବନ୍ଧୁଟି ସେଠାରୁ ନିରାପଦ ଦୂରତାକୁ ଯାଇ ଏକ ବୃକ୍ଷ ଉପରେ ବସିଲା। ସତକୁ ସତ ସିଂହଟି ଜୀବନ୍ୟାସ ପାଇ ତିନିବନ୍ଧୁଙ୍କୁ ମାରିଦେଲା। ଏକଥା ଦେଖି ଅପାଠୁଆ ବନ୍ଧୁଟି କାନ୍ଦିକାନ୍ଦି ଘରକୁ ଫେରିଲା।

ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ ଶିକ୍ଷିତମାନେ ସବୁବେଳେ ବୁଦ୍ଧିମାନ ନୁହନ୍ତି କିମ୍ବା ଅପାଠୁଆ ବୁଦ୍ଧିହୀନ ନୁହନ୍ତି। ବେଳେବେଳେ ଅପାଠୁଆଙ୍କର ବିଚକ୍ଷଣ ବୁଦ୍ଧିମତ୍ତା ସମସ୍ୟା ସମାଧାନର ପଥ ଉନ୍ମୁକ୍ତ କରିଥାଏ। ବିଶିଷ୍ଟ ପ୍ରାବନ୍ଧିକ ସି.ଇ.ଏମ୍. ଜୋଡ୍ ତାଙ୍କ ପ୍ରବନ୍ଧ 'ଏ ଡାଇଲଗ୍ ଅନ ସିଭିଲାଇଜେସନ'ରେ କହନ୍ତି ଯେ କୌଣସି ଦ୍ରବ୍ୟର ବ୍ୟବହାରକାରୀ ବାସ୍ତବରେ ସଭ୍ୟ ନୁହନ୍ତି। ସେ ହିଁ ସଭ୍ୟପଦବାଚ୍ୟ ଯେ ଦ୍ରବ୍ୟ ତିଆରି କରେ। ଉଦାହରଣ ସ୍ୱରୂପ ଜୋତା ପିନ୍ଧିବା ଲୋକ ସଭ୍ୟ ନୁହେଁ ; ମାତ୍ର ଜୋତା ତିଆରି କରିବା ହିଁ ବାସ୍ତବ ସଭ୍ୟତା। ତାଜମହଲ ନିର୍ମାଣରେ ଶାହାଜାହାନଙ୍କ ଅପେକ୍ଷା ଶିଳ୍ପୀକୁଳର ଗରିମାକୁ ଶ୍ରେୟ ଦିଆଯିବା ଆବଶ୍ୟକ। କୌଣସି ସ୍ଥାପତ୍ୟର କଳାକୁଶଳତାର ଶ୍ରେୟ ଶିଳ୍ପୀକୁଳର ପ୍ରାପ୍ୟ। ଶିଳ୍ପୀକୁଳ ଅପାଠୁଆ ହୋଇପାରନ୍ତି; ମାତ୍ର ବୁଦ୍ଧିହୀନ ନୁହନ୍ତି।

ସରକାରଙ୍କ ଅନେକ ଯୋଜନା ବିଫଳ ହୁଏ। ସେହି ବିଫଳତାକୁ ସମାଲୋଚନା କରୁଥିବା ବ୍ୟକ୍ତିକୁ ଆକ୍ଷେପ କରିବା ଠିକ୍ ନୁହେଁ। ପୂର୍ବରୁ ଅନେକ ସରକାର ତାଙ୍କ ସମାଲୋଚକମାନଙ୍କୁ ନାନା ଭାବରେ ଦଣ୍ଡିତ କରିଥିବାର ଦୃଷ୍ଟାନ୍ତ ରହିଛି। ଶିକ୍ଷିତମାନେ ଦେଶଦ୍ରୋହୀ - ଏହା କହିବା ମୂଳରେ ଭୟ ରହୁଛି ଯେ ଶିକ୍ଷିତମାନେ ସବୁକଥାରେ ସରକାରଙ୍କୁ ସମର୍ଥନ କରୁନାହାନ୍ତି। ଅବଶ୍ୟ ଯେଉଁମାନେ ଦେଶର ନାଗରିକ ହୋଇ ଦେଶର ଅନିଷ୍ଟ କରିବାକୁ ଚିନ୍ତା କରୁଛନ୍ତି, ସେହି ତତ୍ତ୍ୱମାନଙ୍କୁ ଗୁଇନ୍ଦାବିଭାଗ ଦ୍ୱାରା ଧରାଯାଇ ଦଣ୍ଡିତ କରିବାର ଆବଶ୍ୟକତା ଅଛି। ତା' ନ କରି ଶିକ୍ଷିତମାନଙ୍କୁ ସାମଗ୍ରିକ ଭାବେ ଦେଶଦ୍ରୋହୀ କହିବା ଅଶୋଭନୀୟ।

ସରକାର ସବୁବେଳେ ସ୍ୱଚ୍ଛ ହେବା ଦରକାର। ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ କହିଥିଲେ ଯେ ଲୋକଙ୍କୁ ମାଗଣାରେ ଅର୍ଥ, ଖାଦ୍ୟଶସ୍ୟ କିମ୍ବା ଅନ୍ୟ କୌଣସି ଦ୍ରବ୍ୟ ଯୋଗାଣ ଦେଶର ବିକାଶ ପରିପନ୍ଥୀ। ଏବେ ଆମେ ଦେଖୁଛେ ସରକାରମାନେ ମାଗଣାରେ ସବୁକିଛି ଦାନ କରୁଛନ୍ତି। ମାଗଣା ଖାଦ୍ୟ ଶସ୍ୟ, ବାର୍ଦ୍ଧକ୍ୟ ଭତ୍ତା, ମହିଳାଙ୍କୁ ନଗଦ ଅର୍ଥ ଯୋଜନା ଦେଶ ପ୍ରଗତିର ବାଧକ। ଅବଶ୍ୟ ଅତିବୃଦ୍ଧ, ଅସହାୟ, ଭୂମିହୀନମାନଙ୍କୁ ମୌଳିକ ସୁବିଧା ଯୋଗାଇ ଦେବା ଗୋଟିଏ କଲ୍ୟାଣକାରୀ ରାଷ୍ଟ୍ରର ପ୍ରାଥମିକତା ହେବା ଉଚିତ। କିନ୍ତୁ ନିର୍ବାଚନକୁ ଦୃଷ୍ଟିରେ ରଖି ଅର୍ଥ ଓ ଉପହାର ପ୍ରଦାନ ନିନ୍ଦନୀୟ। ବିହାର ନିର୍ବାଚନ ପୂର୍ବରୁ ୨୦୨୫ ସେପ୍ଟେମ୍ବର ୨୬ ତାରିଖରେ ସେ ରାଜ୍ୟର ମହିଳାଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଦଶହଜାର ଟଙ୍କାର ସହାୟତା ରାଶି ଦିଆଗଲା। ଏହା କ'ଣ ଦେଶହିତକର କାର୍ଯ୍ୟର ନମୁନା? ବାସହୀନକୁ ବାସଗୃହ, ବୁଭୁକ୍ଷୁକୁ ଅନ୍ନଦାନ, ଏସବୁ ଯେକୌଣସି ସରକାରର ଉତ୍ତମ କାର୍ଯ୍ୟାବଳୀର ଅଂଶବିଶେଷ। ଏହାକୁ ସମାଲୋଚନା କରିବାର କ୍ଷମତା କାହାର ନାହିଁ। କିନ୍ତୁ ଭୋଟବେଳେ ଅର୍ଥଦାନର ଦୁରଭିସନ୍ଧି ଥାଏ ଯେ ବିପୁଳ ଭୋଟ ପାଇ ଜୟଯୁକ୍ତ ହେବା। ଶିକ୍ଷିତ ଅଶିକ୍ଷିତ ନିର୍ବିଶେଷରେ ଭୁଲ ଯେ କେହି କରିପାରେ। ଏହା ବୁଝିବା ଦରକାର। ●


ସିଦ୍ଧଳ(ଜଗତସିଂହପୁର),
ମୋ: ୯୯୩୭୪୫୦୫୪୦


# ସୃଜନଶୀଳତାର ଯୁଗଳବନ୍ଦୀ

ବିଜୟାନନ୍ଦ ଶତପଥୀ

ହିନ୍ଦୀ ସାହିତ୍ୟରେ ଏମିତି ଏକ ଦୋହା ରହିଛି, ଯାହା ଦୁଇ ମହାକବିଙ୍କ ମଧ୍ୟରେ ମାନସିକ ସହ-ସୃଜନଶୀଳତାର ଯୁଗଳବନ୍ଦୀ ସର୍ଜନା କରିଥିଲା। ଏହାର ପ୍ରାମାଣିକତା କେତେଦୂର ସତ୍ୟ ତାହା ନିଶ୍ଚିତ ନୁହେଁ, କିନ୍ତୁ ସେହି ମାର୍ମିକ ରଚନାର ପୁନଃ ମନନ ନିମନ୍ତେ ଏହି ସନ୍ଦର୍ଭଟି ଉପସ୍ଥାପିତ ହୋଇଛି। ଏହି ଦୋହାର ସୃଷ୍ଟି ପଛରେ ଏକ ଅତ୍ୟନ୍ତ ସୁନ୍ଦର ଓ ଅଦ୍ଭୁତ ପ୍ରସଙ୍ଗ ଲୁଚିରହିଛି, ଯାହା ଆକବରଙ୍କ ଭଳି ଜଣେ ମୋଗଲ ବାଦଶାହାଙ୍କ ହିନ୍ଦୁ ସନ୍ଥଙ୍କ ପ୍ରତି ରହିଥିବା ଶ୍ରଦ୍ଧା, ଉଦାରତା, ଅନ୍ୟ ଧର୍ମ ପ୍ରତି ସମ୍ମାନର ପ୍ରମାଣ ଦିଏ। ଏହି ପ୍ରସଙ୍ଗ ଉଭୟ ହିନ୍ଦୁ ଏବଂ ମୁସଲମାନ ସମ୍ପ୍ରଦାୟ ମଧ୍ୟରେ ମାନସିକ, ବୌଦ୍ଧିକ ଓ ଆତ୍ମିକ ସହସମ୍ବନ୍ଧକୁ ଦୃଢ଼କରେ। ତତସହିତ ସାହିତ୍ୟପ୍ରେମୀଙ୍କ ରୋମାବଳିରେ ଅପୂର୍ବ ପୁଲକ ସୃଷ୍ଟି କରେ। ଏହି ପ୍ରସଙ୍ଗ ଏହା ମଧ୍ୟ ସାବ୍ୟସ୍ତ କରେ ଯେ, ସାହିତ୍ୟ ହେଉଛି ମଣିଷ ସହ ମଣିଷକୁ ଯୋଡ଼ିବାର ଏକ ମାଧ୍ୟମ ଏବଂ ପୂର୍ବକାଳରେ କିପରି ଜାତି-ଧର୍ମ-ବର୍ଣ୍ଣ ନିର୍ବିଚାରରେ ସାହିତ୍ୟ ମେଧାବୀମାନଙ୍କ ମଧ୍ୟରେ ମାଧୁର୍ଯ୍ୟପୂର୍ଣ୍ଣ ସମ୍ବନ୍ଧ ସ୍ଥାପନ ହୋଇପାରିଥିଲା।

ପଞ୍ଚଦଶ ଶତକର ଉତ୍ତରାର୍ଦ୍ଧ ଓ ଷୋଡ଼ଶ ଶତକର ପ୍ରଥମାର୍ଦ୍ଧରେ ଜନବସତିରୁ ଦୂରରେ ଚିତ୍ରକୂଟରେ ନିସଙ୍ଗବାସରେ ଥିଲେ ଗୋସ୍ୱାମୀ ତୁଳସୀ ଦାସ। ଇଷ୍ଟ ଶ୍ରୀରାମଙ୍କ ଗାଥା ବର୍ଣ୍ଣନା କରି ସେ ସମୟରେ ସେ 'ଶ୍ରୀରାମଚରିତ ମାନସ' ରଚନା କରୁଥା'ନ୍ତି। ଗ୍ରନ୍ଥର ନିର୍ବିଘ୍ନ ପରିସମାପ୍ତି ନିମନ୍ତେ ସେ ନିଜର ଅବସ୍ଥାନ ଅତ୍ୟନ୍ତ ଗୋପନ ରଖିଥିଲେ। କିନ୍ତୁ ସତ୍‌କର୍ମର ସୁଗନ୍ଧ କେବେ ଲୁଚି ରହିପାରେ ନାହିଁ। 'ଶ୍ରୀରାମଚରିତ ମାନସ' ଗ୍ରନ୍ଥର ପ୍ରଶସ୍ତି ଶୁଣି ପ୍ରତିଭା ଓ ଯୋଗ୍ୟତାର ମୂଲ୍ୟ ବୁଝୁଥିବା ଆକବର ଗୋସ୍ୱାମୀ ତୁଳସୀ ଦାସଙ୍କୁ ଭେଟିବାକୁ ଅତ୍ୟନ୍ତ ବ୍ୟଗ୍ର ହୋଇ ଉଠିଲେ। କିନ୍ତୁ ତୁଳସୀ ଦାସଙ୍କୁ ବାଦ୍‌ଶାହାଙ୍କ ଗୁପ୍ତଚରମାନେ ମଧ୍ୟ ସନ୍ଧାନ କରିପାରୁ ନଥିଲେ।

ଆକବରଙ୍କ ମନ୍ତ୍ରୀ ବୈରାମ ଖାଁଙ୍କର ପୁତ୍ର ରହିମ୍ ସେ ସମୟର ଜଣେ ଉଚ୍ଚକୋଟୀର ହିନ୍ଦୀ ସାହିତ୍ୟିକ ଥିଲେ। ରହିମ୍‌ଙ୍କ ରଚିତ ଦୋହା ଏବଂ ତାଙ୍କ କାବ୍ୟପ୍ରତିଭା ସମ୍ପର୍କରେ ଆକବର ସଚେତନ ଥିଲେ। ବାଦ୍‌ଶାହାଙ୍କର ମନକୁ ଆସିଲା, ଗୋସ୍ୱାମୀ ତୁଳସୀ ଦାସଙ୍କୁ ରହିମ୍ ହିଁ ଠାବ କରିବାରେ ସମର୍ଥ ହେବେ। ତେଣୁ ଆକବର ଏହି ଦାୟିତ୍ୱ ରହିମଙ୍କୁ ଦେଲେ। ସଂଯୋଗବଶତଃ ସେ ସମୟରେ ବାଦଶାହ ହାତୀପିଠିରେ ବସି ଭ୍ରମଣ କରୁଥିଲେ। ମଝିରେ ମଝିରେ ହାତୀଟି ଥୋରପାହାରରେ ଭୂମିରୁ ଧୂଳି ନେଇ ନିଜ ମଥା ଉପରେ ଢାଳୁଥିଲା। ତାହାକୁ ଲକ୍ଷ୍ୟକରି ରହିମଙ୍କ ମନରେ ଏକ ପ୍ରଶ୍ନମୂଳକ ପଂକ୍ତି ଉଦ୍ରେକ ହେଲା। ସେହି ଆଧାରରେ ସେ ଏକଧାଡ଼ି ବିଶିଷ୍ଟ ଏକ ଦୋହା ରଚନା କରି ଘୋଷଣା କଲେ ଯେ 'ଦୋହାର ଅପର ଧାଡ଼ି ଯେଉଁ ବିଦ୍ୱାନ ପୂରଣ କରିବେ ତାଙ୍କୁ ଏକଶତ ସ୍ୱର୍ଣ୍ଣମୁଦ୍ରା ପୁରସ୍କାର ମିଳିବ। ରହିମ୍ ରଚନା କରିଥିବା ଦୋହାର ପ୍ରଥମ ଧାଡ଼ିଟି ଥିଲା - 'ଧୂରି ଧରତ ଗଜ ଶୀଶ ପର, କହି ରହିମ କେହି କାଜ?' ରହିମଙ୍କ ପୂର୍ଣ୍ଣ ବିଶ୍ୱାସ ଥିଲା ଯେ କେବଳ ସନ୍ଥ ତୁଳସୀ ହିଁ ତାଙ୍କ ମନବୋଧ ହେବା ଭଳି ଦ୍ୱିତୀୟ ଧାଡ଼ିଟି ରଚନା କରିପାରିବେ।

ଏହି ପ୍ରତିଯୋଗିତାର ଖବର ସାରା ଦେଶରେ ପ୍ରଚାରିତ ହୋଇଗଲା। ଅନେକ ବିଦ୍ୱାନ ଆସି ଏହି ପ୍ରଶ୍ନୋତ୍ତର ସମ୍ବଳିତ ପ୍ରତିଯୋଗିତାରେ ଅଂଶଗ୍ରହଣ କଲେ, ମାତ୍ର କେହି ରହିମଙ୍କୁ ସନ୍ତୋଷ କରିପାରିଲେ ନାହିଁ। ଚିତ୍ରକୂଟରେ ଏକ ଗରିବ ବ୍ରାହ୍ମଣ ପରିବାର ବାସ କରୁଥିଲେ। ସେ କାଠ ହାଣି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କର ଦୁଇଟି କନ୍ୟା ବିବାହଯୋଗ୍ୟା ହୋଇଥିଲେ ମଧ୍ୟ ଅର୍ଥାଭାବରୁ ବିବାହ ସମ୍ପନ୍ନ କରି ପାରୁ ନଥିଲେ। ଦିନେ ବ୍ରାହ୍ମଣ ଜଣକ ମହାତ୍ମା ତୁଳସୀ ଦାସଙ୍କୁ ଆଶ୍ରମରେ ଭେଟି ରହିମ୍‌ଙ୍କ ଦୋହା ଓ ପୁରସ୍କାର ବିଷୟରେ ଜଣାଇ ତାଙ୍କର ସାହାଯ୍ୟ ଭିକ୍ଷା କଲେ। ଦ୍ୱିତୀୟ ଧାଡ଼ିଟି ଲେଖିଦେଲେ ତାହାକୁ ରାଜ ଦରବାରରେ ଉପସ୍ଥାପନ କରି ଏକଶତ ସ୍ୱର୍ଣ୍ଣମୁଦ୍ରା ପାଇପାରିବେ ଏବଂ ସେଥିରେ ତାଙ୍କର କନ୍ୟାମାନଙ୍କର ବିବାହ ସମ୍ପନ୍ନ ହୋଇପାରିବ ବୋଲି ବ୍ରାହ୍ମଣ ମହାତ୍ମା ତୁଳସୀ ଦାସଙ୍କୁ ଅନୁରୋଧ କଲେ। କିନ୍ତୁ ଏହି ପ୍ରତିଯୋଗିତା ପଛରେ କିଛି ଚାଲ ରହିଥିବା ଅନୁମାନ କରି ସନ୍ଥ ତୁଳସୀ ଦାସ କହିଲେ, 'ହେ ବ୍ରାହ୍ମଣ ଦେବତା! ତୁମେ ଯଦି ନିଜେ ଏହି ସମାଧାନ ସୂଚକ ଦୋହାଟି ଲେଖିଛ ବୋଲି କହିବ ତେବେ ଏହା ମୁଁ ତୁମ ପାଇଁ ରଚନା କରିଦେବି।' ବ୍ରାହ୍ମଣ ଏହି କଥାରେ ରାଜି ହେଲେ ଏବଂ ସନ୍ଥ ବ୍ରାହ୍ମଣଙ୍କ ପାଇଁ ପର ପଦ ଦୋହା ଲେଖିଦେଲେ। ପର ପଦ ଦୋହାଟି ଏମିତି ଥିଲା - 'ଯେହି ରଜ ମୁନି ନାରୀ ତରୀ, ତେହି ଧୁଣ୍ଡତ ଗଜରାଜ।' ଏବେ ସଂପୂର୍ଣ୍ଣ ଦୋହାଟି ଏମିତି ହେଲା - 'ଧୂରି ଧରତ ଗଜ ଶୀଶ ପର, କହି ରହିମ କେହି କାଜ? ଯେହି ରଜ ମୁନି ନାରୀ ତରୀ, ତେହି ଧୁଣ୍ଡତ ଗଜରାଜ।'

ବହୁକଷ୍ଟରେ ସେ ଗରିବ ବ୍ରାହ୍ମଣ ବାଦଶାହ ଆକବରଙ୍କ ରାଜସଭାରେ ଦୋହାଟି ସ୍ପଷ୍ଟ ଉପସ୍ଥାପନ କଲେ। ଏହି ପଦଟି ଶୁଣିବା ପରେ ରହିମ ଆନନ୍ଦରେ ଅଧୀର ହୋଇ ଉଠିଲେ। କିନ୍ତୁ ତାଙ୍କ ମନରେ ସନ୍ଦେହ ହେଲା। ରହିମ୍ ଯେତେବେଳେ ବ୍ରାହ୍ମଣଙ୍କୁ ଦଣ୍ଡ ଦେବାର ଭୟ ଦେଖାଇଲେ ସେ ଏହା ସନ୍ଥ ତୁଳସୀ ଦାସଙ୍କ ରଚନା ବୋଲି କହିଲେ। ବ୍ରାହ୍ମଣଙ୍କୁ ଯଥେଷ୍ଟ ଧନ ସମ୍ପଦ ପୁରସ୍କାର ଦିଆଯିବା ପରେ ସେ ବାଦଶାହ ଆକବରଙ୍କ ସହ ସନ୍ଥ ତୁଳସୀ ଦାସଙ୍କର ସାକ୍ଷାତ କରାଇଦେଲେ। ଉଭୟ ରହିମ ଓ ଆକବର ସନ୍ଥ ତୁଳସୀଙ୍କ ଦର୍ଶନ କରି ଖୁସି ହେଲେ, ସେ ତୁଳସୀଙ୍କ ଗ୍ରନ୍ଥ ରଚନାରେ କେହି ପ୍ରତିବନ୍ଧକ ସୃଷ୍ଟି କରିବେ ନାହିଁ ବୋଲି ଆଶ୍ୱାସନା ଦେଲେ।

ଏବେ ଏହି ଦୋହାର ଅର୍ଥ ଜାଣିବା। 'ଧୂରି ଧରତ ଗଜ ଶୀଶ ପର, କହି ରହିମ କେହି କାଜ?' ଏହି ଦୋହାରେ ରହିମ କହୁଛନ୍ତି, 'କେଉଁ କାରଣରୁ ଏ ହାତୀ ନିଜ ମସ୍ତକରେ ଧୂଳି ଢାଳୁଛି?' ଦ୍ୱିତୀୟ ଧାଡ଼ି - 'ଯେହି ରଜ ମୁନି ନାରୀ ତରୀ, ତେହି ଧୁଣ୍ଡତ ଗଜରାଜ' ରେ ସନ୍ଥ ତୁଳସୀ ଉତ୍ତର ଦେଉଛନ୍ତି, 'ଯେଉଁ ଧୂଳି ସ୍ପର୍ଶରେ ଗୌତମ ମୁନିଙ୍କ ନାରୀ ପଥର ରୂପରୁ ସ୍ୱରୂପ ପ୍ରାପ୍ତ ହୋଇଥିଲେ ସେହି ଧୂଳି ଏହି ଧୂଳି କି ନୁହେଁ ସେ କଥା ପରୀକ୍ଷା କରିବା ପାଇଁ ଗଜ ନିଜ ମଥାରେ ଏ ଧୂଳି ଢାଳୁଛି।' ଗୋଟିଏ ପଦରେ ରହିମଙ୍କ ପ୍ରଶ୍ନ ଓ ଅପର ପଦରେ ସନ୍ଥ ତୁଳସୀଙ୍କ ସମାଧାନ ଏକ ପାରସ୍ପରିକ ସାରସ୍ୱତ ଯୁଗଳବନ୍ଦୀ ସୃଜନ ଥିଲା, ଯାହା ପରସ୍ପର ପ୍ରତି ସ୍ନେହ, ଶ୍ରଦ୍ଧା ଓ ସମ୍ମାନକୁ ପ୍ରଦର୍ଶିତ କରୁଥିଲା। ●


(ଦର୍ଶନାଧ୍ୟାପକ,
ଦଧିବାମନ ସଂସ୍କୃତ ମହାବିଦ୍ୟାଳୟ, କୁରାଳ)


# ବେଙ୍ଗ ମନ୍ଦିର

## ବିଚିତ୍ର ବିଶ୍ୱାସ

ଓଜସ୍ୱିନୀ

ବେଦ ଉପନିଷଦରୁ ଆରମ୍ଭ କରି ବିଭିନ୍ନ ସଭ୍ୟତା ପର୍ଯ୍ୟନ୍ତ ମଣ୍ଡୁକ ବା ବେଙ୍ଗ ସମ୍ପର୍କିତ ଅନେକ ବର୍ଣ୍ଣନା ରହିଛି। ଅନେକ ଦେଶର ସଂସ୍କୃତି ଓ ପରମ୍ପରାରେ ମଧ୍ୟ ବେଙ୍ଗ ପୂଜନର ବିଧି ପ୍ରଚଳିତ। ପେଙ୍ଗସୁଇ ତତ୍ତ୍ୱରେ ଆର୍ଥିକ ଉନ୍ନତି ପାଇଁ ବେଙ୍ଗକୁ ବହୁତ ପ୍ରାଧାନ୍ୟ ଦିଆଯାଇଛି। ଭାରତରେ ମଧ୍ୟ ବିଭିନ୍ନ କାର୍ଯ୍ୟର ସିଦ୍ଧି ପାଇଁ ବେଙ୍ଗକୁ ପୂଜାର୍ଚ୍ଚନା କରାଯିବା ସହ ବେଙ୍ଗ ପାଇଁ ସମର୍ପିତ ଗୋଟିଏ ମନ୍ଦିର ମଧ୍ୟ ଅଛି।

ଉତ୍ତର ପ୍ରଦେଶର ଲଖିମ୍‌ପୁର ଖିରି ଜିଲ୍ଲାସ୍ଥିତ ଓୟଲ୍ ଅଞ୍ଚଳରେ ବେଙ୍ଗ ପାଇଁ ସମର୍ପିତ ଏହି ବିଶେଷ ମନ୍ଦିର ଅଛି। ପ୍ରାୟ ୨୦୦ ବର୍ଷ ପୁରୁଣା ଏହି ମନ୍ଦିରର ବିଶେଷତ୍ୱ ହେଉଛି ଏହା ଗୋଟିଏ ବିଶାଳ ପଥର ବେଙ୍ଗର ପିଠି ଉପରେ ଅବସ୍ଥିତ। ବେଙ୍ଗର ମୁଖ ଉତ୍ତର ଦିଗକୁ ରହିଥିବା ବେଳେ ପଛଭାଗ ଦକ୍ଷିଣ ଦିଗକୁ ଅଛି। ଦୁଇଟି ଗୋଡ଼ ପୂର୍ବଦିଗକୁ ଏବଂ ଅନ୍ୟ ଦୁଇଟି ଗୋଡ଼ ପଶ୍ଚିମ ଦିଗକୁ ରହିଛି। ବେଙ୍ଗର ପିଠି ଉପରେ ସୁଉଚ୍ଚ ଅଷ୍ଟକୋଣୀୟ ପିଣ୍ଡି ନିର୍ମାଣ କରାଯାଇଛି, ଯାହାକି ଦେଖିବାକୁ ଶ୍ରୀଯନ୍ତ୍ର ଭଳି। ଗର୍ଭ ଗୃହକୁ ଯିବା ପାଇଁ ସିଡ଼ି ନିର୍ମାଣ ହୋଇଛି। ଗର୍ଭଗୃହରେ ଧଳା ମାର୍ବଲ୍ ପଥରରେ ପ୍ରାୟ ୩ଫୁଟ ଉଚ୍ଚ ଶକ୍ତିସ୍ଥଳ ନିର୍ମାଣ କରାଯାଇଛି, ଯାହା ଉପରେ ଶିବଲିଙ୍ଗ ବିରାଜମାନ ଅଛନ୍ତି। ଉକ୍ତ ଶକ୍ତିସ୍ଥଳରେ ସହସ୍ରଦଳ ପଦ୍ମଫୁଲର ଆକୃତି ଦେଖିବାକୁ ମିଳିଥାଏ। ଗର୍ଭଗୃହର ଦ୍ୱାର ପୂର୍ବ ଦିଗକୁ ରହିଥିବା ବେଳେ ଗର୍ଭଗୃହ ବାହାରେ ପରିକ୍ରମା ମାର୍ଗ ଅଛି। ଶିବଲିଙ୍ଗ ଉପରେ ଅର୍ପିତ ଦୁଗ୍ଧ ଓ ଜଳ ଭୂତଳ ନାଳ ପଟେ ଆସି ବେଙ୍ଗର ମୁହଁରୁ ବାହାରିଥାଏ, ଯାହାକୁ ଭକ୍ତମାନେ ଶିବ ପାଦୁକା ଭାବେ ଗ୍ରହଣ କରିଥା'ନ୍ତି।

ଏହା ବିଶ୍ୱର ଏକମାତ୍ର ମନ୍ଦିର, ଯେଉଁଠି ମହାଦେବ ବେଙ୍ଗପୃଷ୍ଠରେ ବିରାଜମାନ କରିଛନ୍ତି। ଏହି ମନ୍ଦିରକୁ ଓୟଲ୍‌ର ରାଜା ବଖ୍‌ସ ସିଂ ପ୍ରାକୃତିକ ବିପର୍ଯ୍ୟୟରୁ ରାଜ୍ୟ ଓ ପ୍ରଜାଙ୍କ ସୁରକ୍ଷା ପାଇଁ ନିର୍ମାଣ କରିଥିଲେ। ବିଶ୍ୱାସ ରହିଛି ଯେ, ଏହି ମନ୍ଦିରରେ ପୂଜାର୍ଚ୍ଚନା କଲେ ପ୍ରାକୃତିକ ବିପର୍ଯ୍ୟୟର ବିପଦ ରହେ ନାହିଁ। ଓୟଲ୍ ରାଜବଂଶ ଶୈବ ଉପାସକ ଥିବାରୁ ମନ୍ଦିର ଭିତରେ ପୂଜା ପାଉଥିବା ଶିବଲିଙ୍ଗ ମଣ୍ଡୁକଯନ୍ତ୍ର ଉପରେ ଉପବିଷ୍ଟ ଅଛନ୍ତି। କୁହାଯାଏ ଯେ, ଏହି ମନ୍ଦିରର ବାସ୍ତୁ ପରିକଳ୍ପନା କପିଳା ନାମକ ଜଣେ ମହାନ ତାନ୍ତ୍ରିକଙ୍କ ଦ୍ୱାରା କରାଯାଇଥିଲା। ତେଣୁ ମାଣ୍ଡୁକ୍ୟ ତନ୍ତ୍ର ଦ୍ୱାରା ମନ୍ଦିରର ନିର୍ମାଣ ଶୈଳୀ ଯୋଗୁଁ ଭକ୍ତ ଆକର୍ଷିତ ହୋଇ ଆସିଥା'ନ୍ତି। ସାଧାରଣ ଦିନ ଅପେକ୍ଷା ଦୀପାବଳି ଏବଂ ଶିବରାତ୍ରି ଦିନ ଏହି ମନ୍ଦିରରେ ଅଧିକ ଜନଗହଳି ଦେଖାଯାଏ। ଏହି ମନ୍ଦିରର ବିଶେଷତ୍ୱ ହେଉଛି, ଏହି ଶିବଲିଙ୍ଗର ରଙ୍ଗ ଗୋଟିଏ ଦିନରେ ଦୁଇଥର ପରିବର୍ତ୍ତନ ହୋଇଥାଏ। ଏହି ମନ୍ଦିରର ଆଉ ଏକ ବିଶେଷତ୍ୱ ହେଉଛି ଅନ୍ୟ ଶୈବପୀଠରେ ନନ୍ଦୀ ବସିଥିବା ଅବସ୍ଥାରେ ଦେଖିବାକୁ ମିଳୁଥିବା ବେଳେ ଏଠାରେ ଥିବା ନନ୍ଦୀଙ୍କ ମୂର୍ତ୍ତି ଦଣ୍ଡାୟମାନ ସ୍ୱରୂପରେ ନିର୍ମାଣ କରାଯାଇଛି। ତନ୍ତ୍ର ଅନୁସାରେ ବେଙ୍ଗ ହେଉଛି ସମୃଦ୍ଧି, ସୌଭାଗ୍ୟ, ପ୍ରଜନନ ଓ କ୍ଷମତାର ପ୍ରତୀକ। ତେଣୁ ଏହି ବେଙ୍ଗ ମନ୍ଦିର ଓୟଲ୍ ରାଜବଂଶର ପୂଜାର୍ଚ୍ଚନାର କେନ୍ଦ୍ରସ୍ଥଳୀ ଥିଲା। ବର୍ତ୍ତମାନ ଏହି ମନ୍ଦିରକୁ ଉତ୍ତର ପ୍ରଦେଶର ନର୍ମଦେଶ୍ୱର ମନ୍ଦିର ବୋଲି କୁହାଯାଉଛି।

ବର୍ତ୍ତମାନ ସମୟରେ ଭକ୍ତମାନେ ଆର୍ଥିକ କଷ୍ଟ ଦୂର, ଋଣମୁକ୍ତ ହେବା ଓ ନୂତନ ବ୍ୟବସାୟରେ ଆର୍ଥିକ ଉନ୍ନତି କାମନା କରି ଏହି ମନ୍ଦିରକୁ ଆସି ମହାଦେବ ଏବଂ ବେଙ୍ଗକୁ ବିଶେଷ ପୂଜାର୍ଚ୍ଚନା କରିଥା'ନ୍ତି। ବିଶ୍ୱାସ ରହିଛି ଯେ, ନିଷ୍ଠାର ସହିତ ପୂଜାର୍ଚ୍ଚନା ପରେ ଖୁବ୍ ଅଳ୍ପଦିନରେ ସମସ୍ତ ଆର୍ଥିକ ସମସ୍ୟା ଦୂର ହୋଇଯାଏ। ମହାଦେବଙ୍କ ସହିତ ବେଙ୍ଗ ପୂଜା କଲେ ଅନ୍ୟାନ୍ୟ ମନସ୍କାମନା ମଧ୍ୟ ଅବିଳମ୍ବେ ପୂରଣ ହୋଇଥାଏ ବୋଲି ସ୍ଥାନୀୟ ଲୋକମାନଙ୍କ ଅନୁଭବରୁ ଜାଣିବାକୁ ମିଳେ। (କ୍ରମଶଃ) ●


ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩


## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ




ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପୂର୍ବତନ ବିଧାୟକ କୁଳମଣି ରାଉତଙ୍କ ପରଲୋକ

ଡେରାବିଶ/ପଞ୍ଚୁପାଣ୍ଡବ, ୧୫।୧(ସମିସ): ବରୀ-ଡେରାବିଶର ପୂର୍ବତନ ବିଧାୟକ କୁଳମଣି ରାଉତ (୭୮)ଙ୍କ ଆଜି ଭୁବନେଶ୍ୱରସ୍ଥ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ଚିକିତ୍ସିତ ହୋଇଆସୁଥିଲେ। ତାଙ୍କ ପରଲୋକରେ ଡେରାବିଶ ବ୍ଲକ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀର ବ୍ଲକ ଅଧୀନସ୍ଥ ଚାନ୍ଦୋଳ ଫାଣ୍ଡି ଛକରେ ଅପେକ୍ଷାରତ ଜନସାଧାରଣ ତାଙ୍କୁ ଶେଷ ଦର୍ଶନ କରିବା ପାଇଁ ଭିଡ଼ ଜମାଇଥିଲେ। ପରେ ଏକ ଶୋଭାଯାତ୍ରାରେ ବିଭିନ୍ନ ପଞ୍ଚାୟତକୁ ନିଆଯାଇ ରାତିରେ ବ୍ଲକ୍ ଅନ୍ତର୍ଗତ କୁରୁଜଙ୍ଗା ପଞ୍ଚାୟତର ଶଙ୍କରପୁରସ୍ଥ ତାଙ୍କ ବାସ ଭବନରେ ପହଞ୍ଚିଥିଲା ଓ ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।



ସ୍ୱର୍ଗତ ରାଉତ କେବଳ ବ୍ଲକ ଅଞ୍ଚଳ ନୁହେଁ ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାରେ ଜଣେ ବନ୍ଧୁ ବତ୍ସଳ, ପରୋପକାରୀ, ଅମାୟିକ ବ୍ୟକ୍ତିତ୍ୱ ଭାବେ ପରିଚିତ ଥିଲେ। ୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ ସେ ତତ୍କାଳୀନ ବରୀ-ଡେରାବିଶ ନିର୍ବାଚନମଣ୍ଡଳୀର ବିଧାୟକ ଭାବେ ନିର୍ବାଚିତ ହୋଇ ବହୁ ଲୋକାଭିମୁଖୀ କାର୍ଯ୍ୟ କରିଥିଲେ। ଆଜି ତାଙ୍କ ବିୟୋଗ ଖବର ପାଇ ବରିଷ୍ଠ ବିଜେଡି ନେତା ରବି ସାମଲ, ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର, ବରିଷ୍ଠ କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଓ ଦେବାଶିଷ ନାୟକ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, କଂଗ୍ରେସ ନେତା ଜୟନ୍ତ ମହାନ୍ତି, ଡେରାବିଶ ବ୍ଲକ ଅଧ୍ୟକ୍ଷା ପ୍ରଭାତୀ ମଲିକ, ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ସମାଜସେବୀ ସୁଖଦାନନ୍ଦ ପ୍ରଧାନ, ଉମେଶ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ପୂର୍ବତନ ମନ୍ତ୍ରୀ ତଥା ଆଳି ବିଧାୟକ ପ୍ରତାପ କେଶରୀ ଦେବ, କେନ୍ଦ୍ରପଡା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ମାହାଙ୍ଗା ବ୍ଲକର ପୂର୍ବତନ ଅଧ୍ୟକ୍ଷ କିଶୋର ସିଂହ, ବରିଷ୍ଠ ବିଜେଡି ନେତା ହଳଧର ଦାଶ, ମହେନ୍ଦ୍ର ସିଂହ, ରାଜେଶ ପଣ୍ଡା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

# ସୁନା ବ୍ୟବସାୟୀଙ୍କୁ ଆୟକର ବିଭାଗର ଜେରା

କଟକ,୧୫।୧(ସମିସ): କଟକ ସୁନା ବଜାରରେ ଆୟକର ବିଭାଗର ବଡ଼ଧରଣର ଚଢ଼ଉ କରିଛି। ଗତକାଲି ପୁରୀଘାଟ ଥାନା ସମ୍ମୁଖସ୍ଥ ଚେକିଂରେ ୪୦ ଲକ୍ଷ ଟଙ୍କା ଜବତ ମାମଲାରେ ସୁନା ବ୍ୟବସାୟୀଙ୍କୁ ଅଟକ ରଖାଯାଇଛି। ପୁରୀଘାଟ ଥାନା ପରିସରରେ ଆୟକର ବିଭାଗର ଏକ ୩ ଜଣିଆ ଉଚ୍ଚସ୍ତରୀୟ ଟିମ୍ କୋଲକାତାର ବ୍ୟବସାୟୀ ମିଲନ ଆଦିକଙ୍କୁ ଦୀର୍ଘ ସମୟ ଧରି ଜେରା କରିଛନ୍ତି। ଏହି ଘଟଣାରେ କଟକର ତାରକନାଥ ସାହାଙ୍କୁ ପୁଲିସ କିମ୍ବା ଆୟକର ବିଭାଗ ଧରି ପାରିନାହିଁ। ଦେଇଥିଲା। ଏହି ମାମଲାରେ ସବୁଠାରୁ ରହସ୍ୟଜନକ ଦିଗ ହେଉଛି ବ୍ୟବସାୟୀ ତାରକନାଥ ସାହାଙ୍କ ଆଭିମୁଖ୍ୟ। ଆୟକର ବିଭାଗ ପକ୍ଷରୁ ତାଙ୍କୁ ହାଜର ହେବା ପାଇଁ ବାରମ୍ବାର ନୋଟିସ ଜାରି କରାଯାଇଥିଲେ ହେଁ, ସେ ଏପର୍ଯ୍ୟନ୍ତ ତଦନ୍ତରେ ସହଯୋଗ କରିନାହାନ୍ତି କିମ୍ବା କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ଦେଖା ଦେଇନାହାନ୍ତି। ଏହି ନିରବତା ଏବେ ଅନେକ ପ୍ରଶ୍ନ ସୃଷ୍ଟି କରିଛି। ସେ କ'ଣ ନିଜର ବେଆଇନ କାରବାର ଧରାପଡ଼ିବା ଭୟରେ ଲୁଚିଛନ୍ତି କି? କୋଲକାତାରୁ କଟକକୁ

## ୪୦ ଲକ୍ଷ ଜବତ ମାମଲା: ଅଭିଯୁକ୍ତଙ୍କୁ ହସ୍ତାନ୍ତର କଲା ପୁରୀଘାଟ ଥାନା ପୁଲିସ

ସୂଚନା ମୁତାବକ, ମିଲନ ଆଦିକ କୋଲକାତାରୁ ସୁନା ଆଣି କଟକର ପ୍ରତିଷ୍ଠିତ ବ୍ୟବସାୟୀ ତାରକନାଥ ସାହାଙ୍କୁ ହସ୍ତାନ୍ତର କରିଥିଲେ। ଏହାର ପ୍ରତିବଦଳରେ ସେ ୪୦ ଲକ୍ଷ ଟଙ୍କାର ନଗଦ ଅର୍ଥ ନେଇ ଫେରୁଥିବା ବେଳେ ପୁରୀଘାଟ ପୁଲିସର ନିୟମିତ ଯାଞ୍ଚ ସମୟରେ ଧରାପଡ଼ିଥିଲେ। ପୁଲିସ ଯେତେବେଳେ ଏତେ ପରିମାଣର ଅର୍ଥ ପାଇଁ ବୈଧ କାଗଜପତ୍ର ମାଗିଥିଲା, ମିଲନ ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ। ଫଳରେ ପୁଲିସ ଟଙ୍କା ଜବତ କରିବା ସହ ତାଙ୍କୁ ଅଟକ ରଖି ଆୟକର ବିଭାଗକୁ ଖବର ହେଉଥିବା ଏହି ସୁନା ପରିବହନ କ'ଣ ବେଆଇନ ଉପାୟରେ ହେଉଛି? ଆୟକର ବିଭାଗ ଏବେ କେବଳ ଏହି ୪୦ ଲକ୍ଷ ଟଙ୍କା ଉପରେ ନୁହେଁ, ବରଂ ତାରକନାଥଙ୍କ ପୁରା ବ୍ୟବସାୟିକ ସାମ୍ରାଜ୍ୟ ଉପରେ ନଜର ରଖିଛି। ଟିକସ ନିୟମର ଖୋଲାଖୋଲି ଉଲ୍ଲଂଘନ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ମିଲନ ଆଦିକଙ୍କ ବୟାନରେ ଥିବା ଅସଙ୍ଗତି ବିଭାଗର ସନ୍ଦେହକୁ ଆହୁରି ଦୃଢ଼ କରିଛି। ଯଦି ସୁନା ବ୍ୟବସାୟୀ ଶୀଘ୍ର ହାଜର ନହୁଅନ୍ତି, ତେବେ ଆଗାମୀ ଦିନରେ ତାଙ୍କ ବାସଭବନ ଓ ପ୍ରତିଷ୍ଠାନ ଉପରେ ଚଢ଼ଉ ହେବାର ସମ୍ଭାବନା ରହିଛି।

## ଗଛରେ ପିଟିହେଲା ବାଇକ୍; ୨ ଯୁବକ ମୃତ

ଖଲ୍ଲିକୋଟ,୧୫।୧(ସମିସ): ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ମୁକୁନ୍ଦପୁର ଛକରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ଜୀବନ ଯାଉଛି। ଭାରସାମ୍ୟ ହରାଇ ଏକ ବାଇକ୍ ରାସ୍ତା କଡ଼ରେ ଥିବା ଏକ ଗଛରେ ପିଟି ହେବାରୁ ଦୁଇ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖଲ୍ଲିକୋଟ ଥାନା କେଶପୁର ପାଟଣା ସାହିର ଶୁଭମ୍ ସାହୁ ଓ ଅମିତ୍ ସାହୁ।

ଗୁରୁବାର ସନ୍ଧ୍ୟାରେ ଶୁଭମ୍ ଓ ଅମିତ୍ ଏକ ବାଇକ୍‌ରେ ସାନଘାଟି ପଟୁ ଖଲ୍ଲିକୋଟ ଅଭିମୁଖେ ଆସୁଥିବା ବେଳେ ମୁକୁନ୍ଦପୁର ଛକରେ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ଗଛରେ ବାଇକ୍‌ଟି ପିଟି ହୋଇଥିଲା। ଦୁହେଁ ଗଛରେ ପିଟି ହୋଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି ଏକ ଅଟୋରେ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିବାବେଳେ ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଖଲ୍ଲିକୋଟ ପୁଲିସ ମେଡ଼ିକାଲରେ ପହଞ୍ଚି ଶବ ଜବତ କରି ତଦନ୍ତ ଆରମ୍ଭ କରିଛି।

## ■ ସୁବର୍ଣ୍ଣପୁର ଜିଲ୍ଲାରେ ଗୃହରକ୍ଷୀ ନିଯୁକ୍ତିରେ ଅନିୟମିତତା

# ରାଜ୍ୟ ଗୃହ ବିଭାଗକୁ ହାଇକୋର୍ଟଙ୍କ ଜବାବ ତଲବ

କଟକ,୧୫।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲାରେ ଗୃହରକ୍ଷୀ ନିଯୁକ୍ତି ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଅଭିଯୋଗ କରି ଦାୟର ମାମଲାର ଆଜି ପ୍ରାରମ୍ଭିକ ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ମାମଲାରେ ପ୍ରତିପକ୍ଷ ରାଜ୍ୟ ଗୃହ ବିଭାଗ, କେନ୍ଦ୍ରାଞ୍ଚଳ ଆଇଜି, ସୁବର୍ଣ୍ଣପୁର ଏସପିଙ୍କ ସମେତ ଚୟନ ତାଲିକାରେ ସ୍ଥାନିତ ୧୩ ପ୍ରାର୍ଥୀଙ୍କୁ ହାଇକୋର୍ଟ ନୋଟିସ ଜାରି କରି ପକ୍ଷ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆକାଶ ସ' ଓ ଅନ୍ୟ ୭ ଜଣଙ୍କ ତରଫରୁ ଦାୟର ଦୁଇ ମାମଲାର ଏକତ୍ର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସେହିଭଳି ଏହି ଜିଲ୍ଲାରେ ଗୃହରକ୍ଷୀ ନିଯୁକ୍ତି ମାମଲାର ଚୂଡାନ୍ତ ରାୟ ଉପରେ ନିର୍ଭର କରିବ ବୋଲି ହାଇକୋର୍ଟ କହିଛନ୍ତି। ଫେବ୍ରୁଆରୀ ୨୩କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି।

ମାମଲାରୁ ପ୍ରକାଶ ଯେ ସୁବର୍ଣ୍ଣପୁର ଜିଲ୍ଲାରେ ୯୨ଟି ଗୃହରକ୍ଷୀ ପଦ ପୂରଣ ପାଇଁ ୨୦୨୫, ମେ ୧୯ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଜଣେ ପ୍ରାର୍ଥୀ କେବଳ ଗୋଟିଏ ଥାନାରେ ଖାଲିଥିବା ପଦରେ ନିଯୁକ୍ତି ପାଇଁ ଆବେଦନ କରିପାରିବେ ବୋଲି କୁହାଯାଇଥିଲା। ଆବେଦନକାରୀ ସୋନପୁର ଥାନାରେ ଖାଲିଥିବା ୩୦ ପଦ ପାଇଁ ଦରଖାସ୍ତ କରି ଲିଖିତ ପରୀକ୍ଷାରେ ଆବେଦନକାରୀ ଯୋଗ୍ୟତା ଅର୍ଜନ କରିଥିବା ନେଇ ଡିସେମ୍ବର ୩ରେ କର୍ତ୍ତୃପକ୍ଷ ଅବଗତ କରିଥିଲେ। ଆବେଦନକାରୀ ଶାରୀରିକ ପରୀକ୍ଷା ଓ ସାକ୍ଷାତକାର ଦେଇଥିଲେ। ୨୦୨୬, ଜାନୁଆରୀ ୫ରେ ଚୂଡାନ୍ତ ଚୟନ ତାଲିକାରେ ଆବେଦନକାରୀ ସ୍ଥାନ ପାଇ ନଥିଲେ। ସୋନପୁର ଥାନାଞ୍ଚଳ ବାହାରର ୧୩ଜଣ ପ୍ରାର୍ଥୀଙ୍କୁ ଏହି ଥାନାରେ ଖାଲି ଥିବା ପଦ ପାଇଁ ଚୟନ କରାଯାଇଥିବା ଆବେଦନକାରୀ ଅଭିଯୋଗ କରିବା ସହ ଚୟନ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ଆବେଦନକାରୀ ଦର୍ଶାଇଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ସହସ୍ରାଂଶୁ ସୌରଭ ଓ ନିରଞ୍ଜନ ହୋତା ମାମଲା ପରିଚାଳନା କରୁଛନ୍ତି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. EPC-CECONIIIBBS2025031, ତା.14.08.2025ରିଖ ର ଶୁଦ୍ଧିପତ୍ର ସଂ.02

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିରେ ନିମ୍ନବର୍ଣ୍ଣିତ ରୂପାନ୍ତରଣ କରାଯାଇଛି, ଦୟାକରି ଯାହା ପ୍ରତି ଧ୍ୟାନ ଦେବା ଆବଶ୍ୟକ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ପ୍ରକାଶିତ ଅନୁଯାୟୀ (ଶୁଦ୍ଧିପତ୍ର ସଂ.01)- ତା.27.01.2026 ରିଖ 1200 ଘଟିକା, ପଢ଼ାଯିବା ଆବଶ୍ୟକ - ତା.16.02.2026 ରିଖ 1200 ଘଟିକା।

ଅନ୍ୟ ସମସ୍ତ ନିୟମ ଏବଂ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ।

ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ, ଇଚ୍ଛୁକ ଟେଣ୍ଡରଦାତାମାନଙ୍କୁ ୱେବ୍‌ସାଇଟ୍ www.ireps.gov.in ଅବଲୋକନ କରିବାକୁ ପରାମର୍ଶ ଦିଆଯାଉଛି।

ମୁଖ୍ୟ ପ୍ରଶାସନିକ ଅଧିକାରୀ(ନିର୍ମାଣ)/ ଭୁବନେଶ୍ୱର

PR-232/CI/25-26


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଇରାନ ମୁହାଁ...

ସାଗରରୁ ସେଣ୍ଟ୍ରାଲ କମାଣ୍ଡ (ସିଇଏନଟିସିଓଏମ୍) କ୍ଷେତ୍ର ଆଡକୁ ଗତି କରୁଛି। ଏହା ମଧ୍ୟପ୍ରାଚ୍ୟ, ଉତ୍ତରପୂର୍ବ ଆଫ୍ରିକା, କେନ୍ଦ୍ର ଏସିଆ ଓ ଦକ୍ଷିଣ ଏସିଆର ୨୧ଟି ଦେଶକୁ କଭର କରିବ। ଏବେ କିନ୍ତୁ ମଧ୍ୟପ୍ରାଚ୍ୟରେ ଆମେରିକାର କୌଣସି ଷ୍ଟ୍ରାଇକ୍ ଗ୍ରୁପ୍ ମୁତୟନ ହୋଇନାହିଁ। ଏହାପୂର୍ବରୁ ୟୁଏସ୍ଏସ୍ ଆବ୍ରାହାମ ଲିଙ୍କନ ଦକ୍ଷିଣ ଚୀନ ସାଗରରେ ରୁଟିନ ଅପରେସନ କରୁଥିଲା। ଏହି ଗ୍ରୁପ୍‌ରେ ଏକ ସୁପରକ୍ୟାରିୟର, ୩-୬ ବିଧ୍ୱଂସକ, ୧-୨ ବୁଡ଼ାଜାହାଜ, ୭ରୁ ୮ ହଜାର ସୈନ୍ୟ, ୬୫-୭୦ ବିମାନ (ଏଫ୍-୩୫ଏସ୍, ଏଫ/ଏ-୧୮ ଏସ୍) ସାମିଲ ଥିଲା।

ଇତିମଧ୍ୟରେ ତେହରାନରୁ ମିଳିଥିବା ରିପୋର୍ଟ ଅନୁଯାୟୀ ସେଠାରେ ସରକାର ବିରୋଧୀ ବିକ୍ଷୋଭ ଜାରି ରହିଛି। ତେବେ ବିକ୍ଷୋଭକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ବିକ୍ଷୋଭକାରୀମାନଙ୍କୁ ଦମନ ପାଇଁ ହୋଇଥିବା କାର୍ଯ୍ୟାନୁଷ୍ଠାନରେ ୫ ହଜାରରୁ ଅଧିକ ଲୋକ ନିହତ ହୋଇଥିବା ଜଣାପଡ଼ିଛି।

### ସୁପ୍ରିମ କୋର୍ଟରେ ବି...

ଦରକାର। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଫେବୃଆରୀ ୩ରେ ହେବ ବୋଲି ତାରିଖ ଧାର୍ଯ୍ୟ କରାଯାଇଛି। ଇଡି ଚଢ଼ଉ ବେଳର ସିସିଟିଭି ଫୁଟେଜ ସୁରକ୍ଷିତ ରଖିବା ଲାଗି ସୁପ୍ରିମ କୋର୍ଟ ମମତା ବାନାର୍ଜୀ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଏହି ମାମଲାରେ ବେଙ୍ଗଲ ପୁଲିସ ଡିଜି ରାଜୀବ କୁମାର, କୋଲକାତା ପୁଲିସ କମିସନର ମନୋଜ ବର୍ମା ଏବଂ ଅନ୍ୟ ଅଧିକାରୀଙ୍କୁ ସସପେଣ୍ଡ କରିବା ସହିତ ଏହି ମାମଲାର ସିବିଆଇ ଦ୍ୱାରା ତଦନ୍ତ ପାଇଁ ଇଡି ପକ୍ଷରୁ ଯେଉଁ ପିଟିସନ ଦାଖଲ କରାଯାଇଛି, ସେସଂପର୍କରେ କେନ୍ଦ୍ର ସରକାର ଓ ପଶ୍ଚିମ ବଙ୍ଗ ସରକାରଙ୍କୁ ନୋଟିସ ଜାରି କରିଛନ୍ତି।

ସୂଚନାଯୋଗ୍ୟ ଯେ ଜାନୁଆରୀ ୮ରେ ଇଡି ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଆଇଟି ମୁଖ୍ୟ ଓ ରାଜନୈତିକ ପରାମର୍ଶଦାତା ସଂସ୍ଥା (ଆଇ-ପ୍ୟାକ୍)ର ନିର୍ଦ୍ଦେଶକ ପ୍ରତୀକ ଜୈନଙ୍କ ଘର ଓ କମ୍ପାନୀ ପରିସରରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାଜ୍ୟ ପୁଲିସ ଅଧିକାରୀମାନଙ୍କ ସହ ସେଠାରେ ପହଞ୍ଚିଥିଲେ ଓ ପ୍ରମାଣ ସମ୍ପର୍କିତ ଫାଇଲଗୁଡ଼ିକୁ ସେଠାରୁ ନେଇଯାଇଥିଲେ। ଅନ୍ୟପକ୍ଷରେ ମମତା ଅଭିଯୋଗ କରିଥିଲେ ଯେ ଆଇପାକ୍ ଅଫିସରୁ ତୃଣମୂଳ କଂଗ୍ରେସର ନିର୍ବାଚନ ରଣନୀତି ଫାଇଲ ଚୋରି କରିବା ଉଦ୍ଦେଶ୍ୟରେ ଇଡି ଚଢ଼ଉ କରିଥିଲା। କୋଇଲା ଦୁର୍ନୀତି ମାମଲାରେ ଦୁଇ ବର୍ଷ ତଳେ ଚଢ଼ଉ ନକରି ଇଡି ଏବେ କାହିଁକି ଚଢ଼ଉ କରିଥିଲା ବୋଲି ସେ ପ୍ରଶ୍ନ କରିଥିଲେ।

କୋର୍ଟରେ ସଲିସିଟର ଜେନେରାଲ ତୁଷାର ମେହେଟା ଓ ଅତିରିକ୍ତ ସଲିସିଟର ଜେନେରାଲ ଏସ୍‌ଭି ରାଜୁ ଇଡି ତରଫରୁ ଆଜି ପକ୍ଷ ରଖିଥିଲେ। ସେହିପରି ବରିଷ୍ଠ ଓକିଲ କପିଲ ସିବଲ ପଶ୍ଚିମବଙ୍ଗ ସରକାର ତରଫରୁ ଦଲିଲ ଉପସ୍ଥାପନ କରିଥିଲେ। ପୂର୍ବରୁ ଏହି ମାମଲାରେ ପଶ୍ଚିମବଙ୍ଗ ସରକାର ଦାଏର କରିଥିବା ଆବେଦନକୁ କୋଲକାତା ହାଇକୋର୍ଟ ଖାରଜ କରିଥିଲେ। ଏହି ଚଢ଼ାଉରେ କିଛି ଜବତ କରାଯାଇ ନଥିଲା ବୋଲି ଇଡି କୋର୍ଟରେ ସ୍ପଷ୍ଟ କରିଥିଲା।

### ବିଧାୟକ ସନା ମହାକୁଡ଼...

ପାଖରେ ଖବର ପହଞ୍ଚିଥିଲା। ସେହିପରି ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ମଧ୍ୟ ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ନେଇ ନବୀନ ଜାଣିବାକୁ ପାଇଥିଲେ। କିଛିମାସ ଧରି ନିରବରେ ନବୀନ ଉଭୟଙ୍କ ଆଚରଣକୁ ନିରୀକ୍ଷଣ କରିବା ସହ ତ୍ରୁଟି ସୁଧାରିବାକୁ ମଧ୍ୟ ସୁଯୋଗ ଦେଇଥିଲେ। ମାତ୍ର ତ୍ରୁଟି ସୁଧାରିବା ପରିବର୍ତ୍ତେ ଉଭୟ ପୂର୍ବପରି ଦଳ ବିରୋଧୀ କାର୍ଯ୍ୟରେ ଜଡ଼ିତ ଜଣା ପଡ଼ିବା ପରେ ଉଭୟଙ୍କୁ ବିଜେଡିରୁ ନିଲମ୍ବନ କରାଯାଇଥିଲା। ଦଳର ଯେତେବେଡ଼ ନେତା ଯେଉଁ ପଦବୀରେ ଥାଆନ୍ତୁ ପଛେ, ଦଳର ଶୃଙ୍ଖଳା ସର୍ବୋପରି। ଶୃଙ୍ଖଳା ସୀମାରେଖାକୁ ଯିଏ ଅତିକ୍ରମ କରିବ, ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନବୀନ ଶକ୍ତ ଏବଂ ସ୍ପଷ୍ଟ ବାର୍ତ୍ତା ପ୍ରଦାନ କରିଛନ୍ତି।

ଅପରପକ୍ଷେ ନବୀନଙ୍କ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ନେଇ ବିଜେଡିର ବରିଷ୍ଠ ବିଧାୟକ ଦିବ୍ୟଶଙ୍କର ମିଶ୍ର କହିଛନ୍ତି ଯେ ଦଳର ନେତା ତଥା ବିଧାୟକଙ୍କ ଗତିବିଧି ନେଇ ସମସ୍ତ ରିପୋର୍ଟ ନବୀନ ପଟ୍ଟନାୟକଙ୍କ ନିକଟରେ ରହିଛି। ଯିଏ ବି ଦଳ ବିରୋଧରେ ଷଡ଼ଯନ୍ତ୍ର କରିବ, ଦଳକୁ ଦୁର୍ବଳ କରିବା ପାଇଁ ପ୍ରୟାସ କରିବ ସେମାନଙ୍କ ବିରୋଧରେ କଠୋରରୁ କଠୋରତମ ନିଷ୍ପତ୍ତି ନେବାରେ କ୍ଷମତା ମଧ୍ୟ ନବୀନଙ୍କ ନିକଟରେ ରହିଛି। ସେ ସବୁକିଛି ଦୃଷ୍ଟିରେ ରଖି ଓ ଭାବିଚିନ୍ତି ନିଷ୍ପତ୍ତି ନେଇଥାନ୍ତି। ଉଭୟ ବିଧାୟକ ଦଳକୁ ଦୁର୍ବଳ କରିବାକୁ ପ୍ରୟାସ କରିଥିବା ଦଳର ସଭାପତିଙ୍କ ନିଷ୍ପତ୍ତିରୁ ସ୍ପଷ୍ଟ ବୋଲି ସେ କହିଛନ୍ତି। ବିଜେଡିର ଅନ୍ୟତମ ବିଧାୟକ ଗଣେଶ୍ୱର ବେହେରା ମଧ୍ୟ ସମାନ କଥା ଦୋହରାଇଛନ୍ତି। ଆମେ ଏନେଇ ସଭାପତିଙ୍କ ନିକଟରୁ ଅବଗତ ହୋଇଛୁ। ଉଭୟ ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଥିବା ସଭାପତି ସେମାନଙ୍କୁ ସୂଚନା ଦେଇଛନ୍ତି ବୋଲି ଶ୍ରୀ ବେହେରା କହିଛନ୍ତି।

### ମନ୍ତ୍ରୀଙ୍କ ନିର୍ଦ୍ଦେଶ...

ଦର୍ଶାଇ ୪ ହଜାର ଲେଖାଏ ୩ ଟି ଚାଲଣରେ ମାଲିକଙ୍କ ପାଖକୁ ୧୨ ହଜାର ଟଙ୍କାର ଚାଲାଣ ଆସିଛି। ଏହାକୁ ନେଇ ସେ ଆଶ୍ଚର୍ଯ୍ୟ ପ୍ରକଟ କରିବା ସହ ବୈଧ ଇନ୍ସ୍ୟୁରାନ୍ସ ଥିବା ସତ୍ତ୍ୱେ କିପରି ଚାଲାଣ କରାଗଲା ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟ ଏକ ଘଟଣାରେ ସୁରେଶ ସାହୁ ନାମକ ଜଣେ ବ୍ୟକ୍ତି ନିଜ ଟ୍ରକ୍‌ର ଇନସ୍ୟୁରାନ୍ସ ଅବଧି ଗତ ୯ ତାରିଖରେ ଶେଷ ହେବା ପୂର୍ବରୁ ନବୀକରଣ କରାଇଥିଲେ। ଏମ୍-ପରିବହନରେ ମଧ୍ୟ ଇନସ୍ୟୁରାନ୍ସ ନବୀକରଣ ନେଇ ତଥ୍ୟ ଅପଡେଟ୍ ହୋଇସାରିଥିଲା। ଏହା ସତ୍ତ୍ୱେ ୧୦-୧୨ ତାରିଖ ମଧ୍ୟରେ ୩ ଟି ଚାଲାଣ ତାଙ୍କୁ ପଠାଯାଇଛି। ଯାହାକୁ ନେଇ ଶ୍ରୀ ସାହୁ ଅସନ୍ତୋଷ ପ୍ରକାଶ କରିବା ସହ ସରକାରଙ୍କୁ ବଦନାମ କରିବା ପାଇଁ ପରିବହନ ବିଭାଗ ଏମିତି କାମ କରୁଥିବା ଅଭିଯୋଗ ଆଣିଛନ୍ତି। ନିକଟରେ ପ୍ରାଣ ହରାଇଥିବା ସାମ୍ବାଦିକା ଶୀଲା ପଟ୍ଟନାୟକଙ୍କ ମୃତ୍ୟୁ ପାଇଁ ଟୋଲଗେଟରୁ ଏଭଳି ଅତର୍କିତ ଚାଲାଣ ବ୍ୟବସ୍ଥାକୁ ଦାୟୀ କରାଯାଉଛି। କାରଣ ତାଙ୍କର କାର୍ ଥିବା ସତ୍ତ୍ୱେ ପିୟୁସିସି ନ କରିପାରି ଥିବା ଯୋଗୁଁ ସେ ପୁରୀକୁ ସ୍କୁଟି ଧରି ଯିବାକୁ ବାଧ୍ୟ ହୋଇଥିଲେ। ରାସ୍ତାରେ ଗଦା ହୋଇଥିବା ବାଲିରେ ପଡ଼ି ତାଙ୍କ ସମେତ ଦୁଇ ଜଣଙ୍କ ଜୀବନ ଯାଇଥିଲା। ଏତେ ସବୁ ଘଟଣା ପରେ ଏହି ବ୍ୟବସ୍ଥାକୁ ଏପ୍ରିଲ୍ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ମନ୍ତ୍ରୀ ବିଭୂତି ଭୂଷଣ ବେହେରା ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର କାହିଁକି ଏହାକୁ ଏସ୍‌ଟିଏ ବନ୍ଦ କରୁନାହିଁ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଶାଶୂ, ଶ୍ୱାଇଁଙ୍କ...

ଦେଇ କିଛି ଦୂରତା ଘୋଷାଡ଼ି ନେଇଥିଲା। ଫଳରେ ଦୁଇ ବାଇକ ଆରହୀ ବାଇକ ସହ ଟ୍ରକ ଚକ ତଳେ ଚାପି ହୋଇ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ଟ୍ରକ ଡ୍ରାଇଭର ଘଟଣାସ୍ଥଳରୁ ଚମ୍ପଟ ମାରିଛି। ଖବରପାଇ ମଣଦା ଫାଣ୍ଡି ଅଧିକାରୀ ଶରତ ଚନ୍ଦ୍ର ଧଳଙ୍କ ନେତୃତ୍ୱରେ ପୁଲିସ୍ ଟିମ ପହଞ୍ଚି ତଦନ୍ତ କରିବା ସହ ବିଶୋଇ ଥାନାରେ ଏକ ଅପମୃତ୍ୟୁ ମାମଲା ଜରିଆରେ ବ୍ୟବଚ୍ଛେଦ ପାଇଁ ଶବକୁ ରାଇରଙ୍ଗପୁରକୁ ପଠାଇଛନ୍ତି। ମୃତକ ପରିବାରଙ୍କୁ ଯଥାଶୀଘ୍ର କ୍ଷତିପୂରଣ ଦାବି ନେଇ ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଛି।


**ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଆମ ହସ୍‌ପିଟାଲ୍ କର ଭିଜନ୍ ଚକ୍ଷୁ ଚିକିତ୍ସାଳୟ, ୧୦, ଜନପଥ, ସତ୍ୟନଗର, ଭୁବନେଶ୍ୱର ର ରୋଗୀମାନଙ୍କର ଚିକିତ୍ସା ଜନିତ ନଥିପତ୍ର, ୦୧/୦୪/୨୦୧୯ ଠାରୁ ୩୧/୦୩/୨୦୨୦ ପର୍ଯ୍ୟନ୍ତ ନଷ୍ଟ କରି ଦିଆଯିବ। ଯେଉଁ ରୋଗୀମାନେ ଏହି ସମୟସୀମା ମଧ୍ୟରେ ହସ୍‌ପିଟାଲ୍‌କୁ ଚିକିତ୍ସା ପାଇଁ ଆସିଥିବେ, ସେମାନଙ୍କର ଯଦି କୌଣସି ଅଭିଯୋଗ ଥାଏ, ଏହି ବିଜ୍ଞାପନ ପ୍ରକାଶିତ ହେବାର ୧୫ ଦିନ ମଧ୍ୟରେ ନିମ୍ନଲିଖିତ ଠିକଣାରେ ଜଣାଇବାକୁ ଅନୁରୋଧ।

ପରବର୍ତ୍ତୀ ସମୟରେ ଉପରୋକ୍ତ ସମୟସୀମା ମଧ୍ୟରେ ନଥିପତ୍ର ପାଇଁ ହସ୍‌ପିଟାଲ୍ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିର୍ଦ୍ଦେଶକ
କର ଭିଜନ୍ ଚକ୍ଷୁ ଚିକିତ୍ସାଳୟ
୧୦, ଜନପଥ, ସତ୍ୟନଗର, ଭୁବନେଶ୍ୱର

C-2905

**OFFICE OF THE MUNICIPAL COUNCIL, TALCHER**

**'e' – Procurement Notice**

**Tender Reference No.TCRM-10/2025-26**
**Bid Identification No. 2026_ORULB_124488**
**No. 152/Dt. 12.01.2026**

Bid documents consisting of works with their estimated cost, cost of tender paper, EMD, time of completion, Class of Contractor, court affidavit and the set of terms & conditions of Contract and other necessary documents can be seen in Govt. website i.e. www.tendersorissa.gov.in

| | | | |
|---|---|---|---|
| 1) | Name of the Work | :- | Civil work as mentioned in the website. |
| 2) | No. of works | :- | 1 No. |
| 3) | Estimated Cost | :- | Rs.60.39 lakhs |
| 4) | Period of Completion | :- | As per DTCN |
| 5) | Date & time of availability of Bid document in the portal | :- | dt.13.01.2026 at 4.00 PM |
| 6) | Last date & time for receipt of Bid in the portal | :- | dt.27.01.2026 at 5.00 PM |
| 7) | Date of Opening (technical bid) Bid | :- | dt.28.01.2026 at 11.00 AM |
| 8) | Name & Address of the Officer inviting the bid | :- | Executive Officer, Talcher Municipality |
| 9) | The bidders have to participate in ONLINE bidding only. | | |

Further details can be seen from the procurement portal i.e. www.tendersorissa.gov.in

OIPR-

Executive Officer
Talcher Municipality

ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ନବରଙ୍ଗପୁର H-51

**OFFICE OF THE REGULATED MARKET COMMITTEE: NABARANGPUR**
AT/ GANDHINAGAR, PO/DIST-NABARANGPUR-764059. (Odisha)
FAX/ Tel.No.06858-222105 E.Mail-ID- awmornab@gmail.com

No. 400/RMC Dated 12.01.2026

**E-Procurement (Invitation for BIDS)**
**Tender Call Notice No.394/RMC Dated. 12.01.2026**
**Bid Identification No. 01 e-Procurement Notice No. 01 of 2025-26**

The Regulated Market Committee, Nabarangpur invites tender from the approved contractors of appropriate Class for Development Works of different Markets. Detailed Tender Call Notice along with conditions of contract and notice inviting tender may be seen and download from the website. www.tenderorissa.gov.in and www.nabaranagpur.odisha.gov.in the date availing of tender online is form 11.00 A.M. of 13.01.2026 to 31.01.2026, up to 5 P.M. the tender will be opened on 03.02.2026 at 11.00 A.M.

OIPR-

Sub Collector cum Chairman
RMC, Nabarangpur

C-1948

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**P.H. DIVISION, BHANJANAGAR AT CHATRAPUR**
Phone – 06811 263909- FAX – 06811 263950 - E-mail – eephchpr@gmail.com
NATIONAL COMPETITIVE BIDDING THROUGH e-Procurement

**1st Corrigendum dated.13.01.2026**
**To Bid Identification No. 65/ 03 / SPH(C) / 2025-26 dt. 31.12.2025**
**Tender Id. 2026_PHEO_124210_1**

Name of work- Procurement , installation, testing and commissioning of Multijet water meter at consumer end of Chatrapur NAC under AAP- 2025-26 -SUJAL

| Sl.No | As uploaded in the tender | Revised as per Corrigendum |
|---|---|---|
| 1 | Availability of Bid Documents for online bidding Dt.14.01.2026 at 17.30 Hrs | Availability of Bid Documents for online bidding Dt.21.01.2026 at 17.30 Hrs |
| 2 | Last date of seeking clarification on dt.13.01.26 at 17.30 Hrs | Last date of seeking clarification on dt.20.01.26 at 17.30 Hrs |
| 3 | Opening of Technical Bid on Dt.15.01.2026 at 01.00 PM | Opening of Technical Bid on Dt.22.01.2026 at 01.00 PM |

All other terms and conditions in the DTCN remains unaltered.

OIPR-

Additional Chief Engineer (PH)
P.H. Division, Bhanjanagar
at Chatrapur

**SALE**

(1) JCB 3 DX Backhoe Loader, Model - 2022, Registration No-OD-33-AF-4895, in as is where is condition (2) TATA Hitachi Ex-70, Model 2022, Machine Sl No-P070-20168 , in as is where is condition, Contact: M/S Sundaram Finance Limited, BHUBANESWAR BRANCH, Ph:0674-2544772 within 7 days.

**AFFIDAVIT**

By virtue of an affidavit sworn before **Executive Magistrate Padampur** on Dated **25th September 2025**, I, **Mr. Rabindra Kumar Bhoi**, Address **S/o- Pruthwiraj Bhoi, At- Gyan, Po- Gyan, Dist- Bargarh, PIN- 768049, Odisha,** declare that I have changed the name of my **Son** from "**Ariyan Bhoi**" to "**Premraj Bhoi**". Henceforth, He shall be known as "**Premraj Bhoi**" for all purposes.

**Rabindra Kumar Bhoi**

**AFFIDAVIT**

By virtue of an affidavit before Notary Public Bhubaneswar, on 24.12.2025. I Dhananjaya Panda resident of At- Aliha, Po- Singiri, Ps- Aul, Dist- Kendrapara, Odisha, PIN- 754215, declare that I have change my name from Dhanarjay Panda to Dhananjaya Panda. Henceforth I shall be known as **DHANANJAYA PANDA** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar dated 12/01/2026, C.F No. 46/12 Jan 2026. I, Sibu Mistri, S/O Nimain Mistri, At- Ram Nagar, Ram Nagar, Kendrapara, Odisha, Pin- 754224, declare that I have changed my owned name Madan Mohan Besra to Sibu Mistri. Henceforth, I shall be known as new name Sibu Mistri for all purposes.

**Sibu Mistri**

**AFFIDAVIT**

I, Anita Panigrahi, aged about 61 years, W/o- Bichitrananda Panigrahi, resident of Plot No-963, Lewis Road, Samantrapur, Ps- Lingaraj, Bhubaneswar, Dist- Khurda, Pin- 751002, Odisha do hereby declare by this affidavit No.111, dtd-15/01/2026, that now onwards I shall be known as **RUBY PANIGRAHI** for all future purposes.

**AFFIDAVIT**

By virtue of an affidavit no. 3689/2026 sworn before In The Court Of The Executive Magistrate, Pallahara, Dtd 09-01-20261, KHAGESWAR SAHU S/O- PANCHANANA SAHU At- Hatighincha, Po-Phapand P.S- Pallahara, Dist.- Angul declare that I have changed my name from KASTU SAHU to KHAGESWAR SAHU. Henceforth, I Shall be known as KHAGESWAR SAHU for all purposes.

**KHAGESWAR SAHU**

**AFFIDAVIT**

I, Jagmohan Angarai, resident of Village Mirigichara, PO Gobarghati, PS Kalinganagar, Dist. Jajpur, Odisha – 755026, do hereby declare that the name of my minor son has been changed from "Kosher Kumar Angarai" to "Kishor Kumar Angarai" as per affidavit no.3184 sworn before the Executive Magistrate, Sukinda, Jajpur on dtd.29.12.2025. Henceforth, my minor son shall be known and identified as **Kishor Kumar Angarai** for all purposes.

**AFFIDAVIT**

By virtue of an affidavit no.59 before the Executive Magistrate, Nabarangpur, dtd.15.01.2026, I, Lakshi Bhatra, Vill- Bamuni, PO Mokiya, PS- Papadahandi, Dist- Nabarangpur do hereby declare that my name has been incorrectly mentioned as "Lakhi Bhatra" instead of "Lakshi Bhatra" in my State Bank of India records. That both the names "Lakhi Bhatra" & "Lakshi Bhatra" is one and the same person i.e. myself. Henceforth, I shall be known as **Lakshi Bhatra** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Kanas, No-4706, dated- 23/12/2025. I, **Sri Balaram Baliyarsingh,** resident At- Dhuanla, PO- Kesharpur, Block- Kanas, PS- Kanas, Dist- Puri, Odisha, Pin- 752019 declare that I have changed the name of my son's from **Biswajit Baliyarsingh to Abhiram Baliyarsingh.** Henceforth, he shall be known as **Abhiram Baliyarsingh** for all purposes.

**Balaram Baliyarsingh**

**AFFIDAVIT**

Monalisa Martha, W/o: Army No- 10535798L, Rank: HAV, Name: Dinabandhu Martha residing of Village Hatasahi, Dalaisahi, Po-Manikagoda, Ps- Bolagarh, Dist- Khordha. I want to change my name from Manolisa Matha to Monalisa Martha wrongly written in my husband's service records vide affidavit No.1383, Dt.- 06.12.2025.

**LOST**

I, **Bauribandhu Tad**, S/o Sadasiba Tad, resident of Village/P.O- Ratapat, P.S- Badamba, Dist- Cuttack Odisha do hereby declare that, on **12/01/2026** while I am going from my residence to sub-register office my original documents bearing sale deed **RSD ID No. 1245, dtd- 24/05/1993** has been lost in somewhere. If anyone finds it kindly Contact to **9937875541.**

**AFFIDAVIT**

By virtue of an affidavit sworn before Executive Magistrate, Odagaon on dt. 15/01/2026 I Laxmidhar Jena @ Iswar Jena, S/o-Baikuntha Jena @ Gnjeya Jena At- Bilamanpur, Po/Ps- Odagaon, Dist-Nayagarh, declare that my name has been mentaioned as Laxmidhara Jena, S/o- Baikuntha Jena in My Adhar Card. Where as in the ROR vide Khata no- 69/88 Under JayamangalaPrasada My name has been mentioned as Iswar jena, S/o- Ganjeya jena. Now I will be known as Laxmidhar Jena, S/o-Baikuntha Jena for all future purposes.

जसमीत कौर उर्फ बिन्नी पुत्री दलजीत सिंह छाबड़ा निवासी डेलीमार्केट नियर नागपुर होटल जयभवन निवासी राउरकेला पिन-769001
H-C-J-Part III 2 (नमूना काबिल फरोख्त)
**सम्मन वास्ते करारबाद तनकोह तलब** (आर्डर कायदा 1 व 5) नम्बर मुकदमा 291/2020 न्यायालय प्रधान न्यायाधीश परिवार न्यायालय संत कबीर नगर 1 मुददई मनप्रीत सिंह उर्फ शानू बनाम जसमीत कौर उर्फ विन्नी मुद्दाअलेह साकिन ने आपके नाम नालिश बावत हरगाह के दायर की है लिहाजा आपको हुक्म होता है बतारीख 05/02/2026 माह सन् ई0 बावत बजे दिन के अदालत या मारफत वकील के जो मुकदमा के हालात से करार वाकई वाकिफ किया गया हो और कुछ उपूर अहम मतअल्लिका का जबाव दे सके या जिसके साथ कोई और शक्श हो कि जबाव सवालात दे सके हाजिर हो दावा करे और आपको लाजिम है कि उसी राज जुमला के दस्तदाला करना चाहता हो। आपको इत्तला दी जाती है अगर बरोज मजकूर आप हाजिर न होंगे तो मुकदमा बगैर हाजिर आपको मसमुआ और फैसला होगा। शक्त मेरे दस्तखत और मुहर अदालत आज ब 22 तारीख माह 12 ई0 2025 जारी किया। नाम अदालत-नम्बर मुकदमा-नाम फरीकैन-**इत्तिला** (1) अगर आपको यह अन्देशा हो कि आपके प्रवाह अपनी मर्जी से हाजिर न होगे तो आप अदालत हाजा से सम्मन नमुराद जारी करा सकते है कि गवाह हाजिर हो। वह जबरन हाजिर कराया जाय और जिन दस्तावेज को किसी से पेश कराने का आप इस्पेकाल रखते है वह उससे पेश कराई बशर्ते कि आप खर्चा जरूरी अदालत में दाखिल करके इस अस्त्र को दरख्वास्त गुजरावें। (2)अगर आप मुतालवा मुद्दई की तस्लीम करते तो आपका लाजिम है कि खाना खर्चा नालिश अदालत में दाखिल करें ताकि कार्यवाही इजेराय डिग्री के आपका जान व माल दोनो पर हो न करना पड़े। न्यायालय प्रधान न्यायाधीश परिवार न्यायालय संत कबीर नगर।

**AFFIDAVIT**

By Virtue of an affidavit Before the Executive Magistrate, Jagatsinghpur. I **Laxmipriya Samantasinghar**, aged about 57 years, W/o: Niranjan Samantasinghar, of Vill: Orissagarh (Purunagarh), P.O.: Ashrampatana, P.S./Dist.: Jagatsinghpur, Odisha have changed my name from Renubala Samantasinghar to **Laxmipriya Samantasinghar.** Henceforth, I shall be known as **Laxmipriya Samantasinghar** for all purposes. Laxmipriya Samantasinghar and Renubala Samantasinghar is one and same person and there in no other person residing in the said name in the above said address/ village except me.

**AFFIDAVIT**

By an affidavit CF No.35/ Dtd.12.01.2026 sworn before Executive Magistrate, Bhubaneswar. I, Muna Nayak, S/o- Syam Nayak, R/o Qr No.- 140, Kedarpalli Basti, Near Mangala Temple, Bapuji Nagar, Bhubaneswar, Dist.- Khordha, Pincode- 751009 declare that in Aadhaar my name is mentioned as Muna Nayak but in LIC Policy No.598324072 my name is wrongly mentioned as Sunil Nayak instead of Muna Nayak. Hence, I have changed from my wrong name Sunil Nayak to correct name Muna Nayak, for all future purposes. I declare that Muna Nayak and Sunil Nayak is one and same person.

ସକାଳ
THE SAKALA



## ମଣ୍ଡି ଖୋଲିବାରେ ବିଳମ୍ବ ▶ ରାସ୍ତା ଉପରେ ଧାନ ବସ୍ତା; ଜଗି ରହୁଛନ୍ତି ଚାଷୀ



**ବାରିକପୁର, ୧୫।୧(ସମିସ)**

ଧାନମଣ୍ଡି ଖୋଲିବାରେ ବିଳମ୍ବ ହେଉଥିବାବେଳେ ଚାଷୀମାନେ ଏବେ ଅତି ଦହଗଞ୍ଜ ହେଉଛନ୍ତି। ସମ୍ପ୍ରତି ବିଭିନ୍ନ ଗ୍ରାମ୍ୟ ରାସ୍ତାରେ ହଜାର ହଜାର ଧାନ ବସ୍ତା ପଡ଼ି ରହିଥିବାବେଳେ ସେଗୁଡ଼ିକୁ ଚାଷୀମାନେ ଜଗି ରହୁଛନ୍ତି। ଖରା କାକରରେ ପଡ଼ି ରହିଛି ଶହଶହ କୃଷକଙ୍କ କଷ୍ଟ ଉପାର୍ଜିତ ଧାନ। ଏଭଳି ଚିତ୍ର ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ଗାଁ ଗହଳିରେ ଦେଖିବାକୁ ମିଳିଛି। ପୂର୍ବ ବର୍ଷମାନଙ୍କରେ ଡିସେମ୍ବର ସୁଦ୍ଧା ଚାଷୀମାନେ ସରକାରୀ ମଣ୍ଡିରେ ଧାନ ଦେଇଥିବା ବେଳେ ଏବେ ଜାନୁୟାରୀ ଅଧା ହୋଇଥିଲେ ସୁଦ୍ଧା ପ୍ରଶାସନର ନିଦ ଭାଙ୍ଗୁନି। ଅମଳ ଧାନକୁ କୃଷକମାନେ ଜମି ପାର୍ଶ୍ୱବର୍ତ୍ତୀ ସ୍ଥାନ ଓ ଗାଁ ଦାଣ୍ଡ ରାସ୍ତାରେ ଖେଳାଇ ରଖିଥିବା ବେଳେ ଗାଈଗୋରୁ ଏବଂ ବୁଲା ଷଣ୍ଢଙ୍କ ପାଟିରେ ମଧ କିଛି ଶସ୍ୟ ଯାଉଛି। ବ୍ଲକର ବାଲି ପୋଖରୀ ସମବାୟ ସମିତି ସହିତ ନେରଡ଼ା, ତେସିଙ୍ଗା, ନାରାୟଣପୁର, ରହଣିଆ, ମାଳଦା, ଜଳମଣ୍ଡୁଆ ପ୍ରମୁଖ ପ୍ରାଥମିକ କୃଷି ସମବାୟ ସମିତିଠାରେ ହଜାର ହଜାର ଚାଷୀ ପଞ୍ଜୀକରଣ କରି ଏବେ ସୁଦ୍ଧା ଧାନ ବିକି ନାହାନ୍ତି। ଏହାଛଡ଼ା ୮ଟି ଏସ୍‌ଏଚ୍‌ଜି ନିକଟରେ ପଞ୍ଜିକୃତ ହୋଇଥିବା ଚାଷୀଙ୍କ ଅବସ୍ଥା ମଧ ତଦ୍ରୂପ ହୋଇଛି।

ମିଳିଥିବା ସୂଚନା ମୁତାବକ, ପ୍ରଶାସନିକସ୍ତରରେ ବିଭାଗୀୟ ଅଧିକାରୀମାନଙ୍କ ମଧରେ ସମନ୍ୱୟ ରହୁନଥିବା ଯୋଗୁଁ ଧାନ ମଣ୍ଡି ଖୋଲିବା ବିଳମ୍ବ ହେଉଛି। ମିଟିଂ ପରେ ମିଟିଂ ହେଉଥିଲେ ମଧ ଧାନ କିଣିବା ବାବଦରେ କୌଣସି ସଠିକ୍ ନିଷ୍ପତ୍ତି ହେଉନାହିଁ। ଧାନ କ୍ରୟକୁ ଜାଣିଶୁଣି ବିଳମ୍ବ କରାଯାଉଥିବା ବେଳେ ପରୋକ୍ଷରେ ଦଲାଲଙ୍କ ହାତରେ ସ୍ୱଳ୍ପ ମୂଲ୍ୟରେ ଶସ୍ୟ ବିକ୍ରି ପାଇଁ ଚାଷୀଙ୍କୁ ପ୍ରୋତ୍ସାହିତ କରୁଥିବା କୁହାଯାଉଛି। ସେ ଯାହା ବି ହେଉ ଦିନେ ଦୁଇ ଦିନ ମଧରେ ସମସ୍ୟାର ସମାଧାନ ନ ହେଲେ ହଜାର ହଜାର ଚାଷୀ ରାଜରାସ୍ତାକୁ ଓହ୍ଲାଇବା ପାଇଁ ସଜବାଜ ହେଉଥିବା ସୂଚନା ମିଳିଛି।

### ସେମାନଙ୍କ ମତରେ...



ସରକାର ଏଯାଏଁ ଧାନ କିଣୁ ନାହାନ୍ତି। ଚାଷୀମାନେ ୧୬୦୦ ଟଙ୍କାରେ ଧାନ ବିକୁଛନ୍ତି। ଗାଁ ଦାଣ୍ଡ ଓ ରାସ୍ତାଘାଟରେ ହଜାର ହଜାର ଧାନ ବସ୍ତା ପଡ଼ିରହିଛି। ପଞ୍ଜୀକରଣ କରି କିଛି ଲାଭ ହେଉନାହିଁ। ଆଗାମୀ ଦିନରେ ଚାଷୀମାନେ ଆନ୍ଦୋଳନ କରବେ।

**ମଦନମୋହନ ସାମଲ, ଚାଷୀ**



ଶସ୍ୟର ମାନ ନିର୍ଣ୍ଣୟ ପାଇଁ ନିଯୁକ୍ତ ହୋଇଥିବା କର୍ମଚାରୀମାନେ ଏଯାଏଁ କୌଣସି ମଣ୍ଡିରେ ଯୋଗଦେଇ ନାହାନ୍ତି। ତେଣୁ ଧାନ କ୍ରୟ କରିବା ବିଳମ୍ବିତ ହେଉଛି। ଦୁଇ ତିନି ଦିନ ଭିତରେ ସମସ୍ୟାର ସମାଧାନ ହୋଇପାରେ।

**ରାଜେନ୍ଦ୍ର ଖଣ୍ଡାଇ, ମଣ୍ଡି ପରିଚାଳକ**



ଜିଲ୍ଲାପାଳଙ୍କ ଅଧକ୍ଷତାରେ ଧାନ କ୍ରୟ ନେଇ ଅନେକ ବାର ବୈଠକ ହୋଇଛି। ଜିଲ୍ଲା ସାରା ମଣ୍ଡି ଖୋଲିବା ଏବଂ ସରକାରୀ ଧାନ କ୍ରୟରେ ବିଳମ୍ବିତ ହେଉଛି। ଯଥାଶୀଘ୍ର ସମସ୍ୟାର ସମାଧାନ ହୋଇଯିବ।

**ମନମୋହନ ପଟ୍ଟନାୟକ, ଜିଲ୍ଲା ଯୋଗାଣ ଅଧିକାରୀ**

## ସ୍ୱଳ୍ପ ସଞ୍ଚୟ ଅଭିକର୍ତ୍ତା ସମୀକ୍ଷା ଶିବିର



**ଭଦ୍ରକ, ୧୫।୧(ସମିସ):** ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ଆର୍‌ôଥକ ସାକ୍ଷରତା ତଥା ସ୍ୱଳ୍ପ ସଞ୍ଚୟ ଯୋଜନାର ବହୁଳ ପ୍ରଚାରପ୍ରସାର, ଆର୍‌ôଥକ ବର୍ଷ ୨୦୨୫-୨୬ର ସ୍ୱଳ୍ପ ସଞ୍ଚୟ ଟାର୍ଗେଟ୍ ପୂରଣ ଓ ଭଦ୍ରକ ଜିଲ୍ଲାର ବିଭିନ୍ନ ଡାକଘରଗୁଡ଼ିକରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ନିମିତ ଜିଲ୍ଲା ପ୍ରଶାସନ ଏବଂ ଭଦ୍ରକ ଡାକ ବିଭାଗ ତରଫରୁ ଆୟୋଜିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲା ଆର୍‌ôଥକ ସେବା ଓ ସଞ୍ଚୟ ଅଧିକାରୀ ମୋନାଲିସା ପଣ୍ଡା ସଭା ପରିଚାଳନା କରିଥିଲେ। ଏହି ସଭାରେ ଅତିଥି ଭାବରେ ଭଦ୍ରକ ଡାକ ବିଭାଗ ମୁଖ୍ୟ ଲକ୍ଷ୍ମୀନାରାୟଣ ମିଶ୍ର, ପଦ୍ମନ ରାୟ, ପୂର୍ବତନ ଜିଲ୍ଲା ଆର୍‌ôଥକ ସେବା ଓ ସଞ୍ଚୟ ଅଧିକାରୀ, ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ୍ ମ୍ୟାନେଜର ଯୋଗଦେଇଥିଲେ। ଏହି ସଭାରେ ଜିଲ୍ଲାର ବିଭିନ୍ନ ଡାକଘରେ ନିଯୁକ୍ତ ଡାକ ଅଭିକର୍ତ୍ତାମାନେ ଯୋଗଦେଇଥିଲେ ଓ ବିଭିନ୍ନ ଡାକଘରେ ଉପୁଜିଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଜଣାଇଥିଲେ। ଜିଲ୍ଲା ଡାକ ମୁଖ୍ୟ ଅଧିକାରୀ ଅଭିକର୍ତ୍ତାଙ୍କ ସମସ୍ୟାର ସମାଧାନ ପାଇଁ ପ୍ରତିଜ୍ଞାବଦ୍ଧ ହୋଇଥିଲେ। ଜିଲ୍ଲା ଆର୍‌ôଥକ ସେବା ଓ ସଞ୍ଚୟ ଅଧିକାରୀ ତଥା ପୂର୍ବତନ ଜିଲ୍ଲା ଆର୍‌ôଥକ ସେବା ଓ ସଞ୍ଚୟ ଅଧିକାରୀ ଚଳିତ ବର୍ଷର ଧାର୍ଯ୍ୟ ସ୍ୱଳ୍ପ ସଞ୍ଚୟ ପୁଞ୍ଜି କିପରି ସଂଗ୍ରହ ହେବ ସେଥିପାଇଁ କାର୍ଯ୍ୟରତ ହେବା ପାଇଁ ନିବେଦନ କରିଥିଲେ। ଇଣ୍ଡିଆ ପୋଷ୍ଟ ପେମେଣ୍ଟ୍ସ ବ୍ୟାଙ୍କ୍ ମ୍ୟାନେଜର ବ୍ୟାଙ୍କ୍‌ରେ ଉପଲବ୍ଧ ସମସ୍ତ ସୁବିଧା ସମ୍ପର୍କରେ ଆଲୋଚନା କରିବା ସହ ଡାକ ଅଭିକର୍ତ୍ତାମାନଙ୍କୁ ପେମେଣ୍ଟ ବ୍ୟାଙ୍କ୍‌ର ବିସି ହେବା ପାଇଁ କହିଥିଲେ। ଏହି ସଭାରେ ମୋଟେ ୧୧୦ ଜଣ ଡାକ ଅଭିକର୍ତ୍ତା ଯୋଗଦେଇଥିଲେ। ଶେଷରେ ଜିଲ୍ଲା ଆର୍‌ôଥକ ସେବା ଓ ସଞ୍ଚୟ ବିଭାଗର କର୍ମଚାରୀ ମୋନାଲିସା ମାଝୀ ଧନ୍ୟବାଦ ଦେଇଥିବାବେଳେ ସଭାଟିକୁ ସଫଳ କରିବାରେ ସଞ୍ଚୟ ବିଭାଗର ସମସ୍ତ କାର୍ଯ୍ୟକର୍ତ୍ତା ଓ ଡାକ ଅଭିକର୍ତ୍ତାମାନେ ସହାୟକ ହୋଇଥିଲେ।

## କଲେଜ ଛାତ୍ରଙ୍କୁ ଅଣଛାତ୍ରଙ୍କ ମାଡ଼ ଅଭିଯୋଗ

**ବନ୍ତ/ଆଗରପଡ଼ା, ୧୫।୧(ସମିସ):** ଗୁରୁବାର ପରୀକ୍ଷା ସରିବା ପରେ କଲେଜ ଫାଟକ ସାମ୍ନାରେ ଜନୈକ ଛାତ୍ରଙ୍କୁ ୩ଜଣ ଅଣଛାତ୍ର ଗାଳିଗୁଲଜ କରି ମାଡ଼ ମାରିଥିବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗରୁ ଜଣାପଡ଼ିଛି, ଆଗରପଡ଼ା କଲେଜ ପଦାର୍ଥ ବିଜ୍ଞାନ ଅନର୍ସ ଛାତ୍ର ଚନ୍ଦନ ଦାସ ପରୀକ୍ଷା ପରେ ବାଇକ୍ ଯୋଗେ କଲେଜ ବାହାରକୁ ଆସିଥିଲେ। କଲେଜ ମୁଖ୍ୟ ଫାଟକ ସାମ୍ନାରେ ୩ ଜଣ ଅଣଛାତ୍ର ବାଇକ୍‌ରେ ଆସି ଚନ୍ଦନଙ୍କ ବାଇକ୍‌କୁ ଧକ୍କା ଦେବାରୁ ଚନ୍ଦନ ତଳେ ପଡ଼ିଯାଇଥିଲେ। ଅଣଛାତ୍ରମାନେ ଉତ୍‌କ୍ଷିପ୍ତ ହୋଇ ଚନ୍ଦନଙ୍କୁ ଗାଳିଗୁଲଜ କରି ମାଡ଼ ମାରିଥିଲେ ବୋଲି ଅଭିଯୋଗ ହୋଇଛି। ଏହା ଦେଖି ଅନ୍ୟ ଛାତ୍ରମାନେ ଘଟଣାସ୍ଥଳରେ ପହଞ୍ଚି କାରଣ ପଚାରୁଥିବାବେଳେ ସେମାନଙ୍କୁ ମଧ ଅଣଛାତ୍ରମାନେ ଗାଳିଗୁଲଜ କରିଥିଲେ। ଖବର ପାଇ କଲେଜ ଅଧକ୍ଷ ଥାନାକୁ ଫୋନ୍ କରିଥିଲେ। ପୁଲିସ ପହଞ୍ଚିବା ପୂର୍ବରୁ ଅଣଛାତ୍ରମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ଚନ୍ଦନଙ୍କ ଡାହାଣ ହାତ ଆଙ୍ଗୁଳି ଭାଙ୍ଗିଯିବା ସହ ମୁଣ୍ଡରେ ଆଘାତ ଲାଗିଛି। ରାମଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ବରପଦୀ ଗ୍ରାମର ରାମ ନାରାୟଣ ଦାସଙ୍କ ପୁଅ ଅଟନ୍ତି ଚନ୍ଦନ। ସେ ଛାତ୍ରମାନଙ୍କ ସହ କଲେଜ ଅଧକ୍ଷଙ୍କ ଜରିଆରେ ଏଫ୍‌ଆଇଆର୍ ଥାନାରେ ଦେବା ସହ ସାଙ୍ଗମାନେ ମୋବାଇଲ୍‌ରେ ଉତ୍ତୋଳନ କରିଥିବା ପୂରା ଘଟଣାର ଭିଡିଓ ପୁଲିସକୁ ଦେଇଥିବାର ଜଣାଯାଏ। ଏହି ଖବର ଲେଖା ହେବା ବେଳକୁ ପୁଲିସ ମାମଲା ରୁଜୁ କରି ନ ଥିବା ଜଣାପଡ଼ିଛି।

## ଧାନ ମଣ୍ଡି ଉଦ୍‌ଘାଟିତ



**ବାସୁଦେବପୁର, ୧୫।୧(ସମିସ):** ବାସୁଦେବପୁର ବ୍ଲକର ମା’ କାଳୀ ସେବା ସମବାୟ ସମିତିର ଧାନ ମଣ୍ଡି ପୂଜାର୍ଚ୍ଚନା ପରେ ଆନୁଷ୍ଠାନିକ ଭାବେ ଶୁଭ ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ ଶୁଭାରମ୍ଭ ଉତ୍ସବରେ ବାସୁଦେବପୁର ତହସିଲ୍‌ଦାର ପ୍ରିୟବ୍ରତ ଦାସ ଯୋଗଦେଇ ଧାନ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ମା’ କାଳୀ ସୋସାଇଟିର ସଭାପତି ପରମାନନ୍ଦ ଦାସ, ସମ୍ପାଦକ ତନ୍ମୟ ମଲ୍ଲିକ, କ୍ରୟ କମିଟିର ସଦସ୍ୟ ପୁରୁଷୋତ୍ତମ ନାୟକ, ମଦନମୋହନ ମଳିକ, ରବୀନ୍ଦ୍ର ମହାଜନ, ଉପେନ୍ଦ୍ର ଅଗସ୍ତି ଓ କମଳଲୋଚନ ନାୟକ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଆଖପାଖ ଅଞ୍ଚଳର ଚାଷୀ ଯୋଗଦେଇଥିଲେ। ଅନ୍ୟପକ୍ଷରେ ସରକାର ଏ ପର୍ଯ୍ୟନ୍ତ ମିଲର ଆଲର୍ଟମେଣ୍ଟ କରିନାହାନ୍ତି କି ବସ୍ତା ପ୍ରଦାନ କରିନାହାନ୍ତି। ସରକାର ଧାନ ମଣ୍ଡି ଖୋଲିବା ପ୍ରହସନ ପାଲଟିଛି। ନଭେମ୍ବରରୁ ଚାଷୀ ଧାନ ଅମଳ କରି ଖରା କାକରରେ ଘର ପିଣ୍ଡାରେ ପକାଇ ରଖିଛନ୍ତି। କେଉଁଠି ଷଣ୍ଢ ଧାନ ବସ୍ତା ଫଟେଇ ଖାଇଲାଣି ତ ପୁଣି କେଉଁଠି ଛେଳି ଖାଇଲେଣି। ଚାଷୀ ବାଧ ହୋଇ ଦଲାଲକୁ ୧୮୦୦ ଟଙ୍କାର ବିକିବାକୁ ବାଧ ହେଉଛି ବୋଲି ଚାଷୀ ଅଭିଯୋଗ କରିଛନ୍ତି।

## ଖଡ୍‌ଗଧାରିଣୀ ପୀଠରେ ମକର ସଂକ୍ରାନ୍ତି

**ବାରିକପୁର, ୧୫।୧(ସମିସ):** ସବୁ ବର୍ଷ ଭଳି ଚଳିତ ବର୍ଷ ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ନିକଟସ୍ଥ ଜଗନ୍ନାଥ ପ୍ରସାଦ ଖଡ୍‌ଗଧାରିଣୀ ପୀଠରେ ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ଚଣ୍ଡୀପାଠ ଓ ହୋମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍କଳ୍ପ କର୍ତ୍ତା ଭାବେ ସନ୍ତୋଷ ମହାପାତ୍ର ଓ ରଶ୍ମିକାନ୍ତୀ ମହାପାତ୍ର ଦାୟିତ୍ୱ ନିର୍ବାହ କରିଥିଲେ। ପୂଜକଙ୍କ ବୈଦିକ ବେଦମନ୍ତ୍ର ପାଠ ଅନୁସାରେ ପୂଜା ସମ୍ପନ୍ନ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଅନେକ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହିତ ଗ୍ରାମବାସୀ ଓ ଆଖପାଖ ଅଞ୍ଚଳର ବୋହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଅନୁରୂପ ଭାବେ ବ୍ଲକର କିଛି ଦେବଦେବୀ ପୀଠରେ ୫ଦିନ ଧରି ମକର ଉତ୍ସବ ଆୟୋଜିତ ହୋଇଛି। ଏଥିପାଇଁ ଆୟୋଜକ କମିଟି ପକ୍ଷରୁ ଅପେରା ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ଜଣାପଡ଼ିଛି। ମେଳାରେ ଶାନ୍ତିଶୃଙ୍ଖଳା ପାଇଁ ସ୍ଥାନୀୟ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଛି।



## ବ୍ୟାସକବିଙ୍କ ଜୟନ୍ତୀ ପାଳିତ

**ବାରିକପୁର, ୧୫।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ୍‌ଠାରେ ଶରତ ଚନ୍ଦ୍ର କଲ୍‌ଚରାଲ ଏକାଡେମୀ ପକ୍ଷରୁ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଶିକ୍ଷାବିତ୍ ପଦ୍ମଲୋଚନ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ନିର୍ଦ୍ଦେଶକ ଡ. ସୁଶୀଲ କୁମାର ଘୋଷ, ‘ଅଞ୍ଜଳି’ର ସମ୍ପାଦକ ପ୍ରକାଶ ମହାପାତ୍ର, ସୁରଞ୍ଜନ ପଣ୍ଡା, ବିଜୟ କୁମାର ସ୍ୱାଇଁ, କିଶୋର ଚନ୍ଦ୍ର ଦାସ, ଅଧାପକ ରାଜେଶ ବିଶ୍ୱାଳ, ହରିଶ୍ଚନ୍ଦ୍ର ଜେନା ଯୋଗଦେଇ ଫକୀରମୋହନଙ୍କ ଜୀବନୀ ଓ ସାହିତ୍ୟକୃତି ସମ୍ପର୍କରେ ଆଲୋଚନା କରିଥିଲେ। ଏକାଡେମୀର ସମ୍ପାଦକ ବିଶ୍ୱନାଥ ବାରିକ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ବ୍ୟାସକବିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା।

## ସେବା ସଂଗଠନ ‘ଦ ହେଲ୍ପିଙ୍ଗ୍ ହ୍ୟାଣ୍ଡ୍‌ସ’ ଗଠିତ

**ତିହିଡ଼ି, ୧୫।୧(ସମିସ):** ପବିତ୍ର ମକର ସଂକ୍ରାନ୍ତି ଅବସରରେ ନୂଆ କରି ଗଠିତ ହୋଇଛି ‘ଦ ହେଲ୍ପିଙ୍ଗ୍ ହ୍ୟାଣ୍ଡ୍‌ସ’ ନାମକ ସାମାଜିକ ସେବା ସଂଗଠନ। ସମାଜର ଦୁଃସ୍ଥ, ଅସହାୟ ଓ ଅବହେଳିତ ମଣିଷଙ୍କ ସେବା କରିବାର ସଙ୍କଳ୍ପ ନେଇ ଶଙ୍ଖିଡ଼ାର ଶଙ୍କଡ଼େଶ୍ୱର ମହାଦେବଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ଏହି ଅନୁଷ୍ଠାନ ତା’ର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛି। ଏହି ଉପଲକ୍ଷେ ମନ୍ଦିର ପ୍ରାଙ୍ଗଣରେ ଏକ ସଭା ସଂଗଠନର ଉପଦେଷ୍ଟା ତଥା ସାହିତ୍ୟିକ ଯଦୁମଣି ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ତିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଅଭୟ ପତି, ସମ୍ମାନିତ ଅତିଥି ଭାବେ ସମାଜସେବୀ ଭରତଚନ୍ଦ୍ର ମହାପାତ୍ର ଓ ପ୍ରାକ୍ତନ ସେନା ଅଧିକାରୀ ଶରତ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଯୋଗଦେଇ ସାମାଜିକ ସଂସ୍କାରରେ ସଂଗଠନର କର୍ମକର୍ତ୍ତାମାନେ ନିଷ୍ଠାପର ଓ ନିରବଚ୍ଛିନ୍ନ ଭାବେ କାମ କରିବା ସହିତ ବିଭିନ୍ନ କାରଣରୁ ନିରାଶ ହୋଇ ପଡ଼ିଥିବା ମଣିଷଙ୍କ ଲାଗି ଆଶାର ଆଲୋକ ହେବାକୁ ପରାମର୍ଶ ଦେଇଥିଲେ। ପରେ ନବ ଗଠିତ ସଂଗଠନର ସଭାପତି ଭାବେ ରୋହିତାଶ୍ୱ ଶେଖର ପଣ୍ଡା, ଉପସଭାପତି ଭାବେ ବିଶ୍ୱଜିତ୍ ତ୍ରିପାଠୀ, ସମ୍ପାଦକ ଭାବେ ସୁମନ ସୌରଭ ତ୍ରିପାଠୀ, ସହସମ୍ପାଦକ ଭାବେ ଅବିନାଶ ସାହୁ, କୋଷାଧକ୍ଷ ଭାବେ ମୁକ୍ତିକାନ୍ତ ପାଢ଼ୀ, ସଂଯୋଜକ ଭାବେ ଇନ୍ଦ୍ରମଣି ସେଠୀ ଓ ସୋସିଆଲ ମିଡିଆ ସଂଯୋଜକ ଭାବେ ଶୁଭମ୍ ଶେଖର ରାଉତଙ୍କୁ ମୁଖ୍ୟଅତିଥି ଶ୍ରୀ ଗ୍ରହାଚାର୍ଯ୍ୟ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଆଖପାଖ ଗାଁର ୫୦ ଜଣ ବୃଦ୍ଧବୃଦ୍ଧାଙ୍କୁ ଅତିଥିମାନେ କମ୍ବଳ ବଣ୍ଟନ କରିଥିଲେ। ଶେଷରେ ସଂଗଠନ ସଭାପତି ଶ୍ରୀ ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଉପଦେଷ୍ଟା ମହେଶ୍ୱର ନାୟକ, ଦେବେନ୍ଦ୍ର ପଣ୍ଡା, ମହେଶ୍ୱର ସେଠୀ ଓ ଶୀଲାରାଣୀ ସାବତଙ୍କ ସମେତ ସୋମନାଥ ଯେନା, ରାଜେଶ ଯେନା, ଶୁଭକାନ୍ତ ସାହୁ, ସୁମନ୍ତ ସାହୁ, ଜ୍ୟୋତିର୍ମୟ ଯେନା, ରଜନୀକାନ୍ତ ପଣ୍ଡା, ପ୍ରଭାତ ନାୟକ, ସୁବ୍ରତ ଯେନା, ତାରାକାନ୍ତ ବେହେରା, ସ୍ୱାଧୀନ ବେହେରା, ସୂର୍ଯ୍ୟକାନ୍ତ ସାହୁ, ଅବିନାଶ ରାଉତ, ମୁକ୍ତିକାନ୍ତ ସାହୁ, ସୁବାସ ଚନ୍ଦ୍ର ଜେନା ଓ ଶିବାନନ୍ଦ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ମକର ସଂକ୍ରାନ୍ତିରେ ବିଭିନ୍ନ ଶକ୍ତି ପୀଠ ଚଳଚଞ୍ଚଳ

**ଅସୁରାଳି, ୧୫।୧(ସମିସ):** ଧାମନଗର ବ୍ଲକ ନଦୀଗାଁ ପଞ୍ଚାୟତ ତିନିଘରିଆ ଗାଁ ନିକଟସ୍ଥ ପ୍ରସିଦ୍ଧ ଶକ୍ତିପୀଠ ମା’ କୋଚିଲା ନାୟକାଣୀଙ୍କଠାରେ ବୁଧବାର ମକର ସଂକ୍ରାନ୍ତି ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ମା’ଙ୍କ ସ୍ନାନ ସରିବା ପରେ ରୀତିନୀତିରେ ପୂଜାର୍ଚ୍ଚନା, ହୋମ, ଆଳତି ହୋଇଥିଲା। ଏଥିସହ ମା’ଙ୍କଠାରେ ପଞ୍ଚାମୃତ, ନୀତିଭୋଗ ଓ ମକର ଚାଉଳ ଲାଗି କରାଯାଇଥିଲା। ପୂଜକ ଦେବେନ୍ଦ୍ରନାଥ ପଣ୍ଡା ଓ ଅଶୋକ ପଣ୍ଡା ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ସନ୍ଧ୍ୟାରେ ମଧ ମା’ଙ୍କୁ ଆଳତି କରାଯାଇଥିଲା। କୋଚିଲା ନାୟକାଣୀ ପରିଚାଳନା କମିଟି ପକ୍ଷରୁ ମା’ଙ୍କଠାରେ ଲଗାଯାଇଥିବା ଭୋଗ ଭକ୍ତମାନଙ୍କୁ ବଣ୍ଟନ କରାଯାଇଥିଲା। ମା’ କୋଚିଲା ନାୟକାଣୀ ପରିଚାଳନା କମିଟିର ସଦସ୍ୟମାନଙ୍କ ସହ ତିନିଘରିଆ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ମା’ଙ୍କ ପୀଠରେ ଆଖପାଖ ଅଞ୍ଚଳର ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଏହା ଛଡ଼ା ଗୋବିନ୍ଦପୁରର ବଜ୍ରାଶୁଣି, ବରୁଣେଇର ନେତ୍ର ପୀଠ, ଭଟସାହି ପଞ୍ଚାୟତର ଦପା ନାୟକାଣୀ ଆଦି ସ୍ଥାନରେ ମକର ସଂକ୍ରାନ୍ତି ଉପଲକ୍ଷେ ସ୍ୱତନ୍ତ୍ର ପୂଜା ଆୟୋଜିତ ହୋଇଥିଲା। ଦୋକାନ ବଜାରଠାରୁ ଆରମ୍ଭ କରି ମୀନାବଜାର ପର୍ଯ୍ୟନ୍ତ ଭଳିକି ଭଳି ଜିନିଷ ଶ୍ରଦ୍ଧାଳୁଙ୍କ ମନ ମୋହିଥିଲା।

## ଧାମରାଇ ମନ୍ଦିର ବେଢ଼ାରେ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା ଉଦ୍‌ଘାଟିତ

**ଭଦ୍ରକ, ୧୫।୧(ସମିସ):** ପବିତ୍ର ମକର ସଂକ୍ରାନ୍ତି ଅବସରରେ ଧାମରା ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା’ ଧାମରାଇଙ୍କ ମନ୍ଦିର ବେଢ଼ାରେ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା ବିବିସିସି ବ୍ୟାଙ୍କ ତରଫରୁ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଗଣେଶ ପ୍ରସାଦ ମହାପାତ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଧାମରା ପଞ୍ଚାୟତର ସମିତିସଭ୍ୟ ତଥା ଧାମରାଇ ମନ୍ଦିର କମିଟିର ସମ୍ପାଦକ ପାପା ଜେନା, ସଭାପତି ସୁରେଶ ମାହୁନ୍ତ, ସମାଜସେବୀ ଅଭିମନ୍ୟୁ ରାଉତ, ବିବିସିସି ବ୍ୟାଙ୍କ ଭଦ୍ରକ ଶାଖା ପରିଚାଳକ ସଞ୍ଜୟ ମହାନ୍ତି, ବିବିସିସି ବ୍ୟାଙ୍କ ଧାମରା ଶାଖା ପରିଚାଳକ ତପନ କୁମାର ଦାସ, ବ୍ୟାଙ୍କ ପରିଚାଳନା ପରିଷଦ ସଭ୍ୟ ନିରଞ୍ଜନ ଦାସ, ପ୍ରକାଶଜ୍ୟୋତି ମହାକୁଡ଼, ଯୋଗେନ୍ଦ୍ର ଘଡ଼େଇ, ରମେଶ ଚନ୍ଦ୍ର ଭାରତୀ, ନାରାୟଣ ଚନ୍ଦ୍ର ଦାସ, ସନାତନ ବିଶ୍ୱାଳଙ୍କ ସମେତ ଧାମରାଇ ମନ୍ଦିର ପରିଚାଳନା କମିଟିର ସଭ୍ୟମାନେ ଉପସ୍ଥିତ ଥିଲେ।



## ମକର ମହୋତ୍ସବରେ ଭଲିବଲ ଟୁର୍ଣ୍ଣାମେଣ୍ଟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

**ବନ୍ତ/ଆଗରପଡ଼ା, ୧୫।୧(ସମିସ):** ବନ୍ତ ବ୍ଲକ ଚାରିଗାଁ ପଞ୍ଚାୟତରେ ମକର ମହୋତ୍ସବ ପାଳିତ ହେବା ଅବସରରେ ପଞ୍ଚାୟତସ୍ଥିତ ତାରିଣୀ ପଡ଼ିଆରେ ଭଲିବଲ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ପଞ୍ଚାନନ ସାହୁଙ୍କ ତତ୍ତ୍ୱାବଧାନରେ ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶିକ୍ଷକ ପଞ୍ଚାନନ ପୃଷ୍ଟିଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଗରପଡ଼ା ଥାନାଧିକାରିଣୀ ସୁଜାତା ଖମାରୀ ମୁଖ୍ୟଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ଭାଷା ସଂସ୍କୃତିକୁ ଉଜ୍ଜୀବିତ ରଖିବା ପାଇଁ ଅନୁଷ୍ଠାନଗୁଡ଼ିକର ମୂଳ ଲକ୍ଷ୍ୟ ହେବା ଉଚିତ୍ ବୋଲି କହିଥିଲେ। ତାରିଣୀ ୟୁଥ୍ କ୍ଲବ୍ କର୍ମକର୍ତ୍ତା ପ୍ରିୟବ୍ରତ ସାହୁ, ପ୍ରଦୀପ ସାହୁ, ବିଜୟ ସାହୁ, ସୁରେଶ ପୃଷ୍ଟି, ପଞ୍ଚାନନ ମହାନ୍ତି, ପଞ୍ଚାନନ ବେହେରା, ରତ୍ନାକର ପୃଷ୍ଟି, ଭଜମନ ବେହେରା, ପଞ୍ଚୁଆ ବେହେରା ପ୍ରମୁଖ ଉପସ୍ଥିତ ରହି ମହୋତ୍ସବର ମହାନ ପରମ୍ପରା ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଦ୍ୟାଳୟସ୍ତରୀୟ ନୃତ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ତିନି ଦିନିଆ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ସାଳନ୍ଦୀ ନଦୀରୁ ୧୦୮ କଳସ ଗ୍ରାମ ବଜାର ପରିକ୍ରମା ଶୋଭାଯାତ୍ରାରେ ପୂଜା ମଣ୍ଡପକୁ ଅଣାଯାଇଥିଲା। ଦ୍ୱିତୀୟ ଦିବସରେ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇ ମକର ସଂକ୍ରାନ୍ତି ଦିନ ପୂର୍ଣ୍ଣାହୁତି ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଅନିରୁଦ୍ଧ ସାହୁ, ଭାଗବତ ପରମାଣିକ, ଅନିଲ୍ ସାହୁ, କମଳ ମହାନ୍ତି, ପ୍ରତାପ ସାହୁ, ରଘୁନାଥ ମହାନ୍ତି, ପ୍ରଶାନ୍ତ ସାହୁ, କୃଷ୍ଣ ଚନ୍ଦ୍ର ପୃଷ୍ଟି, ରଞ୍ଜନ ସାହୁ, ମନୋରଞ୍ଜନ ବେହେରା, ଚକ୍ରଧର ବେହେରା, ଚନ୍ଦ୍ରକାନ୍ତ ପୃଷ୍ଟି, ଚନ୍ଦ୍ରକାନ୍ତ ବେହେରା, ଅକ୍ଷୟ ପୃଷ୍ଟି, ପ୍ରତାପ ପୃଷ୍ଟି, ଘନଶ୍ୟାମ ବେହେରାଙ୍କ ସମେତ ଗ୍ରାମବାସୀ ପରିଚାଳନା କରିଥିଲେ।

## ଭଦ୍ରକରେ ବିଶାଳ ସ୍ୱର୍ଣ୍ଣ ଧନୁଷ ଯାତ୍ରା



**ଭଦ୍ରକ, ୧୫।୧(ସମିସ):** ସନାତନ ଜାଗରଣ ମଞ୍ଚ ଦ୍ୱାରା ରାଉରକେଲାରୁ ଆରମ୍ଭ ହୋଇଥିବା ସ୍ୱର୍ଣ୍ଣ ଧନୁଷ ଯାତ୍ରା ଗୁରୁବାର ଭଦ୍ରକ ରାଣୀତାଲରୁ ଶହଶହ ବାଇକ୍ ଶୋଭାଯାତ୍ରାରେ ଆରମ୍ଭ ହୋଇ ଡାହାଣିଗଡ଼ିଆ ଦେଇ ଗାନ୍ଧୀ ପଡ଼ିଆ ଶ୍ରୀରାମ ମହାଯଜ୍ଞ ସମିତି ମଣ୍ଡପରେ ପହଞ୍ଚିଥିଲା। ପରେ ଥାନାଛକ, ଟାଉନ୍‌ହଲ୍‌କଚେରିଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶେଷ ହେଲା। ଏଥିରେ ଘଣ୍ଟବାଦ୍ୟ, କୀର୍ତ୍ତନ ଦଳ ଦ୍ୱାରା ସ୍ୱାଗତ କରାଗଲା। ଏହି କାର୍ଯ୍ୟକ୍ରମକୁ ଭଦ୍ରକ ବିଧାୟକ ସୀତାଂଶୁ ମହାପାତ୍ର, ସୁଧାଂଶୁ ନାୟକ, ବାଣୀକଲ୍ୟାଣ ମହାନ୍ତି, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଭଦ୍ରକ ଜିଲ୍ଲା ବିଜେପି ସଭାପତି ଭଗବାନ ପଣ୍ଡା, ଅଜୟ ନାୟକ ପ୍ରମୁଖ ଶୁଭାରମ୍ଭ କରିଥିଲେ। ଶ୍ରୀରାମ ମହାଯଜ୍ଞ ସମିତି ସଭାପତି ଆଇନଜୀବୀ ନିତ୍ୟାନନ୍ଦ ନାୟକ, କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ସାଧାରଣ ସମ୍ପାଦକ ଶରତ ପଡ଼ିଆରୀ, ଉପସଭାପତି ତ୍ରିଲୋଚନ ନାୟକ, ସଂଯୋଜକ ଗୋବିନ୍ଦ ଚନ୍ଦ୍ର ରାଉତ, ସମ୍ପାଦକ ତୁଷାର ଦାସ, ସ୍ୱାଧୀନ ସୁନ୍ଦର ଦାସ, ସ୍ୱରୂପାନନ୍ଦ ମହାପାତ୍ର, କୋଷାଧକ୍ଷ ନିରଞ୍ଜନ ସାହୁ, ସହ କୋଷାଧକ୍ଷ ଶିବ ଶଙ୍କର ଦାସ ଉପସ୍ଥିତ ଥିଲେ। ସନାତନ ଜାଗରଣ ମଞ୍ଚର ସଦସ୍ୟ ଆଶୁତୋଷ ପଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। ରାଜ୍ୟ ସଭାପତି ସନ୍ତୋଷ ବିଶ୍ୱାଳ, ରାଜ୍ୟ ସମ୍ପାଦକ ବିଭୁ ସାହୁ, ଭାଗ୍ୟରାଜ ପାତ୍ର ମଧ ଉପସ୍ଥିତ ଥିଲେ। ଏଥିରେ ଜ୍ଞାନ ପାଣି, ସୁଧୀର ଦ୍ୱିବେଦୀ, ସୁମନ ମହାପାତ୍ର, ଚିରାଗ ଦେଶାଇ ନେତୃତ୍ୱ ନେଇଥିଲେ।

## ଇଟାଭାଟି ଧୂଆଁରେ ଅଣନିଃଶ୍ୱାସୀ ଅଞ୍ଚଳବାସୀ

**ଅସୁରାଳି, ୧୫।୧(ସମିସ)**



ଧାମନଗର ବ୍ଲକର ବିଭିନ୍ନ ଅଞ୍ଚଳରେ ବେଆଇନ ଇଟାଭାଟିର ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇଛି। ଧୂଷୁରୀ, ବେତାଲିଗାଁ, ନଦୀଗାଁ, ଅର୍ଜୁନପୁର, ପାଳସାହି, ସାହୁସାହି, ବାହାରବିଲ ଆଦି ସ୍ଥାନରେ ଇଟା ବ୍ୟବସାୟୀମାନେ ମନଇଚ୍ଛାରେ ଭାଟି ଜଳାଇ ପରିବେଶକୁ ଧୂଆଁରେ ଆଚ୍ଛାଦିତ କରୁଛନ୍ତି। ପ୍ରଦୂଷଣର ପ୍ରଭାବ ଯୋଗୁଁ ନଭେମ୍ବରରୁ ଏପ୍ରିଲ୍ ପର୍ଯ୍ୟନ୍ତ ଇଟାଭାଟିର କାର୍ଯ୍ୟକଳାପ ଅଧିକ ହୁଏ। ସ୍କୁଲ, ଡାକ୍ତଖାନା, ଗୋଚର ଜମି, ନଦୀପଠା କୌଣସି ସ୍ଥାନକୁ ଖାଲି ରଖାଯାଉ ନାହିଁ। ଧୂଆଁରେ ଅଞ୍ଚଳବାସୀଙ୍କ ନିଃଶ୍ୱାସ ପ୍ରଶ୍ୱାସରେ କଷ୍ଟ, ମୁଣ୍ଡବ୍ୟଥା, ଚକ୍ଷୁ ଜ୍ୱଳନ ଭଳି ସମସ୍ୟା ବୃଦ୍ଧି ପାଉଛି। ନଦୀପଠାରୁ ମାଟି ଖୋଳିବାରୁ ମୃତ୍ତିକାକ୍ଷୟ, ଜଳବାହିକାର ପରିବର୍ତ୍ତନ, ଭବିଷ୍ୟତରେ ବିପଜ୍ଜନକ ପରିସ୍ଥିତି ସୃଷ୍ଟିର ଆଶଙ୍କା ଦେଖାଦେଇଛି। ଜନସାଧାରଣଙ୍କ ଅଭିଯୋଗ ସତ୍ତ୍ୱେ ପ୍ରଶାସନ ନିରବତା ଅବଲମ୍ବନ କରୁଛି। କିଛି ବ୍ୟବସାୟୀ ରାଜସ୍ୱ ନିରୀକ୍ଷକଙ୍କ ସହିତ ମୂଲଚାଲ କରି ‘ଘରୋଇ ଭାବେ ଇଟା ପୋଡ଼ିବା’ ଦର୍ଶାଇ ଅନୁମତିପତ୍ର ହାସଲ କରୁଛନ୍ତି। ଏହି ଭିତିରିଆ ଅର୍ଥ କାରବାରରେ ସହଜରେ ବେଆଇନ୍ ବ୍ୟବସାୟ ଚାଲିଥାଏ। ପରିବେଶ ପ୍ରଦୂଷଣ, ମୃତ୍ତିକା କ୍ଷୟ ଓ ସ୍ୱାସ୍ଥ୍ୟ ସମସ୍ୟାରେ ଅଞ୍ଚଳବାସୀ ଅସୁବିଧାରେ ପଡୁଛନ୍ତି। ପ୍ରଶାସନ କେବେ କାର୍ଯ୍ୟାନୁଷ୍ଠାନ ନେବ ଏହାକୁ ନେଇ ଲୋକମାନଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଇଛି। ଏହି ପରିପ୍ରେକ୍ଷୀରେ କନିଷ୍ଠ ଖଣି ଅଧିକାରୀ ସୌମ୍ୟରଞ୍ଜନ ଦ୍ୱିବେଦୀଙ୍କୁ ପଚାରିବାରୁ ସେ କହିଲେ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ମାଲେମାଲ୍ ଇଟା ବେପାରୀ

**ଦୋଳସାହି, ୧୫।୧(ସମିସ):** ତିହିଡ଼ି ତହସିଲ୍ ଅଧୀନରେ ସର୍ବାଧିକ ବେଆଇନ ମାଟି ଇଟା ପ୍ରସ୍ତୁତ କରାଯାଉଥିବାବେଳେ ସରକାରଙ୍କ ପକ୍ଷରୁ ଖଣିଜ ସମ୍ପଦ ବିଭାଗକୁ ଫାଇନ କାଟିବା ପାଇଁ ଗତ ବର୍ଷରୁ ଦାୟିତ୍ୱ ଦେଇଛନ୍ତି। ଏହି ଖଣିଜ ସମ୍ପଦ ବିଭାଗ କାର୍ଯ୍ୟାଳୟ ଭଦ୍ରକ ଜିଲ୍ଲାରେ ଗୋଟିଏ ଥିବାବେଳେ ଏହା ଭଦ୍ରକ ମୋଟେଲ ଛକରେ ରହିଛି। ଅଧିକାରୀ ଭାବେ ସୌମ୍ୟରଞ୍ଜନ ଦ୍ୱିବେଦୀ ଦାୟିତ୍ୱ ସମ୍ଭାଳୁଥିବା ଜଣାଯାଇଛି। କର୍ମଚାରୀ ଓ କାର୍ଯ୍ୟାଳୟ ଅଭାବ ଥିବା ଯୋଗୁଁ ଏହି ବେଆଇନ ଇଟାଭାଟି ମାଲିକମାନଙ୍କ ମଧ୍ୟରୁ ଅଧିକାଂଶ ଗତବର୍ଷଠାରୁ ରାଜସ୍ୱ ଫାଙ୍କୁଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ଫଳରେ ମାଲେମାଲ୍ ହେଉଛନ୍ତି ବେଆଇନ ମାଟି ଇଟାଭାଟି ବେପାରୀ।

## ୨୫ରୁ ଯଶୋଟିକିରି ମହାବୀର କପ୍ କ୍ରିକେଟ

**ଭଣ୍ଡାରିପୋଖରୀ, ୧୫।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ନେରଡ଼ା ପଞ୍ଚାୟତ ଯଶୋଟିକିରି କ୍ରିକେଟ ପଡ଼ିଆରେ ୨୯ତମ ମହାବୀର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆସନ୍ତା ୨୫ ତାରିଖଠାରୁ ଆରମ୍ଭ ହେବ। ମହାବୀର କ୍ରିକେଟ୍ କ୍ଲବ୍ ଆନୁକୂଲ୍ୟରେ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଦିବସର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଭୁବନେଶ୍ୱର ସ୍କାନ୍ କ୍ରିକେଟ କ୍ଲବ୍ ଓ କଟକ ନିମପୁର ସ୍ପୋର୍ଟ୍ସ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହେବ। ଭୁବନେଶ୍ୱର ଫିଉଚର କ୍ରିକେଟ ଏକାଡେମୀ ସହ ଭୁବନେଶ୍ୱର ଆଦିତ୍ୟ ଏକାଦଶ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ୨୬ ତାରିଖରେ ଅନୁଷ୍ଠିତ ହେବ। ୨୭ରେ ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ କଟକ ଜୁଭେନାଇଲ ସ୍ପୋର୍ଟିଂ ଓ ନୟାଗଡ଼ ଜିଲ୍ଲା କ୍ରିକେଟ ସଂଘ ଏକାଦଶ ପରସ୍ପରକୁ ଭେଟିବେ। ୨୮ରେ ଶେଷ କ୍ୱାର୍ଟର ଫାଇନାଲ ମ୍ୟାଚ୍ କେନ୍ଦ୍ରାପଡ଼ା ଇନ୍ଦୁପୁର ଜିସିସି ଏକାଦଶ ଓ ବାଲେଶ୍ୱର ଆଦର୍ଶ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହେବ। ୨୯ ଓ ୩୦ ତାରିଖରେ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଏବଂ ଫାଇନାଲ୍ ମ୍ୟାଚ୍ ଫେବୃଆରୀ ପହିଲାରେ ଅନୁଷ୍ଠିତ ହେବ ବୋଲି କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି।

# ବନ୍ଦ ହେଲା ‘ନମୋ ଟି ଷ୍ଟଲ’; ମେଳାରେ ବିଜେପି ହଟହଟା

ବିଞ୍ଝାରପୁର,୧୫।୧(ସମିସ)

ବରୁଣେଶ୍ୱର ମେଳାରେ ବିଜେପିକୁ ହଟହଟା ହେବାକୁ ପଡ଼ିଛି। ଭାରତୀୟ ଜନତା ପାର୍ଟି ପକ୍ଷରୁ ମେଳାରେ ଏକ ‘ନମୋ ଟି ଷ୍ଟଲ’ ଖୋଲା ଯାଇଥିଲା। ମେଳାକୁ ଆସୁଥିବା ଯାତ୍ରୀଙ୍କୁ ମାଗଣାରେ ଚା’ ଦେଇ ଦଳୀୟ ପ୍ରଚାର କରିବା ପାଇଁ ପ୍ରୟାସ କରାଯାଉଥିବା ଅଭିଯୋଗ ଆଣି ଏହାକୁ ବନ୍ଦ କରିଦିଆଯାଇଛି। ସ୍ଥାନୀୟ କିଛି ଗ୍ରାମବାସୀ ଏହାକୁ ଘୋର ବିରୋଧ କରିଥିଲେ। ଏପରିକି ଏହି ଘଟଣାକୁ ନେଇ ରାସ୍ତାରୋକ କରାଯାଇଥିଲା। ଏହି ଷ୍ଟଲ୍ ଦ୍ୱାରା ବରୁଣେଶ୍ୱର ମେଳାକୁ ରାଜନୀତିକରଣ କରାଯାଉଛି ବୋଲି ଅଭିଯୋଗ କରିବା ସହିତ ତୁରନ୍ତ ଏହି ନମୋ ଟି ଷ୍ଟଲକୁ ହଟାଇବାକୁ ଦାବି ହୋଇଥିଲା। ଅଭିଯୋଗ ପାଇ





ଡିଏସ୍‌ପି ବାମଦେବ ନନ୍ଦ ଉପସ୍ଥିତ ଗ୍ରାମବାସୀଙ୍କୁ ବୁଝାଇବା ସହ ‘ନମୋ ଟି ଷ୍ଟଲ’ରେ ପହଞ୍ଚି ବିଜେପି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ଅନ୍ୟପକ୍ଷରେ ନମୋ ଟି ଷ୍ଟଲ୍‌କୁ ପାଲ ଘୋଡ଼ାଇ ବନ୍ଦ କରିଦିଆଯାଇଥିଲା। ଷ୍ଟଲଟି ବନ୍ଦ ହେବା ପରେ ଉତ୍ତେଜନାମୂଳକ ପରିସ୍ଥିତି ଥମିଛି। ଅନ୍ୟ ପକ୍ଷରେ ବିଜେଡି ନେତାମାନେ ଅସ୍ଥାୟୀ ଥାନାରେ ପହଞ୍ଚି ବିଜୁ ଜନତା ଦଳକୁ ଷ୍ଟଲ ପାଇଁ ସ୍ଥାନ ଦେବା ପାଇଁ ଦାବି କରିଥିଲେ। ବିଜେଡି ସଭାପତି ନନ୍ଦ ସାମଲଙ୍କ ସୂଚନା ଅନୁଯାୟୀ ପ୍ରସ୍ତୁତି ବୈଠକରେ କୌଣସି ରାଜନୈତିକ ଦଳ ମେଳା ପରିସରରେ ଦଳୀୟ କାର୍ଯ୍ୟକ୍ରମ ନ କରିବା ପାଇଁ ସ୍ଥିର ହୋଇଥିଲା। ୨୦୨୫ ମେଳାରେ ବିଜେପିର ଏହି ଷ୍ଟଲ୍‌କୁ ବିରୋଧ କରାଯାଇଥିଲା। ୨୦୨୬ରେ ପୁଣି ବିଜେପି ଅଶାନ୍ତ ପରିସ୍ଥିତି ସୃଷ୍ଟି କରିବାକୁ ଚେଷ୍ଟା କରିଛି ବୋଲି ଅଭିଯୋଗ ହୋଇଥିଲା। ତେଣୁ ପଞ୍ଚାୟତ ପ୍ରଶାସନ, ଗ୍ରାମବାସୀ ଏବଂ ବିଜେଡି ଦଳର ଯୁକ୍ତିକୁ ଦୃଷ୍ଟିଦେଇ ‘ନମୋ ଟି ଷ୍ଟଲ’କୁ ବନ୍ଦ ରଖାଯାଇଥିବା ପୁଲିସ ପକ୍ଷରୁ କୁହାଯାଇଛି।

## ପେଟ୍ରୋଲ ପମ୍ପ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଧର୍ମଶାଳା,୧୫।୧(ସମିସ): ଧର୍ମଶାଳା ଥାନା ନାକପୋଲ ବଜାରସ୍ଥିତ ଜଗନ୍ନାଥ କିଶାନ ସେବାକେନ୍ଦ୍ର ପେଟ୍ରୋଲ ପମ୍ପର ଜଣେ କର୍ମଚରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ଏହି ଥାନା ବାରବାଟୀ ପଞ୍ଚାୟତ ବଡ଼ଫୁଲାଡ଼ି ଗ୍ରାମର ଜୟରାମ ସାହୁଙ୍କ ପୁଅ ଅଭୟ ସାହୁ (୨୪) ବୋଲି ଜଣାପଡ଼ିଛି। ଅଭୟ କିଛି ଦିନ ହେଲା ନାକପୋଲସ୍ଥିତ ଜଗନ୍ନାଥ କିଶାନ ସେବା ପେଟ୍ରୋଲ ପମ୍ପରେ କର୍ମଚାରୀ ଭାବେ ରହି ଗାଡ଼ିରେ ତେଲ ଦେଉଥିଲେ। ତେବେ ଆଜି ମଧ୍ୟାହ୍ନରେ ସେ ଖାଇସାରି ରୁମରେ ବିଶ୍ରାମ ନେବାକୁ ଯାଇ ଆଉ ଫେରିନଥିଲେ। ସାଥୀ କର୍ମଚାରୀମାନେ ତାଙ୍କୁ ଖୋଜାଖୋଜି କରିବା ପରେ ଅଭୟ ବେକରେ ରଶି ଲଗାଇ ଓହଳିପଡ଼ିଥିବା ଦେଖିଥିଲେ। ଏ ନେଇ କର୍ମଚାରୀମାନେ ମାଲିକଙ୍କୁ ଜଣାଇବା ପରେ ମାଲିକ ମୃତକଙ୍କ ପରିବାର ଓ ପୁଲିସକୁ ଖବର ଦେଇଥିଲେ। ଧର୍ମଶାଳା ପୁଲିସ ସେଠାରେ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କ ଉପସ୍ଥିତିରେ ମୃତଦେହ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ଲାଗି ଧର୍ମଶାଳା ମେଡିକାଲକୁ ପଠାଇଥିଲେ। ଏ ନେଇ ଧର୍ମଶାଳା ଥାନା ପୁଲିସ ୨/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ବୋଲି ଥାନା ଅଧିକାରୀ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି।

## ଚିନ୍ଦାର ଗଣପର୍ବ ହରିହାଟ ମହୋତ୍ସବ ଆରମ୍ଭ



ପାଣିକୋଇଲି,୧୫।୧(ସମିସ): କୋରାଇ ବ୍ଲକ୍ ପଥରପଦା ପଞ୍ଚାୟତ ଓଚିନ୍ଦା ଗ୍ରାମର ଗଣପର୍ବ ହରିହାଟ ମେଳା ଓ ମହୋତ୍ସବ ଆରମ୍ଭ ହୋଇଛି। ଚଳିତ ବର୍ଷ ଧୂମଧାମରେ ହରିହାଟ ପର୍ବ ପାଳନ କରାଯାଉଛି। ନାମଯଜ୍ଞ, ଗୀତା ଓ ଭାଗବତ ପାଠ ସହ ଯଜ୍ଞ ଆରମ୍ଭ ହୋଇଛି। ଯଜ୍ଞ ଯୋଗୁଁ ସମ୍ପୂର୍ଣ୍ଣ ଗ୍ରାମକୁ ଆମିଷ ନିଷେଧ କରାଯାଇଛି। ଭକ୍ତ ଓ ଦର୍ଶକଙ୍କ ଭିଡ଼ ଜମିବା ସହ ଶ୍ରଦ୍ଧାଳୁମାନେ ଯଜ୍ଞକୁଣ୍ଡରେ ନଡ଼ିଆ, ଘିଅ, ଅରୁଆ ଚାଉଳ, ଧୂପ, ଉଖୁଡ଼ା, ଫୁଲ ପକାଉଛନ୍ତି। ଏହି ଅବସରରେ ମହୋତ୍ସବ କରାଯିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଏହି ମେଳା ଏକ ସପ୍ତାହ ବ୍ୟାପି ଚାଲିବ। ଗ୍ରାମ୍ୟ ମୁରବୀ ରଘୁନାଥ ପାଢ଼ୀଙ୍କ ତତ୍ତ୍ୱାବଧାନରେ ପୂଜକ ପରମାନନ୍ଦ ଶତପଥି, ରାଧାକାନ୍ତ ଶତପଥି, ପ୍ରଫୁଲ୍ଲ ପାଢୀ, କୃଷ୍ଣ ଚନ୍ଦ୍ର ପାଢୀ ପ୍ରମୁଖ ଯଜ୍ଞ ଭାର ତୁଲାଉଛନ୍ତି। ଗୋପିନାଥ ନାଟ୍ୟ ପରିଷଦ ପକ୍ଷରୁ ୩ ଦିନ ମୁକ୍ତାକାଶ ନାଟକ ପରିବେଷଣ ସହ ୩ଦିନ ଯାତ୍ରା ଅନୁଷ୍ଠିତ ହେବ। ସର୍ବୋପରି ଆଜି ଠାରୁ ଗାଁ ଗଣପର୍ବ ଅବସରରେ ଉତ୍ସବ ମୁଖର ହୋଇଛି। ଗ୍ରାମର ଆବାଳ ବୃଦ୍ଧ ବନିତା ଏହି କାର୍ଯ୍ୟକ୍ରମରେ ସହଯୋଗ ଓ ଯୋଗ ଦେବା ସହ ସନ୍ଧ୍ୟାରେ ମହିଳାଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ରଙ୍ଗୀନମାଳାରେ ସୁସଜ୍ଜିତ କରାଯାଇଛି ସମଗ୍ର ଅଂଚଳ। କମିଟି ପକ୍ଷରୁ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ଚଳିତ ବର୍ଷ ଗ୍ରାମରେ ନୂତନ ଗୋପିନାଥ ମନ୍ଦିର ପ୍ରତିଷ୍ଠାର ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ରଖାଯାଇଛି। ୨୦ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲୁ ରହିବ।

## ‘ଗୋକର୍ଣ୍ଣିକା’ର ନୂତନବର୍ଷ ସଂଖ୍ୟା ଉନ୍ମୋଚିତ




ଧର୍ମଶାଳା,୧୫।୧(ସମିସ): ଗୋକର୍ଣ୍ଣିକା ନୂତନ ବର୍ଷ ସଂଖ୍ୟା ଉନ୍ମୋଚନ ଉତ୍ସବ ମୁଖ୍ୟ ସମ୍ପାଦକ ଡକ୍ଟର ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ କାର୍ଯ୍ୟାଳୟ ପରିସର ଜାରକାଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ୱାର୍କସ କଲେଜ ଜାମସେଦପୁର ପ୍ରଫେସର ପ୍ରଖ୍ୟାତ ଗାଳ୍ପିକ ଡ. ସତ୍ୟପ୍ରିୟ ମହାଲିକ, ମୁଖ୍ୟବକ୍ତା ଭାବେ ଡକ୍ଟର ଦେବାନନ୍ଦ ଦାସ ଓ ସମ୍ମାନିତ ଅତିଥି ଭାବେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ରାଜ୍ୟ ସଂପାଦକ ଡ. ସନ୍ତୋଷ କୁମାର ମହାପାତ୍ର ଯୋଗ ଦେଇ ଗୋକର୍ଣ୍ଣିକା ନବବର୍ଷ ସଂଖ୍ୟାକୁ ଉନ୍ମୋଚନ କରିଥିଲେ। କାର୍ଯ୍ୟକାରୀ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଗୋକର୍ଣ୍ଣିକା ସମ୍ପାଦନା ମଣ୍ଡଳୀ ସଦସ୍ୟ ଡକ୍ଟର ମହେଶ୍ୱର ପାଢ଼ୀ ସୂଚନା ଦେଇଥିଲେ। ପୂର୍ବତନ ସଂପାଦକ ହୃଷୀକେଶ ସାମଲ ମଂଚ ଆମନ୍ତ୍ରଣ କରିଥିବାବେଳେ ଗୋକର୍ଣ୍ଣିକାର ଇତିହାସ ସଂପର୍କରେ ଡକ୍ଟର ରବୀନ୍ଦ୍ର ବିହାରୀ, ଡକ୍ଟର ଗୌତମ ଜେନା, ସ୍ତମ୍ଭକାର ସୁନାକର ସାହୁ, ପଣ୍ଡିତ ବ୍ରଜ କିଶୋର ଦାଶ, ଅଧ୍ୟାପ ବିଜୟ କୁମାର ନାୟକ, ଗାୟତ୍ରୀ ନାୟକ, ପ୍ରହଲ୍ଲାଦ ପଣ୍ଡା, ଧର୍ମଶାଳା ସାହିତ୍ୟ ସମାଜ ପୂର୍ବତନ ସଭାପତି କାହ୍ନୁଚରଣ ଦାଶ, ପ୍ରାଧ୍ୟାପକ ସନ୍ତୋଷ କୁମାର ବେହେରା ଆଲୋଚନା କରିଥିଲେ। ଉପସଭାପତି ସଂଗ୍ରାମ କେଶରୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଅଧ୍ୟାପକଙ୍କ ପକ୍ଷରୁ କମ୍ବଳ ବଣ୍ଟନ

ହାତୀବାରି/ସୁକିନ୍ଦା,୧୫।୧(ସମିସ): ଜାତୀୟ ଯୁବ ଦିବସ ଅବସରରେ ସୁକିନ୍ଦା ବ୍ଲକ୍ ହାତୀବାରିସ୍ଥିତ ନୀଳଚକ୍ର ଚେତନା ମଞ୍ଚ ସହାୟତାରେ ଦୁଇ ଅଧ୍ୟାପକଙ୍କ ପକ୍ଷରୁ ବୃଦ୍ଧ, ବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଏହି ମଞ୍ଚ ସହଯୋଗରେ ଡୁବୁରୀ ସାହି ସ୍ଥିତ ପୂଜା ମଣ୍ଡପରେ ଦୀର୍ଘବର୍ଷ ଧରି ପ୍ରତ୍ୟେହ ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ପାଠ ଜାରୀ ରହିଛି। ସ୍ଥାନୀୟ ଅଞ୍ଚଳର ବହୁ ବରିଷ୍ଠ ନାଗରିକ ପ୍ରତ୍ୟେକ ସନ୍ଧ୍ୟାରେ ଏହି ମଣ୍ଡପରେ ଉପସ୍ଥିତ ରହି ଭାଗବତ ଶ୍ରବଣ କରିବା ସହ ଅନ୍ୟମାନଙ୍କୁ ଆକର୍ଷିତ କରିବାରେ ସହାୟକ ହୋଇଥାନ୍ତି। ଏହି ଆଧ୍ୟାନିକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ସ୍ଥାନୀୟ ଭାରତୀବିହାର ମହାବିଦ୍ୟାଳୟର ଦୁଇ ଅଧ୍ୟାପକ ମନୋରଞ୍ଜନ ସାହୁ ଓ ଧୀରେନ୍ଦ୍ର କୁମାର ସାଥୁଆ ମହାପାତ୍ର ଭାଗବତ ପ୍ରେମୀ ମାନଙ୍କୁ ନିଜ ପକ୍ଷରୁ କମ୍ବଳ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀ ଶଶଧର ମୁଦୁଲି, ବଂଶୀଧର ପରିଡ଼ା, ଲବଙ୍ଗଲତା ପରିଡ଼ା, ମାନସ କୁମାର ପ୍ରଧାନ, ଭ୍ରମରବର ନାୟକ, ପରମେଶ୍ୱର ପରିଡ଼ା, ରଞ୍ଜନ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା ମହୋତ୍ସବ ସ୍ମରଣିକା ‘ଯଯାତି-୨୦୨୬’ ପାଇଁ ଲେଖା ଆହ୍ୱାନ

ଯାଜପୁର,୧୫।୧(ସମିସ): ଯାଜପୁରର କଳା, ସଂସ୍କୃତି ଓ ଐତିହ୍ୟର ମହାକୁମ୍ଭ ଜିଲ୍ଲା ମହୋତ୍ସବ “ଯଯାତି-୨୦୨୬’ ଆସନ୍ତା ଫେବୃଆରୀ ମାସରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଯୋଗଦେଇ ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ଓ ଅନ୍ୟାନ୍ୟ ଅତିଥିମାନେ ମହୋତ୍ସବର ମୁଖପତ୍ର ତଥା ସ୍ମରଣିକା ‘ଯଯାତି’ ପ୍ରକାଶନ ନେଇ ଆଲୋଚନା ହୋଇଥିଲା।

ବୈଠକର ନିଷ୍ପତ୍ତି ଅନୁଯାୟୀ, ଉଚ୍ଚକୋଟୀର ପ୍ରବନ୍ଧ, କବିତା, ଗଳ୍ପ ଏବଂ ଯାଜପୁରର ଲୁକ୍କାୟିତ ଐତିହ୍ୟ ଓ ପର୍ଯ୍ୟଟନ ଭିତ୍ତିକ ଆଲେଖ୍ୟ ଆହ୍ୱାନ କରାଯାଉଛି। ଏହି ସ୍ମରଣିକା ପ୍ରକାଶନୀ ନିମନ୍ତେ ଉଦୀୟମାନ ଯୁବ ଏବଂ ଛାତ୍ର ଲେଖକ/ ଲେଖିକାଙ୍କୁ ନିଜର ଲେଖା ପ୍ରେରଣ କରିବା ପାଇଁ ଉତ୍ସାହିତ କରାଯାଉଅଛି। ଆଗ୍ରହୀ ଲେଖକ/ଲେଖିକାମାନେ ସେମାନଙ୍କର ଲେଖା ଆସନ୍ତା ୨୫ ତାରିଖ ସୁଦ୍ଧା କେବଳ ଇ-ମେଲ୍ ମାଧ୍ୟମରେ ପଠାଇବାକୁ ଜିଲ୍ଲା ସଂସ୍କୃତି ଅଧିକାରୀ ଅନୁରୋଧ କରିଛନ୍ତି। ଇ-ମେଲ୍(souvenir.jajatimohatsav2026@gmail.com) ରେ ପଠାଇବାକୁ ହେବ। କୌଣସି ପ୍ରକାର ହାତ ଲେଖା କିମ୍ବା ଡାକ ଯୋଗେ ଲେଖା ଗ୍ରହଣ କରାଯିବ ନାହିଁ ବୋଲି ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ‘ଯଯାତି-୨୦୨୬’ ଅଡିସନ୍ ପାଇଁ ଭିଡିଓ ମଧ୍ୟ ଆହ୍ୱାନ କରାଯାଇଛି। ଏ ନେଇ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଏବଂ ବିଧାୟକ ଆକାଶ ଦାସ ନାୟକ ମହୋତ୍ସବରେ ସ୍ଥାନୀୟ କଳା ଓ ସଂସ୍କୃତିକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ମତପୋଷଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଜିଲ୍ଲାର ପ୍ରତିଭାବାନ କଳାକାରମାନଙ୍କୁ ମହୋତ୍ସବର ମୁଖ୍ୟ ମଞ୍ଚରେ ସୁଯୋଗ ଦେବା ପାଇଁ ଜିଲ୍ଲା ସଂସ୍କୃତି ପରିଷଦ ନିଷ୍ପତ୍ତି ଗ୍ରହଣ କରିଛି। ଭିଡିଓ ଉତ୍ତୋଳନ କରି ଏବଂ ଲିଖିତ ଦରଖାସ୍ତ ସହିତ ଇ-ମେଲ୍ (jajatimahotsav@gmail.com) ମାଧ୍ୟମରେ ପଠାଇବାକୁ ହେବ। ଭିଡିଓ ପଠାଇବାର ଶେଷ ତାରିଖ ଆସନ୍ତା ୨୫ ତାରିଖ ରହିଥିବା ଜଣାପଡ଼ିଛି। ଏକ ବିଶେଷଜ୍ଞ କମିଟି ଦ୍ୱାରା ଏହି ଭିଡିଓଗୁଡ଼ିକୁ ଯାଞ୍ଚ କରାଯିବା ପରେ ଯୋଗ୍ୟ ବିବେଚିତ ଦଳମାନଙ୍କୁ ଚୂଡ଼ାନ୍ତ ଭାବେ ଚୟନ କରାଯିବ ବୋଲି ଜଣାପଡିଛି।

## ଶ୍ରୀରାଧାକୃଷ୍ଣଜୀଉ ଠାକୁରବାଡ଼ିଆ ମହାସଂଘର ବୈଠକ

ଧର୍ମଶାଳା,୧୫।୧(ସମିସ): ଧର୍ମଶାଳା ବ୍ଲକ ଜାରକା ପଞ୍ଚାୟତ ଉତ୍ତରଶାସନସ୍ଥିତ ଅମରେଶ୍ୱରୀ ମନ୍ଦିର ପରିସରରେ ଦୁବଗାଡ଼ିଆ ଗ୍ରାମ ପକ୍ଷରୁ ଶ୍ରୀଶ୍ରୀ ରାଧାକୃଷ୍ଣ ଜୀଉ ଠାକୁରବାଡ଼ି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଂଘର କାର୍ଯ୍ୟକାରୀ ସଭାପତି କରୁଣାକର ବରାଳ ଅଧ୍ୟକ୍ଷତା କରିଥିଲେ। ଆଗାମୀ ଦିନରେ ମିଳନକୁ ନିଶାମୁକ୍ତ କରିବା ଏବଂ ଶବ୍ଦ ପ୍ରଦୂଷଣ ବନ୍ଦ କରିବା ନେଇ ଠାକୁରବାଡିର ମୁଖ୍ୟ ସୂର୍ଯ୍ୟମଣୀ ପଣ୍ଡା, ଅମୂଲ୍ୟ କୁମାର ବରାଳ, ସୁବାସ ଚନ୍ଦ୍ର ରାଉତରାୟ, ବ୍ରଜକିଶୋର ମହାନ୍ତି, ବିକାଶ କୁମାର ବରାଳ ପ୍ରମୁଖ ପ୍ରସ୍ତାବ ରଖିଥିଲେ। ପରବର୍ତ୍ତୀ ବୈଠକ ସୁନ୍ଦରିଆ ପଞ୍ଚାୟତ ଠେଙ୍ଗିଆମଠ ଠାରେ ଫେବୃଆରୀ ୧୫ରେ ଅନୁଷ୍ଠିତ ହେବ। ସଭାପତି ସୁରେନ୍ଦ୍ରନାଥ ନାୟକଙ୍କୁ ସମ୍ମାନିତ କରାଯାଇଥିବା ବେଳେ ଓ ପୂର୍ବତନ ସମ୍ପାଦକ ସ୍ୱର୍ଗତ ଦିଲ୍ଲୀପ କୁମାର ଦାଶଙ୍କୁ ମରଣୋତ୍ତର ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ପାଦକ ଜୟ ନାରାୟଣ ଶତପଥୀ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ କୋଷାଧ୍ୟକ୍ଷ ଜିତେନ୍ଦ୍ର ମହାନ୍ତି ଆୟବ୍ୟୟର ହିସାବ ପ୍ରଦାନ କରିଥିଲେ। ଦୁବଗାଡ଼ିଆ ଗ୍ରାମର ନବୀନ ମହାନ୍ତି, ଅମରେନ୍ଦ୍ର ରାଉତ ଓ ପ୍ରତାପ ପ୍ରଧାନ ପ୍ରମୁଖ ସହାୟତା କରିଥିଲେ।

## ସମାଜସେବୀ ବୈରାଗୀ ବିଶ୍ୱାଳଙ୍କ ପୁଣ୍ୟତିଥି




ଧର୍ମଶାଳା,୧୫।୧(ସମିସ): ଧର୍ମଶାଳା ବ୍ଲକ୍ ଜାରକାଠାରେ ବିଶିଷ୍ଟ ସମାଜସେବୀ ତଥା ସମାଜ ସଂସ୍କାରକ ସ୍ୱର୍ଗତ ବୈରାଗୀ ଚରଣ ବିଶ୍ୱାଳଙ୍କ ୧୭ତମ ପୁଣ୍ୟତିଥି ପାଳିତ ହୋଇଯାଇଛି। ସ୍ମୃତି କମିଟି ସମ୍ପାଦକ କାହ୍ନୁ ଚରଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ବୈରାଗୀ ଚରଣ ବିଶ୍ୱାଳଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମୁଖ୍ୟବକ୍ତା ଭାବେ ସମାଜସେବୀ ଅଭିମନ୍ୟୁ ଦାସ ଯୋଗଦେଇ ସମାଜର ଅବହେଳିତଙ୍କ ପାଇଁ କାର୍ଯ୍ୟ କରିବା ମହାନତା ବୋଲି କହିଥିଲେ। ବ୍ଲକ ଅଧ୍ୟକ୍ଷା ସୁଚିସ୍ମିତା ଦାସ ଓ ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ଶିକ୍ଷାବିତ୍ ରମେଶ ଚନ୍ଦ୍ର ସିଂହ, ଯୁଧିଷ୍ଠିର ସ୍ୱାଇଁ, ବେଣୁଧର ନାୟକ ଓ ସାମ୍ବାଦିକ ଅଖିଳ କୁମାର ସ୍ୱାଇଁ ବୈରଗୀ ବାବୁଙ୍କ ଶିକ୍ଷା ଓ ସମାଜସେବା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଡ଼କ୍ଟର ଜଗନ୍ନାଥ ଜେନାଙ୍କୁ ବୈରାଗୀ ବିଶ୍ୱାଳ ଶିକ୍ଷାବିତ ସମ୍ମାନ, ଅଧ୍ୟାପକ ଡ଼କ୍ଟର ମନୋଜ ଧୀରଙ୍କୁ ବୈରାଗୀ ବିଶ୍ୱାଳ ସମାଜସେବୀ ସମ୍ମାନ ଓ ସାମାଜିକ କର୍ମୀ ପୂର୍ଣ୍ଣଚନ୍ଦ୍ର ମଲିକଙ୍କୁ ବୈରାଗୀ ବିଶ୍ୱାଳ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପ୍ରାରମ୍ଭରେ ସ୍ମୃତି କମିଟି ସଭାପତି କିଶାନ ପଣ୍ଡା, କଲେଜ ଅଧ୍ୟକ୍ଷ ବଳଭଦ୍ର ଦାସ, ଅବସରପ୍ରାପ୍ତ ପ୍ରଧାପକ ରାଧାଶ୍ୟାମ ସାହୁ, ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ, କଂଗ୍ରେସ ନେତା ମାନସ ରଞ୍ଜନ କର, କୃଷକ ନେତା ବସନ୍ତ କୁମାର ପରିଡ଼ା, ଗୋଲକ ପଲେଇ ଓ ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ପ୍ରମୁଖ ଯୋଗଦେଇଥିଲେ। ଉପଦେଷ୍ଟା ଡ଼କ୍ଟର ପ୍ରଶାନ୍ତ କୁମାର ସ୍ୱାଇଁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ପରିବାର ପକ୍ଷରୁ ପୁଅ ପବିତ୍ର ମୋହନ ବିଶ୍ୱାଳ, ତାରିଣୀ ମୋହନ ବିଶ୍ୱାଳ, ନରେନ୍ଦ୍ର ମୋହନ ବିଶ୍ୱାଳ ଓ କ୍ରୀଷ୍ଣା ମୋହନ ବିଶ୍ୱାଳ ପ୍ରମୁଖ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। ଶିକ୍ଷାବିତ ବିଜୟ କୁମାର ଦେବତା ଧନ୍ୟବାଦ ଦେଇଥିଲେ।

● ଧର୍ମଶାଳା ନିର୍ବାଚନମଣ୍ଡଳୀସ୍ତରୀୟ ସମୀକ୍ଷା ବୈଠକ

## ବ୍ଲକ ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ



ଧର୍ମଶାଳା,୧୫।୧(ସମିସ): ଧର୍ମଶାଳା ବ୍ଲକରେ ଆଜି ବିଧାୟକ ହିମାଂଶୁ ଶେଖର ସାହୁ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବିଧାୟକ ଶ୍ରୀ ସାହୁ ବ୍ଲକ୍‌ରେ ପହଞ୍ଚି ବିଡିଓଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରି ବ୍ଲକ୍‌ରେ ପଡ଼ିରହିଥିବା କାର୍ଯ୍ୟ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ଆଗକୁ ଖରାଦିନ ଆସୁଥିବା ବେଳେ ବ୍ଲକର ସମସ୍ତ ପଞ୍ଚାୟତରେ ପାନୀୟ ଜଳର ସୁବ୍ୟବସ୍ଥା, ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାକୁ ତ୍ୱରାନ୍ୱିତ କରିବା, ପଞ୍ଚାୟତରେ ଆଲୋକୀକରଣ, ରାସ୍ତାଘାଟର ମରାମତି ଓ ନୂତନ ସଡ଼କ ନିର୍ମାଣ ଆଦି ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହ ସଠିକ ସମୟରେ କାର୍ଯ୍ୟ ସାରିବାକୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଯାଜପୁର ଜିଲ୍ଲାର ପ୍ରକଳ୍ପ ନିର୍ଦ୍ଦେଶକ ଉପଜିଲ୍ଲାପାଳ ତାପସ ରଞ୍ଜନ କୁମାର ଦେହୁରୀ, ବିଡିଓ ଜୋର୍ତିମୟ କର, ଧର୍ମଶାଳା ତହସିଲଦାର ସମୀର ରଞ୍ଜନ ଦାସ,

## ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ




ପ୍ରୀତିପୁର,୧୫।୧(ସମିସ): ଯାଜପୁର ଜିଲ୍ଲାର ସୁପ୍ରସିଦ୍ଧ ଶୈବପୀଠ ବରୁଣେଶ୍ୱର କ୍ଷେତ୍ରରେ ଆଜିଠାରୁ ୯ ଦିନ ବ୍ୟାପୀ ବରୁଣେଶ୍ୱର ମେଳା ଅନୁଷ୍ଠିତ ହେଉଛି। ଏହି ଅବସରରେ ଅଖିଳଚକ୍ର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତ ବର୍ଷ ବରୁଣେଶ୍ୱର ମହାବିଦ୍ୟାଳୟ ପରିସରରେ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଓ ମକରମିଳନ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ପୂର୍ବତନ ସାଂସଦ ତଥାଗତ ଶତପଥି ଉଦଘାଟନ କରିଥିଲେ। ସେ କହିଥିଲେ ଯେ ଓଡ଼ିଆ ଭାଷା ଦୁର୍ବଳ ନୁହେଁ, ଆମେ ଏହାର ସଠିକ୍ ବ୍ୟବହାର କରୁନାହାନ୍ତି। ଉତ୍ତ୍ରଭାଷା ସର୍ବପ୍ରାଚୀନ ଯାହାକୁ ବୁଦ୍ଧ ଭଲଭାବେ କହିପାରୁଥିଲେ। ମକରମିଳନ କମିଟିର ସଭାପତି ପ୍ରାଧ୍ୟାପକ ପ୍ରସନ୍ନ କୁମାର ରାଉତଙ୍କ ସଭାପତିତ୍ୱରେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଡଃ ନାରାୟଣ ପଣ୍ଡା ମୁଖ୍ୟବକ୍ତା, ପୂର୍ବତନ ଅଧ୍ୟକ୍ଷ ଡଃ ବଟକୃଷ୍ଣ ମହାପାତ୍ର, ଅଖିଳଚକ୍ରର ରାଜ୍ୟ ସଭାପତି, ଗାଳ୍ପିକ ରାଜ୍ୟବର୍ଦ୍ଧନ ଧଳମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ପ୍ରଥମ ଅଧିବେଶନରେ ଡଃ ଶ୍ରୀହରିଧଳଙ୍କ ସଭାପତିତ୍ୱରେ ବ୍ୟାସକବି ଫକୀରମୋହନଙ୍କ ଜୟନ୍ତୀ, ଓ ସ୍ୱରଚିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ମହାବିଦ୍ୟାଳୟର ଅଧ୍ୟକ୍ଷା ବିନ୍ଦୁରେଖା ନାୟକ ଏହି ମଞ୍ଚକୁ ଉଦ୍‌ଘାଟନ କରିଥିଲେ। କବିତା କପରି ହୃଦୟ ସ୍ପର୍ଶୀ ହୋଇପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ରାଷ୍ଟ୍ରପତି ପୁରସ୍କୃତ ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦ ବ୍ୟାସକବିଙ୍କ ସାରସ୍ୱତ କୃତୀ ସମ୍ପର୍କରେ ଆଲୋକପାତ କରିଥିଲେ। ଜୀତେନ୍ଦ୍ର କୁମାର ବେହେରା, ଅଭୟ ଖୁଂଟିଆ ସରସ୍ୱତୀ ପଣ୍ଡା, ମନୋରଞ୍ଜନ ଧଳ କବିତା ଗୁଡିକର ସଂଯୋଜନା କରିଥିଲେ। ନୀଳାଦ୍ରୀ ଷଡଙ୍ଗୀ, ଶାନ୍ତାକାର ବେଉରିଆ ଶଶୀଭୂଷଣ ସାମଲ, ସନ୍ତୋଷ କୁମାର ବେଉରିଆ ବିଭିନ୍ନ କାର୍ଯ୍ୟକ୍ରମରେ ସହ ଯୋଗ କରିଥିଲେ। ଚଳିତବର୍ଷର ରାଜ୍ୟସ୍ତରୀୟ ମକର ସମ୍ମାନ ତଥାଗତ ଶତପଥି, ଡଃ ନାରାୟଣ ପଣ୍ଡା, ଯାତ୍ରାଭିନେତା ଦଇତାରୀ ପଣ୍ଡା, କବି ରବୀନ୍ଦ୍ର କୁମାର ପାଢୀ କବିତା ସମ୍ମାନ କବି ଧନେଶ୍ୱର ରାଉତଙ୍କୁ ପ୍ରଦାନ କରାଯାଇଥିଲା। ଅନ୍ୟ ୧୮ ଜଣଙ୍କ କୃତୀତ୍ୱ ସମ୍ପନ୍ନ ବ୍ୟକ୍ତିଙ୍କୁ ସେମାନଙ୍କ ଉଲ୍ଲେଖନୀୟ କୃତୀତ୍ୱ ପାଇଁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଭା ଅନେ୍ୱଷଣ ରେ କୃତୀତ୍ୱ ହାସଲ କରିଥିବା ୫୬ ଜଣ ଛାତ୍ର ଛାତ୍ରୀଙ୍କୁ ଏହି ମଞ୍ଚରେ ପୁରସ୍କାର ବିତରଣ କରାଯାଇଥିଲା।

### ଜବରଦଖଲରେ ସ୍ଥିତିବାନ ଜମି

## ଏସ୍‌ପିଙ୍କୁ ଫେରାଦ ହେଲା ଜିଲ୍ଲା ଏସ୍‌ଏସ୍‌ଟି ସେବାସଂଘ

ପାଣିକୋଇଲି,୧୫।୧(ସମିସ)

ବ୍ରହ୍ମବରଦା ଥାନା ଅନ୍ତର୍ଗତ ଚାନ୍ଦପୁର ଗ୍ରାମରେ ସ୍ଥିତିବାନ ଜମି ଜବରଦଖଲରେ ଥିବା ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ମାମଲା ରୁଜ ହୋଇଥିଲା। ତଥାପି କୌଣସି କାର୍ଯ୍ୟାନୁଷ୍ଠାନ ନହେବା ଫଳରେ ଆଜି ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଜମି ମାଲିକଙ୍କ ସହ ଗ୍ରାମବାସୀ ପହଞ୍ଚି ଏସ୍‌ପିଙ୍କୁ ଭେଟି ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଥିଲେ। ଚାନ୍ଦପୁର ଗ୍ରାମର ଦଳିତ ମହିଳା ବବିତା ଦାସଙ୍କ ଅଭିଯୋଗ ମୁତାବକ ତାଙ୍କର ସ୍ଥିତିବାନ ସମ୍ପତି ଚାନ୍ଦପୁର ମୌଜାର ଖାତା ନମ୍ବର ୨୦୫ ଓ ୨୦୬ (୧ଏକର ୧୨ଗୁଣ୍ଠ)



କୁ ସେହି ଗ୍ରାମର ମୁଷ୍ଟିମେୟ ସଂଖ୍ୟାଲଘୁ ସମ୍ପ୍ରଦାୟର ୧୬ ଜଣ ବ୍ୟକ୍ତି ଜବରଦଖଲ କରି ଘରକରି ଉଡ଼ା ଲଗାଇଛନ୍ତି। ଜମି ଛାଡ଼ିବାକୁ କହିବାରୁ ବାରମ୍ବାର ହଁ ଭରି ମଧ୍ୟ ଦଖଲ ଛାଡୁନାହାନ୍ତି କି ଘର ଭାଙ୍ଗୁନାହାନ୍ତି। ଅପରପକ୍ଷେ ବିଭିନ୍ନ ସମୟରେ ଧମକ ଓ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଉଛନ୍ତି। ଏନେଇ ଗତ ୨୦୨୫ ଜୁନ ୯ତାରିଖ ବ୍ରହ୍ମବରଦା ଥାନାରେ ଅଭିଯୋଗ କରାଯାଇଥିଲା। ପୁଲିସ ୧୬ ଜଣଙ୍କ ନାମରେ ଏକ ମାମଲା ୧୬୪/୨୫ ରୁଜୁ କରିଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଫଳରେ ଜମି ମାଲିକ ଭୟଭିତ ହୋଇ ରହିଛନ୍ତି। ଏନେଇ ଯାଜପୁର ଜିଲ୍ଲା ଏସଏସଟି ସେବା ସଂଘ ସମ୍ପାଦକ ବଳରାମ କାଣ୍ଡିଙ୍କ ନେତୃତ୍ୱରେ ଆଜି ଏସପିଙ୍କୁ ଭେଟି ଏହାର ଉଚ୍ଚସ୍ତରୀୟ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଚାନ୍ଦପୁର ଦଳିତ ବସ୍ତି ପକ୍ଷରୁ ଦାବି ହୋଇଛି।

## ସାଧାରଣତନ୍ତ୍ର ଦିବସ ପାଇଁ ସାଂସ୍କୃତିକ ଦଳ ଚୟନ ୧୯ରେ

ଯାଜପୁର,୧୫।୧(ସମିସ): ଆଗାମୀ ୭୭ ତମ ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସ ପରେଡ୍ ପରେ ଦେଶାବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ପାଇଁ ଶ୍ରେଷ୍ଠ ଦଳ ଚୟନ ଏବଂ ଜନସାଧାରଣଙ୍କ ପାଇଁ ଏକ କୁଇଜ୍ ପ୍ରତିଯୋଗିତା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକର ନିଷ୍ପତ୍ତି କ୍ରମେ, ଜିଲ୍ଲା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଆସନ୍ତା ୧୯ ତାରିଖ ଦିନ ଯାଜପୁର ସ୍ଥିତ ଗୌତମ ବୁଦ୍ଧ ସଂସ୍କୃତି ଭବନ ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରଥମାର୍ଦ୍ଧରେ ସାଂସ୍କୃତିକ ଦଳ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେବ, ଯେଉଁଥିରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେଇପାରିବେ। କାର୍ଯ୍ୟକ୍ରମଟି ସମ୍ପୂର୍ଣ୍ଣ ଶାଳୀନତାପୂର୍ଣ୍ଣ ତଥା ଦେଶାତ୍ମବୋଧକ ନୃତ୍ୟ ଓ ସଙ୍ଗୀତ ଉପରେ ଆଧାରିତ ହେବା ଆବଶ୍ୟକ। ଅଂଶଗ୍ରହଣ କରିବାକୁ ଇଚ୍ଛୁକ ଥିବା ଅନୁଷ୍ଠାନଗୁଡ଼ିକ ନିଜ ସାଙ୍ଗରେ ୫ ମିନିଟ୍ ଅବଧିର ସଙ୍ଗୀତ ଟ୍ରାକ୍ ପେନ୍ ଡ୍ରାଇଭ୍ ମାଧ୍ୟମରେ ଆଣିବାକୁ ବାଧ୍ୟତାମୂଳକ କରାଯାଇଛି। ଏହି ଅଡିସନ୍ ମାଧ୍ୟମରେ ୪ଟି ଶ୍ରେଷ୍ଠ ସାଂସ୍କୃତିକ ଦଳକୁ ଚୟନ କରାଯିବ। ଯେଉଁମାନେ କି ମୁଖ୍ୟ ଉତ୍ସବ (ଜାନୁୟାରୀ ୨୬) ରେ ନିଜର କଳା ପ୍ରଦର୍ଶନ କରିବାର ସୁଯୋଗ ପାଇବେ। ସେହିଦିନ ଦ୍ୱିତୀୟାର୍ଦ୍ଧରେ ଅର୍ଥାତ୍ ଅପରାହ୍ଣ ସମୟରେ ଏକ 'ଖୋଲା କୁଇଜ୍ ପ୍ରତିଯୋଗିତା'ର ଆୟୋଜନ କରାଯାଇଛି। ଏହି ପ୍ରତିଯୋଗିତାରେ କେବଳ ଛାତ୍ରଛାତ୍ରୀ ନୁହେଁ, ବରଂ ଜିଲ୍ଲାର ଯେକୌଣସି ଆଗ୍ରହୀ ଜନସାଧାରଣ ଅଂଶଗ୍ରହଣ କରିପାରିବେ ଓ ଚୟନ ହୋଇଥିବା ସାଂସ୍କୃତିକ ଦଳ ଏବଂ କୁଇଜ୍ ବିଜେତାମାନଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ଟ୍ରଫି, ମେଡାଲ୍ ଏବଂ ପ୍ରମାଣପତ୍ର ପ୍ରଦାନ କରାଯିବ। ଆଗ୍ରହୀ ଶିକ୍ଷାନୁଷ୍ଠାନ ଏବଂ ବ୍ୟକ୍ତିବିଶେଷ ଯଥାଶୀଘ୍ର ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

# ବାରିପଦା ମକର ମହୋତ୍ସବ ଉଦ୍‌ଘାଟିତ




**ବାରିପଦା, ୧୫।୧(ସମିସ):** ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୫ନଂ ୱାର୍ଡସ୍ଥ ପୂର୍ଣ୍ଣଚନ୍ଦ୍ରପୁରଠାରେ ବାରିପଦା ମକର ମହୋତ୍ସବ ଆରମ୍ଭ ହୋଇଛି। ତ୍ରିରଙ୍ଗା କ୍ଲବ ପକ୍ଷରୁ ଆୟୋଜିତ ଏହି ମହୋତ୍ସବରେ ଅତିଥି ଭାବେ କ୍ରୀଡ଼ା ସଂଗଠକ ତଥା ସମାଜସେବୀ ଗିରିଶ ଚନ୍ଦ୍ର ଦାସ, ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ସମାଜସେବୀ କାଶୀନାଥ ରଣା, ସ୍ଥାନୀୟ କାଉନସିଲର ନିରୂପମା ମହାନ୍ତି ଓ ପ୍ରଣବ ମହାନ୍ତ ପ୍ରମୁଖ ଯୋଗଦେଇ ଏହି ମହୋତ୍ସବକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର ସଭାପତି ଆଲୋକ ମହାନ୍ତି, ଉପସଭାପତି ରବୀନ୍ଦ୍ର କୁମାର ମହାନ୍ତି, ସମ୍ପାଦକ ବିଶ୍ୱରଞ୍ଜନ ବାଗ, ବରିଷ୍ଠ ସଦସ୍ୟ ସରୋଜ ମହାପାତ୍ର (ଲିଟନ), ନବକିଶୋର ଗିରି, ମଳୟ ଦତ୍ତ, ଶିବଶଙ୍କର ବାଗ, ଶଶାଙ୍କ ତେଲେଙ୍ଗା, କାହ୍ନୁ ବାଗ, ଉମେଶ ମହାରଣା, ସେକ ଅଜିଜ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମ ଦେବତୀ ଲାଲପାଟ ସାଲପାଟ ମନ୍ଦିର ନିକଟରୁ ଏକ ମଶାଲ ରାଲି ବାହାରି ସହର ପରିକ୍ରମା କରିଥିଲା। ଏହି ମହୋତ୍ସବରେ ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ଖେଳାକୁଦ, ବ୍ୟାଡ଼ମିଣ୍ଟନ, କ୍ୟାରମ, ଭଲିବଲ ଓ କବାଡି ପ୍ରତିଯୋଗିତା ଓ ୧୮ରୁ ୨୦ ତାରିଖ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ପୁରସ୍କାର ବିତରଣୀ ଉତ୍ସବ ଆୟୋଜିତ ହେବ ବୋଲି ସଭାପତି ଆଲୋକ କୁମାର ମହାନ୍ତି ଜଣାଇଛନ୍ତି। ଦୀର୍ଘବର୍ଷ ଧରି ନିଆରା ଢଙ୍ଗରେ ଏହି ମହୋତ୍ସବ ବାରିପଦା ସହରରେ ଅନୁଷ୍ଠିତ ହୋଇଆସୁଛି। ଖେଳକୁଦ ପ୍ରତିଯୋଗିତାରେ ସ୍ଥାନୀୟ ଓ ଆଖପାଖ ଅଞ୍ଚଳର ଛୋଟ ଛୋଟ ପିଲାଙ୍କଠାରୁ ବୟସ୍କ ପର୍ଯ୍ୟନ୍ତ ଅଂଶଗ୍ରହଣ କରୁଥିବାବେଳେ କ୍ୟାରମ, ବ୍ୟାଡ଼ମିଣ୍ଟନ, ଭଲିବଲ ଖେଳରେ ଜିଲ୍ଲା ଓ ଜିଲ୍ଲା ବାହାରୁ ଖେଳାଳି ଅଂଶଗ୍ରହଣ କରିଥା'ନ୍ତି।

# ଅମର୍ଦ୍ଦା ମକର ମହୋତ୍ସବ ଉଦ୍‌ଯାପିତ



**ରାସଗୋବିନ୍ଦପୁର, ୧୫।୧(ସମିସ):** ଅମର୍ଦ୍ଦା ମକର ମହୋତ୍ସବ ଉଦଯାପିତ ହୋଇଛି। ଏ ଅବସରରେ ପୁରସ୍କାର ବିତରଣୀ ସଭା ଓ ୩୭ତମ ଅଭାସ ଚନ୍ଦ୍ର ସ୍ମାରକୀ କର୍କ ବଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅମର୍ଦ୍ଦା ସରପଞ୍ଚ ଶ୍ରୀମତୀ ଦୁଲାରୀ ହାଁସଦା ଯୋଗଦେଇ ଖେଳ ଓ ସଂସ୍କୃତି ମାଧ୍ୟମରେ ଯୁବପିଢ଼ିଙ୍କ ସମନ୍ୱିତ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଚିତ୍ରଡ଼ା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରସନ୍ନ ଜେନା ଯୋଗଦେଇ ଶିକ୍ଷା ସହ ଖେଳର ସମ୍ପର୍କ ବିଷୟରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ନବକିଶୋର ଦାସ ଉପସ୍ଥିତ ରହି ଆୟୋଜକଙ୍କ ପ୍ରୟାସକୁ ସାଧୁବାଦ ଜଣାଇଥିଲେ।

ଏ ଅବସରରେ ଆୟୋଜିତ ୩୭ତମ ଅଭାସ ଚନ୍ଦ୍ର ସ୍ମାରକୀ କର୍କ ବଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରୁ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଦର୍ଶକଙ୍କ ମଧ୍ୟରେ ବିଶେଷ ଉତ୍ସାହ ଦେଖାଯାଇଥିଲା। ଫାଇନାଲ୍ ମ୍ୟାଚ୍ ଏମକେସିଟି ସୋରୋ ଓ ସାହିଲ ଏକାଦଶ (ବାଲେଶ୍ୱର) ମଧ୍ୟରେ ଖେଳାଯାଇଥିଲା। ଟସ୍ ଜିତି ଏମକେସିଟି ପ୍ରଥମେ ବ୍ୟାଟିଂ କରି ୨୦ ଓଭର ଖେଳି ଦମଦାର ପ୍ରଦର୍ଶନ କରିଥିଲା। ଖେଳଟି ଶେଷ ପର୍ଯ୍ୟନ୍ତ ରୋମାଞ୍ଚକର ହୋଇଥିଲା। ଆୟୋଜକ କମିଟି ପକ୍ଷରୁ ସମସ୍ତ ଅତିଥି, ଖେଳାଳି, ସହଯୋଗୀ ଓ ଦର୍ଶକଙ୍କୁ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମର ସମାପ୍ତି ଘୋଷଣା କରାଯାଇଥିଲା।

# ମକର ମେଳା ପାଇଁ କୁମ୍ଭୀରାହୁଡ଼ି ଚଳଚଞ୍ଚଳ



**କୁଆମରା, ୧୫।୧(ସମିସ):** ଗୋପବନ୍ଧୁନଗର ବ୍ଲକ କୁଶଳଦା ପଞ୍ଚାୟତ ଖଡିଆବସା ନିକଟସ୍ଥ କୁମ୍ଭୀରାହୁଡ଼ି ମକର ପାଇଁ ଚଳଚଞ୍ଚଳ ହୋଇଉଠିଛି। ଏହି ହୁଡିର ପାଦଦେଶରେ ପ୍ରତିବର୍ଷ ମକର ସଂକ୍ରାନ୍ତି ପରଦିନଠାରୁ ମେଳା ଆରମ୍ଭ ହୋଇଥାଏ। ପର୍ବତର ପଶ୍ଚିମ ଦିଗରେ ମା' ଅମ୍ବିକା, ବଳେଇବିରି, ସିନ୍ଦୁରଗୌରା, ଦୁଆରଶୁଣୀ, ଭଗବତୀ ପ୍ରଭୃତି ପନ୍ଦର ଦେବାଦେବୀ ଏହି ପୀଠରେ ପୂଜା ପାଆନ୍ତି। ପ୍ରତି ଅମାବାସ୍ୟା, ସଂକ୍ରାନ୍ତି, ପୂର୍ଣ୍ଣିମା ଓ ପର୍ବପର୍ବାଣୀରେ ଦେବାଦେବୀଙ୍କ ପୂଜା ବିଧିବଦ୍ଧ ଭାବେ ଅନୁଷ୍ଠିତ ହୋଇଥାଏ। ଠାକୁରଙ୍କ ସେବା ଓ ନିତିକାନ୍ତି ପାଇଁ ଶଶୀଧର ବିଶ୍ୱାଳ ନାମକ ଜଣେ ବ୍ୟକ୍ତି ବହୁ ଦିନରୁ ଦାୟିତ୍ୱରେ ଅଛନ୍ତି।

ପର୍ବତର ଉଚ୍ଚତା ପ୍ରାୟ ୩ ଶହ ଫୁଟରୁ ଅଧିକ ହେବ। ପର୍ବତ ଶିଖରରେ ୧୦ ଫୁଟ ଉଚ୍ଚତା ବିଶିଷ୍ଟ ଏକ ଶୂନ୍ୟ ମନ୍ଦିର କେଉଁ ଆବାହାନ କାଳରୁ ନିର୍ମାଣ ହୋଇଛି। ବର୍ଷର କେବଳ ମକର ସମୟରେ ଏହି ମନ୍ଦିର ଉପରକୁ ଏକ ଜଳପୂର୍ଣ୍ଣ ଘଟ ଉଠିଥାଏ। ଉକ୍ତ ଘଟ ୯ ଦିନ ଧରି ପୂଜା ପାଇବା ପରେ ଘଟର ବିସର୍ଜନ ଦିଆଯାଇ ସଂକୀର୍ତ୍ତନ ମାଧ୍ୟମରେ ଘଟ ତଳକୁ ଅଣାଯାଇଥାଏ। ପର୍ବତ ରାଜା ଓ ପ୍ରଭୁ ନୀଳକଣ୍ଠଙ୍କ ଉଦ୍ଦେଶ୍ୟରେ ଏହି ପୂଜା ଚଳିତ ବର୍ଷ ୫୬ ବର୍ଷରେ ପଦାର୍ପଣ କରିଥିବା ପ୍ରତିଷ୍ଠାତା ବନମାଳୀ ଚୌଧୁରୀ କହିଛନ୍ତି। ପ୍ରତିଦିନ ଦୂରଦୂରାନ୍ତରୁ ଭକ୍ତମାନେ ଆସି ଠାକୁରଙ୍କ ଆଶୀର୍ବାଦ ନେବା ପାଇଁ ପର୍ବତ ଉପରକୁ ଉଠିଥା'ନ୍ତି। ପରିଚାଳନା ପାଇଁ ଏହାର ସ୍ୱତନ୍ତ୍ର କମିଟି ରହିଛି। କମିଟି ସଭାପତି ହରିମୋହନ ସିଂ, ସମ୍ପାଦକ ଭଗବାନ ସିଂ, ସହସଂଯୋଜକ ନରହରି ସିଂ ପ୍ରମୁଖଙ୍କ ଦ୍ୱାରା ମେଳା ପରିଚାଳନା ହୋଇଥାଏ। ଶାନ୍ତିଶୃଙ୍ଖଳା ପାଇଁ ପୁଲିସ ପ୍ରଶାସନ ପକ୍ଷରୁ ଫୋର୍ସ ମୁତୟନ ହୋଇଛନ୍ତି। ତେବେ ଦୁଇ ସପ୍ତାହ ଧରି ଏଠାରେ ମେଳା ବସିଥାଏ। ପ୍ରତିଦିନ ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥାଏ।

# ମକର ମିଳନ ସମାରୋହ ଓ ମକର ମଣ୍ଡା ଲୋକାର୍ପଣ





**ସାରସକଣା, ୧୫।୧(ସମିସ):** ନନ୍ଦିଘୋଷ ସାହିତ୍ୟ ସମାଜ ଓ ମକର ମଣ୍ଡା ପରିବାର ପକ୍ଷରେ ସ୍ଥାନୀୟ ସାରସକ୍ଷେତ୍ର ଶ୍ରୀଜଗନ୍ନାଥ ପୀଠସ୍ଥ କଲ୍ୟାଣ ମଣ୍ଡପରେ ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜନ୍ମତିଥି, ଜିଲ୍ଲାର ଗଣପର୍ବ ପବିତ୍ର ମକର ସଂକ୍ରାନ୍ତି ଶୁଭାବସର ଅପରାହ୍ନ ଆନନ୍ଦ ଉଲ୍ଲାସ ମଧ୍ୟରେ ମକର ମିଳନ ସମାରୋହ ଓ ଅନୁଷ୍ଠାନର ସାହିତ୍ୟ ପତ୍ରିକା 'ମକର ମଣ୍ଡା -୨୦୨୬'ର ବିଂଶତମ ସଂଖ୍ୟା ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାରସ୍ୱତ ସଭାରେ ସାହିତ୍ୟ ସମାଜର ସଭାପତି ଡଃ ଉପେନ୍ଦ୍ର ନାଥ ସାହୁ ପୌରୋହିତ୍ୟ କରିଥିଲେ। ସମାରୋହରେ ବିଶିଷ୍ଟ ଗାଳ୍ପିକା ଅବସରପ୍ରାପ୍ତ ପ୍ରାଧ୍ୟାପିକା ମେଘମାଳା ବେହେରା ମୁଖ୍ୟଅତିଥି, ସହକାରୀ ପ୍ରଫେସର ସରୋଜ ନାୟକ ମୁଖ୍ୟବକ୍ତା, ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ ଓଡ଼ିଆ ଭାଷା।। ସାହିତ୍ୟ ବିଭାଗ ମୁଖ୍ୟ ସ୍ୱନାମଧନ୍ୟ ପ୍ରାବନ୍ଧିକ ଡଃ ନିର୍ମଳ କୁମାର ସାହୁ ବିଶେଷ ଅତିଥି ଓ କବି ସତୀଶ ଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାହିତ୍ୟ ପତ୍ରିକା 'ମକର ମଣ୍ଡା-୨୦୨୬' ଲୋକାର୍ପଣ ପୂର୍ବକ ଦୀର୍ଘବର୍ଷ ହେଲା ପତ୍ରିକାଟି କିପରି ଓଡ଼ିଆ ଭାଷାର ଉନ୍ନତି ନିମନ୍ତେ ନିରନ୍ତର ସେବା ଦେଇଆସୁଛି, ତା'ଉପରେ ବକ୍ତବ୍ୟ ରଖିଥିଲେ। ଅତିଥିବୃନ୍ଦ ମୟୂରଭଞ୍ଜ ମାଟିର ବରପୁତ୍ର ଓ ରାଜନ୍ୟବର୍ଗଙ୍କ ଐତିହାସିକ ଚରିତ୍ର ଆଧାରିତ ପ୍ରବନ୍ଧ ସୃଷ୍ଟିକାରୀ ଅନ୍ୟତମ ସାରସ୍ୱତ ତପସ୍ୱୀ, ପ୍ରଖ୍ୟାତ ଗାଳ୍ପିକ ଶାନ୍ତନୁ ବେଜଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଓ ସମ୍ବର୍ଦ୍ଧନାପତ୍ର ଅର୍ପଣ ପୂର୍ବକ ଅରୁନ୍ଧତୀ କାବ୍ୟର ସ୍ରଷ୍ଟା ପରମାନନ୍ଦ ସାହୁ ସ୍ମୃତି ନିବେଦିତ ଚଳିତବର୍ଷର ମର୍ଯ୍ୟାଦାବନ୍ତ 'ମକର ମଣ୍ଡା ସାରସ୍ୱତ ସମ୍ମାନ' ପ୍ରଦାନ କରିଥିଲେ। ସମ୍ବର୍ଦ୍ଧନାପତ୍ର ପାଠ କରିଥିଲେ ପତ୍ରିକାର ସହସମ୍ପାଦିକା ସୁଶ୍ରୀ ଅଞ୍ଜଳି ଦାସ। ସମ୍ବର୍ଦ୍ଧିତ ପ୍ରତିଭା ଶ୍ରୀ ବେଜ୍ ନିଜର ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ। ରାମେଶ୍ୱର ମୁର୍ମୁଙ୍କ ଅଲଚିକି ଭାଷାରେ ରଚିତ 'ମିରୁ ଘାଟି' କାବ୍ୟ ମଧ୍ୟ ଉନ୍ମୋଚିତ ହୋଇଥିଲା। ସମାରୋହରେ ସାମ୍ବାଦିକ କ୍ଷୀରୋଦ ଚନ୍ଦ୍ର ଦାସ ଓ ତପନ କୁମାର ଦଣ୍ଡପାଟଙ୍କୁ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭିକ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ ମୃତ୍ୟୁଞ୍ଜୟ ଭୋଳ, ସଞ୍ଜୟ କୁମାର ଭୋଳ ଓ ଶ୍ରୀମାନ ସତ୍ୟଦୀପ। ଭଜନ ଆଧାରିତ ନାଚ ପ୍ରସ୍ତୁତ କରିଥିଲେ ନୃତ୍ୟଶିଳ୍ପୀ ଜୟଶ୍ରୀ, ମାନସୀ, ପଲକ, ମନୀଷା, ଶ୍ରଦ୍ଧା ଶ୍ରୀରୂପା, ପ୍ରଜ୍ଞାସା ଓ କାବେରୀ। ସମ୍ପାଦକ ଜଗନ୍ନାଥ ସାହୁ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ବରିଷ୍ଠ ସଦସ୍ୟ ପଦ୍ମନାଭ ସାହୁ ମଞ୍ଚ ଆମନ୍ତ୍ରଣ ଓ ଅତିଥି ପରିଚୟ ଦେଇଥିବାବେଳେ ଅନ୍ତର୍ଯ୍ୟାମୀ ସାହୁ, ଅତୁଲ ଚନ୍ଦ୍ର ଦାସ, ଦୁର୍ଗାପ୍ରସାଦ ନନ୍ଦୀ, ହିମାଂଶୁ ଶେଖର ସାହୁ, ପ୍ରଦୀପ କୁମାର ପାଲିତ, ନବକିଶୋର ସେଠୀ, ପ୍ରଶାନ୍ତ କୁମାର ସାହୁ, ରବୀନ୍ଦ୍ର ନାଥ ଭୋଳ, ବିଭୂତି ପ୍ରତିହାରୀ, ରଙ୍ଗବଲ୍ଲଭ ସାହୁ, ସନ୍ଧ୍ୟାରାଣୀ ନାଏକ ଓ ପାଣିଜିଆ କିଶୋରୀ କନ୍ୟାଗ୍ରୁପ୍ ଉତ୍ସବ ଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଚାନ୍ଦୁଆରେ ରାବଣପୋଡ଼ି ଉତ୍ସବ



**କୁଳିଅଣା, ୧୫।୧(ସମିସ):** କୁଳିଅଣା ବ୍ଲକ ଚାନ୍ଦୁଆ ପଞ୍ଚାୟତର ଚାନ୍ଦୁଆଠାରେ ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ମକର ସଂକ୍ରାନ୍ତି ପରଦିନ କ୍ରୀଡ଼ା ପ୍ରତିଯୋଗିତା ସହ ରାବଣ ପୋଡ଼ି ଓ ବାରୁଦ ଖେଳ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ବିଧାୟିକା ସଞ୍ଜାଲୀ ମୁର୍ମୁଙ୍କ ସହିତ ତାଙ୍କ ପିତା ସୁଗୁଦା ମୁର୍ମୁ, ୯ନଂ ଜୋନ୍ ମଣ୍ଡଳ ସଭାପତି ଆନନ୍ଦ ବେହେରା ଉପସ୍ଥିତ ଥିଲେ। ବହୁତ ସଂଖ୍ୟକ ଲୋକ ଉପସ୍ଥିତ ରହି ରାବଣ ପୋଡ଼ି ଓ ବାରୁଦ ଖେଳକୁ ଉପଭୋଗ କରିଥିଲେ। ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ରାଜ୍ୟ ଲୋକ ଉପସ୍ଥିତ ଥିଲେ। ସଭାପତି ପଙ୍କଜ ବେହେରା, ଉପସଭାପତି ବିକାଶ ପାତ୍ର, ସମ୍ପାଦକ ସୁକୁମାର ବେହେରା, ସହସମ୍ପାଦକ ପବନ ବେହେରା, କୋଷାଧ୍ୟକ୍ଷ ଉତ୍ତମ ସିଂ, ସହକାରୀ କୋଷାଧ୍ୟକ୍ଷ ଜଗବନ୍ଧୁ ସିଂ, ରାଜୀବ ଗୋସ୍ୱାମୀ ଦିନେଶ ପ୍ରସାଦ ବାରିକ, ମୁକେଶ ଦାଶ, ଭୁଷୁ ଦାସ, ଡାକ୍ତର ସିଂ, ଗିରିଶ ସିଂଙ୍କ ସହିତ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

# ମକରରେ ଗ୍ରାମାଞ୍ଚଳରେ ବୃଦ୍ଧି ପାଇଛି ବେଆଇନ ମଦ କାରବାର

**ରାଇରଙ୍ଗପୁର, ୧୫।୧(ସମିସ):** ଗଣପର୍ବ ମକର ସଂକ୍ରାନ୍ତି ପାଳନ ନେଇ ମୟୂରଭଞ୍ଜ ଜିଲ୍ଲାର ସହର ଅପେକ୍ଷା ଗ୍ରାମାଞ୍ଚଳରେ ଅଧିକ ଉତ୍ସବର ମାହୋଲ ରହିଛି। ମକର କୁମା ସହ ଟୁସୁ ମେଳା ଜାରି ରହିଛି। ଏଥିସହିତ ପ୍ରତି ଗ୍ରାମରେ ଆଦିବାସୀ ହାଟ, ମେଳା, କ୍ରୀଡ଼ା ପ୍ରତିଯୋଗିତା ମଧ୍ୟ ହେଉଛି। ଯାହାକୁ ନେଇ ଅନେକ ଲୋକଙ୍କ ସମାଗମ ସହ ବେଆଇନ କାର୍ଯ୍ୟକଳାପ ମାତ୍ରା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଉକ୍ତ ସ୍ଥାନରେ ବେଆଇନ ଭାବେ ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ଉତ୍ସବ ମାହୋଲ ମଧ୍ୟରେ ନକଲି ମଦ ବିକ୍ରି ପରିମାଣ ବୃଦ୍ଧି ପାଇଛି। ସଭିଏଁ ମକରରେ ମସଗୁଲ ଥିବାବେଳେ ଏହାର ସୁଯୋଗ ନେଇ ମୁନାଫାଖୋର ନକଲି ମଦ ବିକ୍ରି କରୁଛନ୍ତି। ଯାହାକୁ ନିୟନ୍ତ୍ରଣ କରିବାରେ ଅବକାରୀ ବିଭାଗ ଫେଲ୍ ମାରିଛି। ରାଜ୍ୟ ସରକାରଙ୍କ ମଦ ମୁକ୍ତ ଓଡ଼ିଶା ଗଠନ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଯାହାକି ଧୂଆଁ ବାଣ ସାଜିଥିବା ଗ୍ରାମାଞ୍ଚଳରେ ମଦ କାରବାର ଅଧିକ ହେଉଛି।

**▸▸ ନକଲି ମଦର ଅଧିକ କାରବାର**
**▸▸ ଅବକାରୀ ବିଭାଗ ରୋକ ଲଗାଇବାକୁ ଦାବି**

ନୂତନ ମଦ ଦୋକାନ ପାଇଁ ଲାଇସେନ୍ସ ପ୍ରଦାନ କରାଯାଉଥିବାବେଳେ ବେଆଇନ ମଦ କାରବାର ମଧ୍ୟ ଅନେକ ମାତ୍ରାରେ ବୃଦ୍ଧି ପାଇବାରେ ଲାଗିଛି। ଯାହାକୁ ନିୟନ୍ତ୍ରଣ କରିବାରେ ବିଭାଗ ବିଫଳ ହୋଇଛି। ବାମନଘାଟି ଓ ପାଞ୍ଚପିଢ ଉପଖଣ୍ଡର ବିଭିନ୍ନ ସ୍ଥାନର ହାଟ ଓ ମେଳା ସ୍ଥାନରେ ବେଆଇନ ଭାବେ ମଦ ବିକ୍ରି ଜାରି ରହିଛି। ସେଠାରେ ଥିବା ହୋଟେଲ ଓ ଫାଷ୍ଟଫୁଡ଼ ଦୋକାନରେ ବେଆଇନ ମଦ କାରବାର ଅଧିକ ହେଉଛି। ଏଥିସହିତ ପ୍ରତି ଗ୍ରାମରେ ଦେଶୀ ଓ ବିଦେଶୀ ମଦ ବେଆଇନ ଭାବେ ବିକ୍ରି ହେଉଛି। ଏ ନେଇ ସବୁ ଜାଣି ମଧ୍ୟ ଅବକାରୀ ବିଭାଗ ଅଧିକାରୀ ଚୁପ୍ ରହୁଛନ୍ତି। ଯଦ୍ୱାରା ବେଆଇନ ନକଲି ମଦ କାରବାର ମାତ୍ରାଧିକ ଭାବେ ବଢ଼ିଚାଲିଛି। ସବୁଠି ଏଭଳି ସମାନ ପରିସ୍ଥିତି ଯୋଗୁଁ ସ୍ୱାସ୍ଥ୍ୟଗତ ସମସ୍ୟା, ଅଶିକ୍ଷିତଙ୍କ ସଂଖ୍ୟା ବୃଦ୍ଧି, ଦୁର୍ଘଟଣା, ଅପରାଧିକ କାର୍ଯ୍ୟକଳାପ ଓ ସାମାଜିକ ଅସ୍ଥିରତା ମଧ୍ୟ ଦେଖିବାକୁ ମିଳୁଛି। ନିଶାଶକ୍ତ ଅବସ୍ଥାରେ ଜୁଆ ଓ କୁକୁଡ଼ା ଖେଳ ଆଦି ଖେଳୁଛନ୍ତି। ସେଥିରେ ସବୁ ଟଙ୍କା ହାରି ଯାଇ ଅପରାଧିକ କାର୍ଯ୍ୟକଳାପ ଘଟାଇବାର ସମ୍ଭାବନା ରହୁଛି। ଯାହାକି ମକର ସଂକ୍ରାନ୍ତି ଭଳି ଉତ୍ସବ ସମୟରେ ଶାନ୍ତ ଓ ଖୁସିର ମାହୋଲକୁ ନଷ୍ଟ କରିବାର ଆଶଙ୍କା ରହିଛି। ତେଣୁ ବେଆଇନ ମଦ କାରବାର ବନ୍ଦ କରିବା ପାଇଁ ଅବକାରୀ ବିଭାଗ ପଦକ୍ଷେପ ଗ୍ରହଣ କରିବାକୁ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

# ରାଜାବାବୁ ମେମୋରିଆଲ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**କରଞ୍ଜିଆ, ୧୫।୧(ସମିସ):** ଗଡ଼ସାହି ଜେଏମବି କ୍ଲବ ଆନୁକୂଲ୍ୟରେ ରାଜବାବୁ ମେମୋରିଆଲ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଆଜି ଉଦଯାପିତ ହୋଇଛି। ଏହି କ୍ରୀଡା ପ୍ରତିଯୋଗିତା ମଧ୍ୟରେ କ୍ରିକେଟ, ଫୁଟବଲ, ଦୌଡ଼, ଉଚ୍ଚଡିଆଁ, ଲମ୍ବଡିଆଁ, ଛୁଆଙ୍କ ନିମନ୍ତେ ଜିଲେବି ଦୌଡ଼, ହାଣ୍ଡି ଫୁଟା, ମ୍ୟୁଜିକ ଚେୟାର, ସ୍ଲୋ ସାଇକଲ ରେସ, ବ୍ୟାଲାନ୍ସ ରେସ, ପୁଚିଖେଳ ପ୍ରଭୃତି ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ କ୍ରିକେଟ ଫାଇନାଲରେ ପଟାକାଟ ଏକାଦଶ ଓ ରେଡବୁନ ୧୩ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପଟାକାଟ ଏକାଦଶ ବିଜୟୀ ହୋଇ ଚାମ୍ପିଅନ ହୋଇଥଲା। କ୍ରିକେଟ ଖେଳରେ ୮ ଟି ଦଳ ଭାଗ ନେଇଥିଲେ।



କ୍ଲବ୍ ସଭାପତି ଶୁଭେନ୍ଦୁ ନାଏକଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଅଜୟ ଦାସ, ଅଯୋଧ୍ୟା କୁମାର ନାୟକ ଯୋଗଦେଇ ଉଦୀୟମାନ ଯୁବକ ସ୍ୱର୍ଗତ ରାଜବାବୁଙ୍କ ସ୍ମୃତିଚାରଣ କରିବା ସହିତ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। କ୍ରିକେଟ ଖେଳକୁ କ୍ଷେତ୍ରବାସୀ ବାରିକ ଓ ରୂପେଶ କୁମାର ସରାଫ ପରିଚାଳନା କରିଥିଲେ। ଖେଳ ପ୍ରତିଯୋଗିତାରେ ମହିଳାଙ୍କ ନିମନ୍ତେ ଲେମ୍ବୁ ଚାମୁଚ, ପାଣି ଆଞ୍ଜୁଳା ଓ ବେଲୁନ ଫୁଟା ଖେଳ ଅନୁଷ୍ଠିତ ହୋଇଥିଲା। କ୍ଲବ୍‌ର ଶୁଭେନ୍ଦୁ କୁମାର ନାଏକ, ରମ୍ୟ, ଗୋପୀନାଥ ମିରିଡ଼ିଆ, ସନୁ ରାମ, ଖିରିଦ ଦାସ, ବାପୁନ୍ ନାଏକ, ଲିପୁ ନାଏକ, ପଦ୍ମରଞ୍ଜନ ନାଏକଙ୍କ ସହିତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ମକର ପର୍ବ ଥିବାରୁ ହଜାର ହଜାର ଦର୍ଶକ ଖେଳକୁ ଉପଭୋଗ କରିଥିଲେ।

# ଖଡ଼ିଆ ଜନଜାତିଙ୍କୁ କମ୍ବଳ ବଣ୍ଟନ



**ରାଇରଙ୍ଗପୁର, ୧୫।୧(ସମିସ):** ମୟୂରଭଞ୍ଜବାସୀଙ୍କ ଗଣପର୍ବ ମକର ସଂକ୍ରାନ୍ତି ଅବସରରେ ଖଡ଼ିଆ ଜନଜାତି ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଉକ୍ତ ଆଦିମ ଖଡ଼ିଆ ଜନଜାତି ଲୋକେ ଦୁର୍ଗମ ତଥା ଅପହଞ୍ଚ ଅଞ୍ଚଳରେ ବସବାସ କରନ୍ତି। ବହଳଦା ବ୍ଲକ ଅନ୍ତର୍ଗତ ଯଶିପୁର ପଞ୍ଚାୟତର ଦିବାକଚା ଗ୍ରାମକୁ ଯାଇ ସିଟିଜେନ୍ସ ଫୋରମ ଫର ପ୍ରୋଗ୍ରେସିଭ ଓଡ଼ିଶା ଓ ଆନ୍ତର୍ଜାତିକ ସେବା ଅନୁଷ୍ଠାନ ଥିଓସଫିକାଲ୍ ଅର୍ଡର ଅଫ ସର୍ଭିସର ସଭ୍ୟ କମ୍ବଳ ବଣ୍ଟନ କରିଛନ୍ତି। ପ୍ରବଳ ଶୀତରୁ ରକ୍ଷା ପାଇବା ପାଇଁ ଅସହାୟ ଖଡ଼ିଆ ଜନଜାତିଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଯୁବ ଉଦ୍ୟୋଗୀ ତଥା ସମାଜସେବୀ ଦେବବ୍ରତ ହୋତା, କିସ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ଗଣେଶ ମିଶ୍ର, ସମାଜସେବୀ ଦୀପକ ମିଶ୍ର ପ୍ରମୁଖ ଉପସ୍ଥିତ ରହି ବଣ୍ଟନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଆଗାମୀ ଦିନରେ ଏଭଳି ମାନବଧର୍ମୀ କାର୍ଯ୍ୟକ୍ରମ ଜାରି ରହିବ ବୋଲି ଅନୁଷ୍ଠାନର ସଭ୍ୟ ସୂଚନା ଦେଇଥିଲେ। ସଂଗଠନ ପକ୍ଷରୁ ସମାଜ ପାଇଁ ଏଭଳି ମହତ ପ୍ରୟାସକୁ ସମସ୍ତେ ପ୍ରଶଂସା କରିଥିଲେ।

# ରକ୍ତରଞ୍ଜିତ ହେଲା ମିରିଗିଦାରୀର କୁକୁଡ଼ା ପଡ଼ା

**ବୈଶିଙ୍ଗା, ୧୫।୧(ସମିସ):** ବୈଶିଙ୍ଗା ଥାନା ଅଧୀନ ମିରିଗିଦାରୀ ଗ୍ରାମ ଉପକଣ୍ଠ ପଡ଼ିଆରେ ମକର ବାସି ଅର୍ଥାତ ୧୫ ତାରିଖ ଦିନ ଜମିଯାଏ କୁକୁଡ଼ା ଲଢ଼େଇ। ଗାଁ ଲୋକଙ୍କ ଦ୍ୱାରା ଆୟୋଜିତ ଉକ୍ତ କୁକୁଡ଼ା ଲଢ଼େଇରେ ସାରା ରାଜ୍ୟରୁ ହଜାର ହଜାର କୁକୁଡ଼ା ହାଉସି ନିଜ ଲଢୁଆ କୁକୁଡ଼ାକୁ ନେଇ ସକାଳୁ ଆସି ପହଞ୍ଚିଯା'ନ୍ତି। ସେହିଭଳି କୁକୁଡ଼ାକୁ ନେଇ ଜୁଆ ଲଗାଇବାକୁ ଆସନ୍ତି ପଡ଼ୋଶୀ ଜିଲ୍ଲା ସମେତ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକ। ଏହି କୁକୁଡା ଲଢ଼େଇ ସମୟରେ ଲୋକମାନେ ନିଜ ନିଜ ପସନ୍ଦର କୁକୁଡ଼ା ଜିତିବା ଆଶା ରଖି ବାଜି ଲଗାଇଥା'ନ୍ତି। ଯେଉଁ କୁକୁଡ଼ା ଜିତିଥାଏ, ତା'ଉପରେ ବାଜି ଲଗାଇଥିବା ଲୋକମାନେ ହାରିଯାଇଥିବା ଲୋକଙ୍କଠାରୁ ବାଜି ମୁତାବକ ଟଙ୍କା ନେଇଥା'ନ୍ତି।



ଅନ୍ୟପକ୍ଷରେ ପଡ଼ିଆରେ ଭିଡ଼କୁ ଲକ୍ଷ୍ୟ କରି ବିଭିନ୍ନ ବ୍ୟବସାୟୀ ମଧ୍ୟ ନିଜ ପସରା ମେଲେଇ ଥା'ନ୍ତି। ତେବେ ପ୍ରଶାସନିକ କଟକଣା ଢିଲା ପାଇଁ ଏବେ ଏହି କୁକୁଡ଼ା ଲଢ଼େଇ ସହିତ ବାଜିରେ ଲାଗୁଛି ଜୁଆ ଟଙ୍କା। ଗୋଟିଏ କୁକୁଡ଼ାର ଦାମ ୩୦ ହଜାର ଟଙ୍କା। କଥାଟି ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ଏକ ଫାଇଟର୍ (ଲଢୁଆ) କୁକୁଡ଼ା ୩୦ ହଜାର ଟଙ୍କାର ବିକ୍ରି ପାଇଁ ମୂଲଚାଲ ହୋଇଛି। ବୈଶିଙ୍ଗା ଅଞ୍ଚଳର ଏହି ଲଢୁଆ କୁକୁଡ଼ା ପ୍ରାୟତଃ ୫ରୁ ୧୦ ହଜାର ଟଙ୍କା ଭିତରେ ଆଣୁଥିବାବେଳେ ଚଳିତ ବର୍ଷ ଏକ ଗଞ୍ଜାକୁ ୩୦ ଟଙ୍କାରେ କିଣୁଥିବା ଦେଖିବାକୁ ମିଳୁଛି। ଜଣେ କୁକୁଡ଼ା ବିକ୍ରେତା ନିଜ ନାମ ଗୋପନ ରଖି ପ୍ରକାଶ କରିଛନ୍ତି, ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବି ଫାଇଟର କୁକୁଡ଼ା ତାମିଲନାଡୁରେ ମିଳୁଛି। କିନ୍ତୁ ଏପଟେ ସେମିତି ଗ୍ରାହକ ନାହାନ୍ତି। ଏଭଳି କୁକୁଡ଼ା ସୁସ୍ଥ ଥିବା ପର୍ଯ୍ୟନ୍ତ ଲଢ଼େଇରେ ଅନେକ କୁକୁଡ଼ାକୁ ହରାଇପାରିବ। ଏଥିପାଇଁ ଏହାର ମୂଲ୍ୟ ଏତେ ଅଧିକ ବୋଲି ଜଣାପଡ଼ିଛି।

ଗଞ୍ଜା ଲଢ଼େଇରେ ଅନେକ ସମୟରେ ଲକ୍ଷ ଲକ୍ଷ ଟଙ୍କା ବାଜି ଲାଗିଥାଏ। ଏଥିପାଇଁ ନିଜ ଗଞ୍ଜାକୁ ଜିତାଇବା ପାଇଁ ମାଲିକ ଏକ ଦମଦାର ଲଢୁଆ ଗଞ୍ଜା ଧରି ମଇଦାନରେ ଓହ୍ଲାଇଥା'ନ୍ତି। ହେଲେ ଅଳ୍ପ କେଇ ସମୟରେ ଅଧିକ ଟଙ୍କା ରୋଜଗାର କରିବା ଆଶାରେ ଅନେକ ଲୋକ ଏହି କୁକୁଡ଼ା ଉପରେ ଜୁଆ ଖେଳନ୍ତି। କୁକୁଡ଼ାର ହାରଜିତ୍ ସେମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରେ। ତେବେ ବେତନଟୀ ତଥା ଆଖପାଖ ବ୍ଲକର ଯୁବପିଢିଙ୍କୁ ଏବେ ଏହା ନିଶା ଭଳି ଘାରିଲାଣି। ଏହି କୁକୁଡ଼ା ଲଢ଼େଇରେ ଟଙ୍କା ବାଜି ଲଗାଇ ସେମାନେ ସର୍ବସ୍ୱାନ୍ତ ହେଉଛନ୍ତି। ଖାସ୍ ଏଥିପାଇଁ ୨୦୧୮ରେ ସୁପ୍ରିମକୋର୍ଟ ଏହି ଲଢ଼େଇକୁ ବନ୍ଦ କରିବା ପାଇଁ ଆଦେଶ ଦେଇଥିଲେ। ହେଲେ ପରମ୍ପରା ଆଳରେ ଏହି କୁକୁଡ଼ା ଲଢ଼େଇ ବୈଶିଙ୍ଗା ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଜାରି ରହିଛି।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରୁ ସଫଳତା ମିଳିବ। ସନ୍ତାନଙ୍କ ପ୍ରଗତିରେ ଅଭିଭାବକ ଖୁସି ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ଭଲ କାର୍ଯ୍ୟ ଯୋଗୁଁ ସମାଜରେ ପ୍ରତିଷ୍ଠା ବଢ଼ିବ।

**ବୃଷ:** ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ବହୁତ ଭଲ। ବିଦ୍ୟାର୍ଥୀମାନେ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ।

**ମିଥୁନ:** କୌଣସି କ୍ଷେତ୍ରରୁ ଆଘାତ ପାଇପାରନ୍ତି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ବିଦ୍ୟାର୍ଥୀମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ।

**ସିଂହ:** ଶତ୍ରୁଙ୍କୁ ଦୁର୍ବଳ ମନେ କରନ୍ତୁନି। ଅଟକି ଥିବା କାର୍ଯ୍ୟ ସମାପନ ହେବ। ବିଦ୍ୟାର୍ଥୀମାନେ ଖେଳକୁଦରେ ମନସ୍ଥ ହେବେ। ବ୍ୟବସାୟ ଦୃଷ୍ଟିରୁ ଦିନଟି ବହୁତ ଭଲ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିବେ।

**କର୍କଟ:** ଜୀବନସାଥୀଙ୍କ ସାନ୍ନିଧ୍ୟ ମିଳିବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପରିବାରବର୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ପ୍ରଭୁ ମହାଦେବଙ୍କ ଆରାଧନା କରନ୍ତୁ।

**କନ୍ୟା:** ପ୍ରେମ ବ୍ୟାପାରରେ ସଫଳତା ଦେଖାଦେବ। ଗୁରୁଜନଙ୍କ ପରାମର୍ଶ ନେଇ ନୂତନ କାର୍ଯ୍ୟରେ ଯୋଗ ଦିଅନ୍ତୁ। ପିଲାମାନେ ଖେଳକୁଦରେ ସମୟ ବିତାଇବେ।

**ତୁଳା:** ଭୂମି, ଯାନବାହନ କିଣିବାର ଅଧିକ ସମ୍ଭାବନା ରହିଛି। ଅଭିଭାବକମାନେ ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପ୍ରତିକୂଳ ପରିସ୍ଥିତିରେ ଧୈର୍ଯ୍ୟହରା ହୁଅନ୍ତୁନି। ବନ୍ଧୁମିଳନ ଯୋଗ ରହିଛି।

**ବିଛା:** ସ୍ୱାସ୍ଥ୍ୟ ଭଲ ରହିବ। ସନ୍ତାନଙ୍କ ଖୁସିରେ ଖୁସି ହେବେ। ଅଚାନକ ଖୁସି ଖବର ମିଳିବ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବ। ମହିଳାମାନଙ୍କୁ ମୁଖ୍ୟ ଦାୟିତ୍ୱ ମିଳିବ।

**ଧନୁ:** ସୃଜନଶୀଳତା ବୃଦ୍ଧି ପାଇବ। ଅଧିକ ଖର୍ଚ୍ଚାନ୍ତ ହେବେ। ପ୍ରେମ ବ୍ୟାପାରରେ ସଫଳ ହେବେ। କର୍ମକ୍ଷେତ୍ରରେ ବଡ଼ ଦାୟିତ୍ୱ ମିଳିପାରେ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତାରେ ରହିବେ।

**ମକର:** ସରକାରୀ ଚାକିରିଆଙ୍କ ପାଇଁ ଆଜି ଦିନଟି ବହୁତ ଭଲ। ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ। ପିଲାମାନେ ପଢ଼ାପ୍ରତି ଅଧିକ ଧ୍ୟାନ ଦେବେ। ଦିନଟି ବେଶ୍ ହସଖୁସିରେ ବିତିବ।

**କୁମ୍ଭ:** ଅଚାନକ ମନ ଭିତରେ ପରିବର୍ତ୍ତନ ଆସିବ। ଆର୍ଥିକ ସମସ୍ୟା ରହିବନି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଆୟ ଅନୁସାରେ ଅଧିକ ବ୍ୟୟ ହେବ। ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ।

**ମୀନ:** ଜମି କିଣାବିକା ଯୋଗ ରହିଛି। ଅଧିକ ଲାଭ ପାଇବା ଆଶାରେ ଭୁଲ୍ କରନ୍ତୁନି। ପାରିବାରିକ ସମସ୍ୟା ସମାଧାନ ହେବ। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

## ଆଜିର ଇତିହାସ

- ୧୬୮୧- ମହାରାଷ୍ଟ୍ରର ରାୟଗଡ଼ କିଲ୍ଲାରେ ଛତ୍ରପତି ଶିବାଜୀଙ୍କ ପୁତ୍ର ଶମ୍ଭାଜୀଙ୍କର ରାଜ୍ୟାଭିଷେକ ହୋଇଥିଲା।
- ୧୭୬୧- ଇଂରେଜମାନେ ଫ୍ରାନ୍ସ କବ୍‌ଜାରୁ ପଣ୍ଡିଚେରୀକୁ ଛଡ଼ାଇ ନେଲେ।
- ୧୯୩୮- ପ୍ରଖ୍ୟାତ ବଙ୍ଗଳା ସାହିତ୍ୟିକ ଶରତ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ପରଲୋକ।
- ୧୯୮୫- ଥାଇଲାଣ୍ଡରେ ଶିକ୍ଷକ ଦିବସ ପାଳନ ଆରମ୍ଭ।
- ୨୦୦୩- ଦ୍ୱିତୀୟଥର ମହାକାଶକୁ ଯାତ୍ରା କଲେ କଳ୍ପନା ଚାୱଲା।

# ଅଲ୍ଲୁଙ୍କ ଫିଲ୍ମରେ କାଜଲଙ୍କ ଏଣ୍ଟ୍ରି




ସାଉଥ୍ ସୁପରଷ୍ଟାର୍ ଅଲ୍ଲୁ ଅର୍ଜୁନ 'ପୁଷ୍ପା' ସିରିଜ୍‌ର ସଫଳତା ପରେ ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ହୋଇ ଯାଇଛନ୍ତି। ଏବେ ସେ ଏଟ୍ଲିଙ୍କ ଫିଲ୍ମ 'AA22xA6'କୁ ନେଇ ବ୍ୟସ୍ତ ଅଛନ୍ତି। ସାଇନ୍ସ ଫିକ୍ସନ୍ ଉପରେ ଆଧାରିତ ଏହି ଫିଲ୍ମରେ ଅଲ୍ଲୁଙ୍କ ବିପକ୍ଷରେ ଦୀପିକା ପାଦୁକୋନ୍ ଦେଖାଯିବେ। ଇତିମଧ୍ୟରେ ଅଲ୍ଲୁଙ୍କ ହାତକୁ ଆହୁରି ଦୁଇଟି ବଡ଼ ପ୍ରୋଜେକ୍ଟ ଆସିଛି। ଲୋକେଶ କନଗରାଜଙ୍କ ଏକ ଫିଲ୍ମ ପାଇଁ ତାଙ୍କୁ ଯୋଗାଯୋଗ କରିଥିବା ଜଣାପଡ଼ିଛି। ଏହାବାଦ୍ ତ୍ରିବିକ୍ରମ ମଧ୍ୟ ତାଙ୍କୁ ଏକ ଫିଲ୍ମ ପାଇଁ ଅଫର୍ ଦେଇଛନ୍ତି। ତେବେ ଅଲ୍ଲୁ ଏଟ୍ଲିଙ୍କ ସହ ଯେଉଁ ଫିଲ୍ମ କରୁଛନ୍ତି ତାହାର ବଜେଟ୍ ୮୦୦ କୋଟିରୁ ଊର୍ଦ୍ଧ୍ୱ ରହିଛି। ଏହି ଫିଲ୍ମ ଦୁଇଟି ପାର୍ଟରେ ଆସିବ। ଏହାର ପ୍ରଥମ ପାର୍ଟ ୨୦୨୭ ଆରମ୍ଭରେ ରିଲିଜ୍ କରାଯିବା ପାଇଁ ଯୋଜନା କରାଯାଇଛି। ଏଥିରେ ଏକାଧିକ କଳାକାର ନଜର ଆସିବେ। ଦୀପିକାଙ୍କ ବାଦ୍ ଏଥିରେ ରଶ୍ମିକା ମନ୍ଦାନା, ମୃଣାଳ ଠାକୁରଙ୍କୁ ବି ନେବା ପାଇଁ ଯୋଜନା କରାଯାଉଛି। ଏବେ ଏହି ଫିଲ୍ମରେ କାଜଲଙ୍କୁ ଏଣ୍ଟ୍ରି କରାଇବା ପାଇଁ ଫିଲ୍ମ ନିର୍ମାତା ଯୋଜନା କରିଛନ୍ତି। କାଜଲ ଏଥିରେ ଜଣେ ପୁଲିସ ଅଫିସର ଭୂମିକାରେ ନଜର ଆସିବେ। ଅବଶ୍ୟ ଏନେଇ 'AA22xA6' ଟିମ୍ ପକ୍ଷରୁ ବିଧିବଦ୍ଧ ଭାବେ କିଛି ସୂଚନା ଆସିନାହିଁ। ଏହାର ପ୍ରଯୋଜନା ଦାୟିତ୍ୱରେ ସନ୍ ପିକଚର୍ସ ରହିଛି।

# କିମ୍‌ଙ୍କ ରହସ୍ୟମୟ ଜୀବନ



ଉତ୍ତର କୋରିଆର ଏକଛତ୍ରବାଦୀ ଶାସକ କିମ୍ ଜୋଙ୍ଗ ଉନ୍‌ଙ୍କ ବ୍ୟକ୍ତିଗତ ଜୀବନ ସହିତ ଜଡ଼ିତ ଅନେକ କଥା କୌଣସି ରହସ୍ୟଠାରୁ କମ୍ ନୁହେଁ। ତାଙ୍କ ବିଷୟରେ ସବୁଠାରୁ ଚର୍ଚ୍ଚିତ ଗୁପ୍ତ କଥା ହେଉଛି ତାଙ୍କର ସ୍ୱିସ୍ ଶିକ୍ଷା। କିଶୋରାବସ୍ଥାରେ ସେ ସ୍ୱିଜରଲ୍ୟାଣ୍ଡରେ ରହି ବର୍ନର ଏକ ପ୍ରତିଷ୍ଠିତ ଘରୋଇ ସ୍କୁଲରେ ପାଠ ପଢୁଥିଲେ ବୋଲି କୁହାଯାଏ। ଏଠାରେ ସେ ଛଦ୍ମ ନାଁରେ ପାଠ ପଢୁଥିଲେ। ସହପାଠୀମାନେ ତାଙ୍କୁ ପାକ୍ ଉନ୍ ନାଁରେ ଜାଣିଥିଲେ। ସେ ପାଠପଢ଼ାରେ ସେତେ ବେଶି ଉନ୍ନତ ନ ଥିଲେ, କିନ୍ତୁ ସଙ୍ଗୀତ ଏବଂ ବାସ୍କେଟବଲ୍ ପ୍ରତି ତାଙ୍କର ଆଗ୍ରହ ଅଧିକ ଥିଲା। ପାଠପଢ଼ାରେ ତାଙ୍କୁ ଭଲ ଗ୍ରେଡ୍ ନ ମିଳିବାରୁ ସେ ଅନ୍ୟ ସ୍କୁଲକୁ ସ୍ଥାନାନ୍ତରିତ ହୋଇ ଯାଇଥିଲେ। ସେଠାରେ ସେ ଅନ୍ୟ ସାଧାରଣ ଛାତ୍ରଙ୍କ ଭଳି ଜୀବନ ଅତିବାହିତ କଲେ। ସେହିପରି ଅନେକ ରିପୋର୍ଟରେ ଏକଥା ବି ଦାବି କରାଯାଇଛି ଯେ, ପ୍ରକୃତ ପରିଚୟକୁ ଲୁଚାଇବା ଲାଗି ସେ ଛଦ୍ମ ନାମ ବ୍ୟବହାର କରୁଥିଲେ। ଅନ୍ୟପଟେ ୨୦୧୧ ମସିହାରେ ତାଙ୍କ ପିତା କିମ୍ ଜଙ୍ଗ୍ ଇଲ୍‌ଙ୍କ ମୃତ୍ୟୁ ପରେ, ସେ କୌଣସି ଆନୁଷ୍ଠାନିକ ସାମରିକ ତାଲିମ ବିନା ସର୍ବୋଚ୍ଚ କ୍ଷମତା ଗ୍ରହଣ କରିଥିଲେ। ସେ ଉତ୍ତର କୋରିଆର ତୃତୀୟ ଶାସକ ଭାବେ ଶାସନଭାର ଗ୍ରହଣ କରିଥିଲେ। ତାଙ୍କ ଜେଜେ ବାପା ଦ୍ୱିତୀୟ କିମ୍ ସୁଙ୍ଗ୍ ଉତ୍ତର କୋରିଆର ପ୍ରଥମ ଏକଛତ୍ରବାଦୀ ଶାସକ ଥିଲେ। ଏହାପରେ କିମ୍‌ଙ୍କ ବାପା ଉତ୍ତର କୋରିଆର ଶାସକ ହୋଇଥିଲେ। ତାଙ୍କର ମୃତ୍ୟୁପରେ କିମ୍ ଜୋଙ୍ଗ୍ ଉନ୍ ଶାସନ ଭାର ସମ୍ଭାଳୁଛନ୍ତି। ଏକଥା ବି ଦାବି କରାଯାଏ ଯେ, କିମ୍ ତାଙ୍କ ଜେଜେବାପା ଦ୍ୱିତୀୟ କିମ୍ ସୁଙ୍ଗ୍‌ଙ୍କ ଭଳି ଦେଖାଯିବା ପାଇଁ ପ୍ଲାଷ୍ଟିକ୍ ସର୍ଜରୀ କରିଥିଲେ। ଜେଜେବାପାଙ୍କ ଲୋକପ୍ରିୟତା ହାସଲ କରିବା ଉଦ୍ଦେଶ୍ୟରେ ସେ ଏପରି କରିଥିବା କୁହାଯାଏ। କିମ୍ ଜୋଙ୍ଗ୍ ଉନ୍ କେଉଁ ମସିହାରେ ଜନ୍ମଗ୍ରହଣ କରିଛନ୍ତି ତାକୁ ନେଇ ମଧ୍ୟ ଆଜି ପର୍ଯ୍ୟନ୍ତ କେହି ବି ସଠିକ୍ ଉତ୍ତର ଦେଇପାରିନାହାନ୍ତି। ଅନେକ ଗଣମାଧ୍ୟମ ରିପୋର୍ଟରେ ସେ ୧୯୮୩ ମସିହାରେ ଜନ୍ମଗ୍ରହଣ କରିଥିବା ଦାବି କରାଯାଉଥିବାବେଳେ ଆଉ କେତେକରେ ସେ ୧୯୮୪ରେ କରିଛନ୍ତି ବୋଲି କୁହାଯାଏ। ଏଭଳି ପରିସ୍ଥିତିରେ ତାଙ୍କର ବୟସ ନିର୍ଣ୍ଣୟ କରିବା କଷ୍ଟକର ହୋଇଥାଏ। ଆଜି ମଧ୍ୟ ତାଙ୍କ ବ୍ୟକ୍ତିଗତ ଜୀବନ ରହସ୍ୟଘେରରେ ରହିଛି।

# ପରିବାକୁ ପାଣିରେ ନା ବାମ୍ଫରେ ସିଝାଇବା ଭଲ

ସୁସ୍ଥ ରହିବା ଲାଗି ସିଝା ଖାଦ୍ୟ ଖାଇବାକୁ ପରାମର୍ଶ ଦିଆଯାଏ। ସେହିପରି ପନିପରିବାରେ ଭିଟାମିନ୍, ମିନେରାଲ, ଫାଇବର ଏବଂ ଆଣ୍ଟିଅକ୍ସିଡାଣ୍ଟ ଥିବାରୁ ଏହା ଶରୀର ପାଇଁ ଖୁବ୍ ଉପଯୋଗୀ। ତେବେ ପନିପରିବାକୁ ବାମ୍ଫରେ ନା ଗରମପାଣିରେ ସିଝାଇବା ଉଚିତ ସେନେଇ ଅନେକ ଦ୍ୱନ୍ଦ୍ୱରେ ରୁହନ୍ତି। ତେବେ ବାମ୍ଫରେ ସିଝାଯାଉଥିବା ପନିପରିବାଗୁଡ଼ିକରେ ଏହାକୁ ପାଣିରେ ବୁଡ଼ାଯାଏ ନାହିଁ। ଫଳରେ ଏଥିରେ ଭିଟାମିନ୍ ସି, ଫୋଲେଟ ଏବଂ ଭିଟାମିନ ବି କମ୍ପ୍ଲେକ୍ସ ଭଳି ପୋଷକ ତତ୍ତ୍ୱ ସୁରକ୍ଷିତ ରହେ। ସେହିଭଳି ପାଳଙ୍ଗ, ଗାଜର, ବ୍ରୋକଲି ଭଳି ପରିବାକୁ ବାମ୍ଫରେ ସିଝାଇବା ଦ୍ୱାରା ଏହାର ରଙ୍ଗ ଏବଂ ସ୍ୱାଦରେ କୌଣସି ପ୍ରଭାବ ପଡ଼ି ନ ଥାଏ। ଏଣୁ ଏହାକୁ ଖାଇବା ସହଜ ହୋଇଥାଏ। ଏହାବାଦ୍ ବାମ୍ଫରେ ସିଝାଯାଉଥିବା ପରିବାଗୁଡ଼ିକ ଶୀଘ୍ର ହଜମ ହୋଇ ପାଚନତନ୍ତ୍ରକୁ ମଜଭୁତ କରିଥାଏ। ସେହିପରି ପରିବାକୁ ପାଣିରେ ସିଝାଇବା ଦ୍ୱାରା ଏଥିରେ ଥିବା ପୋଷକତତ୍ତ୍ୱଗୁଡ଼ିକ ପାଣିରେ ମିଶିଯାଏ। ଅନେକ ଲୋକ ପରିବାକୁ ସିଝାଇବା ପରେ ତା'ର ପାଣିକୁ ଫିଙ୍ଗି ଦିଅନ୍ତି। ଏହାଦ୍ୱାରା ପରିବାର ସବୁ ପୋଷକତତ୍ତ୍ୱ ପାଣି ଦ୍ୱାରା ବାହାରକୁ ଚାଲିଯାଏ। ଅନେକ ସମୟରେ ଲୋକେ ନ ଘୋଡ଼ାଇ ବି ପରିବା ସିଝାନ୍ତି। ଏହାଦ୍ୱାରା ପରିବାର ସବୁ ପୋଷକ ତତ୍ତ୍ୱ ବାମ୍ଫ ମାଧ୍ୟମରେ ଉଡ଼ିଯାଏ। ତେବେ ଷ୍ଟିମର ନ ଥିଲେ, କୌଣସି ଛଣାରେ ବି ପରିବାକୁ ବାମ୍ଫ ଦେଇ ସିଝାଯାଇ ପାରିବ। ଅନ୍ୟପଟେ ପରିବାକୁ ବେଶି ସମୟ ରାନ୍ଧିବା ମଧ୍ୟ ଅନୁଚିତ। ପାଣିରେ ପରିବାକୁ ସିଝାଉଥିଲେ ଏହି ପାଣିକୁ ନ ଫୋପାଡ଼ି ଏହାକୁ ସୁପ୍, ଡାଲି ଏବଂ ଗ୍ରେଭିରେ ବ୍ୟବହାର କରାଯାଇ ହେବ। ଧିମା ଆଞ୍ଚରେ ପରିବା ରାନ୍ଧିବା ଦ୍ୱାରା ପୋଷକତତ୍ତ୍ୱ ସୁରକ୍ଷିତ ରହେ।



## ସଞ୍ଜୀବନୀ



# ଶୀତକାଳୀନ ବିଷର୍ଣ୍ଣତା

**ଶୀତଋତୁରେ ଦିନ ଛୋଟ ହୋଇଥାଏ। ସୂର୍ଯ୍ୟାଲୋକର ଅବଧି ହ୍ରାସପାଉଥିବାରୁ ମସ୍ତିଷ୍କରେ କେତେକ ସ୍ୱତନ୍ତ୍ର ପରିବର୍ତ୍ତନ ସଂଘଟିତ ହୋଇଥାଏ। ଏହି ସମୟରେ ମାନସିକ ଅବସାଦ ପ୍ରକାଶ ପାଇଥାଏ। ଏହି ଶୀତକାଳୀନ ବିଷର୍ଣ୍ଣତାକୁ କୁହାଯାଏ 'ଉଇଣ୍ଟର ବ୍ଲୁ'। ଡାକ୍ତରୀ ଭାଷାରେ ଏହା 'ସିଜ୍‌ନାଲ ଆଫେକ୍ଟିଭ ଡିସ୍‌ଅର୍ଡର'। ପୁରୁଷଙ୍କ ତୁଳନାରେ ମହିଳା ବେଶୀ ଆକ୍ରାନ୍ତ ହୋଇଥାନ୍ତି। ବସନ୍ତଋତୁର ଶେଷ କିମ୍ବା ଗ୍ରୀଷ୍ମଋତୁର ଆରମ୍ଭରେ ଏହି ଅସୁସ୍ଥତା ଆପେ ଆପେ ଅପସରିଯାଏ।**

ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

ଶୀତ ଋତୁରେ ମାନସିକ ଅବସାଦଗ୍ରସ୍ତ ଅଧିକ ବିଷର୍ଣ୍ଣ ହୋଇ ଆତ୍ମହତ୍ୟାପ୍ରବଣ ହୋଇ ପଡ଼ନ୍ତି। ଭାରତର ସର୍ବତ୍ର ଏହି ରୋଗୀଙ୍କୁ ଦେଖିବା ପାଇଁ ମିଳିଥାଏ। ଶୀତଦିନେ ଲୋକେ କିଣାକିଣିରେ ବେଶୀ କ୍ରେଡିଟ୍‌କାର୍ଡ ବ୍ୟବହାର କରିଥାନ୍ତି, ଅଧିକ ମଦ୍ୟପାନ କରିଥାନ୍ତି, ଚକୋଲେଟ ଖାଇଥାନ୍ତି। ଆତ୍ମହତ୍ୟା ସହ ଶିଶୁ ନିର୍ଯ୍ୟାତନାର ହାର ବଢ଼ିଯାଏ। ଏହି ଲକ୍ଷଣମାନ ମାନସିକ ଅବସାଦକୁ ସୂଚାଇଥାଏ।

### ଶୀତକାଳୀନ ବିଷର୍ଣ୍ଣତାର ଲକ୍ଷଣ

କ୍ଳାନ୍ତି, ଶାରୀରିକ ସାମର୍ଥ୍ୟରେ ହାନି, କ୍ରୋଧୀ ସ୍ୱଭାବ, ସାମାନ୍ୟ ଯନ୍ତ୍ରଣାରେ ବେଶୀ ଯନ୍ତ୍ରଣାର ଅନୁଭବ, କ୍ଷୁଧାବୃଦ୍ଧି, ମିଠା ପ୍ରତି ଆସକ୍ତି, ଓଜନ ବୃଦ୍ଧି, ସାଧାରଣ ଭାବେ କମ୍ ନିଦ, କିନ୍ତୁ ନିଦ୍ରାର ଅବଧିବୃଦ୍ଧି, ହାତ, ପାଦ ଓଜନିଆ, କାମପ୍ରତି ଅନାଗ୍ରହ, କୋଷ୍ଠକାଠିନ୍ୟ, ଚିଡ଼ିଚିଡ଼ା, ସ୍ମୃତିଶୀଳତା ହ୍ରାସ ଆଦି ଲକ୍ଷଣ ପ୍ରକାଶ ପାଏ।



### ପ୍ରତିକାର ବ୍ୟବସ୍ଥା

ପ୍ରତ୍ୟହ ୪୫ରୁ ୯୦ ମିନିଟ୍ ଧରି ଖରାରେ ବିତେଇବା, ଶାରୀରିକ ପରିଶ୍ରମ କରିବା, ବେଶୀ ପରିମାଣର ତଟକା ପରିବା ଓ ଫଳ ଖାଇବା ଜରୁରି। ହୃଦୟଖୋଲି ସମସ୍ତଙ୍କ ସହ ମିଶିବା, ଗୀତ ଗାଇବା ଓ ଶୁଣିବା, ଖେଳିବା, ଦୈନିକ ଠିକ୍ ସମୟେ ଖାଦ୍ୟ ଗ୍ରହଣ କଲେ ଏହା ଜୈବଘଡ଼ିକୁ ନିୟନ୍ତ୍ରଣ କରିବାରେ ସହାୟକ ହୁଏ। ଏଥିସହ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ବ୍ୟବହାର କରିବା ଦ୍ୱାରା ମାନସିକ ବିଷାଦରୁ ମୁକ୍ତି ମିଳିପାରେ।

'ଅଭୀପ୍ସା'
ସେକ୍ଟର-୬, ପ୍ଲଟ୍ ନଂ-୧୧୩୧
ଅଭିନବ ବିଡ଼ାନାସୀ, କଟକ

# କର୍କଟ ନିୟନ୍ତ୍ରଣରେ ଆଧୁନିକ ଚିକିତ୍ସା

କର୍କଟ ସହ ଲଢ଼ିବା ପାଇଁ ବିଭିନ୍ନ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ରହିଛି। ଏହିକ୍ରମରେ ଏବେ କୋରିଆ ଆଡଭାନ୍ସଡ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି(କେଏଆଇଏସ୍‌ଟି)ର ଗବେଷକମାନେ ଏକ ନୂତନ ଚିକିତ୍ସା ପଦ୍ଧତି ବିକଶିତ କରିଛନ୍ତି। ଏହି ନୂତନ ଚିକିତ୍ସା ପଦ୍ଧତି ଦ୍ୱାରା ଲିକ୍ୟୁଡ୍ କ୍ୟାନ୍‌ସର ଯଥା ରକ୍ତ କର୍କଟ ଏବଂ ଲିମ୍ଫୋମାରେ ବିଶେଷ ଫଳ ମିଳୁଛି। ଏଥିରେ ଟ୍ୟୁମରକୁ ସିଧାସଳଖ ଏକ ଔଷଧ (ଲିପିଡ କ୍ଷୁଦ୍ରତମ କଣିକା) ଦିଆଯାଏ। ଏହାଦ୍ୱାରା ଟ୍ୟୁମର ପାର୍ଶ୍ୱରେ ଥିବା ମାକ୍ରୋଫେଜ୍ ଗ୍ରହଣ କରି ନିଜର ରୋଗ ପ୍ରତିରୋଧକ ଶକ୍ତି ଦ୍ୱାରା ଟ୍ୟୁମର କୋଷକୁ ନିୟନ୍ତ୍ରଣ ରଖିଥାଏ। ମାକ୍ରୋଫେଜ୍‌ରେ ହେଉଥିବା ପରିବର୍ତ୍ତନକୁ କାର୍-ମାକ୍ରୋଫେଜ୍ କୁହାଯାଏ। ଏହାଦ୍ୱାରା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ କର୍କଟର କୋଷକୁ ନିୟନ୍ତ୍ରଣ କରି କର୍କଟକୁ ବଢ଼ିବାକୁ ଦେଇ ନ ଥାଏ। ଏହା ପାରମ୍ପରିକ ଚିକିତ୍ସା ପଦ୍ଧତିଠାରୁ ଅଧିକ ପ୍ରଭାବୀ। ଏଥିରେ ନିଜସ୍ୱ ରୋଗପ୍ରତିରୋଧକ ଶକ୍ତି ଦ୍ୱାରା କର୍କଟ ନିୟନ୍ତ୍ରଣ ହେଉଥିବାରୁ କମ୍ ପାର୍ଶ୍ୱପ୍ରତିକ୍ରିୟା ହୋଇଥାଏ। ଅନ୍ୟପଟେ ସଲିଡ୍ ଟ୍ୟୁମର ଯଥା ଗ୍ୟାଷ୍ଟ୍ରିକ, ଫୁସ୍‌ଫୁସ୍ ଏବଂ ଯକୃତ କର୍କଟରେ ଏହି ଚିକିତ୍ସା ଅପେକ୍ଷାକୃତ କମ୍ ଗ୍ରହଣୀୟ। କାରଣ ଏହି ସବୁ କୋଷର ବାହ୍ୟ ଆବରଣ ଅପେକ୍ଷାକୃତ କଠିନ। ମାକ୍ରୋଫେଜ୍ ଏହି କଠିନ ଆବରଣକୁ ଭେଦ କରି କ୍ୟାନ୍‌ସର କୋଷକୁ ନଷ୍ଟ କରିବା ଚ୍ୟାଲେଞ୍ଜି ହୋଇଥାଏ। ତେବେ ଆଗାମୀ ଦିନରେ ଏହି ଚିକିତ୍ସା ପଦ୍ଧତି କିପରି ଅଧିକ ଫଳପ୍ରଦ ହେବ ତାହା ଉପରେ ଗବେଷକମାନେ ବିଶେଷ ଧ୍ୟାନ ଦେଉଛନ୍ତି।



# ହୃଦ୍‌ଘାତ ପାଇଁ ସ୍ମାର୍ଟ ମେସିନ୍




ହୃଦ୍‌ଘାତ ପରେ ରୋଗୀଙ୍କ ଯତ୍ନ ନେବାକୁ ଜାପାନ, ଆମେରିକା ଏବଂ ଭାଲେନ୍‌ସିଆର ବୈଜ୍ଞାନିମାନେ ଏକ ସ୍ୱୟଂଚାଳିତ ସ୍ମାର୍ଟ ମେସିନ୍ ତିଆରି କରିଛନ୍ତି। ଏହାର ନାଁ ଏସିଆଇଏସ୍। ଏହି ମେସିନ୍‌ଟି ଡାକ୍ତରଙ୍କ ତତ୍ତ୍ୱାବଧାନରେ କାମ କରିବ। ରୋଗୀଙ୍କୁ ଔଷଧ ଦେବା ସହ ସ୍ୱାସ୍ଥ୍ୟସ୍ଥିତିକୁ ନଜର ରଖିବ। ଡାକ୍ତର ରୋଗୀର ରକ୍ତ ଚାପ କେତେ ରହିବ, ହୃଦ୍‌ଗତି, ଅମ୍ଳଜାନ କେତେ ଆବଶ୍ୟକ ଏହା ଧାର୍ଯ୍ୟ କରନ୍ତି। ମେସିନ୍‌ଟି ପୀଡ଼ିତଙ୍କ ସ୍ୱାସ୍ଥ୍ୟସ୍ଥିତି ଆଧାରରେ ଔଷଧ ମାତ୍ରା ଦେବ। ପ୍ରାୟତଃ ଡାକ୍ତର ରୋଗୀଙ୍କୁ ଔଷଧ ଦେଇ ତାର ପ୍ରଭାବକୁ ନଜର ରଖି ଆବଶ୍ୟକ ହେଲେ ଔଷଧ ବଦଳାନ୍ତି। ଏହି ମେସିନ୍ ପ୍ରତି ମିନିଟ୍‌କୁ ରୋଗୀଙ୍କୁ ନଜର ରଖିବ। ଆବଶ୍ୟକ ହେଲେ ଔଷଧ ବଦଳାଇବ। ମେସିନ୍‌ଟି ସେବିକା ଏବଂ ଡାକ୍ତରଙ୍କ କାମ ସହଜ କରିବ। ଅନ୍ୟମାନଙ୍କ ଉପରେ ନିର୍ଭରଶୀଳଥିବା ରୋଗୀଙ୍କ ପାଇଁ ମେସିନ୍‌ଟି ବରଦାନ ସଦୃଶ। ହୃଦ୍‌ଘାତ ରୋଗୀଙ୍କୁ ଏହା ସାହାଯ୍ୟ କରିବ। ହୃଦ୍‌ଘାତ ପରେ ହୃଦୟ ଉପରେ ଅଧିକ ଚାପ ପଡ଼ିଥାଏ। ମେସିନ୍ ଏହି ରୋଗୀଙ୍କ ଦେଖାଶୁଣା ସହ ଶରୀରର ଅମ୍ଳଜାନକୁ ନିୟନ୍ତ୍ରଣ କରିଥାଏ। ଆଗାମୀ ଦିନରେ ସ୍ମାର୍ଟ ମେସିନ୍ ଚିକିତ୍ସା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ।

# ଓଜନ କମାଇବ ବ୍ରୋକଲି

**ବ୍ରୋକଲିରେ ଭିଟାମିନ୍, ଖଣିଜଦ୍ରବ୍ୟ ଏବଂ ଫାଇବର ରହିଛି। ଏହା ଶରୀରକୁ ଶକ୍ତି ଯୋଗାଇବା ସହ ରୋଗ ଦୂର କରିଥାଏ। ଓଜନ ହ୍ରାସ କରୁଥିବା ଲୋକଙ୍କ ପାଇଁ ଏହା ଲାଭଦାୟକ ହୋଇଥାଏ।**

- ବ୍ରୋକଲିରେ କମ୍ କ୍ୟାଲୋରୀ ଏବଂ ଫାଇବର ଅଧିକ ଥାଏ। ଏହାକୁ ଖାଇବା ଦ୍ୱାରା ପେଟ ଭରି ରହେ। ଓଜନ ନିୟନ୍ତ୍ରଣ ସହିତ ରକ୍ତ ଶର୍କରାକୁ ସନ୍ତୁଳିତ ରଖିବାରେ ଏହା ସାହାଯ୍ୟ କରେ।
- ବ୍ରୋକଲି ରକ୍ତଚାପକୁ ସନ୍ତୁଳିତ ରଖେ। ଖରାପ କୋଲେଷ୍ଟ୍ରଲକୁ କମ୍ କରେ।
- କ୍ୟାଲ୍‌ସିୟମ ଏବଂ ଭିଟାମିନ୍-କେ'ରେ ଭରପୁର ବ୍ରୋକଲି ଅସ୍ଥିକୁ ଶକ୍ତ କରି ଅଷ୍ଟିଓପୋରୋସିସ ପରି ସମସ୍ୟାକୁ କମ୍ କରେ। ଛୋଟ ପିଲା, ମହିଳା ଏବଂ ବୟସ୍କଙ୍କ ପାଇଁ ବ୍ରୋକଲି ସେବନ ହିତକର। ଏଥିରେ ଥିବା ଲୌହସାର ରକ୍ତ ଅଭାବକୁ ପୂରାକରେ।
- ଏହା ରୋଗ ପ୍ରତିରୋଧକ କ୍ଷମତାକୁ ବଢ଼ାଏ।



# ଆଣ୍ଠୁ ଯନ୍ତ୍ରଣା ଦୂର ପାଇଁ ପଛୁଆ ଚାଲି

ସୁସ୍ଥ ଓ ଫିଟ୍ ରହିବାକୁ ବିଶେଷଜ୍ଞମାନେ ଚାଲିବାକୁ ସୁପାରିସ କରନ୍ତି। ସାଧାରଣତଃ ଦଶ ହଜାର ପାଦ ଚାଲିବା ସ୍ୱାସ୍ଥ୍ୟ ପାଇଁ ଭଲ ବୋଲି କୁହାଯାଇଥାଏ। ହେଲେ ଅଫିସ୍, ଘର ତଥା ବିଭିନ୍ନ ଦାୟିତ୍ୱ ଭିତରେ ଲୋକେ ଦଶ ହଜାର ପାଦ ଚାଲିପାରନ୍ତି ନାହିଁ। ଏଥିପାଇଁ ଜଣେ ରେଟ୍ରୋ ୱାକିଂ ବା ପଛକୁ ଚାଲି ପାରିବେ। ଏଥିରେ ଜଣେ ବ୍ୟକ୍ତିଙ୍କୁ ଦିନରେ ୫ରୁ ୧୦ ମିନିଟ୍ ପଛକୁ ଚାଲିବାକୁ ହୋଇଥାଏ। ୧୦୦ଥର ପଛକୁ ଚାଲିବା ପାଖାପାଖି ୧୦୦୦ ସାଧାରଣ ପାଦ ଚାଲିବା ସହିତ ସମାନ। ଆରମ୍ଭରୁ କାନ୍ଥ କିମ୍ବା ରେଲିଂ ସାହାରା ନେଇ ଏହି ଚାଲିବା ଅଭ୍ୟାସ କରାଯାଏ। ପରେ ସମତଳ ସ୍ଥାନ ଯଥା ହଲ୍ ବା ଉଦ୍ୟାନରେ ଚାଲିବାକୁ ହୋଇଥାଏ। ଏହି ଚାଲିବା ଶୈଳୀରୁ ଶରୀରର ବିଭିନ୍ନ ମାଂସପେଶୀ ସକ୍ରିୟ ହୋଇଥାଏ। ଆଣ୍ଠୁଗଣ୍ଠି, ପିଠି ଯନ୍ତ୍ରଣା ଦୂର ହୋଇପାରେ। ମାନସିକ ଏକାଗ୍ରତା ବୃଦ୍ଧି ପାଏ। ଓଜନ ନିୟନ୍ତ୍ରଣ କରିବାରେ ଏହା ବେଶ୍ ଫଳପ୍ରଦ।

**ପୁରୁଷ ହକି ଇଣ୍ଡିଆ ଲିଗ୍**

# କାଲିଠୁ କମ୍ପିବ କଳିଙ୍ଗ: ଖେଳାଯିବ ୧୪ ମ୍ୟାଚ୍

## ଘରୋଇ ମାଟିରେ ଦ୍ୱିତୀୟ ଟାଇଟଲ୍ ଲକ୍ଷ୍ୟରେ କଳିଙ୍ଗ



ଭୁବନେଶ୍ୱର, ୧୫।୧ (ସମିସ): ଫ୍ରାଞ୍ଚାଇଜଭିତ୍ତିକ ହକି ଟୁର୍ଣ୍ଣାମେଣ୍ଟ ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)ର ଚଳିତ ୭ମ ସଂସ୍କରଣର ଚେନ୍ନଇ ଓ ରାଞ୍ଚି ଲେଗ୍ ଶେଷ ହୋଇଛି। ଅନ୍ତିମ ତଥା ୩ୟ ପର୍ଯ୍ୟାୟ ଶନିବାରଠାରୁ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବ। ଜାନୁଆରୀ ୨୬ ତାରିଖ ପର୍ଯ୍ୟନ୍ତ ଏଠାରେ ଖେଳାଯିବାକୁ ଥିବା ଅନ୍ତିମ ପର୍ଯ୍ୟାୟରେ ମୋଟ୍ ୧୪ଟି ମ୍ୟାଚ୍ ଖେଳାଯିବ। ଯେଉଁଥିରେ ଗ୍ରାଣ୍ଡ ଫାଇନାଲ ସମେତ ୯ଟି ଲିଗ୍, ୨ଟି କ୍ୱାଲିଫାୟର ଏବଂ ଗୋଟିଏ ଲେଖାଏ ଏଲିମିନେଟର୍ ଓ କାଂସ୍ୟ ପଦକ ମ୍ୟାଚ୍ ରହିଛି। ସାଧାରଣତନ୍ତ୍ର ଦିବସରେ ଉଭୟ ସ୍ୱର୍ଣ୍ଣ ପଦକ ଓ କାଂସ୍ୟ ପଦକ ଲାଗି ମ୍ୟାଚ୍ ଅନୁଷ୍ଠିତ ହେବ। ଫଳରେ ଶନିବାରଠୁ ୧୦ ଦିନ ଧରି କମ୍ପିବ କଳିଙ୍ଗ। ବିଶ୍ୱର ଅନେକ ତାରକା ହକି ଖେଳାଳିଙ୍କ କ୍ରୀଡ଼ା କୌଶଳକୁ ଅତି ନିକଟରୁ ପୁଣିଥରେ ଦେଖିବାର ସୁଯୋଗ ପାଇବେ ଓଡ଼ିଶାର କ୍ରୀଡ଼ାପ୍ରେମୀ।

### ପଏଣ୍ଟ ଟେବଲ୍

| ଦଳ | ମ୍ୟାଚ୍ | ବିଜୟ | ସୁ.ବି. | ସୁ.ପ. | ପରାଜୟ | ପଏଣ୍ଟ |
|---|---|---|---|---|---|---|
| କଳିଙ୍ଗ ଲାନ୍ସର୍ସ | ୪ | ୩ | ୧ | ୦ | ୦ | ୧୧ |
| ଏଚ୍ଆଇଏଲ୍ ଜିସି | ୪ | ୩ | ୦ | ୧ | ୦ | ୧୦ |
| ତାମିଲନାଡୁ ଡ୍ରାଗନ୍ସ | ୫ | ୧ | ୨ | ୦ | ୨ | ୭ |
| ରାଞ୍ଚି ରୟାଲ୍ସ | ୪ | ୨ | ୦ | ୦ | ୨ | ୬ |
| ବେଙ୍ଗଲ ଟାଇଗର୍ସ | ୫ | ୨ | ୦ | ୦ | ୩ | ୬ |
| ହାଇଦରାବାଦ | ୫ | ୧ | ୦ | ୨ | ୨ | ୫ |
| ଏସ୍‌ଜି ପାଇପର୍ସ | ୩ | ୧ | ୦ | ୧ | ୧ | ୪ |
| ସୁରମା ହକି କ୍ଲବ | ୩ | ୦ | ୧ | ୦ | ୨ | ୨ |

ବି.ଦ୍ର.: ସୁ.ବି.- ସୁଟ୍ଆଉଟ୍ ବିଜୟ, ସୁ.ପ- ସୁଟ୍ଆଉଟ୍ ପରାଜୟ

#### ଅପରାଜେୟ ସହ ଶୀର୍ଷରେ କଳିଙ୍ଗ

ଓଡ଼ିଶାଭିତ୍ତିକ ଦଳ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଚଳିତ ସଂସ୍କରଣରେ ବେଶ୍ ଦମ୍‌ଦାର ପ୍ରଦର୍ଶନରେ ରହିଛି। ବେଲ୍‌ଜିୟମର ଆର୍ଥର ଭାନ ଡୋରେନଙ୍କ ନେତୃତ୍ୱରେ ଖେଳୁଥିବା କଳିଙ୍ଗ ଦଳ ବର୍ତ୍ତମାନ ସୁଦ୍ଧା ୪ଟି ମ୍ୟାଚ୍ ଖେଳି ୪ ବିଜୟ ସହ ୧୧ ପଏଣ୍ଟ ପାଇ ଆଠ ଦଳୀୟ ଟେବଲ୍ ତାଲିକାର ଶୀର୍ଷରେ ରହିଛି। ଘରୋଇ ପରିବେଶରେ ଲାନ୍ସର୍ସ ଲିଗ୍ ପର୍ଯ୍ୟାୟର ଆଉ ୩ଟି ମ୍ୟାଚ୍ ଖେଳିବାକୁ ବାକି ରହିଛି। ଚେନ୍ନଇ ଓ ରାଞ୍ଚିରେ ହାସଲ କରିଥିବା ବିଜୟଧାରାକୁ ଭୁବନେଶ୍ୱରରେ ବଜାୟ ରଖିବାକୁ ଲାନ୍ସର୍ସ ଲକ୍ଷ୍ୟ ରଖିଛି। ଏଚ୍ଆଇଏଲ୍ ଇତିହାସରେ କଳିଙ୍ଗ ଲାନ୍ସର୍ସ ୨୦୧୭ରେ ଥରେ ମାତ୍ର ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଛି। ତେଣୁ ୯ ବର୍ଷ ପରେ କଳିଙ୍ଗ ଘରୋଇ ପରିବେଶରେ ଏହାର ଦ୍ୱିତୀୟ ଟାଇଟଲ୍ ଜିତିବା ସ୍ୱପ୍ନକୁ ସାକାର କରିବା ଲକ୍ଷ୍ୟରେ ଟର୍ଫକୁ ଓହ୍ଲାଇବ।

### କଳିଙ୍ଗ ପର୍ଯ୍ୟାୟର କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ସମୟ |
|---|---|---|
| ୧୭।୧ | ବେଙ୍ଗଲ ଟାଇଗର୍ସ-ହାଇଦରାବାଦ୍ ତୁଫାନ୍ସ | ସନ୍ଧ୍ୟା ୫ଟା |
| ୧୭।୧ | କଳିଙ୍ଗ ଲାନ୍ସର୍ସ-ଏସ୍‌ଜି ପାଇପର୍ସ | ରାତି ୭ଟା ୩୦ |
| ୧୮।୧ | ଏସ୍‌ଜି ପାଇପର୍ସ-ବେଙ୍ଗଲ ଟାଇଗର୍ସ | ସନ୍ଧ୍ୟା ୫ଟା |
| ୧୮।୧ | କଳିଙ୍ଗ ଲାନ୍ସର୍ସ-ତାମିଲନାଡୁ ଡ୍ରାଗନ୍ସ | ରାତି ୭ଟା ୩୦ |
| ୧୯।୧ | ଏଚଆଇଏଲ୍ ଜିସି-ରାଞ୍ଚି ରୟାଲ୍ସ | ରାତି ୭ଟା ୩୦ |
| ୨୦।୧ | ହାଇଦରାବାଦ୍ ତୁଫାନ୍ସ-ଏଚଆଇଏଲ୍ ଜିସି | ସନ୍ଧ୍ୟା ୫ଟା |
| ୨୦।୧ | କଳିଙ୍ଗ ଲାନ୍ସର୍ସ-ସୁରମା ହକି କ୍ଲବ | ରାତି ୭ଟା ୩୦ |
| ୨୧।୧ | ତାମିଲନାଡୁ ଡ୍ରାଗନ୍ସ-ରାଞ୍ଚି ରୟାଲ୍ସ | ରାତି ୭ଟା ୩୦ |
| ୨୨।୧ | ଏସ୍‌ଜି ପାଇପର୍ସ-ସୁରମା ହକି କ୍ଲବ | ରାତି ୭ଟା ୩୦ |
| ୨୩।୧ | କ୍ୱାଲିଫାୟର-୧ | ସନ୍ଧ୍ୟା ୫ଟା |
| ୨୩।୧ | ଏଲିମିନେଟର୍ | ରାତି ୭ଟା ୩୦ |
| ୨୫।୧ | କ୍ୱାଲିଫାୟର-୨ | ରାତି ୭ଟା ୩୦ |
| ୨୬।୧ | କାଂସ୍ୟ ପଦକ ମ୍ୟାଚ୍ | ସନ୍ଧ୍ୟା ୫ଟା |
| ୨୬।୧ | ଫାଇନାଲ | ରାତି ୭ଟା ୩୦ |

**ସମସ୍ତ ମ୍ୟାଚ୍ ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କରେ ପ୍ରସାରିତ ହେବ**

#### କଳିଙ୍ଗରେ ଟିକଟ ଫ୍ରି

ଓଡ଼ିଶାର କ୍ରୀଡ଼ାପ୍ରେମୀ ଏଥର କଳିଙ୍ଗରେ ଖେଳାଯିବାକୁ ଥିବା ସମସ୍ତ ୧୪ଟି ମ୍ୟାଚକୁ ମାଗଣାରେ ଦେଖିପାରିବେ। ଦର୍ଶକ ବିନା କୌଣସି ଦେୟରେ ନିଜ ନିଜର ଟିକଟ୍ ଅନଲାଇନରେ ବୁକ୍ କରି ଷ୍ଟାଡିୟମରେ ଖେଳ ଉପଭୋଗ କରିବେ। ଏଚ୍ଆଇଏଲ୍ ଗଭର୍ଣ୍ଣିଂ କାଉନସିଲର ଅଧ୍ୟକ୍ଷ ଦିଲୀପ ତିର୍କୀ ନିକଟରେ ଏହା ଘୋଷଣା କରିଥିଲେ। ଦର୍ଶକମାନେ https://ticketgenie.in/event/Hero-Hockey-India-League-2025-26 ୱେବ୍‌ସାଇଟ୍‌ରେ ନିଜ ଟିକଟ ସଂରକ୍ଷିତ କରିପାରିବେ।

## ସୁରମା ହକି କ୍ଲବ୍‌ରୁ ବଡ଼ ବିଜୟ

ରାଞ୍ଚି,୧୫।୧(ଏଜେନ୍ସି): ପୁରୁଷ ହକି ଇଣ୍ଡିଆ ଲିଗ୍‌ରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ସୁରମା ହକି କ୍ଲବ୍ ୩-୧ ଗୋଲରେ ଏଚ୍ଆଇଏଲ୍ ଗଭର୍ଣ୍ଣିଂ କାଉନ୍ସିଲ୍‌କୁ ହରାଇ ବଡ଼ ବିଜୟ ହାସଲ କରିଛି। ବିଜୟୀ ଦଳ ପକ୍ଷରୁ ସୁରମା ପକ୍ଷରୁ ପ୍ରଥମ ୩ଟି ଗୋଲ ହୋଇଥିଲା। ଅଧିନାୟକ ହରମନପ୍ରୀତ ସିଂହ ୨ଟି ଓ ଗୁରଜାନ୍ତ ସିଂହ ଗୋଟିଏ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା ସୁର୍‌ମା ୨-୦ ଗୋଲରେ ଆଗୁଆ ରହିଥିଲା। ପ୍ରଥମାର୍ଦ୍ଧ ଖେଳ ପରେ ୩୮ତମ ମିନିଟ୍‌ରେ ସୁରମା ପକ୍ଷରୁ ହରମନପ୍ରୀତ୍ ଫିଲ୍ଡ ଗୋଲ ଦେଇ ଦଳକୁ ୩-୦ରେ ଅଗ୍ରଣୀ କରାଇଥିଲା। କିନ୍ତୁ ଖେଳ ଶେଷ ହେବାକୁ ଗୋଟିଏ ମିନିଟ୍ ବାକିଥିଲାବେଳେ ଗଭର୍ଣ୍ଣିଂ କାଉନ୍ସିଲ ପକ୍ଷରୁ କେନ୍ ରସେଲ ପେନାଲ୍ଟି କର୍ଣ୍ଣରରୁ ଗୋଟିଏ ଗୋଲ ଶୁଝାଇଦେଇଥିଲେ। ଆସନ୍ତାକାଲି ସୁରମା ହକି କ୍ଲବ୍ ଓ ରାଞ୍ଚି ରୟାଲ୍ସ ମୁକାବିଲା ସହ ହକି ଇଣ୍ଡିଆର ଲିଗ୍‌ର ରାଞ୍ଚି ଲେଗ୍ ଶେଷ ହେବ। ଏହା ପରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ଏଚ୍ଆଇଏଲ୍‌ର ତୃତୀୟ ତଥା ଶେଷ ପର୍ଯ୍ୟାୟ ମୁକାବିଲା ଶନିବାରଠାରୁ ଆରମ୍ଭ ହେବ।

## ନୂଆ କୋଚ୍ ଜୟଙ୍କ ତତ୍ତ୍ୱାବଧାନରେ ନୀରଜଙ୍କ ପ୍ରଶିକ୍ଷଣ ଆରମ୍ଭ

ନୂଆଦିଲ୍ଲୀ, ୧୫।୧ (ଏଜେନ୍ସି): ଦୁଇଥରର ଅଲିମ୍ପିକ୍ସ ପଦକ ବିଜେତା ନୀରଜ ଚୋପ୍ରା ନୂଆ କୋଚ୍ ଜୟ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ଆରମ୍ଭ କରିଛନ୍ତି। ସିଜନ ପୂର୍ବରୁ ଏହି ପ୍ରସ୍ତୁତି ଲାଗି ନୀରଜ ଦକ୍ଷିଣ ଆଫ୍ରିକାର ପୋଶେଷ୍ଟ୍ରମକୁ ପସନ୍ଦ କରିଛନ୍ତି। କ୍ରୀଡ଼ା ମନ୍ତ୍ରଣାଳୟର ମିଶନ ଅଲିମ୍ପିକ ସେଲ୍ (ଏମ୍ଓସି) ନୂଆ କୋଚ୍ ଚୌଧୁରୀଙ୍କ ନେତୃତ୍ୱରେ ଦକ୍ଷିଣ ଆଫ୍ରିକାରେ ୩୨ ଦିନିଆ ଏହି ପ୍ରସ୍ତୁତି ଲାଗି ଅନୁମତି ପ୍ରଦାନ କରିଛି। ଏଥିଲାଗି ସାଇ ୧୧.୮୦ ଲକ୍ଷ ଟଙ୍କା ପ୍ରଦାନ କରିଥିବା ଜଣାପଡ଼ିଛି। ପ୍ରକାଶଯୋଗ୍ୟ, ଗତ ସପ୍ତାହରେ ନୀରଜ ଚେକ୍ ଗଣରାଜ୍ୟର କିମ୍ବଦନ୍ତୀ ଜାଭେଲିନ ଥ୍ରୋ' ପ୍ରଶିକ୍ଷକ ଜାନ୍ ଜେଲେଜ୍ନିଙ୍କଠାରୁ ଅଲଗା ହୋଇଥିଲେ। ୨୮ ବର୍ଷୀୟ ନୀରଜ ଏହାପରେ ଜାଭେଲିନ କୋଚ୍ ଚୌଧୁରୀଙ୍କ ସହ ଯୋଡ଼ି ହେବାକୁ ନିଷ୍ପତ୍ତି ନେଇଥିଲେ। ନୀରଜଙ୍କ ଘରୋଇ ସହର ପାନିପତ୍‌ରେ ଜୟ ଚୌଧୁରୀ ଯୁବ ଜାଭେଲିନ ଫିଙ୍ଗାଳିଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି।

**■ ଜାତୀୟ ସିନିଅର ଖୋ ଖୋ**


## ଓଡ଼ିଶା ମହିଳା ଦଳକୁ କ୍ରମାଗତ ରୌପ୍ୟ



ଭୁବନେଶ୍ୱର, ୧୫।୧ (ସମିସ): ଜାତୀୟ ସିନିଅର ଖୋ ଖୋ ଚାମ୍ପିଅନସିପ୍‌ରେ ଓଡ଼ିଶା ବାଳିକା ଦଳ ପୁଣିଥରେ ଫାଇନାଲରେ ମହାରାଷ୍ଟ୍ର ନିକଟରୁ ଝୁଣ୍ଟିଛି। ତେଲଙ୍ଗାନାର କାଜିପେଟସ୍ଥିତ ରେଲୱେ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ ସିନିଅର ଚାମ୍ପିଅନସିପ୍‌ର ୫୮ତମ ସଂସ୍କରଣରେ ଓଡ଼ିଶା ବାଳିକା ଦଳ ରନର୍ସଅପ୍ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଛି। ଗୁରୁବାର ଅନୁଷ୍ଠିତ ମହିଳା ଫାଇନାଲରେ ଓଡ଼ିଶା କଡ଼ା ସଂଘର୍ଷ କରିଥିଲେ ମଧ୍ୟ ମାତ୍ର ୧ ପଏଣ୍ଟ (୨୩-୨୨)ରେ ଶକ୍ତିଶାଳୀ ମହାରାଷ୍ଟ୍ର ନିକଟରୁ ହାରିଯାଇଛି। ଗତ ବର୍ଷ ପୁରୀରେ ଅନୁଷ୍ଠିତ ୫୭ତମ ସଂସ୍କରଣରେ ମଧ୍ୟ ଓଡ଼ିଶାକୁ ହରାଇ ମହାରାଷ୍ଟ୍ର ମହିଳା ଦଳ ଚାମ୍ପିଅନ ହୋଇଥିଲା। ଫଳରେ ମହାରାଷ୍ଟ୍ର ଏଥର ମଧ୍ୟ ଟାଇଟଲ୍‌କୁ ବଜାୟ ରଖିବାରେ ସଫଳ ହୋଇଛି। ଅପରପକ୍ଷରେ ପୁରୁଷ ବିଭାଗରେ ରେଳବାଇ କ୍ରମାଗତ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି। ଫାଇନାଲରେ ରେଳବାଇ ଦଳ ୨୬-୨୧ ପଏଣ୍ଟରେ ମହାରାଷ୍ଟ୍ରକୁ ହରାଇଥିଲା। ଓଡ଼ିଶା ବାଳକ ଦଳ ସେମିଫାଇନାଲରେ ହାରି ବିଦାୟ ନେଇଥିଲା।

## ନ୍ୟୁଜିଲାଣ୍ଡ ସିରିଜ୍‌ରୁ ସୁନ୍ଦର ବାଦ୍; ବିଶ୍ୱକପ୍‌ରେ ଖେଳିବା ନେଇ ସନ୍ଦେହ

ମୁମ୍ବାଇ,୧୫।୧(ଏଜେନ୍ସି): ଆହତ ଅଲରାଉଣ୍ଡର ୱାଶିଂଟନ ସୁନ୍ଦର ଆସନ୍ତା ୨୧ରୁ ଆରମ୍ଭ ହେବାକୁ ଥିବା ନ୍ୟୁଜିଲାଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ବିସିସିଆଇ ଏଯାଏ ଅନ୍ୟ କୌଣସି ଖେଳାଳିଙ୍କୁ ସାମିଲ କରିନାହିଁ। ନ୍ୟୁଜିଲାଣ୍ଡ ସିରିଜ୍ ଲାଗି ଖୁବ୍ ଶୀଘ୍ର ନିଷ୍ପତ୍ତି ନିଆଯିବ, କିନ୍ତୁ ଜାନୁଆରୀ ୩୦ ସୁଦ୍ଧା ବିଶ୍ୱକପ୍ ଲାଗି ବଦଳ ଖେଳାଳିଙ୍କ ନାମ ଘୋଷଣା କରାଯିବ। ସୂଚନାଯୋଗ୍ୟ ନ୍ୟୁଜିଲାଣ୍ଡ ସହ ବରୋଦାରେ ଜାନୁଆରୀ ୯ ତାରିଖ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳୁଥିଲାବେଳେ ବୋଲିଂ କରୁଥିଲାବେଳେ ଆହତ ହୋଇଥିଲେ। ଏହା ପରେ ତାଙ୍କୁ ଅବଶିଷ୍ଟ ଦିନିକିଆ ସିରିଜ୍‌ରୁ ବାଦ୍ ଦିଆଯାଇଥିଲା। ସ୍କାନ ପରେ ଆହତ ସମସ୍ୟା ଗୁରୁତର ହେବାରୁ ତାଙ୍କୁ ମଧ୍ୟ ଟି-୨୦ ସିରିଜ୍‌ରୁ ବାଦ୍ ଦିଆଯାଇଛି। ସେ ଖୁବ୍ ଶୀଘ୍ର ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ଯୋଗ ଦେବାକୁ କୁହାଯାଇଛି। ତାଙ୍କ ବଦଳରେ କିଏ ଦଳରେ ସାମିଲ ହେବେ ତାହା ସ୍ଥିର ହୋଇନାହିଁ।



ସେହିପରି ବିଜୟ ହଜାରେ ଟ୍ରଫି ଖେଳୁଥିବାବେଳେ ତିଲକ ବର୍ମା ଆହତ ହୋଇଥିଲେ। ତାଙ୍କୁ ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜ୍‌ର ପ୍ରଥମ ୩ଟି ମ୍ୟାଚ୍‌ରୁ ବାଦ୍ ଦିଆଯାଇଥିଲା। ଉଭୟଙ୍କ ଆହତ ସମସ୍ୟା ଗୁରୁତର ହୋଇଥିବାରୁ ଫେବୃଆରୀ ୭ରୁ ଆରମ୍ଭ ହେବାକୁ ଯାଉଥିବା ଟି-୨୦ ବିଶ୍ୱକପ୍‌ରେ ଅଂଶଗ୍ରହଣ ନେଇ ସନ୍ଦେହ ରହିଛି।

**୧୯ ବର୍ଷରୁ କମ୍ ବିଶ୍ୱକପ୍ କ୍ରିକେଟ**

# ବର୍ଷାରେ ଭାରତର ବିଜୟ ଅଭିଯାନ

ବୁଲାୱାୟୋ,୧୫।୧(ଏଜେନ୍ସି): ବର୍ଷା ବାଧାପ୍ରାପ୍ତ ମ୍ୟାଚ୍‌ରେ ଆମେରିକାକୁ ୬ ୱିକେଟରେ ପରାସ୍ତ କରି ପ୍ରତିଭାବାନ ଖେଳାଳିମାନଙ୍କୁ ନେଇ ଗଠିତ ଭାରତ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ବିଜୟ ଅଭିଯାନ ଆରମ୍ଭ କରିଛି। ଜିମ୍ବାୱେର ବୁଲାୱାୟୋସ୍ଥିତ କ୍ୱିନ୍ ସ୍ପୋର୍ଟ୍ସ କ୍ଲବ୍‌ରେ ଏହି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ଆମେରିକା ୩୫.୨ ଓଭରରେ ୧୦୭ ରନ୍ କରିଥିଲା। ଦଳ ପକ୍ଷରୁ ନୀତୀଶ ସୁଦିନ ସର୍ବାଧିକ ୩୬, ଅଦନିତ ଝାମ୍ବ ୧୮, ସାହିଲ ଗର୍ଗ ଓ ଅର୍ଜୁନ ମହେଶ ୧୬ ରନ୍ ଲେଖାଏଁ କରିଥିଲେ। ଭାରତ ପକ୍ଷରୁ ବାମହାତୀ ପେସ୍ ବୋଲର ହେନିଲ ପଟେଲ ୫ଟି ୱିକେଟ ପାଇଥିଲେ।

ଜବାବରେ ୧୦୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ତୃତୀୟ ଓଭରରେ ବିସ୍ଫୋରକ ଓପନର ବୈଭବ ସୂର୍ଯ୍ୟବଂଶୀଙ୍କୁ ହରାଇଥିଲା। ସେ ମାତ୍ର ୨ ରନ୍‌ରେ ପ୍ରତିପକ୍ଷ ପେସ୍ ବୋଲର ରିତଭିକ୍ ଆପିଡିଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ୪ ଓଭରରେ ୧ ୱିକେଟ ହରାଇ ୨୧ ରନ୍ କରିଥିଲାବେଳେ ବର୍ଷା ଓ ଘଡଘଡି ଯୋଗୁ ଖେଳ ବନ୍ଦ ରହିଥିଲା। ବର୍ଷା ଛାଡିବା ପରେ ମ୍ୟାଚ୍‌କୁ ୩୭ ଓଭର ବିଶିଷ୍ଟ କରାଯାଇଥିଲା ଓ ୩୭ ଓଭରରେ ୯୬ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟକରାଯାଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଭାରତ ୧୭.୨ ଓଭରରେ ୪ ୱିକେଟ ହରାଇ



୯୯ ରନ୍ କରିବା ସହ ୬ ୱିକେଟରେ ମ୍ୟାଚ୍ ଜିତିନେଇଥିଲା। ମ୍ୟାଚ୍ ଜିତିଲା ବେଳକୁ ଅଭିଜ୍ଞାନ କୁଣ୍ଡୁ ୪୨ ଓ କନିଷ୍କ ଚୋହାନ ୧୦ ରନ୍‌ରେ ଅପରାଜିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଆୟୁଷ ମାହାତ୍ରେ ୧୯, ବିହାନ ମାଲହୋତ୍ରା ୧୮ ଓ ବେଦାନ୍ତ ତ୍ରିବେଦୀ ୨ ରନ୍ କରିଥିଲେ। ଆପିଡିଙ୍କୁ ୨ଟି ୱିକେଟ ମିଳିଥିଲା। ଭାରତ ତାହାର ଦ୍ୱିତୀୟ ମ୍ୟାଚ୍ ବାଂଲାଦେଶ ସହ ଜାନୁଆର ୧୭ରେ ଖେଳିବ।

#### ଶୁକ୍ରବାର ବିଶ୍ୱକପ୍ ମୁକାବିଲା

| | |
|---|---|
| ପାକିସ୍ତାନ ବନାମ ଇଂଲଣ୍ଡ | ହରାରେ |
| ଅଷ୍ଟ୍ରେଲିଆ ବନାମ ଆୟର୍ଲାଣ୍ଡ | ୱିଣ୍ଡୋହକ୍ |
| ଆଫଗାନିସ୍ତାନ- ଦକ୍ଷିଣ ଆଫ୍ରିକା | ୱିଣ୍ଡୋହକ୍ |

#### ୱେଷ୍ଟଇଣ୍ଡିଜ୍‌ର ସହଜ ବିଜୟ

ୱିଣ୍ଡୋହକ୍: ଏହି ବିଶ୍ୱକପ୍‌ର ପ୍ରଥମ ଦିନରେ ଆଉ ୨ଟି ମ୍ୟାଚ୍ ଖେଳାଯାଇଥିଲା। ନାମିବ୍ୟାର ୱିଣ୍ଡୋହକ୍‌ଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ୫ ୱିକେଟରେ ତାଞ୍ଜାନିଆକୁ ପରାସ୍ତ କରିଛି। ସେହିପରି ବର୍ଷା, ଖରାପ ପାଗ ଓ ଓଦା ପଡ଼ିଆ ଯୋଗୁଁ ଘରୋଇ ଜିମ୍ବାୱେ ଓ ସ୍କଟଲାଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍ ବାତିଲ କରାଯାଇଛି। ନାମିବ୍ୟାର ୱିଣ୍ଡୋହେକ୍‌ଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ନାମିବ୍ୟା ୧୨୨ ରନ୍ କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ୍ ୨୧ ଓଭରରେ ୫ ୱିକେଟ ହରାଇ ବିଜୟୀ ହୋଇଥିଲା। ଓପନର ତାନେଜ ଫ୍ରାନସିସ୍ ୫୨ ଓ ଜୁଏଲ ଆଣ୍ଡ୍ରୁ ୪୪ ରନ୍ କରିଥିଲେ। କିନ୍ତୁ ତାଞ୍ଜାନିଆ ଇନିଂସରେ ୭ ଓଭରରୁ ୨୩ ରନ୍ ଦେଇ ୨ଟି ୱିକେଟ ନେଇଥିବା ଶାକ୍ୱାନ ବେଲେଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

## ଜାତୀୟ ଦୃଷ୍ଟିହୀନ କ୍ରିକେଟ ଶନିବାରରୁ

ଭୁବନେଶ୍ୱର,୧୫।୧(ସମିସ): ସମର୍ଥନମ୍ ଟ୍ରଷ୍ଟ, କ୍ରିକେଟ ଆସୋସିଏସନ ଫର ବ୍ଲାଇଣ୍ଡ ଇନ୍ ଇଣ୍ଡିଆ (ସିଏବିଆଇ) ଏବଂ କ୍ରିକେଟ ଆସୋସିଏସନ ଫର ଭିଜୁଆଲୀ ଇମ୍ପେଆରଡ୍ (ସିଏଭିଆଇ)ର ମିଳିତ ସହଯୋଗରେ ଇଣ୍ଡସଇଣ୍ଡ ବରିଷ୍ଠ ଜାତୀୟ ମହିଳା ଦୃଷ୍ଟିହୀନ କ୍ରିକେଟ ପ୍ରତିଯୋଗିତା ଶନିବାରଠାରୁ ଭୁବନେଶ୍ୱରରେ ଆୟୋଜିତ ହେବ। ରାଜଧାନୀ ଉପକଣ୍ଠସ୍ଥ ହାଇଟେକ୍ ମେଡିକାଲ କଲେଜ ଗ୍ରାଉଣ୍ଡରେ ଜାନୁଆରୀ ୨୨ ତାରିଖଯାଏ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୧୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଏହି ଦଳଗୁଡିକୁ ୫ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଗ୍ରୁପ୍-ଏ'ରେ ମଧ୍ୟପ୍ରଦେଶ (ଚାମ୍ପିଅନ), ରାଜସ୍ଥାନ, ତାମିଲନାଡୁ ଓ କେରଳ, ଗ୍ରୁପ୍-ବି'ରେ କର୍ଣ୍ଣାଟକ, ଝାଡଖଣ୍ଡ, ଦିଲ୍ଲୀ ଓ ଗୁଜରାଟ, ଗ୍ରୁପ୍-ସି'ରେ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ବିହାର ଓ ଚଣ୍ଡିଗଡ, ଗ୍ରୁପ୍-ଡି'ରେ ମହାରାଷ୍ଟ୍ର, ତେଲଙ୍ଗାନା ଓ ଉତ୍ତରପ୍ରଦେଶ, ଗ୍ରୁପ୍-ଇ'ରେ ପଶ୍ଚିମବଙ୍ଗ, ହରିୟାଣା ଓ ଆସାମ ରହିଛନ୍ତି। ହାଇଟେକ୍ ମେଡିକାଲ କଲେଜ୍ ଅଡିଟୋରିୟମ୍‌ରେ ଆସନ୍ତାକାଲି ରାତି ୮ଟା ବେଳେ ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ସିଏଭିଆଇ ସଭାପତି ମହମ୍ମଦ୍ ଜାଫର ଇକ୍‌ବାଲ ଜଣାଇଛନ୍ତି।

## ସ୍କିଭରଙ୍କ ୧୦ମ ଅର୍ଦ୍ଧଶତକ

**ଡବ୍ଲ୍ୟୁପିଏଲ୍**

ନଭି ମୁମ୍ବାଇ, ୧୫।୧ (ଏଜେନ୍ସି): ଚଳିତ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ୮ମ ମ୍ୟାଚରେ ଗୁରୁବାର ମୁମ୍ବାଇ ଇଣ୍ଡିଆନ୍ସ ଓ ୟୁପି ୱାରିୟର୍ସ ସାମ୍ନାସାମ୍ନି ହୋଇଛନ୍ତି। ସ୍ଥାନୀୟ ଡିୱାଇ ପାଟିଲ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ମୁମ୍ବାଇ ୨୦ ଓଭରରେ ୫ ୱିକେଟ୍ ହରାଇ ୧୬୧ ରନ ସଂଗ୍ରହ କରିଛି। ଦଳ ପକ୍ଷରୁ ଅଭିଜ୍ଞ ବ୍ୟାଟର୍ ନାଟାଲୀ ସ୍କିଭର-ବ୍ରଣ୍ଟ ଦମ୍‌ଦାର ଅର୍ଦ୍ଧଶତକୀୟ ପାଳି ଖେଳିଛନ୍ତି। ଇଂଲଣ୍ଡର ଏହି ଡାହାଣହାତୀ ବ୍ୟାଟର୍ ୪୩ ବଲରେ ୬୫ ରନ କରିଥିଲେ। ଯେଉଁଥିରେ ସେ ୯ଟି ଚୌକା ଓ ଗୋଟିଏ ଛକା ମାରିଥିଲେ। ଡବ୍ଲ୍ୟୁପିଏଲ୍‌ରେ ନାଟାଲୀଙ୍କ ଏହା ୧୦ମ ଅର୍ଦ୍ଧଶତକୀୟ ପାଳି ଥିଲା। ଅନ୍ୟମାନଙ୍କ ମଧ୍ୟରେ ଓପନର୍ ଅମନଜୋତ୍ କୌର ୩୮, ଅଧିନାୟିକା ହରମନପ୍ରୀତ୍ କୌର ୧୬, ଜି. କମଳିନୀ ୫, ନିକୋଲା କାରେ ଅପରାଜିତ ୩୧ ରନ କରିଥିଲେ। ପ୍ରତିପକ୍ଷ ୱାରିୟର୍ଜର ଶିଖା ପାଣ୍ଡେ, ଦୀପ୍ତି ଶର୍ମା, ଆଶା ଶୋଭନା ଓ ସୋଫି ଇକଲେଷ୍ଟୋନ ଗୋଟିଏ ଲେଖାଏ ୱିକେଟ୍ ନେଇଛନ୍ତି। ଶୁକ୍ରବାର ଗୁଜରାଟ ଜାଏଣ୍ଟ୍ସ ଓ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ମ୍ୟାଚ୍ ଖେଳାଯିବ।

## ଇଣ୍ଡିଆ ଓପନ୍ କ୍ୱାର୍ଟରରେ ଲକ୍ଷ୍ୟ

ନୂଆଦିଲ୍ଲୀ, ୧୫।୧ (ଏଜେନ୍ସି): ଇଣ୍ଡିଆ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଗୁରୁବାର ଭାରତକୁ ମିଶ୍ରିତ ଫଳାଫଳ ମିଳିଛି। ପୁରୁଷ ସିଙ୍ଗଲ୍ସରେ ଯୁବ ତାରକା ଲକ୍ଷ୍ୟ ସେନ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ତେବେ ଏଚ୍‌ଏସ୍ ପ୍ରଣୟ ଓ କିଦାମ୍ବୀ ଶ୍ରୀକାନ୍ତ ରାଉଣ୍ଡ-୧୬ରେ ପରାଜୟର ସମ୍ମୁଖୀନ ହୋଇ ବିଦାୟ ନେଇଛନ୍ତି। ପ୍ରି-କ୍ୱାର୍ଟରରେ ଲକ୍ଷ୍ୟ ୨୧-୧୯, ୨୧-୧୦ ସିଧାସଳଖ ଗେମରେ ଜାପାନର କେଣ୍ଟା ନିଶିମୋଟୋଙ୍କ ୫୦ ମିନିଟ୍‌ରେ ହରାଇ ଦେଇଥିଲେ। କ୍ୱାର୍ଟରରେ ଲକ୍ଷ୍ୟଙ୍କ ମୁକାବିଲା ଚାଇନିଜ ତାଇପେଇର ଲିନ୍ ଚୁନ-ୟିଙ୍କ ସହ ହେବ। ତେବେ ପ୍ରଣୟ ୨୧-୧୮, ୧୯-୨୧, ୧୪-୨୧ ଗେମରେ ସିଙ୍ଗାପୁରର ଲୋହ କେନ ୟିଉଙ୍କଠାରୁ ଏବଂ ଶ୍ରୀକାନ୍ତ ୧୪-୨୧, ୨୧-୧୭, ୧୭-୨୧ରେ ଫ୍ରାନ୍ସର କ୍ରିଷ୍ଟୋ ପୋପୋଭଙ୍କଠାରୁ ହାରିଯାଇଥିଲେ।

**ବିଜୟ ହଜାରେ ଟ୍ରଫି ସେମିଫାଇନାଲ**

## ଦର୍ଶନଙ୍କୁ ୫ ୱିକେଟ; ଅମନଙ୍କ ଶତକ

ବେଙ୍ଗାଲୁରୁ,୧୫।୧(ଏଜେନ୍ସି): ଏଠାରେ ଆଜି ଅନୁଷ୍ଠିତ କର୍ଣ୍ଣାଟକ ବିପକ୍ଷ ବିଜୟ ହଜାରେ ଟ୍ରଫିର କର୍ଣ୍ଣାଟକ ବିପକ୍ଷ ପ୍ରଥମ ସେମିଫାଇନାଲରେ ବିଦର୍ଭର ଅମନ ମୋଖାଡେ ଶତକ ହାସଲ କରିଛନ୍ତି। ଏଠାରେ ପ୍ରଥମେ ବ୍ୟାଟିଂ କରି କର୍ଣ୍ଣାଟକ ଇନିଂସର ଶେଷ ଓଭରରେ ୨୮୦ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦୁଇ ତାରକା ଖେଳାଳି ମୟଙ୍କ ଅଗରୱାଲ (୯) ଓ ଦେବୀଦତ୍ତ ପାଡିକଲ (୪) ଶୀଘ୍ର ଆଉଟ ହେବା ପରେ କରୁନ ନାୟାର ସର୍ବାଧିକ ୭୬, କ୍ରିଷନ ଶ୍ରୀଜିତ ୫୪, ଶ୍ରେୟସ ଗୋପାଳ ୩୬ ରନ୍ କରିଥିଲେ। କିନ୍ତୁ ବିଦର୍ଭର ମିଡିୟମ୍ ପେସର ଦର୍ଶନ ନାଲକାଣ୍ଡେ ୫ଟି ୱିକେଟ ନେଇ କର୍ଣ୍ଣାଟକର ସର୍ବାଧିକ କ୍ଷତି ଘଟାଇଥିଲେ। ଜବାବରେ ୨୮୧ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଶେଷ ଖବର ସୁଦ୍ଧା ବିଦର୍ଭ ୪୨ ଓଭରରେ ୨ ୱିକେଟ ହରାଇ ୨୫୪ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ୨୪ ବର୍ଷୀୟ ଓପନର ଅମନ ମୋଖାଡେ ୧୩୮ ଓ କର୍ଣ୍ଣାଟକର ପୂର୍ବତନ ଖେଳାଳି ରବିକୁମାର ସମର୍ଥ ୫୯ ରନ୍‌ରେ ବ୍ୟାଟିଂ କରୁଥିଲେ। ଅନ୍ୟତମ ଓପନର ଅଥର୍ବ ତାଇଡେ ୬ ଓ ଧ୍ରୁବ ସୋରେ ୪୭ ରନ୍ କରି ଆଉଟ ହୋଇଛନ୍ତି।

**ବାଂଲା ଖେଳାଳିଙ୍କ ଦାବି ଆଗରେ ମୁଣ୍ଡ ନୁଆଇଁଲା ବୋର୍ଡ**

# ତାମିମ୍‌ଙ୍କୁ ଭାରତୀୟ ଏଜେଣ୍ଟ କହିଥିବା ନଜମୁଲ ବହିଷ୍କୃତ

ଢାକା,୧୫।୧(ଏଜେନ୍ସି): ମୁସ୍ତାଫିଜୁର ରହେମାନ ବିବାଦରେ ବାଂଲାଦେଶର ବିସ୍ଫୋରକ ଓପନର ତାମିମ୍ ଇକବାଲଙ୍କୁ ଭାରତୀୟ ଏଜେଣ୍ଟ କହିଥିବା ବୋର୍ଡ ନିର୍ଦ୍ଦେଶକ ଏମ୍ ନାଜମୁଲ ଇସ୍‌ଲାମଙ୍କୁ ବାଂଲାଦେଶ କ୍ରିକେଟ ବୋର୍ଡ ବହିଷ୍କୃତ କରିଛି। ଏହା ସହ ତାଙ୍କ ଉପରେ ଥିବା ସମସ୍ତ ଦାୟିତ୍ୱକୁ ବୋର୍ଡ ପ୍ରତ୍ୟାହାର କରିନେଇଛି। ତାଙ୍କୁ ମଧ୍ୟ ବୋର୍ଡର ଅର୍ଥନୈତିକ କମିଟିର ଅଧ୍ୟକ୍ଷ ପଦରୁ ବିଦା କରାଯାଇଛି। ଏହା କେବଳ ସମ୍ଭବ ହୋଇଛି ବାଂଲାଦେଶ ଖେଳାଳିଙ୍କ ଯୋଗୁଁ। ଖେଳାଳି କଲ୍ୟାଣ ସଂଘ ଓ ପ୍ରାୟ ସମସ୍ତ ବରିଷ୍ଠ ଖେଳାଳି ତାମିମ୍‌ଙ୍କ ପ୍ରତି ଏପରି ମନ୍ତବ୍ୟକୁ ନାପସନ୍ଦ କରିବା ସହ ତୀବ୍ର ସମାଲୋଚନା କରିଥିଲେ। ସେ (ନାଜମୁଲ) ତାଙ୍କ ମନ୍ତବ୍ୟ ଲାଗି ସର୍ବସାଧାରଣରେ କ୍ଷମା ପ୍ରାର୍ଥନା କରନ୍ତୁ ଓ ପରେ ଇସ୍ତଫା ଦିଅନ୍ତୁ ବୋଲି ବାଂଲା ଖେଳାଳି ସଂଘ ଦାବି କରିଥିଲା। କିନ୍ତୁ ନାଜମୁଲ କ୍ଷମା ତ ମାଗି ନ ଥିଲେ, ବରଂ ଭାରତ-ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍‌ରୁ ବାଂଲାଦେଶ ଓହରି ଆସିଲେ ଖେଳାଳିଙ୍କୁ କୌଣସି କ୍ଷତିପୂରଣ ଦିଆଯିବ ନାହିଁ ବୋଲି ଘୋଷଣା କରି ଆଉଏକ ବିବାଦ ସୃଷ୍ଟି କରିଥିଲେ। ଏହାର ପ୍ରଭାବ ଆଜି ଦେଖାଦେଇଥିଲା। ନାଜମୁଲ୍‌ଙ୍କୁ ବହିଷ୍କାର କରାଯିବା ଦାବିରେ ଖେଳାଳି ଓ ଖେଳାଳି କଲ୍ୟାଣ ସଂଘ ଅଟଳ ରହିଥିଲେ। ଏ ସମ୍ପର୍କରେ ବୋର୍ଡ କିଛି ନିଷ୍ପତ୍ତି ନ ନେବାରୁ ଆଜି ବାଂଲାଦେଶ ପ୍ରିମିୟର ଲିଗ୍‌ରେ ଥିବା ମ୍ୟାଚ୍ ଖେଳିବାକୁ ମନା କରିଦେଇଥିଲେ। ଏହା ଫଳରେ ଆଜି ହେବାକୁ ଥିବା ମ୍ୟାଚ୍ ସମ୍ଭବ ହୋଇପାରି ନ ଥିଲା। ଆଜି ସନ୍ଧ୍ୟାରେ ବାଂଲା କ୍ରିକେଟ ବୋର୍ଡ ସଭାପତି ଅମିନୁଲ ଇସ୍‌ଲାମ ନିର୍ଦ୍ଦେଶକ ପଦରେ ଥିବା ନାଜମୁଲଙ୍କୁ ବୋର୍ଡରୁ ବହିଷ୍କାର କରିଛନ୍ତି।



ସୂଚନାଯୋଗ୍ୟ ବାଂଲା ଖେଳାଳି ମୁସ୍ତାଫିଜୁର ରହେମାନଙ୍କୁ ବିସିସିଆଇ ଭାରତରେ ହେଉଥିବା ଆଇପିଏଲ୍‌ରୁ ବିଦା କରାଯିବା ପରେ ଏହି ବିବାଦ ସୃଷ୍ଟି ହୋଇଥିଲା। ରହେମାନଙ୍କୁ ବିଦା କରିବା ପରେ ବାଂଲାଦେଶ ଭାରତରେ ବିଶ୍ୱକପ୍ ଖେଳୁ ବୋଲି ତାମିମ୍ ଇଚ୍ଛା ପ୍ରକାଶ କରିଥିଲେ। ଏଥିଲାଗି ନାଜମୁଲ ତାଙ୍କୁ ଭାରତୀୟ ଏଜେଣ୍ଟ ବୋଲି ଫେସ୍‌ବୁକ୍‌ରେ ଏକ ପୋଷ୍ଟ କରି ସମାଲୋଚନା କରିଥିଲେ। ଏହା କିନ୍ତୁ ଖେଳାଳିଙ୍କୁ ବହୁତ ବାଧିଥିଲା। ସମସ୍ତ ବରିଷ୍ଠ ଖେଳାଳି ଓ ଖେଳାଳି କଲ୍ୟାଣ ସଂଘ ଏହାକୁ ଦୃଢ଼ ବିରୋଧ କରିବା ସହ ନାଜମୁଲଙ୍କୁ ବହିଷ୍କାର କରିବାକୁ ଦାବି କରିଥିଲେ। ଶେଷରେ ଖେଳାଳିଙ୍କ ଦାବି ଆଗରେ ବୋର୍ଡ ମୁଣ୍ଡ ନୁଆଁଇଥିଲା ଓ ନାଜମୁଲ୍‌ଙ୍କୁ ସମସ୍ତ ପଦରୁ ବହିଷ୍କାର କରିଥିଲା। ଦୀର୍ଘ ୧୬ ବର୍ଷ ଧରି ବାଂଲାଦେଶ ପକ୍ଷରୁ କ୍ରିକେଟ ଖେଳିଥିବା ତାମିମ୍‌ଙ୍କ ପ୍ରତି ଏଭଳି ମନ୍ତବ୍ୟକୁ ଖେଳାଳି ସଂଘ ଗ୍ରହଣ କରିପାରି ନ ଥିଲେ। ପରେ ଟି-୨୦ ବିଶ୍ୱକପ୍‌ରୁ ବାଂଲାଦେଶ ଓହରିଗଲେ ଖେଳାଳିଙ୍କୁ କୌଣସି କ୍ଷତିପୂରଣ ଦିଆଯିବ ନାହିଁ ବୋଲି କହିବା ପରେ ନିଆଁରେ ଘିଅ ଢାଳିବା ଭଳି ହୋଇଥିଲା। ଏବେ ସେ ବହିଷ୍କୃତ ହେବା ପରେ ପରିସ୍ଥିତି କ'ଣ ହେବ ତାହା ଦେଖିବାକୁ ବାକି ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS